୪୫

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୨୪/୨୦୧୮ (୨୦ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Bhubaneswar, Saturday, November 24/ 2018 | ★★★★

୪୫ଶ ଭାଗ ୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**STORES ONLY AT: BHUBANESWAR:** 621, Saheed Nagar, Janpath | **BHUBANESWAR:** Biju Patnaik International Airport | **BHUBANESWAR:** 309, DistrictCentre, Chandrasekharpur
**BERHAMPUR :** Venkatraju Arcade, Sano Bazar | **CUTTACK:** 558/834, Cantonment Road | **ROURKELA:** Kesar Bhawan, Main Road | Toll Free: 1800 3131 777 | **Open on Sundays**



## 'ମିଶନ୍ ମଙ୍ଗଳ'ର ଶୁଟିଂ ଆରମ୍ଭ

ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଆଗାମୀ ଫିଲ୍ମ 'ମିଶନ୍ ମଙ୍ଗଳ'ର ଶୁଟିଂ ଶୁକ୍ରବାର ଆରମ୍ଭ କରିଛନ୍ତି।

୦୩ | ୧୮

## ଫାଇନାଲରେ ସୋନିଆ ଚହଲ

ଜୋ ସନ୍ ହ୍ୱାଙ୍କୁ ପରାସ୍ତ କରି ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନଶିପ୍ ୫୭କେଜି ଶ୍ରେଣୀ ଫାଇନାଲରେ ପ୍ରବେଶ କରିଛନ୍ତି ଭାରତର ସୋନିଆ ଚହଲ।








### ଶ୍ରଦ୍ଧାଞ୍ଜଳି



ଶ୍ରୀ ଅରବିନ୍ଦଙ୍କ ପବିତ୍ର ସିଦ୍ଧି ଦିବସରେ ଧରିତ୍ରୀର ସାରସ୍ୱତ ଶ୍ରଦ୍ଧାଞ୍ଜଳି ଓ ପ୍ରଣତି।

### ଅଭିନନ୍ଦନ

ଧରିତ୍ରୀର ୪୫ତମ ଜୟନ୍ତୀ ଅବସରରେ ପ୍ରିୟ ପାଠିକାପାଠକ, ଲେଖିକାଲେଖକ, ଶୁଭେଚ୍ଛୁ, ଏଜେଣ୍ଟ, ବିଜ୍ଞାପନଦାତା ଓ ବିତରକମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ।

# ରାଜଧାନୀରେ ରହମନ୍

ଭୁବନେଶ୍ୱର,୨୩।୧୧(ବ୍ୟୁରୋ)

ଓସ୍କାର ବିଜେତା ପ୍ରଖ୍ୟାତ ସଂଗୀତଜ୍ଞ ଏ.ଆର୍.ରହମନ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଏଠାରେ ପହଞ୍ଚିବା ପରେ ସେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଅପରାହ୍ନ ୨ଟାରେ ପହଞ୍ଚିବା ପରେ ନବୀନ ନିବାସରେ ସେ ମୁଖ୍ୟମନ୍ତ୍ରୀଙ୍କ ସହ ମଧ୍ୟାହ୍ନଭୋଜନ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ ତାଙ୍କୁ ରୁପା ନିର୍ମିତ କୋଣାର୍କ ଚକ୍ରର ଏକ ଫଳକ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ଉଭୟଙ୍କ ମଧ୍ୟରେ କିଛି ସମୟ ଧରି ବାର୍ତ୍ତାଳାପ ହୋଇଥିଲା। ପାରମ୍ପରିକ ଏବଂ ଆଦିବାସୀ ବାଦ୍ୟଯନ୍ତ୍ରକୁ ସଂରକ୍ଷିତ କରିବା ପାଇଁ ଏକ ସଂଗ୍ରହାଳୟ ବିଷୟରେ ଉଭୟେ ଆଲୋଚନା କରିଥିଲେ। ରହମନଙ୍କ ଜୟ ହୋ ଏବଂ ବନ୍ଦେ ମାତରମ୍ ଭଳି ସଂଗୀତ ସୃଷ୍ଟିକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ଏଥିସହିତ ଆଦିବାସୀ ସଂଗ୍ରହାଳୟ ପରିଦର୍ଶନ କରିବାକୁ ମୁଖ୍ୟମନ୍ତ୍ରୀ ତାଙ୍କୁ କହିଥିଲେ। ହକି ବିଶ୍ୱକପ ଆୟୋଜନ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀଙ୍କ ସହ ସେଲ୍ଫି ଉଠାଇବା ସୁଯୋଗ ହାତଛଡ଼ା କରି ନ ଥିଲେ। ☞ପୃଷ୍ଠା-୨

- **ରିଲିଜ ହେଲା ହକି ଆନ୍ଥେମ୍**
- **ରହମନଙ୍କ ଉପସ୍ଥିତି ଆନନ୍ଦିତ କରିଛି: ନବୀନ**
- **ମୁଖ୍ୟମନ୍ତ୍ରୀଙ୍କ ସହ ମଧ୍ୟାହ୍ନଭୋଜନ ସମ୍ମାନର କଥା: ରହମନ**

# ଚାଇନା କନ୍ସୁଲେଟ୍‌କୁ ଟାର୍ଗେଟ

କରାଚୀ,୨୩।୧୧(ପି.ଟି.)

ପାକିସ୍ତାନସ୍ଥିତ ସିନ୍ଧ୍ ପ୍ରଦେଶର ରାଜଧାନୀ କରାଚୀରେ ଶୁକ୍ରବାର ଏକ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ଉଦ୍ୟମ ପଣ୍ଡ ହୋଇଛି। କରାଚୀରେ ଥିବା ଚାଇନା କନ୍ସୁଲେଟ୍ (ବାଣିଜ୍ୟିକ ଦୂତାବାସ)କୁ ଆତଙ୍କବାଦୀମାନେ ଟାର୍ଗେଟ କରିଛନ୍ତି। ୩ ବିସ୍ଫୋରକ ସଜ୍ଜିତ ଆତ୍ମଘାତୀ କନ୍ସୁଲେଟ୍‌କୁ ଧସେଇ ପଶି ୪ ଜଣଙ୍କୁ ହତ୍ୟା କରିଛନ୍ତି। ନିହତଙ୍କ ମଧ୍ୟରେ ୨ ପୋଲିସ କର୍ମୀ ଓ ୨ ସାଧାରଣ ନାଗରିକ ଅଛନ୍ତି। ସୁରକ୍ଷା କର୍ମୀଙ୍କ ଗୁଳିମାଡ଼ରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଆକ୍ରମଣ ପାଇଁ ବିଚ୍ଛିନ୍ନତାବାଦୀ ସଙ୍ଗଠନ ବେଲୁଚିସ୍ତାନ ଲିବରେଶନ୍ ଆର୍ମି (ବିଏଲ୍ଏ) ନିଜକୁ ଦାୟୀ କରିଛି। ବଲୁଚ୍ ମାଟିରେ ଚାଇନା ସେନାର କୌଣସି ସମରିକ ବିସ୍ତାରବାଦୀ ଉଦ୍ୟମକୁ ବରଦାସ୍ତ କରାଯିବ ନାହିଁ ବୋଲି ବିଏଲ୍ଏ ପକ୍ଷରୁ କୁହାଯାଇଛି।

ପାକିସ୍ତାନର ବୃହତ୍ତମ ସହର କରାଚୀର କଡ଼ା ସୁରକ୍ଷା ବଳୟ ମଧ୍ୟରେ ରହିଥିବା କ୍ଲିଫ୍ଟନ ଅଞ୍ଚଳରେ ରହିଛି ଚାଇନାର କନ୍ସୁଲେଟ୍। ଶୁକ୍ରବାର ସକାଳ ୯ଟା ୩୦ରେ ବିଏଲ୍ଏର ୩ ଆତ୍ମଘାତୀ କିଛି ଦୂରରେ ସେମାନଙ୍କ ଗାଡ଼ି ରଖି କନ୍ସୁଲେଟ୍‌କୁ ପ୍ରବେଶ କରିଥିଲେ। ସେଠାରେ ଉପସ୍ଥିତ ଥିବା କୂଟନୀତିଜ୍ଞମାନଙ୍କୁ ବିସ୍ଫୋରଣରେ ଉଡ଼ାଇ ଦେବାକୁ ସେମାନେ ଉଦ୍ୟମ କରିଥିଲେ। ଆତଙ୍କବାଦୀଙ୍କ ଗ୍ରେନେଡ୍ ମାଡ଼ରେ ଟଳିପଡ଼ିଥିଲେ ୨ ପୋଲିସ କର୍ମୀ ଓ ୨ ସାଧାରଣ ନାଗରିକ (ବାପପୁଅ)। ଚାଇନା ସୁରକ୍ଷା କର୍ମୀ ଏହାର କଡ଼ା ଜବାବ ଦେଇଥିଲେ। କିଛି ସମୟର ଗୁଳି ବିନିମୟ ପରେ ୩ ଆତଙ୍କବାଦୀ ନିହତ ହୋଇଥିଲେ। ଆତଙ୍କବାଦୀଙ୍କ ମୃତଦେହ ନିକଟରୁ ଖାଦ୍ୟ, ଔଷଧ ଓ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଆକ୍ରମଣରେ ଆହତ ହୋଇଥିବା ଅନ୍ୟ କେତେଜଣଙ୍କୁ ଜିନ୍ନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣର କିଛି ସମୟ ପରେ ବିଏଲ୍ଏ ପକ୍ଷରୁ ଏହାର ଫଟୋ ଜାରି କରାଯାଇଛି। ଆକ୍ରମଣକୁ ଚାଇନା ଓ ଭାରତ ସମେତ ବିଭିନ୍ନ ଦେଶ ପକ୍ଷରୁ ନିନ୍ଦା କରାଯାଇଛି। ☞ପୃଷ୍ଠା-୨



କରାଚୀସ୍ଥିତ ଚାଇନା କନ୍ସୁଲେଟ୍‌ରେ ଆକ୍ରମଣ ପରର ଦୃଶ୍ୟ।

- **୭ ନିହତଙ୍କ ମଧ୍ୟରେ ୩ ଆତ୍ମଘାତୀ, ୨ ପୋଲିସ**
- **ନିଜକୁ ଦାୟୀ କଲା ବେଲୁଚିସ୍ତାନ ଲିବରେଶନ୍ ଆର୍ମି**


ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


### ଆଜିର ସମ୍ପାଦକୀୟ

ବୈଜ୍ଞାନିକ ସହିଷ୍ଣୁତା


NECC NATIONAL EGG CO-ORDINATION COMMITTEE | 23.11.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 69 | 118 | 128 |
| DKL | 70 | 119 | 129 |
| BDK | 69 | 118 | 128 |
| BLS | 69 | 118 | 128 |
| ANG | 71 | 120 | 130 |

*Conditions Apply
Eggs Retail Price- 51/-Dozen
Issued in the Interest of Consumers


### ଅଧାରେ ରହିଲା ଡଙ୍ଗା ଭସା

# ନଦୀରେ ବୁଡ଼ିଗଲେ ନାବାଳକ

ଆନନ୍ଦପୁର/ଘସିପୁରା, ୨୩।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଜଳସୁଆଁ ପଞ୍ଚାୟତ ନୟାଗଡ଼ ଗ୍ରାମର ଜଣେ ନାବାଳକଙ୍କ ଶୁକ୍ରବାର ଡଙ୍ଗା ଭସାଇବା ବେଳେ ନଦୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ହେଲେ ଶୁଭମ ରାଉତ(୯)। ସକାଳେ ପରିବାରବର୍ଗଙ୍କ ସହ ସେ ଡଙ୍ଗା ଭସାଇବାକୁ କୁଶେଇ ନଦୀକୁ ଯାଇଥିଲେ। ଡଙ୍ଗା ଭସାଇବା ବେଳେ ଅସାବଧାନତାରୁ ତାଙ୍କ ଗୋଡ଼ ଖସି ଯାଇଥିଲା। ଫଳରେ ଅଧାରେ ରହି ଯାଇଥିଲା ଡଙ୍ଗା ଭସା। ସେ ନଦୀପାଣିରେ ବୁଡି ଯାଇଥିଲେ। ଗଭୀର ଜଳରୁ ତାଙ୍କୁ କେହି ଉଦ୍ଧାର କରିପାରି ନ ଥିଲେ। ପରେ ଅଗ୍ନିଶମ ବିଭାଗ ସହାୟତାରେ ନାବାଳକଙ୍କୁ ଉଦ୍ଧାର କରାଯାଇଥିଲା। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସେଲ୍ଫି ନେଉଛନ୍ତି ସଙ୍ଗୀତଜ୍ଞ ଏ.ଆର୍. ରହମନ।

### ଆଜିର ମନ୍ତବ୍ୟ

"ଗଣତନ୍ତ୍ରର ସୁରକ୍ଷା ପାଇଁ ସରକାରୀ ସଂସ୍ଥାଗୁଡ଼ିକ ଲୋକଙ୍କ ମନରେ ବିଶ୍ୱାସ ଫେରାଇଆଣନ୍ତୁ।

**– ପ୍ରଣବ ମୁଖାର୍ଜୀ, ପୂର୍ବତନ ରାଷ୍ଟ୍ରପତି**

### କିଛି ତଥ୍ୟ

ନଭେମ୍ବର ୧୬ ସୁଦ୍ଧା ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୫୬୮.୯ ନିୟୁତ ବୃଦ୍ଧି ଘଟି ୩୯୩.୫୮୦ ବିଲିୟନ ଡଲାର ଛୁଇଁଛି।

**– ଭାରତୀୟ ରିର୍ଜଭ ବ୍ୟାଙ୍କ**











### ସାହାରା କାରବାର ଉପରେ ଇଓଡବ୍ଲ୍ୟୁର ତଦନ୍ତ

# ତଥ୍ୟ ମାଗିଲା ଆରସିଏସ୍

ଯାଜପୁର ଅଫିସ,୨୩।୧୧

ସାହାରା ଗ୍ରୁପ ଅଫ୍ କମ୍ପାନୀ ଅନୁମୋଦନ ପ୍ରମାଣପତ୍ର (ଏନ୍ଓସି) ହାସଲ ନ କରି ବେଆଇନ ଭାବେ ବିଭିନ୍ନ କାରବାର ଚଳାଇଛି। ରାଜ୍ୟ ସମବାୟ ସମିତି ନିବନ୍ଧକ (ଆରସିଏସ)ଙ୍କ ପତ୍ରସଂଖ୍ୟା ୧୫୩୯୬/୮।୮।୨୦୧୮ ବ୍ୟାଙ୍କ ଅଭିଯୋଗ କ୍ରମେ ରାଜ୍ୟ ପୋଲିସ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପକ୍ଷରୁ ଏନେଇ ପ୍ରାରମ୍ଭିକ ତଦନ୍ତ ଆରମ୍ଭ ହୋଇଛି। ଏହି ମର୍ମରେ ଇଓଡବ୍ଲ୍ୟୁର ଆରକ୍ଷୀ ଅଧୀକ୍ଷକ ତାଙ୍କ ପତ୍ରସଂଖ୍ୟା ୪୯୬୮/୨୦।୮।୨୦୧୮ରେ ରାଜ୍ୟର ସମସ୍ତ ଜିଲାର ଏସ୍‌ପି, ଡିସିପି ପ୍ରମୁଖ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଛନ୍ତି। ଏଥିରେ ଗ୍ରାମାଞ୍ଚଳରେ ଚଳାଇଥିବା ସାହାରା ଗ୍ରୁପ ଅଫ୍ କମ୍ପାନୀର ବିଭିନ୍ନ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ନିର୍ଦ୍ଦେଶ ହୋଇଛି। ଯଦି ଆଇନଗତ ଅଧିକାର ନ ଥାଇ ସାଧାରଣ ଲୋକଙ୍କଠାରୁ ଟଙ୍କା ଆଦାୟ କିମ୍ବା କୌଣସି ବେଆଇନ କାର୍ଯ୍ୟକଳାପ ହେଉଛି, ତେବେ ସମ୍ପୃକ୍ତ କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଇଓଡବ୍ଲ୍ୟୁ ଏସ୍‌ପି ନିର୍ଦ୍ଦେଶ ଜାରି କରିଛନ୍ତି।

**ବିନା ଏନ୍ଓସିରେ ଚାଲିଛି ଟଙ୍କା ଆଦାୟ**

ଅନ୍ୟପକ୍ଷେ ଆରସିଏସ୍ କ୍ରେଡିଟର ଯୁଗ୍ମ ନିବନ୍ଧକ ତାଙ୍କ ପତ୍ରସଂଖ୍ୟା ୨୦୩୫୫/୨୦।୧୧।୨୦୧୮ରେ ଜିଲାର ଏଆରସିଏସ୍ (ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର କୋ-ଅପରେଟିଭ ସୋସାଇଟି)ଗୁଡ଼ିକୁ ସାହାରା ଗ୍ରୁପ ଅଫ କମ୍ପାନୀର ସର୍କଲ/ଡିଭିଜନର ବିଭିନ୍ନ ତଥ୍ୟ ସଂଗ୍ରହ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ସର୍କଲ, ବ୍ରାଞ୍ଚ, କ୍ରେଡିଟ ସୋସାଇଟି, ସଭ୍ୟ ସଂଖ୍ୟା ଓ ଜମାରାଶି, ସୁଧ ପରିମାଣ, ଅଗ୍ରିମ ଋଣ ସୁଧ ସହ ଆଦି ତଥ୍ୟ ଦେବାକୁ କୁହାଯାଇଛି। ଏପରିକି ଟଙ୍କା ଫେରସ୍ତ ହୋଇ ନ ଥିବା ନେଇ କେତେ ଅଭିଯୋଗ ହୋଇଛି ସେ ସମ୍ପର୍କରେ ତଥ୍ୟ ଦେବାକୁ ଦର୍ଶାଯାଇଛି। ପୂର୍ବରୁ ଆରସିଏସର ଡେପୁଟି ରେଜିଷ୍ଟ୍ରାର ତାଙ୍କ ପତ୍ରସଂଖ୍ୟା ୨୦୨୨୮୧/୧୯।୧୧।୨୦୧୮ରେ ଏଆରସିଏସ୍‌ଙ୍କୁ ସାହାରା ଗ୍ରୁପ ଅଫ କମ୍ପାନୀର ☞ପୃଷ୍ଠା-୨

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସିଦ୍ଧୀ
ପରିବାରବର୍ଗ


ବେଦଦ୍ୟୁତି
ପରିବାରବର୍ଗ


ବବୁଲ
ପରିବାରବର୍ଗ


ବନ୍ଦନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified





### SALE

Innova 2012 6+1 Dzire VDI 2015 immediate sale. 8599843131, 8984915715. D-9614

VW Jetta silver colour 46000 kms in very good condition. 8598923231. D-64751




### SALE

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-9623

Bhubaneswar AIIMS Hospital, DOON/ NMIT College front gharabari plot. 9437298164. D-64351

ସୁନ୍ଦରପଦା କୁହା ମୌଜାରେ ଘରବାଡି ପାଚେରି ପ୍ଲଟ୍ ବିକ୍ରିହେବ। 9439364818, 9337766961. D-9148

Booking flats 2BHK, 3BHK in 1160 sqft. and 1320 sqft. Patrapada BMC Mall 3500/- sft. Broker Excuse. 9176647692. D-9228

Plot size 40x60 ft. (25 ft. connecting road), near to 200 ft. newly built road from Infosys-2 Campus to Gohira Chhak (NH-5) in Badaraghunathpur mouza (adjacent Gita Gandhi College). 09443101191. D-9455

Morningsun Residency simplex near Hanspal- 28,00,000/- (Handover within 1month) 8908015464, 8853347909. D-64378

**Residential plots at Atala, Balianta immediate possession, registration. Contact: 9437147826.** D-9465

4BHK duplex with gated community at Balianta (land- 1400 construction- 2100) @ 50 lakhs. Finance by LIC housing gharabari land at Khandagiri @ 2000, KIIT @ 1200, Hanspal @ 1500. Contact Mplanets: 9861022055, 9938219397. D-9560

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-,160/-. 9937746907, 9337259012. D-64382

Booking simplex 2BHK 1200 sqft. land 19,50,000/- near Tankapani road Sai Temple (Bankuala) installment and outright available. 7735738102. D-9555

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ 1200 sqft. 1,80,000/-, ପ୍ରତାପନଗରୀ ଧାଉଲେଶ୍ୱରପୀଠରୁ କିଛି ଦୂରତାରେ 1200ରୁ 2,60,000/- (outright). 9938177361, 9776934361. D-64381

3BHK luxurious flats available for booking at BJB Nagar extension (1km. from Kalpana Square, facing 60ft. Canal Road), Price- 65 lakhs to 72.50 lakhs. Contact: 9439543532, 9937447564. D-9615

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs Contact: 9937059891, 9348253463, 8908292617.** D-9625

ସୁନ୍ଦରପଦା Hitech ପାଖରେ 100' and 50' Revenue road ଆଉ ୫ଟି ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରିହେବ। (sqft. 600/-). 9777236619. D-9603

9 nos gharabari plots BDA (yellow Zone) 30' road, electricity near DPS Phulnakhara. 9778822122. D-64545




**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan SMPL: 9439483779.** D-9624




1800 sqft. on main road, Ganganagar. Suitable for commercial purposes. 9437204573. D-65179

Desk- furnished office space on sharing, available at Samantarapur, Bhubaneswar. No Security. Rent Rs. 1800 (start). Mobile: 6309629747.D-9575

Centrally located for office at Unit-9, 450 sqft., 700 sqft., 650 sqft., 850 sqft. 7789837712, 9861256148. D-9558

**2BHK with study Royal Lagoon, Raghunathpur, Patia for family. 9776505301.** D-9512

Paika Nagar west spacious room attached latrine, bath, kitchen for single of 'Two person. Mob: 9438295925, 9437211143. D-64918




Samal packers movers provide household shifting in reasonable rates. 9437035016. D-63872




Fully refreshed/ relaxed body massage by expert therapist, Shastrinagar. 7377984773. D-65140

Rejuvenate and Ayurvedic full body massage by smart therapist. 9114402304. D-65138

Pamper yourself this Mansoon professional massage. Contact Purple Orchid. 9776598888.D-65139

Newly open herbal full body massage with refreshment well trained therapist. 7381239385.D-64636

Experience full body massage with us by expert Enquiry: 7377048581. D-65181

Herbal full body massage by smart/ expert therapist. Contact: 8338067247. D-65182

Newly opening ayurvedic massage smart therapist, Shree herbal. 7750020754. D-65183

Improving your health, skin care through expert therapist, excellent offer. 9668374480. D-65184

Keralian Ayurvedic body massage, treatments/ medicines, Beauty preparations available. 9556341170. D-63874

All type of full body massage by expert therapist. 7609005923. D-65191

Newly open ayurvedic full body massage ladies and gents. 8117033493. D-65076


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ମାମୁନି
**ଆଇସା ପରିଡା**
**ଅଲଣାଭାସ, ପଏଦା, ତିରଣ, ଜଗତ୍‌ସିଂହପୁର**

ଆଜି ତୋ ଜନ୍ମଦିନରେ ଢେର୍ ସାରା ଶୁଭେଚ୍ଛା, ଶୁଭକାମନା, ଅଭିନନ୍ଦନ ଆଉ ଆଶୀର୍ବାଦ। ତୋ ଚଲାପଥ କୁସୁମିତ ହେଉ। ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ତୁ ଯଶସ୍ୱୀ ହୋଇ ସମସ୍ତଙ୍କ ଟେକ ରଖ। ପିଉସା, ପିଉସୀ, ରାନୀ ସହ ବନ୍ଧୁ ପରିବାର ଓ ଆତ୍ମୀୟସ୍ୱଜନ। ଧ-୯୬୨୯

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ପରୀ**
**ଜଗତ୍‌ସିଂହପୁର, ଏରସମା, ପଏଦା**

ଆଜି ତୋର ପ୍ରଥମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତତେ ଆଶୀର୍ବାଦ ଏବଂ ଦୀର୍ଘାୟୁ କରନ୍ତୁ, ଏହାହିଁ ଆମର ପ୍ରାର୍ଥନା। **ଶୁଭେଚ୍ଛା ସହ:** ବଡକେକେ, ବଡମା, ସାନକେକେ, ସାନ ମା, ପିଉସୀ, ପିଇସା, ବାବା, ମାମା, ଜଗନ ଦାଦା ଏବଂ ଦାସ ପରିବାର। ଧ-୯୫୭୬

### 12th Birthday Wish



(Aman)
**Md Haseeb Ali**
**Rathipur, Jatni**

Have a wonderful Birthday. I wish your everyday to be filled with lots of Love, Laughter, Happiness and the warmth of sunshine. Best wishes from: Baba, Mama, dadi all family member Ayan, Rihan & Mahek. D-9617

### 7th Birthday Wish



(Mahek)
**Shbana Anjum**
**Rathipur, Jatni**

Have a wonderful time and your special day brings you all that your heart dezires. Best wishes from: Aman, Ayan, Tanaz & Rihan. D-9616

### ସପ୍ତମ ଜନ୍ମବାର୍ଷିକ ଶୁଭେଚ୍ଛା



(ଲିପୁ)
**ଅମ୍ଳାନ୍ ପଟ୍ଟନାୟକ**
**ଗାନ୍ଧିନଗର, ଜଟଣୀ**

ଆଜି ତୋର ସପ୍ତମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ କୋଟି ପରମାୟୁ ଦିଅନ୍ତୁ। ଏତିକି ପ୍ରାର୍ଥନା କରୁଛୁ। ଶୁଭେଚ୍ଛା ସହ: ଜେଜେମା, ବଡବାପା, ବଡମା, ପାପା, ମାମା, ଟିକ ଦାଦା, ଖୁଡୀ, ବାବୁଦାଦା, ଆଈ, ମୁନାମାମୁଁ, ମାଇଁ, ଲୁନା ମାମୁଁ, ମଉସା, ମିନି ମାଉସି, ନବ ମଉସା, ମାନୁ ମାଉସି, ରାନୁ ମାଉସି, ପୁପୁ, ସିପୁ, ଜୁଗୁ, ଗୁଡି, ଲିନା, ନବ୍ୟୋୟା ପରିବାରବର୍ଗ। ଧ-୯୫୮୭

## ମନେ ପଡ଼ନ୍ତି

### ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ସୁବୋଧ କୁମାର ଦତ୍ତ**
୧୩୧, ସତ୍ୟନଗର, ଭୁବନେଶ୍ୱର
ଆବିର୍ଭାବ: ୦୬।୦୨।୧୯୨୮
ତିରୋଧାନ: ୨୭।୧୧।୨୦୦୪

ଆପଣଙ୍କର ନୀତି, ଆଦର୍ଶ, ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠା ଆମ ସମସ୍ତଙ୍କର ପ୍ରେରଣାର ଉସ ହୋଇ ସଦା ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା। ଶ୍ରଦ୍ଧାଞ୍ଜଳି ସହ: ଆପଣଙ୍କ ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତିନାତୁଣୀ। ଧ-୯୬୦୬

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତା ଶ୍ରୀମତୀ ସୂର୍ଯ୍ୟମଣୀ ମିଶ୍ର**
(1953-2017)
ଜଗକଲୋନୀ, ମୁନିଗୁଡ଼ା, ରାୟଗଡ଼ା

ବୋଉ, ପ୍ରତି ମୁହୂର୍ତ୍ତରେ ତୁମେ ମନେପଡୁଛ। ତୁମର ସ୍ନେହ ଓ ହାର୍ଦ୍ଦିକ ପ୍ରେମକୁ ସାତ ଜନ୍ମରେ ବି ଭୁଲିବୁନି। ଆମକୁ ତୁମେ ଜନ୍ମ ଜନ୍ମ ପାଇଁ ଋଣୀ କରି ଚାଲିଗଲ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁ। ଶୋକସନ୍ତପ୍ତ ପରିବାର: ସ୍ୱାମୀ-ଶ୍ରୀ ଶଶିଭୂଷଣ ମିଶ୍ର, ଝିଅ-ମୀନୁ ଓ ରିନୁ, ଜ୍ୱାଇଁ-ରଜନୀ ମିଶ୍ର ଓ ନୀଲୁ, ନାତି ଓ ନାତୁଣୀ: ଓମ୍ ପ୍ରକାଶ, ଗେଲୁ ଓ ପଦ୍ମଲୟା। ଧ-୯୬୨୬

### ଶ୍ରୀମନ୍ଦିର ପ୍ରଶାସନ ଚିଠିରୁ ପଦାକୁ ଆସିଲା ସତ
# ଦିନରେ ହୋଇଛି ବ୍ରହ୍ମ ସଂସ୍ଥାପନ

ପୁରୀ ଅଫିସ, ୨୩।୧୧

ବ୍ରହ୍ମ ସଂସ୍ଥାପନ ଓ ବିଭ୍ରାଟ ଘଟଣା ସାର୍ବଜନୀନ ହେବ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ କହୁଥିବାବେଳେ ଏ ସମ୍ପର୍କିତ ଗୋଟିଏ ପରେ ଗୋଟିଏ ନୂତନ ତଥ୍ୟ ପଦାକୁ ଆସୁଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ଏକ ଚିଠିରୁ ସ୍ପଷ୍ଟ ହୋଇଛି ଯେ, ୨୦୧୫ ଜୁନ ୧୫ ତାରିଖ ନିଶାର୍ଦ୍ଧ ନୁହେଁ, ଜୁନ ୧୬ ସକାଳ ୮ଟା ପରେ ହୋଇଛି ବ୍ରହ୍ମ ସଂସ୍ଥାପନ। ତତ୍‌କାଳୀନ ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ର ୨୦୧୫ ଜୁନ ୨୪ରେ ଜଣେ ସେବାୟତଙ୍କୁ ଜାରି କରିଥିବା ଏକ ଚିଠିରେ ଉଲ୍ଲେଖ ରହିଛି ଯେ, ୨୦୧୫ ଜୁନ ୧୬ ସକାଳ ୮ଟା ସମୟ ସୁଦ୍ଧା କୋଇଲି ବୈକୁଣ୍ଠରୁ ଅଣସର ଗୃହକୁ ଦାରୁବିଗ୍ରହମାନଙ୍କ ପହଣ୍ଡି ସରିଥିଲା।

ଏହି ଚିଠି ସ୍ପଷ୍ଟ କରୁଛି ଯେ, ଦାରୁବିଗ୍ରହଙ୍କ ପହଣ୍ଡି ସରିବା ପରେ ବ୍ରହ୍ମ ସଂସ୍ଥାପନକୁ ନେଇ ଦଇତାପତିଙ୍କ ମଧ୍ୟରେ ବାଦବିବାଦ ଲାଗିରହିବାରୁ ୨ଘଣ୍ଟା ନୀତି ବିଳମ୍ବ ହୋଇଥିଲା। ଅର୍ଥାତ୍ ୧୬ ତାରିଖ ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ବ୍ରହ୍ମ ସଂସ୍ଥାପନ ହୋଇଥିବା ସ୍ପଷ୍ଟ ହେଉଛି। ଦଇତାପତିଙ୍କ ମଧ୍ୟରେ ବ୍ରହ୍ମଦର୍ଶନକୁ ନେଇ ବାଦାନୁବାଦ ପୂର୍ବରୁ ବିଭ୍ରାଟ ସୃଷ୍ଟି ହୋଇଥିଲା ବୋଲି ଏହି ଚିଠିରୁ ସ୍ପଷ୍ଟ ହେଉଛି।

ଦଇତାପତି ସେବକମାନେ ଯୁକ୍ତି କରୁଛନ୍ତି, ଶ୍ରୀବିଗ୍ରହଙ୍କ ନିର୍ମାଣ ନିମନ୍ତେ ୧୦ଦିନ ସମୟ ମିଳିଥାଏ। ଚଳିତବର୍ଷ ୯ଦିନ ସମୟ ମିଳିଲା। ନିର୍ମାଣରେ ବିଳମ୍ବ ଯୋଗୁ ନୀତି ବିଳମ୍ବ ହେଲା କିନ୍ତୁ କିଛି ବିଭ୍ରାଟ ଘଟିନାହିଁ। ଏଠାରେ ପ୍ରଶ୍ନ ଉଠେ, ଶ୍ରୀବିଗ୍ରହଙ୍କ ନିର୍ମାଣ ନିମନ୍ତେ ଗତ ନବକଳେବରରେ ଗୋଟିଏ ଦିନ କ୍ଷୟ ପଡୁଥିବାରୁ ଶ୍ରୀବିଗ୍ରହ ନିର୍ମାଣ ନିମନ୍ତେ ୯ଦିନ ସମୟ ମିଳିବ ବୋଲି ସମସ୍ତେ ଜାଣିଥିଲେ। ଏଥିଲାଗି ମହାରଣା ଓ ଦଇତାପତି ଯତ୍ନବାନ ହେଲେନାହିଁ କାହିଁକି। ଉଭୟ ସେବକଙ୍କ ମଧ୍ୟରେ ସମନ୍ୱୟ ରଖିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ପଦକ୍ଷେପ ନେଇଥିଲା କି ନାହିଁ ଏଭଳି ବହୁ ଅସମାହିତ ପ୍ରଶ୍ନ ଏହାପଛରେ ଛିଡା ହୋଇଛି।

ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନର ବ୍ରହ୍ମବିଭ୍ରାଟ ତଦନ୍ତ ରିପୋର୍ଟ ସାର୍ବଜନୀନ ହେବ ନାହିଁ ବୋଲି ପୂର୍ବରୁ ଶ୍ରୀମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ନେଇଥିବା ବେଳେ ଶୁକ୍ରବାର ସେହି କଥା ଦୋହରାଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ ମହାପାତ୍ର। ଶ୍ରୀମନ୍ଦିର ସିଂହଦ୍ୱାରଠାରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ ସେ କହିଛନ୍ତି ଯେ, ବ୍ରହ୍ମ ବିଭ୍ରାଟ ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଏହା ସାର୍ବଜନୀନ ହେବନାହିଁ। ଏହି ଘଟଣାରେ ୧୦ଜଣଙ୍କୁ ଶ୍ରୀମନ୍ଦିର ଆଇନର ୧୯୫୫ ୨୧(କ) ଧାରାରେ ନୋଟିସ କରାଯାଇଥିଲା। ସେଥିରେ ୯ଜଣ ଦଇତପତି ଓ ଜଣେ ମହାରଣା ସେବକ ଅଛନ୍ତି। ୧୫ଦିନ ମଧ୍ୟରେ ଉକ୍ତ ନୋଟିସର ଉତ୍ତର ଦେବାକୁ ସମ୍ପୃକ୍ତ ସେବାୟତଙ୍କୁ ଶ୍ରୀମନ୍ଦିର ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଏଥିମଧ୍ୟରୁ ୪ଜଣ ନୋଟିସ ଉତ୍ତର ରଖିଥିବା ବେଳେ ତାହାକୁ ମଧ୍ୟ ସାର୍ବଜନୀନ କରାଯିବ ନାହିଁ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦଇତାପତି ନିଯୋଗ ସମ୍ପାଦକ ପ୍ରେମାନନ୍ଦ ଦାସମହାପାତ୍ରଙ୍କ ସମେତ ୪ଜଣ ଉତ୍ତର ରଖିଛନ୍ତି। ବ୍ରହ୍ମବିଭ୍ରାଟ ରିପୋର୍ଟ ସାର୍ବଜନୀନ ହେବ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ କହୁଥିବା ବେଳେ ଜଣେ ପରେ ଜଣେ ସେବକ ଏହି କଥାକୁ ଦାଣ୍ଡରେ ପକାଇ ହାଟରେ ଗଡାଉଛନ୍ତି। ମହାରଣା ସେବକ କୃଷ୍ଣଚନ୍ଦ୍ର ମହାରଣା ଶ୍ରୀମନ୍ଦିର ପ୍ରଶାସନର ନୋଟିସ ନ ପାଉଣୁ ଗଣମାଧ୍ୟମରେ ନିଜ ମତ ରଖି ନୂତନ ବିଭ୍ରାଟ ସୃଷ୍ଟି କରିଥିଲେ। ଦାରୁର ମାନ ଓ ଚୟନକୁ ନେଇ ପ୍ରଶ୍ନ ଉଠାଇ ସିଧାସଳଖ ଭକ୍ତଙ୍କ ଭାବାବେଗ ସହ ଖେଳିଥିଲେ। ଦାରୁ ଚୟନରେ ଫିକ୍ସିଂ ହୋଇଥିବା ଅଭିଯୋଗ ଆଣିଥିଲେ। ସେହିପରି ଦଇତାପତି ନିଯୋଗର ସମ୍ପାଦକଙ୍କୁ ନୋଟିସ ପରେ ସେ ଗଣମାଧ୍ୟମରେ ମତ ରଖି ୩ ବାଡ଼ଗ୍ରାହୀଙ୍କ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ଦାରୁ ଚୟନ ପ୍ରକ୍ରିୟାକୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଥିଲେ।

ପ୍ରଥମ ପୃଷ୍ଠାରୁ...

## ଚାଇନା କନ୍‌ସୁଲେଟ୍‌କୁ ...

କନ୍‌ସୁଲେଟ୍‌ର ସମସ୍ତ କର୍ମଚାରୀ ସୁରକ୍ଷିତ ଅଛନ୍ତି। ପାକିସ୍ତାନରେ ଥିବା ଚାଇନା ନାଗରିକ ଓ ସଂସ୍ଥାଗୁଡ଼ିକର ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଇସ୍‌ଲାମାବାଦକୁ ପରାମର୍ଶ ଦିଆଯାଇଥିବା ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଗେଙ୍ଗ୍ ଶୁଆଙ୍ଗ୍ କହିଛନ୍ତି।

ପ୍ରକାଶ ଯେ, ସ୍ୱତନ୍ତ୍ର ବେଲୁଚିସ୍ତାନର ରାଜନୈତିକ ସ୍ୱାୟତ୍ତତା ଦାବିରେ ଆନ୍ଦୋଳନ ଚଳାଇଥିବା ବିଚ୍ଛିନ୍ନତାବାଦୀ ସଙ୍ଗଠନ ବିଏଲ୍‌ଏକୁ ପାକିସ୍ତାନ ସରକାର ଏକ ଆତଙ୍କବାଦୀ ସଙ୍ଗଠନ ଭାବେ ଘୋଷଣା କରିଛନ୍ତି। ମହତ୍ତ୍ୱାକାଂକ୍ଷୀ ଯୋଜନା ଚାଇନା-ପାକିସ୍ତାନ ଇକୋନୋମିକ୍ କରିଡର (ସିପିଇସି)ରେ ବେଜିଂ ପକ୍ଷରୁ ୬୦ ବିଲିୟନ୍ ଡଲାରର ପୁଞ୍ଜିନିବେଶ କରାଯାଇଛି। ଏହା ଚାଇନାର କାଶ୍‌ଗରରୁ ପାକିସ୍ତାନର ବେଲୁଚିସ୍ତାନକୁ ସଂଯୋଗ କରୁଛି। ବେଲୁଚିସ୍ତାନର ସ୍ଥାନୀୟ ଲୋକେ ଓ ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ଏହି ପ୍ରକଳ୍ପକୁ ବିରୋଧ କରିଆସୁଛନ୍ତି। ସେଠାରେ କାର୍ଯ୍ୟରତ ଚାଇନା ନାଗରିକଙ୍କ ଉପରେ ବିଏଲ୍‌ଏ ପକ୍ଷରୁ ପୂର୍ବରୁ ମଧ୍ୟ କେତେଥର ଆକ୍ରମଣ ହୋଇସାରିଛି।

## ରାଜଧାନୀରେ ...

ମଧ୍ୟାହ୍ନଭୋଜନ ଏବଂ ବାର୍ତ୍ତାଳାପ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାରେ ରହମନଙ୍କ ଉପସ୍ଥିତି ଆମକୁ ଆନନ୍ଦିତ କରିଛି। ଆମେ ଭାଗ୍ୟବାନ୍ ଯେ, ସେ ହକି ବିଶ୍ୱକପ୍ ଉଦ୍‌ଘାଟନୀ ସମାରୋହରେ ଭୁବନେଶ୍ୱର ଓ କଟକ ଏହି ଦୁଇଟି ସ୍ଥାନରେ ସଂଗୀତ ପରିବେଷଣ କରିବେ। ମ୍ୟୁଜିକ୍ ଶୁଣିବା ପାଇଁ ଓଡ଼ିଶାରେ ଥିବା ତାଙ୍କର ଅସଂଖ୍ୟ ପ୍ରଶଂସକ ଚାହିଁ ରହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପରେ ରହମନ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ମଧ୍ୟାହ୍ନଭୋଜନ କରିବା ଏକ ସମ୍ମାନର କଥା। ଓଡ଼ିଶାର ପାଣିପାଗ ବହୁତ ଅନୁକୂଳ ଏବଂ ସଂସ୍କୃତି ମଧ୍ୟ ଉଚ୍ଚକୋଟୀର। ହକି ବିଶ୍ୱକପ୍‌ରେ ସଂଗୀତ ପରିବେଷଣ ନେଇ ସେ ବହୁତ ଉତ୍ସାହିତ ବୋଲି କହିଛନ୍ତି। ଆମେ 'ଜୟ ହିନ୍ଦ୍' ଭିଡିଓ ଭାରତରେ ପ୍ରସାରଣ କରିସାରିଛୁ। ମୁଁ ଚାହୁଁଛି ମୁଖ୍ୟମନ୍ତ୍ରୀ ଏହାକୁ ଉନ୍ମୋଚନ କରନ୍ତୁ। ଅଫିସିଆଲ ହକି ଆନ୍ଥେମ ମୁଁ ପ୍ରସ୍ତୁତ କରିଛି। ଆମେ ଏହାକୁ ଏବେ ଡାଉନ୍‌ଲୋଡ୍ କରିପାରିବା। ସଂଗୀତକାର ଗୁଲ୍‌ଜାର ଏହାକୁ ରଚନା କରିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ସେ ମୁମ୍ବାଇ ଫେରିଯାଇଛନ୍ତି। ଆସନ୍ତା ୨୭ ତାରିଖରେ କଳିଙ୍ଗ ଷ୍ଟାଡିୟମ ଓ ୨୮ ତାରିଖରେ ବାରବାଟୀ ଷ୍ଟାଡିୟମରେ ସେ ନିଜର ସଂଗୀତ ପରିବେଷଣ କରିବେ।

## ତଥ୍ୟ ମାଗିଲା..

ସାହାରା କ୍ରେଡିଟ କୋ-ଅପୋରେଟିଭ ସୋସାଇଟି ଲିଃ, ହମାରା ଇଣ୍ଡିଆ କ୍ରେଡିଟ କୋପୋରେଟିଭ ସୋସାଇଟି ଲିଃ, ସାହାରିୟାନ ଇ-ମଲଟିପର୍ପୋଜ କୋ-ଅପରେଟିଭ ସୋସାଇଟି ଲିଃରେ ବେଆଇନ ଟଙ୍କା ଆଦାୟ ଉପରେ ଆବଶ୍ୟକ ତଦନ୍ତ କରି ଇଓଡବ୍ଲ୍ୟୁଙ୍କ ନିକଟରେ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ ଯେ, ଯାଜପୁରରୋଡ ଚୋର୍ଦ୍ଦା ବାଇପାସ ନିକଟରେ ସାହାରା କ୍ରେଡିଟ କୋ-ଅପରେଟିଭ ସୋସାଇଟି କାର୍ଯ୍ୟ କରୁଛି। ସହରର ବିଭିନ୍ନ ଦୋକାନୀଙ୍କଠାରୁ ପ୍ରତ୍ୟହ ଟଙ୍କା ଆଦାୟ କରି ଜମା କରୁଛି। ଆବଶ୍ୟକ ସ୍ଥଳେ ଟଙ୍କା ଉଠାଣ ସମୟରେ ବିଳମ୍ବ ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି। ଏ ସଂକ୍ରାନ୍ତରେ ସାହାରା ଗ୍ରୁପ ଅଫ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଯୋଗଯୋଗ କରାଯାଇଥିଲେ ହେଁ ମତାମତ ମିଳିବା ସମ୍ଭବ ହୋଇପାରି ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଆଜି ଧନଭାବସ୍ଥ ଚନ୍ଦ୍ର ତିନୋଟି ଗ୍ରହ ପ୍ରତି ଦୃଷ୍ଟି ନିକ୍ଷେପ କରି ବିଭିନ୍ନ ଦିଗରୁ ଅର୍ଥସଂଗ୍ରହର ପ୍ରଚେଷ୍ଟା କରିପାରନ୍ତି। ଚତୁର୍ଥାଧିପ ମୁଖଭାବସ୍ଥ ଆପଣଙ୍କୁ ଆତ୍ମୀୟସ୍ୱଜନ ଓ ପରିବାରସହ ସୁସ୍ୱାଦୁ ଭୋଜନ,ପରିଭ୍ରମଣ ସାଙ୍ଗକୁ ବନ୍ଧୁମିଳନ ମାଧ୍ୟମରେ ଆନନ୍ଦ ପ୍ରଦାନ କରିବ। ସହକର୍ମୀଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବା ସକାଶେ ନିଷ୍ପତ୍ତି ନେବେ।

**ବୃଷ** — ବଳବାନ୍ ଚନ୍ଦ୍ର ଓ ମଙ୍ଗଳଙ୍କ ପ୍ରଭାବରୁ ଆପଣ ଦୃଢ଼ ମନୋବଳ ସାଙ୍ଗକୁ ଅସୀମ ଧୈର୍ଯ୍ୟ ଓ ସାହସ ମାଧ୍ୟମରେ କଷ୍ଟପ୍ରଦ କାମକୁ ମଧ୍ୟ ଅନାୟାସରେ ସମ୍ପନ୍ନ କରିପାରିବେ। ନିଜର ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ସମ୍ପର୍କୀୟମାନଙ୍କ ସହ ମିତ୍ରତା କରିବା ସକାଶେ ମନ ବଳାଇପାରନ୍ତି। ବାଣିଜ୍ୟ, ବ୍ୟବସାୟ,କଳା ସାହିତ୍ୟ ଏବଂ କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ପାଇବେ।

**ମିଥୁନ** — ଷଷ୍ଠାଧିପ ମଙ୍ଗଳ ନବମ ଭାବରେ ଗୁରୁବର୍ଗୀୟ ବ୍ୟକ୍ତିଙ୍କ ସହ ମତାନ୍ତର ସୃଷ୍ଟି କରିବ। କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ସୁଧା ବାଧ ବାଧକତାରେ କାମରୁ ଓହରି ଆସି ପାରିବେ ନାହିଁ। ଅତୀତ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ । ଆର୍ଥିକ ପରିସ୍ଥିତି,ରାଜନୀତି ଓ ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି।

**କର୍କଟ** — ମଙ୍ଗଳଙ୍କ ସମ୍ପୂର୍ଣ୍ଣ ଦୃଷ୍ଟି ଶନି କ୍ଷେତ୍ରସ୍ଥ ଚନ୍ଦ୍ର ଉପରେ ପଡୁଥିବାରୁ ମାନସିକ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିବ। ବନ୍ଧୁସମ୍ପର୍କ, ଦେଇଥିବା ପ୍ରତିଶ୍ରୁତିକୁ ନେଇ କୌଣସି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ସଭାସମିତିଆଲୋଚନାର ଶେଷ ପର୍ଯ୍ୟାୟରେ ବନ୍ଧୁଙ୍କ ଟୀକାଟିପ୍ପଣୀ ମନରେ ଆଘାତ ଦେଇପାରେ। ବ୍ୟବସାୟ ଓ ପରିବହନରେ ସଫଳତା ହାସଲ କରିବେ।

**ସିଂହ** — ଆଜି ବନ୍ଧୁଙ୍କ ସହ ଭ୍ରମଣ ସାଙ୍ଗକୁ ହସଖୁସିର ମଉକା ଜୁଟିବ। ଅଟକି ରହିଥିବା କାମ, କର୍ମକ୍ଷେତ୍ରରେ ଲାଗି ରହିଥିବା ସମସ୍ୟାକୁ ନେଇ ସାମୟିକ ଚିନ୍ତିତ ରହିପାରନ୍ତି। କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ଦୂରେଇଯାଇଥିବା ବନ୍ଧୁ ଯୋଗାଯୋଗ କରିପାରନ୍ତି। ବ୍ୟବସାୟ, ବାଣିଜ୍ୟ, ନୂତନ କର୍ମାରମ୍ଭ କ୍ଷେତ୍ରରେ ସୁଯୋଗ ହାତଛଡ଼ା ହୋଇପାରେ।

**କନ୍ୟା** — ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆତ୍ମୀୟସ୍ୱଜନ ପଛରେ ବିଭିନ୍ନ କଥା କହିବୁଲିବେ। ପାରିବାରିକ ସ୍ତରରେ ବିଭିନ୍ନ ପ୍ରକାର ସମସ୍ୟାକୁ ସାମ୍ନା କରି ମାନସିକ ଦୁର୍ବଳତା ଦେଖାଦେଇପାରେ। ସରକାରୀ ସ୍ତରରେ ସ୍ଥଗିତ କାମକୁ ପୁନଶ୍ଚ ଆରମ୍ଭ କରିବାକୁ ମନ ବଳାଇପାରନ୍ତି। ପରିବାର ଭିତରେ ସାଧାରଣ କଥାକୁ ଜଟିଳ କରି ମନସ୍ତାପ କରିପାରନ୍ତି।

**ତୁଳା** — କେନ୍ଦ୍ରକୋଣାଧିପ ଶନି କର୍ମାଧିପଙ୍କ ସହ ଷଡ଼ାଷ୍ଟକ ସ୍ଥିତିରେ ରହିଥିବାରୁ ସୁଯୋଗ ପାଇଲେ ମଧ୍ୟ ଉପଭୋଗ୍ୟ ହେବା କଷ୍ଟକର ହେବ। ଆଶାନୁଯାୟୀ ଅର୍ଥଲାଭ ସାଙ୍ଗକୁ ସମସ୍ୟାଜନିତ ସାମୟିକ ଟେନ୍‌ସନ ଲାଗିରହିବ। ଶିଳ୍ପ, ନୂତନ ଯୋଜନା,ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେଇପାରେ।

**ବିଛା** — ଶନିଙ୍କ ପ୍ରଭାବରୁ ପ୍ରତ୍ୟେକ କଥାରେ ନୀରବତା ଅବଲମ୍ବନ କରିବେ। ଭାଗ୍ୟାଧିପ ସପ୍ତମ କେନ୍ଦ୍ରସ୍ଥ ହେତୁ ଯାତ୍ରା,ବ୍ୟବସାୟ ଓ ବନ୍ଧୁମାନଙ୍କ ପରାମର୍ଶକୁ ଶ୍ରେୟ ମନେ କରିପାରନ୍ତି। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ, କିନ୍ତୁ କିଛି ଅସୁବିଧା ହେବ ନାହିଁ। ସାହାଯ୍ୟ ଲାଭ ଆଶାରେ ହଠାତ୍ ଜଣେ ବନ୍ଧୁ ପ୍ରଗାଢ଼ ଅନୁରକ୍ତି ପ୍ରକାଶ କରିପାରନ୍ତି।

**ଧନୁ** — ପ୍ରତ୍ୟେକ କାମ ବିବାଦୀୟ ହେବା ସାଙ୍ଗକୁ ସଫଳତାର ନୈରାଶ୍ୟ ମନକୁ ବିଷାଦିତ କରିରଖିବ। ଅତୀତ ଘଟଣାକୁ ବାରମ୍ବାର ମନେ ପକାଇ ଅନୁତପ୍ତ ହୋଇପାରନ୍ତି। ଆଜିର କର୍ମକ୍ଷେତ୍ରରେ ସାଧାରଣ ଟିକିଏ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ପରିବାର,ବ୍ୟବସାୟିକ, କଳା, ରଚନାତ୍ମକ କାମରେ ସନ୍ତୋଷଜନକ ଫଳ ପାଇବେ।

**ମକର** — ଆଜିର ଦିନଟି ସ୍ମରଣୀୟ ଦିବସ ପରି ପ୍ରତୀୟମାନ ହେବ। ବନ୍ଧୁଙ୍କ ଆତିଥ୍ୟ, ଆତ୍ମୀୟତା ଓ ସହଯୋଗୀ ମନୋଭବ ଭାବପ୍ରବଣତାକୁ ବଢ଼ାଇଦେଇପାରେ। କର୍ମକ୍ଷେତ୍ର,ପରିବାର, ବ୍ୟବସାୟ,ଯାତ୍ରା ଓ ଧର୍ମୀୟକାର୍ଯ୍ୟ ଦିଗରେ ତତ୍ପରତା ପ୍ରକାଶ କରିବେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ନ ହେବା କାରଣରୁ ମନଟା ସାମାନ୍ୟ ଭାରାକ୍ରାନ୍ତ ରହିପାରେ।

**କୁମ୍ଭ** — ଷଷ୍ଠାଧିପତି ଚତୁର୍ଥସ୍ଥାନରେ ଅବସ୍ଥାନ କରି ପାରିବାରିକ ଅଶାନ୍ତି ସାଙ୍ଗକୁ କାର୍ଯ୍ୟହାନିଜନିତ ମନସ୍ତାପକୁ ବୃଦ୍ଧି କରିପାରେ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ସକାଶେ ବ୍ୟବସାୟରେ ଉନ୍ନତି, ନିର୍ମାଣରେ ଅଗ୍ରଗତି, ଜମିଜମା କାରବାରରେ ଚୁକ୍ତି ଆଦି କାମ ସମ୍ପନ୍ନ ହେବା ଆଶା କରାଯାଇପାରେ।

**ମୀନ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ଶୀର୍ଷସ୍ଥାନକୁ ସ୍ପର୍ଶ କରି ଆତ୍ମସନ୍ତୋଷ ଲାଭ କରିପାରନ୍ତି। ପରିବାରର ଖର୍ଚ୍ଚ ପରିମାଣ ବଢ଼ିଯିବ। କିନ୍ତୁ ଆପଣଙ୍କ ପ୍ରିୟ ବନ୍ଧୁଟି ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେଇ ଟେନ୍‌ସନକୁ ଲାଘବ କରିପାରନ୍ତି। କଳା, ସଙ୍ଗୀତ ସାଧନା, ସାମ୍ବାଦିକତା, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରେଇଯିବ।

ଆଜି ଛାଡ଼ଖାଇ, ରୋହିଣୀ ପ୍ରତିପଦା ସ୍ନାନ, ମାର୍ଗଶୀର କୃଷ୍ଣ ପ୍ରତିପଦା ଶନିବାର, ସକାଳ ଘ୯।୦୭ମି. ଗତେ ଦ୍ୱିତୀୟା, ନଭେମ୍ବର ୨୪ ତାରିଖ, ଶ୍ରୀଅରବିନ୍ଦଙ୍କ ସିଦ୍ଧିଦିବସ, ରାଶି ନକ୍ଷତ୍ର-ରୋହିଣୀ/ବୃଷ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୭।୩୧ମି. ଗତେ ଘ୮।୫୩ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୨୫ମି. ଗତେ ଘ୧୨।୫୦ମି. ମଧ୍ୟେ ଅମୃତବେଳା। ଦିବା ଘ୮।୪୮ମି. ଗତେ ଘ୧୦।୧୧ମି. ମଧ୍ୟେ ରାହୁକାଳ।

# 'ମିଶନ୍ ମଙ୍ଗଳ'ର ଶୁଟିଂ ଆରମ୍ଭ କଲେ ସୋନାକ୍ଷୀ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଆସନ୍ତାବର୍ଷ ରିଲିଜ୍ ହେବାକୁ ଥିବା ଫିଲ୍ମ 'ମିଶନ୍ ମଙ୍ଗଳ'ର ଶୁଟିଂ ଶୁକ୍ରବାର ଆରମ୍ଭ କରିଛନ୍ତି। ଏଥିରେ ଅକ୍ଷୟ କୁମାର ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ବେଳେ ନିର୍ଦ୍ଦେଶନା ଦେଉଛନ୍ତି ଜଗନ୍ ଶକ୍ତି। ୨୦୧୯ ପାଇଁ ସୋନାକ୍ଷୀଙ୍କ ହାତରେ ୪ଟି ଫିଲ୍ମ ଥିବାରୁ ବର୍ତ୍ତମାନ ସେ ଖୁବ୍ ବ୍ୟସ୍ତ ରହୁଛନ୍ତି। ୨୦୧୦ରେ ସଲମାନ୍ ଖାନ୍ ଅଭିନୀତ 'ଦବଙ୍ଗ'ରେ ସେ ପ୍ରଥମ କରି ପାଦ ଦେଇ ଫିଲ୍ମ ଜଗତକୁ ଆସିଥିଲେ। ସେହିଦିନଠାରୁ ନିଜର ଚମତ୍କାର ଅଭିନୟ ପ୍ରଦର୍ଶନ କରି ସେ ଦର୍ଶକ ତଥା ସିନେପ୍ରେମୀଙ୍କ ହୃଦୟ ଜିଣିପାରିଛନ୍ତି। ସୋନାକ୍ଷୀ ମିଶନ୍ ମଙ୍ଗଲ୍‌ରେ ଶୁଟିଂ ଆରମ୍ଭ କରିଥିବା ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ଏଥିରେ ପ୍ରମୁଖ ଭୂମିକାରେ ଅଛନ୍ତି ତାପସୀ ପନ୍ନୁ, ବିଦ୍ୟା ବାଲାନ୍, ଶର୍ମନ୍ ଜୋଷୀ, କୀର୍ତ୍ତି କୁଲ୍‌ହାରି ଏବଂ ନିଥ୍ୟା ମେନନ୍। ଏତଦ୍‌ବ୍ୟତୀତ ସୋନାକ୍ଷୀଙ୍କ ହାତରେ ଅଛି ଅଭିଷେକ ବର୍ମନ୍‌ଙ୍କ ଆଗାମୀ ପିରିୟଡ ଡ୍ରାମା 'କଳଙ୍କ'। ଏଥିରେ ପ୍ରମୁଖ ଭୂମିକାରେ ଆଲିଆ ଭଟ୍ଟ, ବରୁଣ ଧାୱନ, ସଞ୍ଜୟ ଦତ୍ତ ଏବଂ ମାଧୁରୀ ଦୀକ୍ଷିତ୍‌ଙ୍କୁ ଦେଖିବାକୁ ମିଳିବ। ଏଥିସହିତ ସଲମାନ୍‌ଙ୍କ ଅଭିନୀତ 'ଦବଙ୍ଗ'ର ତୃତୀୟ ସିରିଜ୍ ଏବଂ ଗୁଲଶନ୍ କୁମାରଙ୍କ ଜୀବନୀ ଆଧାରିତ ବାୟୋପିକ୍ 'ମୋଗଲ'ରେ ଅଭିନୟ କରିବା ପାଇଁ ସେ ପ୍ରତିଶ୍ରୁତିବଦ୍ଧ।



# ମହାନଦୀ ବସ୍ ଦୁର୍ଘଟଣା: ମୃତ୍ୟୁ ସଂଖ୍ୟା ୧୧ ଛୁଇଁଲା

**କଟକ ଅଫିସ, ୨୩।୧୧:** ମହାନଦୀ ବସ୍ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୧୧କୁ ବୃଦ୍ଧି ପାଇଛି। ଗତ ୨୦ ତାରିଖରେ କଟକ ମହାନଦୀ ବସ୍ ଦୁର୍ଘଟଣାରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶୁକ୍ରବାର ଆଉ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ପୁରୀ ଜିଲା ବଳଙ୍ଗା ଥାନା ଅନ୍ତର୍ଗତ ସରସ୍ୱତୀପୁର ଅଞ୍ଚଳର ରାମଚନ୍ଦ୍ର ମଲ୍ଲିକଙ୍କ ପୁଅ ଭରତ ମଲ୍ଲିକ। ଘଟଣାଦିନ ଗୁରୁତର ଅବସ୍ଥାରେ ଭରତଙ୍କୁ କଟକ ଏସ୍‌ସିବିରେ ଭର୍ତ୍ତି କରାଯାଇଥିଲା। ଏସ୍‌ସିବି ଟ୍ରମା ଆଇସିୟୁରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ଶୁକ୍ରବାର ତାଙ୍କ ମୃତ୍ୟୁ ଘଟିଥିବା ନେଇ ଏସ୍‌ସିବି ମେଡିକାଲ ପକ୍ଷରୁ ସୂଚନା ମିଳିଛି। ଶନିବାର ଏସ୍‌ସିବି ମେଡିକାଲରେ ଭରତଙ୍କ ମୃତଦେହ ବ୍ୟବଚ୍ଛେଦ ହେବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି। ତେବେ ଏହି ଦୁର୍ଘଟଣାରେ ୨୨ ଜଣ ଆହତଙ୍କ ଚିକିତ୍ସା ଏସ୍‌ସିବି ଡିଜାଷ୍ଟର ୱାର୍ଡରେ ଚାଲିଥିବା ବେଳେ ୬ ଜଣ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳବାର ଜଗନ୍ନାଥ ନାମକ ଏକ ଯାତ୍ରୀବାହୀ ବସ୍ ତାଳଚେରରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲା। ମହାନଦୀ ପୋଲ ଉପରେ ଏକ ମଇଁଶିକୁ ଧକ୍କାଦେବା ଫଳରେ ଭାରସାମ୍ୟ ହରାଇ ପୋଲର ବାଡା ଭାଙ୍ଗି ତଳକୁ ଖସିପଡିଥିଲା।

# ଗଢ଼ାହେଲା ବିଜୁ ସମତାକ୍ରାନ୍ତି ଦଳ



ବିଜୁ ସମତା କ୍ରାନ୍ତି ଦଳର ଖବରଦାତା ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ବରିଷ୍ଠ ନେତା ଡ. ଦାମୋଦର ରାଉତ ଓ ଅନ୍ୟମାନେ।

**ଭୁବନେଶ୍ୱର, ୨୩।୧୧ (ବ୍ୟୁରୋ)**

## ଦାମ ପ୍ରଚାର କମିଟି ଅଧ୍ୟକ୍ଷ, ବ୍ରଜ ସଭାପତି

- ହଁ, ନାହିଁରେ ପ୍ରକାଶ ମିଶ୍ରଙ୍କ ଯୋଗଦାନ
- ଅନ୍ୟ ନେତାଙ୍କ ସହ ଆଲୋଚନା ଜାରି

ବରିଷ୍ଠ ରାଜନେତା ଦାମୋଦର ରାଉତ କୌଣସି ନୂଆ ଦଳ ନ କରି ପୂର୍ବରୁ ଥିବା ସମତାକ୍ରାନ୍ତି ଦଳରେ ସାମିଲ ହୋଇଛନ୍ତି। ବିଜୁଙ୍କ ଆଦର୍ଶରେ ରାଜନୀତି କରୁଥିବାରୁ ସମତାକ୍ରାନ୍ତି ପୂର୍ବରୁ 'ବିଜୁ' ଶବ୍ଦ ଯୋଡିବା ପାଇଁ ସେ ଅନୁରୋଧ କରିଥିଲେ। କାର୍ଯ୍ୟକାରିଣୀରେ ଏହା ଗ୍ରହଣୀୟ ହୋଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ଦଳର ପ୍ରମୁଖ ଭାବେ ପୂର୍ବଭଳି କାର୍ଯ୍ୟ କରିବେ। ଦାମୋଦର ଉକ୍ତ ଦଳର ପ୍ରଚାର କମିଟି ଅଧ୍ୟକ୍ଷ ହେବେ ବୋଲି ଶୁକ୍ରବାର ଖବରଦାତା ସମ୍ମିଳନୀରେ ଘୋଷଣା କରାଯାଇଛି।

ସେହିଭଳି ରାଜ୍ୟରେ ବିଜେଡିର ବିକଳ୍ପ ପାଇଁ ଆଗ୍ରହୀ ଥିବା ସମସ୍ତ ରାଜନେତାଙ୍କୁ ଦଳକୁ ସ୍ୱାଗତ କରାଯିବ। ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋଙ୍କ ଭଳି ବ୍ୟକ୍ତିମାନଙ୍କ ସହ ଆଲୋଚନା ଜାରି ରହିଥିବା ବ୍ରଜ କିଶୋର କହିଛନ୍ତି। ଏହାସହ ରାଜନୀତିରେ ନ ଥିବା ବ୍ୟକ୍ତି, ଯୁବଗୋଷ୍ଠୀମାନେ ଦଳରେ ଯୋଗ ଦିଅନ୍ତୁ ବୋଲି ଆହ୍ୱାନ କରାଯାଇଛି। ବିଜେଡିକୁ ଚେକ୍ ଦେବା ପାଇଁ ଭବିଷ୍ୟତରେ କୌଣସି ଦଳ ସହ ବିଜୁ ସମତାକ୍ରାନ୍ତିର ମେଣ୍ଟ ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ନାଁ ପରିବର୍ତ୍ତନ ପରେ ଆଇନଗତ ଭାବରେ ବିଭିନ୍ନ ଦିଗକୁ ତର୍ଜମା କରାଯାଉଛି। ଲଗାତର ଭାବେ ନିର୍ବାଚନ କମିଶନଙ୍କ ସହ ଯୋଗସୂତ୍ର ରକ୍ଷା କରାଯାଉଥିବା ସୂଚନା ଦିଆଯାଇଛି।

ତେବେ ଦାମୋଦର ତାଙ୍କ ଦଳରେ ପୂର୍ବତନ ପୋଲିସ ଡିଜି ପ୍ରକାଶ ମିଶ୍ର ମିଶିବା ନେଇ ସୂଚନା ଦେଇଥିଲେ। ହେଲେ ଏହାର କିଛି ସମୟ ପରେ ପ୍ରକାଶ ଏ ସମ୍ପର୍କରେ ତାଙ୍କ ସହ କେହି ଆଲୋଚନା କରି ନାହାନ୍ତି ବୋଲି କହିବା ସହ ରାଜନୀତିରେ ଯୋଗଦେବା ନେଇ କୌଣସି ପ୍ରକାର ଚିନ୍ତା କରି ନ ଥିବା କହିଛନ୍ତି। ହେଲେ କିଛିଦିନ ହେବ ପ୍ରକାଶ ଭାଜପାର ଯୋଗସୂତ୍ରରେ ରହିଥିବା କୁହାଯାଉଛି।

ବିଜୁ ସମତାକ୍ରାନ୍ତି ଗଢ଼ାଯିବା ନେଇ ବିଜେଡି ରାଜ୍ୟ ସଭା ଏମ୍‌ପି ପ୍ରଶାନ୍ତ ନନ୍ଦ କହିଛନ୍ତି, ବିଗତ ଦିନରେ ବହୁ ନେତା ଦଳରୁ ବାହାରି ନୂଆ ଦଳ ଗଠନ କରିଛନ୍ତି। ହେଲେ ସେମାନେ ସମସ୍ତେ ନିଜ ଦଳ ସହ ବିଲୀନ ହୋଇଯାଇଛନ୍ତି। ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ଦାମ ବାବୁ ନୂଆ ଦଳ ଗଠନ କରିବା ନେଇ ଆମର କିଛି କହିବାର ନାହିଁ। ହେଲେ ସେ ଯେଉଁ ଭ୍ରଷ୍ଟାଚାରର କଥା ଉଠାଇଛନ୍ତି ତାହା ଆମ ପାଇଁ ଗୁରୁତ୍ୱବହନ କରୁଛି। ସେ ମନ୍ତ୍ରୀ ଥିବାବେଳେ କୃଷି ଏବଂ ସମବାୟ ବିଭାଗରେ ଯେଉଁ ବ୍ୟାପକ ଦୁର୍ନୀତି ହୋଇଛି ବୋଲି କହିଛନ୍ତି ସେ ନେଇ ଏ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିକ୍ରିୟା ରଖିନାହାନ୍ତି। ଏହା ଆଗାମୀ ଦିନରେ ଶାସକ ଦଳ ଉପରେ ବେଶ୍ ପ୍ରଭାବ ପକାଇବ ବୋଲି ସମୀର କହିଛନ୍ତି। ସେହିପରି କଂଗ୍ରେସ ବରିଷ୍ଠ ନେତା ଶରତ ରାଉତ କହିଛନ୍ତି ଯେ, ଦାମବାବୁଙ୍କ ନୂଆ ଦଳ ଗଠନ ଆଗାମୀ ଦିନରେ ବିଜେଡି ଉପରେ ନିଶ୍ଚିତ ପ୍ରଭାବ ପକାଇବ।




# ରଣ ବୋଝ ସହି ନ ପାରି ଚାଷୀଙ୍କ ଆତ୍ମହତ୍ୟା

**ରସୁଲପୁର, ୨୩।୧୧ (ଡିଏନଏ):** ଋଣ ବୋଝ ସହି ନ ପାରି ଗୁରୁବାର ରାତିରେ ଜଣେ ଚାଷୀ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତଚାଷୀ ହେଲେ ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ବଣ୍ଟରା ଗ୍ରାମର ଘନଶ୍ୟାମ ମହାନ୍ତି(୫୪)। ଘନଶ୍ୟାମ ଚାଷ କାର୍ଯ୍ୟ ପାଇଁ ବିଭିନ୍ନ ସ୍ଥାନରୁ ଧାରଉଧାର କରିଥିଲେ। ଏହାସହିତ ରସୁଲପୁର ସମବାୟ ସେବା ସମିତିରୁ ଲକ୍ଷାଧିକ ଟଙ୍କା ଋଣ ଆଣିଥିଲେ। 'ତିତ୍‌ଲି' ଜନିତ ବର୍ଷା ଯୋଗୁ ଫସଲହାନି ଘଟିଥିଲା। ଫଳରେ ସେ ଆଣିଥିବା ଟଙ୍କା ଶୁଝିବା ନେଇ ଚିନ୍ତାରେ ଥିଲେ। ଶୁକ୍ରବାର ସକାଳେ ଘନଶ୍ୟାମଙ୍କ ମୃତଦେହ ତାଙ୍କ ଘରଠାରୁ ଅଳ୍ପକିଛି ଦୂରରେ ଏକ ଆମ୍ବଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ କୁଆଖିଆ ଥାନାକୁ ଖବର ଦିଆଯିବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ସହ ମାମଲା ରୁଜୁ କରିଛି।

# ରତ୍ନସିଂହାସନରେ ଦାରୁଦିଅଁଙ୍କ ସୁନାବେଶ

**ପୁରୀ ଅଫିସ, ୨୩।୧୧**



ଶେଷ ହେଲା ଧର୍ମମାସ କାର୍ତ୍ତିକ। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ଶୁକ୍ରବାର ରତ୍ନସିଂହାସନରେ ବିରାଜିତ ଦାରୁଦିଅଁଙ୍କ ସୁନାବେଶ ତଥା ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହୋଇଛି। ୩

## ଦର୍ଶନ କଲେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଏହି ଦିବ୍ୟ ବେଶ ଦର୍ଶନ କରିଛନ୍ତି। ଅବକାଶ ନୀତି ପରେ ଦାରୁଦିଅଁଙ୍କ ସୁନା ବେଶ ହୋଇଥିଲା। ପୁଷ୍ପାଳକ ସେବକମାନେ ବିଭିନ୍ନ ରତ୍ନ ଅଳଙ୍କାର ଓ ପାଟ ବସ୍ତ୍ରରେ ଠାକୁରଙ୍କୁ ରାଜରାଜେଶ୍ୱର ବେଶରେ ଭୂଷିତ କରିଥିଲେ। ଏହି ବେଶରେ ଶ୍ରୀବିଗ୍ରହ ୨୩ ପ୍ରକାରର ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭା ପାଉଥିଲା। ସୂଚନାଥାଉ କି, ବର୍ଷକ ମଧ୍ୟରେ ମହାପ୍ରଭୁଙ୍କ ୫ଟି ସୁନାବେଶ ଅନୁଷ୍ଠିତ ହୋଇଥାଏ। ତନ୍ମଧ୍ୟରୁ କାର୍ତ୍ତିକ ପୂର୍ଣ୍ଣିମାରେ ହେଉଥିବା ସୁନାବେଶ ଅନ୍ୟତମ।




# ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳିତ

**ଭୁବନେଶ୍ୱର, ୨୩।୧୧ (ବ୍ୟୁରୋ):** ସେବା, ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ବିଧାନସଭା ପରିସରରେ ପାଳିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସକାଳେ ବିଧାନସଭା ପରିସରରେ ଥିବା ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ବାଚସ୍ପତି ପ୍ରଦୀପ କୁମାର ଅମାତ, ଗ୍ରାମ୍ୟ ଉନ୍ନୟନ, ସଂସଦୀୟ ବ୍ୟାପର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏବଂ ସରକାରୀ ଦଳ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ପ୍ରମୁଖ ନବକୃଷ୍ଣଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ବିଧାନସଭା ଯୁଗ୍ମ ନିର୍ଦ୍ଦେଶକ ଶିବ ପ୍ରସାଦ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଚିବ ଅମିୟ ପ୍ରସାଦ ଷଡଙ୍ଗୀ ଏବଂ ଅନ୍ୟ କର୍ମଚାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ଦେଶାତ୍ମବୋଧକ ସଂଗୀତ ପରିବେଷଣ ହୋଇଥିଲା।



## ସଂକ୍ଷେପରେ

### ପୂର୍ବତନ ଏମ୍‌ପି ଡା. ବୈଷ୍ଣବ ପରିଡାଙ୍କୁ ଶ୍ରଦ୍ଧାଞ୍ଜଳି



**କେନ୍ଦ୍ରାପଡା ଅଫିସ, ୨୩।୧୧:** କେନ୍ଦ୍ରାପଡା ଜିଲା ବିକାଶ ସାମ୍ମୁଖ୍ୟ କାର୍ଯ୍ୟାଳୟ ପରିସରରେ ପୂର୍ବତନ ଏମ୍‌ପି ଡା. ବୈଷ୍ଣବ ପରିଡ଼ାଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସାମ୍ମୁଖ୍ୟ କର୍ମକର୍ତ୍ତା ବୈଷ୍ଣବ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ଅଧାପକ ଅଜୟ ସାମଲ, ଡା. ଉପେନ୍ଦ୍ରନାଥ ପ୍ରଧାନ, ରମଣୀରଞ୍ଜନ ରାଉତରାୟ, କରୁଣାକର ଦାସ, ସୁନୀଲ ଶଙ୍କର ମାହାଲିକ, କୃତୀବାସ ସ୍ୱାଇଁ, ସୁରେଶ ପଟ୍ଟନାୟକ, ମନ୍ମଥନାଥ ରାଉତ, ନିରଞ୍ଜନ ଖଟୁଆ, କୃଷ୍ଣଚନ୍ଦ୍ର ଜେନା, କୃଷ୍ଣଚନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପରିଡ଼ାଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ପରିଡ଼ା ଥିଲେ ଜଣେ କରିତକର୍ମା। ସଂଗଠନ ଓ ସାମାଜିକ ସମ୍ପର୍କ ସ୍ଥାପନ କରିବା, ରକ୍ଷୀୟ ପୁସ୍ତକକୁ ବିଭିନ୍ନ ଭାଷାରେ ଅନୁବାଦ କରିବା, ଭାଷା ଆନ୍ଦୋଳନ କରିବା ତାଙ୍କ ପାଇଁ ମୁଖ୍ୟ ପ୍ରସଙ୍ଗ ହୋଇଥିବା ବେଳେ ରାଜନୀତି କ୍ଷେତ୍ରରେ ସେ ବହୁ ସୁନାମ ଆଣିଛନ୍ତି। ତେବେ ଓଡ଼ିଆ ଭାଷା ଆନ୍ଦୋଳନ ପାଇଁ ସେ ସର୍ବଦା ମନେ ରହିବେ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ପରିଡାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସଭାକୁ ପଣ୍ଡିତ ପ୍ରତାପ କୁମାର ପତି ପରିଚାଳନା କରିଥିଲେ।

# ବିପଦରେ ପର୍ଯ୍ୟଟନସ୍ଥଳୀ ହବାଳିଖଟି

- ସମୁଦ୍ର ଆଁରେ ବାବୁବାଲି ଦ୍ୱୀପ
- ଜୁଆର ଟୁରିଷ୍ଟ କଟେଜ୍ ଯାଏ ମାଡି ଆସୁଛି

**ରାଜନଗର, ୨୩।୧୧ (ଡି.ଏନ.ଏ.)**

ଜଳବାୟୁ ପରିବର୍ତ୍ତନ ସାଙ୍ଗକୁ ବିଭିନ୍ନ କାରଣରୁ ସମୁଦ୍ର କୂଳ ଖାଇ ଚାଲିଛି। କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ସାତଭାୟାରୁ ଏକକୁଳା ଦୀର୍ଘ ୧୨ କି.ମି. ବ୍ୟାପୀ ଉପକୂଳ ଅଞ୍ଚଳରେ ସମୁଦ୍ର ତା'ର ତାଣ୍ଡବ ରଚୁଛି। ଅଧିକାଂଶ ସମୟରେ ଜୁଆର ଜନବସତି ଓ ଭିତରକନିକା ଜଙ୍ଗଲ ମଧ୍ୟକୁ ମାଡି ଆସିବା ଦେଖିବାକୁ ମିଳୁଛି । ଫଳରେ ହବାଳିଖଟି ପର୍ଯ୍ୟଟନସ୍ଥଳ ପ୍ରତି ବିପଦ ସୃଷ୍ଟି ହୋଇଛି। ଏହି ସ୍ଥାନରେ ଥିବା ଟୁରିଷ୍ଟ କଟେଜ୍ ନିକଟକୁ ସମୁଦ୍ର ଜୁଆର ମାଡି ଆସିବା ସହ ରୋଷେଇ ଘରକୁ ଇତିମଧ୍ୟରେ ଭସାଇ ନେଇଛି।

ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନକୁ ପରିଭ୍ରମଣରେ ଆସୁଥିବା ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଡାଙ୍ଗମାଳ ସମେତ ହବାଳିଖଟିରେ ରାତ୍ରିଯାପନର ସୁବିଧା ରହିଛି। ଗୁପ୍ତିରୁ ବୋଟ୍ ଯୋଗେ ୩ ଘଣ୍ଟା ଜଳଯାତ୍ରା ପରେ ପର୍ଯ୍ୟଟକମାନେ ହବାଳିଖଟିରେ ପହଞ୍ଚି ପ୍ରକୃତିର ଶୋଭା ଉପଭୋଗ କରିଥାନ୍ତି। ସମୁଦ୍ର କୂଳଠାରୁ ୫ଶହ ମିଟର ଦୂରରେ ଜଙ୍ଗଲ ମଧ୍ୟରେ ଥିବା କଟେଜରେ ପର୍ଯ୍ୟଟକମାନେ ରହିଥାନ୍ତି। ମାତ୍ର ସମୁଦ୍ର କେତେକ ସ୍ଥାନରେ ୫ଶହ ମିଟର କୂଳ ଓ ଜଙ୍ଗଲକୁ ଗର୍ଭସ୍ଥ କରି ସାରିଲାଣି। ଗତ ଏକମାସ ତଳେ ଲଘୁଚାପ ଯୋଗୁ ସମୁଦ୍ର କୂଳ ଲଂଘିବା ସହ ଟୁରିଷ୍ଟ କଟେଜ ଯାଏଁ ମାଡି ଆସିଥିଲା। କଟେଜ୍‌କୁ ଲାଗି କରିଥିବା ବନବିଭାଗର ରୋଷେଇ ଘରକୁ ଭସାଇ ନେଇଥିଲା। ଏବେ ପ୍ରତିଦିନ ସମୁଦ୍ର ଜୁଆର ହବାଳିଖଟିର କଟେଜ୍ ଉପରେ ମାଡ ହେଉଛି। ଅମାବାସ୍ୟା, ପୂର୍ଣ୍ଣିମା ଓ ଲଘୁଚାପ ସମୟରେ ସମୁଦ୍ର ଜୁଆର କଟେଜ ମଧ୍ୟକୁ ପଶି ଆସୁଥିବା ବନବିଭାଗ କର୍ମଚାରୀଙ୍କ ଠାରୁ ସୂଚନା ମିଳିଛି। ଫଳରେ କଟେଜର ସ୍ଥାୟିତ୍ୱ ପ୍ରତି ବିପଦ ସୃଷ୍ଟି ହୋଇଛି। ହବାଳିଖଟିରେ ପର୍ଯ୍ୟଟକମାନଙ୍କ ରହିବା ପାଇଁ ୩ଟି ୪ ଶଯ୍ୟା ବିଶିଷ୍ଟ କୋଠାରୀ, ୨ଟି ଦୁଇ ଶଯ୍ୟା ବିଶିଷ୍ଟ କୋଠରି ସହିତ ତମ୍ବୁରେ ତିଆରି ୪ଟି କଟେଜ ଥିଲା। ଜୁଆର କଟେଜ ଯାଏଁ ମାଡି ଆସିବା ପରେ ଗତବର୍ଷ ଠାରୁ ତମ୍ବୁରେ ତିଆରି କଟେଜକୁ ସମ୍ପୂର୍ଣ୍ଣ ଉଠାଇ ଦିଆଯାଇଛି। ସାତଭାୟାରୁ ଏକକୁଳା ପର୍ଯ୍ୟନ୍ତ ଦୀର୍ଘ ୧୨ କି.ମି. ଉପକୂଳକୁ ସମୁଦ୍ର ଗର୍ଭସ୍ଥ କରିବାରେ ଲାଗିଛି। ସାତଭାୟାରୁ ଏକକୁଳା ମଧ୍ୟରେ ଥିବା ବାଲିପାହାଡକୁ ଅଧିକାଂଶ ସ୍ଥାନରେ ସମୁଦ୍ର ଗତ ୫ ବର୍ଷ ମଧ୍ୟରେ ଧୋଇ ନେଇଛି। ଅବଶିଷ୍ଟ ବାଲି ପାହାଡକୁ ସମୁଦ୍ର ଜୁଆର ୭୦ ଭାଗ ଧୋଇ ନେଲାଣି। ଏଥିସହ ଉପକୂଳ ଓଡିଶାର ସୁରକ୍ଷା କବଚ କୁହାଯାଉଥିବା ଲୁଣା ଜଙ୍ଗଲ ଓ ହେନ୍ତାଳ ବଣ ସମୁଦ୍ର ଉଚ୍ଚ ଜୁଆରରେ କ୍ଷତିଗ୍ରସ୍ତ ହୋଇଛି। ସାତଭାୟାରୁ ଏକକୁଳା ମଧ୍ୟରେ ଥିବା ପ୍ରାୟ ୧ଲକ୍ଷରୁ ଊର୍ଦ୍ଧ୍ୱ ଗଛକୁ ସମୁଦ୍ର ଉପାଡି ଦେଇଛି। ଜୁଆର ଏବେ ଭିତରକନିକା ଜଙ୍ଗଲ ମଧ୍ୟକୁ ପ୍ରବେଶ କରୁଛି। ସାତଭାୟାରୁ ଏକକୁଳା ମଧ୍ୟରେ କାଦୁଆନାସୀ, ହବାଳିଖଟି ଓ ଏକକୁଳା ନିକଟରେ ଲୁଣାଜଙ୍ଗଲ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଗତବର୍ଷ ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କୁ ସୁରକ୍ଷା ଦେବା ପାଇଁ ବନବିଭାଗ ପକ୍ଷରୁ ଅଗରନାସୀ ନିକଟରେ ତିଆରି ହୋଇଥିବା ସୁରକ୍ଷା କ୍ୟାମ୍ପକୁ ସମୁଦ୍ର ଜୁଆର ଭସାଇ ନେଇଥିଲା। ଯେଉଁଠି ପୂର୍ବରୁ ସୁରକ୍ଷା କ୍ୟାମ୍ପ ଓ ଜଙ୍ଗଲ ଥିଲା, ଏବେ ସେଠି ସମୁଦ୍ର ଲହଡିଭାଙ୍ଗୁଛି। ଏହାବାଦ ବିଶ୍ୱତାପନ ଯୋଗୁ ବିରଳ ଅଲିଭ୍‌ରିଡ୍‌ଲେଙ୍କ ଅଣ୍ଡା ଦେବା ସ୍ଥଳୀ ବାବୁବାଲି ଦ୍ୱୀପ ଏବେ ସମୁଦ୍ର ଆଁରେ ରହିଛି।



ପର୍ଯ୍ୟଟନସ୍ଥଳୀ ହବାଳିଖଟି।

# ନୌବାଣିଜ୍ୟ ସ୍ମୃତିକୁ ମନେ ପକାଇଲେ ଉପକୂଳବାସୀ



ଆଳି ବ୍ଲକ ବଳିତର ଘାଟପଠାରେ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବରେ ମଞ୍ଚାସୀନ ଅତିଥି।

**ଆଳି/ରାଜକନିକା, ୨୩।୧୧ (ଡି.ଏନ୍.ଏ)**

ଆଳି ବ୍ଲକ ଦେମାଳ ପଞ୍ଚାୟତ ଅଧୀନ ବଳିତର ଘାଟପଠାରେ ସାର୍ବଜନୀନ ବୋଇତ ବନ୍ଦାଣ ମହୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଳି-କନିକା ଉତ୍କଳୀୟ ମଲ୍ଲାଜାତି ସମିତି ପକ୍ଷରୁ ଅନୁଷ୍ଠିତ ଏହି ଉତ୍ସବରେ ଆଳି ରାଜା ବ୍ରଜ କେଶରୀ ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପଣ୍ଡିତ ମହେଶ୍ୱର ନନ୍ଦ ମୁଖ୍ୟବକ୍ତା, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶ, ରାଜକନିକା ବ୍ଲକ ପୂର୍ବତନ ଅଧ୍ୟକ୍ଷ କପିଳେନ୍ଦ୍ର ମଲିକ, ଦେମାଳ ସରପଞ୍ଚ ମନୋରଞ୍ଜନ ସାମଲ, ପ୍ରଦ୍ୟୁମ୍ନ ଦାଶ, ସାମାଜିକ କର୍ମୀ ଚିରଞ୍ଜିବି ଦାସ, କୃଷ୍ଣଚନ୍ଦ୍ର ପଣ୍ଡା, ବିଜୟାନନ୍ଦ ସେନାପତି, ଗଣେଶ୍ୱର ସାମଲ, କରୁଣାକର ସାମଲ, ଉତ୍ତମ ସେନାପତି ଓ ଅକ୍ଷୟ ମଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ୨୦ ଜଣ ବରିଷ୍ଠ ନାବିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ସଭାପତି ମାୟାଧର ରାଉତ ମଞ୍ଚାସୀନ ଥିବାବେଳେ ସମ୍ପାଦକ ନରହରି ପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଧନେଶ୍ୱର ରାଉତ ମଞ୍ଚ ପରିଚାଳନା କରିଥିଲେ। ସେହିପରି ରାଜକନିକା ବ୍ଲକ କଣ୍ଡିଆହାଟସ୍ଥିତ ସାର୍ବଜନୀନ ବୋଇତ ବନ୍ଦାଣ ଉତ୍ସବ କମିଟି ପକ୍ଷରୁ ଖରସ୍ରୋତା ନଦୀରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସୁସଜ୍ଜିତ ବୋଇତରେ ସାଧବବୋହୂ ଓ ସାଧବମାନଙ୍କୁ ବନ୍ଦାପନା କରାଯାଇ ମେଲାଣି ଦିଆଯାଇଥିଲା। ଉତ୍କଳର ଅତୀତ ନୌବାଣିଜ୍ୟର ସ୍ମୃତିକୁ ମନେପକାଇ ଯାଆରେ ଭାସି ଭାସି ଯା, ନଉକା ମୋର ଭାସି ଯା ସଙ୍ଗୀତ ତାଳରେ ମହୁରି ଓ ଢୋଲ ବାଜିଥିଲା। ବୋଇତ ବନ୍ଦାଣ କମିଟି ସଭାପତି ଗୟାଧର ମଲ୍ଲିକ, ଅଧର ଚନ୍ଦ୍ର କୁଅଁର, ଚନ୍ଦ୍ରକାନ୍ତି କୁଅଁର, ନିରଞ୍ଜନ ବେହେରା, ଲକ୍ଷ୍ମୀଧର ରାଉତ, ନିରଞ୍ଜନ ବେହେରା, ଶିବରାମ ଦାସ, ପ୍ରଶାନ୍ତ ମଲିକ, ରଣଜିତ୍ ମଲିକ, ନିତ୍ୟାନନ୍ଦ ସାହୁ, ମିତ୍ରଭାନୁ ସାମନ୍ତସିଂହାର ପ୍ରମୁଖ ବୋଇତରେ ଯାତ୍ରା କରିଥିଲେ।

# କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଚଳଚଞ୍ଚଳ ଦେବଦେବୀ ପୀଠ

**ଆଳି, ୨୩।୧୧ (ଡି.ଏନ.ଏ)**

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଶୁକ୍ରବାର ଆଳି ବ୍ଲକ ଅଞ୍ଚଳର ବିଭିନ୍ନ ଦେବଦେବୀ ପୀଠ ଚଳଚଞ୍ଚଳ ହୋଇଉଠିଥିଲା। ଭୋର ୪ଟାରୁ ବିଭିନ୍ନ ମନ୍ଦିରରେ ଶହଶହ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଏକ ମାସ ହବିଷ ବ୍ରତ, ବଡ଼ଓଷା ଓ ପଞ୍ଚୁକ ପାଳନ ପରେ ଶ୍ରଦ୍ଧାଳୁମାନେ ପୋଖରୀ, ନଦୀରେ ଡଙ୍ଗା ଭସାଇ ଦେବଦେବୀ ଦର୍ଶନ ପାଇଁ ମନ୍ଦିରକୁ ଆସିଥିଲେ। ଏହି ଅବସରରେ ଆଳିର ଆରାଧ୍ୟ ଦେବ ଶ୍ରୀଶ୍ରୀ ଲକ୍ଷ୍ମୀବରାହ ଜୀଉ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ଆଳି, ରାଜକନିକା, ରାଜନଗର, ପଟ୍ଟାମୁଣ୍ଡାଇ ଓ ସିଂହପୁର ଅଞ୍ଚଳର ବହୁ ଲୋକ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ରାତି ୩ଟାରୁ ଧାଡି ବାନ୍ଧିଥିଲେ। ମନ୍ଦିର ପ୍ରାଙ୍ଗଣରେ ଲକ୍ଷ୍ମୀବରାହ ଯୁଥ କ୍ଲବ ପକ୍ଷରୁ ଭଜନ ସମାରୋହର ଆୟୋଜନ କରାଯାଇଥିଲା। ସେହିପରି ଆଳି ତୁଳସୀ ଗ୍ରାମରେ ଥିବା ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର, କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ଥିବା ଈଶାନେଶ୍ୱର ମନ୍ଦିର, ଦେମାଳ ଗ୍ରାମରେ ଥିବା ବୁଢ଼ା ମହାଦେବ ମନ୍ଦିର ସମେତ ବିଭିନ୍ନ ମନ୍ଦିରରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।



ଶ୍ରୀଶ୍ରୀ ଲକ୍ଷ୍ମୀବରାହ ଜୀଉ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଗହଳି ଦେଖିବାକୁ

# ବାଲୁକା ପୂଜା ଉଦ୍‌ଯାପିତ

**ପାଟକୁରା, ୨୩।୧୧ (ଡି.ଏନ୍.ଏ.)**

ଗରଦପୁର ବ୍ଲକ ବେଡାରୀ ପଞ୍ଚାୟତ ବେଡାରୀସ୍ଥିତ ଚିତ୍ରୋତ୍ପଳା ନଦୀ କୂଳରେ ପଞ୍ଚୁକ ୫ଦିନ ଧରି ଚାଲିଥିବା ବାଲୁକା ପୂଜା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପଞ୍ଚୁକ ବ୍ରତଧାରୀମାନେ ପୂଜକ ଶରତ ମିଶ୍ରଙ୍କଠାରୁ କାଞ୍ଜି ଶାଗ ଖାଇ ବ୍ରତ ଖୋଲିଥିଲେ। ପଞ୍ଚୁକ ୫ଦିନ ପର୍ଯ୍ୟନ୍ତ ବାଲୁକା ନିକଟରେ ଉଖୁଡ଼ା, ଫଳ, ଛେନା, କଦଳୀ ଇତ୍ୟାଦି ଭୋଗ ଲାଗି କରାଯାଏ। ବ୍ରତଧାରୀମାନେ ଅରୁଆ ଖାଇ ବ୍ରତ ପାଳନ କରିଥାନ୍ତି। କାର୍ତ୍ତିକ ପୂର୍ଣ୍ଣିମା ବା ପଞ୍ଚୁକ ଶେଷ ଦିନ ବ୍ରତଧାରୀମାନେ ପୂଜା ପରେ କାଞ୍ଜିଶାଗ ଖାଇ ବ୍ରତ ସମାପନ କରିଥାନ୍ତି।

# ସବୁ ବୁଥ୍‌ରେ ର୍‌ୟାମ୍ପ, ନକଲି ଭିନ୍ନକ୍ଷମ ଚିହ୍ନଟ ଦାବି

**କେନ୍ଦ୍ରାପଡ଼ା ଅଫିସ୍, ୨୩।୧୧**

୨୦୧୯ରେ ସାଧାରଣ ନିର୍ବାଚନ। ଏହି ନିର୍ବାଚନରେ ସାମିଲ ହୋଇ ଏକ ସୁସ୍ଥ ଗଣତାନ୍ତ୍ରୀକ ରାଷ୍ଟ୍ର ଗଠନ କରିବା ପ୍ରତ୍ୟେକ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ। ତେବେ ଭୋଟ କେନ୍ଦ୍ରକୁ ଭିନ୍ନକ୍ଷମଙ୍କ ଯାତାୟାତରେ ବାଧା ଏଥିରେ ବ୍ୟାଘାତ ସୃଷ୍ଟି କରୁଛି। ଆସନ୍ତା ନିର୍ବାଚନ ପୂର୍ବରୁ ପ୍ରତ୍ୟେକ ବୁଥ୍‌ରେ ର୍‌ୟାମ୍ପ ନିର୍ମାଣ ପାଇଁ ସହରର ପୁନର୍ବାସ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କିତ ଦାବି ପତ୍ରକୁ ପୁନର୍ବାସର ସମ୍ପାଦକ ବନସ୍ମିତା ନାୟକ ଜିଲାପାଳଙ୍କୁ ଶୁକ୍ରବାର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ବନସ୍ମିତା ସୂଚନା ଦେଇଛନ୍ତି ଯେ, ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ ୧୧ ଅନୁଯାୟୀ ଭୋଟ ଦେବା ସେମାନଙ୍କ ଅଧିକାର ସହିତ ପଥ ସୁଗମ ହେବା ଜରୁରୀ। ତେବେ ବହୁ ବୁଥ୍‌ରେ ର୍‌ୟାମ୍ପ ନ ଥିବାରୁ ଭିନ୍ନକ୍ଷମମାନେ ଭୋଟଦାନରୁ ବିରତ ରହୁଛନ୍ତି। ଏଥିସହ ସେ ପ୍ରକାଶ କରିଛନ୍ତି ଯେ, ଜିଲାରେ ବହୁ ଲୋକ ନକଲି ଭିନ୍ନକ୍ଷମ ପ୍ରମାଣପତ୍ର ପାଇ ସରକାରୀ ସୁବିଧା ସୁଯୋଗ ହାସଲ କରୁଛନ୍ତି। ଏହାକୁ ରୋକିବା ପାଇଁ ହିତାଧିକାରୀଙ୍କ ପୁନର୍ବାର ଭିନ୍ନକ୍ଷମତା ସମ୍ପର୍କରେ ଯାଞ୍ଚ ଜରୁରୀ ହୋଇପଡିଛି। ଏ ନେଇ ଜିଲା ପ୍ରଶାସନ ନିକଟରେ ଦାବି କରା ଯାଇଥିବା ସେ ପ୍ରକାଶ କରିଛନ୍ତି।

## ■ ଗୋବରୀ ନଦୀରେ ପ୍ରଥମ ବୋଇତ ବନ୍ଦାଣ ଉତ୍ସବ

# ଜିଲାରେ ସାଂସ୍କୃତିକ ପରିବର୍ତ୍ତନ ଆଣିବ ବାଲିଯାତ୍ରା



ମହାଭୋଇ ପୋଖରୀରେ ବୋଇତ ବନ୍ଦାଣ କରାଯାଉଛି।

**କେନ୍ଦ୍ରାପଡ଼ା ଅଫିସ, ୨୩।୧୧**

ସହର ନିକଟ ଗୁଲନଗରସ୍ଥିତ ଗୋବରୀ ନଦୀ ପଠାରେ କେନ୍ଦ୍ରାପଡ଼ା ବାଲିଯାତ୍ରା ମହୋତ୍ସବ ସଂଗଠନ ପକ୍ଷରୁ ଚଳିତ ବର୍ଷ ପ୍ରଥମ ଥର ପାଇଁ ବୋଇତ ବନ୍ଦାଣ ଓ ବାଲିଯାତ୍ରା ମହୋତ୍ସବ ଆରମ୍ଭ ହୋଇଛି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହେବ। ମହୋତ୍ସବ ସଂଗଠନ ସଭାପତି ପ୍ରଦୀପ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ କେନ୍ଦ୍ରାପଡ଼ା ବିଧାୟକ କିଶୋର ଚନ୍ଦ୍ର ତରାଇ, ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡ଼ା, ଜିଲାପାଳ ଦାଶରଥି ଶତପଥୀ, ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ର, ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ସରପଞ୍ଚ ପୀତବାସ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ କେନ୍ଦ୍ରାପଡା ଜିଲା ଓ ଏହାର ବାଣିଜ୍ୟିକ ପରମ୍ପରା ସମ୍ପର୍କରେ ମତ ରଖିଥିଲେ। ସେମାନେ କହିଥିଲେ ଯେ, ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାରେ କେନ୍ଦ୍ରାପଡ଼ା ଜିଲାର ସ୍ଥାନ ସ୍ୱତନ୍ତ୍ର। ଏହାର ବହୁ ସ୍ମାରକୀ ଜିଲାରେ ଅଛି। ବାଲିଯାତ୍ରା ଉତ୍ସବ ସ୍ଥାନୀୟ ଅଞ୍ଚଳରେ ସାଂସ୍କୃତିକ ପରିବର୍ତ୍ତନ ଆଣିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ସଞ୍ଜୟ କୁମାର ଜେନାଙ୍କ ସମେତ ସଂଗଠନ ସଦସ୍ୟମାନେ ପରିଚାଳନା କରିଥିଲେ। ମହୋତ୍ସବ ଉପଲକ୍ଷେ ସ୍ମୃତିର ବୋଇତ ଶୀର୍ଷକ ଆଲୋଚନା ଚକ୍ର, କବିତା ପାଠୋତ୍ସବ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମହୋତ୍ସବକୁ ସଂଗଠନ ସଦସ୍ୟମାନେ ପରିଚାଳନା କରୁଛନ୍ତି।

# ସବଳଙ୍ଗରେ ରାହାସ ଉତ୍ସବ

**ଡେରାବିଶ, ୨୩।୧୧ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅଧୀନ ସବଳଙ୍ଗ ଗ୍ରାମରେ ରାହାସ ଉତ୍ସବ ଗତ ୧୮ ତାରିଖଠାରୁ ଆରମ୍ଭ ହୋଇଛି। ସବଳଙ୍ଗ ଗ୍ରାମର ବିଭିନ୍ନ ବସ୍ତିର ୫ଟି ମଣ୍ଡପରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ପୂଜା କରାଯାଉଛି। ଶୋଡ଼ଷ ଉପଚାର ପୂଜାର୍ଚ୍ଚନା ହେଉଥିବା ବେଳେ ସନ୍ଧ୍ୟାରେ ରାହାସ ଗାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି। ଶନିବାର ରାଧାକୃଷ୍ଣଙ୍କ ମୃଣ୍ମୟୀ ମୂର୍ତ୍ତି ରୋଷଣୀରେ ଗ୍ରାମ ପରିକ୍ରମା କରିବା ପରେ ବିସର୍ଜନ କରାଯିବ। ଏଠାରେ ଦୀର୍ଘ ବର୍ଷ ଧରି ଅନୁଷ୍ଠିତ ହେଉଥିବା ଏହି ପୂଜୋତ୍ସବ ପାଇଁ ଗ୍ରାମ ପରିସର ଉତ୍ସବମୁଖର ହୋଇଛି। ଗ୍ରାମବାସୀଙ୍କ ଉଦ୍ୟମରେ ଚାଲିଥିବା ଏହି ପୂଜାକୁ ଶ୍ରଦ୍ଧାଳୁ ବେଶ ଉପଭୋଗ କରୁଛନ୍ତି। ସେହିପରି ଚାନ୍ଦୋଳ ପଞ୍ଚାୟତର କୋଲ୍ଲାସ୍ଥିତ ବୃନ୍ଦାବନଚନ୍ଦ୍ର, ଗୋବିନ୍ଦ ଚନ୍ଦ୍ରଙ୍କ ମନ୍ଦିରରେ ଏବଂ ନିକଟସ୍ଥ ଭରତପଡ଼ା ଗ୍ରାମର ରାଧାମୋହନ ମନ୍ଦିରରେ ରାଧାକୃଷ୍ଣଙ୍କର ରହାସ ଉତ୍ସବ ପାଳିତ ହେଉଛି ।

**SAHARAYN UNIVERSAL MULTIPURPOSE SOCIETY LIMITED**
(Formerly known as Saharayn E-Multipurpose Society Limited)
(Regd. No.-MSCS/CR/935/2014)
195, Zone -1, In front of D.B. Mall, M.P. Nagar, Bhopal, Madhya Pradesh- 462011

**NOTICE**

A SPECIAL GENERAL MEETING OF THE MEMBERS OF SAHARAYN UNIVERSAL MULTIPURPOSE SOCIETY LIMITED IS SCHEDULED TO BE HELD AT 11.00 A.M. ON, THE 10th DAY OF DECEMBER, 2018 AT 195, ZONE-1, IN FRONT OF D.B. MALL, M.P. NAGAR, BHOPAL, MADHYA PRADESH-462011.

BUSINESS ON AGENDA :

1. To consider and approve subsidiary rules for constituting a smaller representative General Body of Saharayn Universal Multipurpose Society Limited.
2. Any other item with the permission of the Chair.

Place: Bhopal
Date: 16.11.2018

By order of the Board
For Saharayn Universal Multipurpose Society Limited
-Sd-
Managing Director

**Note:** Please note that if there is no quorum within half an hour of the time fixed for the scheduled meeting, the meeting shall be adjourned and the adjourned meeting shall be held at 11:30 am on the same day i.e. 10th December, 2018 to transact the agenda items as aforesaid and that no quorum shall be necessary for transacting the business in the adjourned meeting so held.

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ, ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

**ବୋଇତ ବନ୍ଦାଣ ଉତ୍ସବ ଅବସରରେ ଜଗତ୍‌ସିଂହପୁରସ୍ଥିତ ଗୋପାଳ ସାଗରରେ ନୌକା ବିହାର ଉତ୍ସବ ଉଦ୍‌ଘାଟିତ**



ଜଗତ୍‌ସିଂହପୁରସ୍ଥିତ ଗୋପାଳ ସାଗରରେ ବୋଇତ ବନ୍ଦାଣ ଉତ୍ସବରେ ନୌକା ବିହାର କରୁଛନ୍ତି ବିଜୁ ଯୁବ ଜନତା ଦଳ ଜିଲ୍ଲା ସଭାପତି ଅମରେନ୍ଦ୍ର ଦାସ ଓ ଅନ୍ୟମାନେ



ଗୋପାଳ ସାଗରରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ଦାସ, ମା' ବନଦୁର୍ଗା ପୂଜା କମିଟି ସେକ୍ରେଟାରି ରାଜେନ୍ଦ୍ର କୁମାର ଲେଙ୍କା ପ୍ରମୁଖ ନୌକା ବିହାର କରୁଛନ୍ତି।

# ପଦ୍ମବେଶରେ ଦର୍ଶନ ଦେଲେ ବଳଦେବଜୀଉ



**କେନ୍ଦ୍ରାପଡା ଅଫିସ, ୨୩।୧୧**

ରାହାସ ପୂର୍ଣ୍ଣିମା ପାଇଁ କେନ୍ଦ୍ରାପଡା ସହରଠାରୁ ଗାଁ ପର୍ଯ୍ୟନ୍ତ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ନଦୀ ଓ ପୁଷ୍କରିଣୀରେ ଗାଧୋଇବା ପରେ ଡଙ୍ଗା ଭସାଇ ନୌବାଣିଜ୍ୟ ପରମ୍ପରା ଓ ଐତିହ୍ୟକୁ ମନେ ପକାଇଥିଲେ ଜିଲାବାସୀ। ସେହିପରି ରାହାସ ପୂର୍ଣ୍ଣିମା ପାଇଁ ଇଚ୍ଛାପୁରସ୍ଥିତ ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ ପଦ୍ମବେଶ ଅନୁଷ୍ଠିତ ହୋଇଥିଲା। ଏଥିସହ ସନ୍ଧ୍ୟା ୯ରୁ ରାତ୍ର ଶେଷ ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ବିଜେପ୍ରତିମା ଶ୍ରୀ ଗୋବିନ୍ଦଜୀଉ ଏକ ଫୁଲରଥରେ ବିଜେ ହୋଇ ପରିଭ୍ରମଣ କରିବେ ବୋଲି ବରିଷ୍ଠ ସେବାୟତ ଶଶିକାନ୍ତ ସୁଆର ସୂଚନା ଦେଇଛନ୍ତି। ମନ୍ଦିରରେ ରାହାସ ଉତ୍ସବ ଉପଲକ୍ଷେ ଗୁରୁବାର ରାତିରୁ ଶ୍ରୀଜୀଉଙ୍କ ପହୁଡ ଫିଟାଯାଇ ପୂର୍ବ ରାତ୍ରିର ବଡ଼ସିଂହାର ବେଶରେ ମଙ୍ଗଳ ଆଳଧି ସମ୍ପନ୍ନ ହୋଇଥିଲା। ସୂର୍ଯ୍ୟ ଉଦୟ ପୂର୍ବରୁ ଶ୍ରୀଜୀଉଙ୍କ ଅନ୍ୟାନ୍ୟ ପାରମ୍ପରିକ ମନ୍ଦିର ରୀତିନୀତି ଶେଷ ହୋଇଥିଲା। ୩ ଦିଅଁ ଲାଲ ବସ୍ତ୍ର ପିନ୍ଧି ଶ୍ରୀଭୁଜରେ ପଦ୍ମ ମଣ୍ଡଳ ଧାରଣ କରିଥିଲେ। ଶ୍ରୀଜୀଉଙ୍କ ଶ୍ରୀଅଙ୍ଗରେ ଡାଳି ମଣ୍ଡଳ ଓ ସୋଲ ନିର୍ମିତ ହଂସ ଶୋଭା ବର୍ଦ୍ଧନ କରୁଥିଲା। ଶ୍ରୀଜୀଉଙ୍କ ସନ୍ଧ୍ୟା ଆଳତି ପରେ ରତ୍ନ ସିଂହାସନରୁ ଲକ୍ଷ୍ମୀନାରାୟଣଙ୍କୁ ମୁକ୍ତିମଣ୍ଡପକୁ ବିଜେ କରାଯାଇ ବେଢ଼ା ନୀତି ସମ୍ପନ୍ନ କରା ଯାଇଥିଲା। ସେହିପରି ବାସୁଦେବ ମନ୍ଦିରରେ ବିରାଜିତ ରାଧାକୃଷ୍ଣଙ୍କ ସହିତ ଶ୍ରୀଜୀଉଙ୍କ ବିଜେ ପ୍ରତିମା ଶ୍ରୀଗୋବିନ୍ଦଜୀଉ ରଥ ଦାଣ୍ଡରେ ନିର୍ମିତ ଫୁଲରଥକୁ ବିଜେ କରିଥିଲେ। ଲୋକକଥା ଅନୁଯାୟୀ ରାହାସ ପୂର୍ଣ୍ଣିମାରେ ତୁଳସୀକ୍ଷେତ୍ର ପ୍ରତିଷ୍ଠା ହୋଇଥିଲା। ଶ୍ରୀ ବଳଦେବଜୀଉ କନ୍ଦରାସୁରକୁ ବଧ କରି ଫୁଲ ରଥରେ ତୁଳସୀ କ୍ଷେତ୍ରକୁ ଆସିଥିଲେ। ଏହାକୁ ମନେପକାଇବା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ପ୍ରତିବର୍ଷ ଫୁଲରଥ ନିର୍ମାଣ ହୋଇଥାଏ। କ୍ଷେତ୍ର ପ୍ରତିଷ୍ଠା ସ୍ମରଣ ଉପଲକ୍ଷେ ଶ୍ରୀଜୀଉଙ୍କୁ ଦହି ପଖାଳ ଭୋଗ ଲାଗି କରାଯାଇଥିଲା।

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସର ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

**ନବଗ୍ରହ ଜୟନ୍ତୀ ଓ ଯଜ୍ଞ ଉତ୍ସବରେ ଗଗନ ଗୁରୁଜୀଙ୍କ ପ୍ରବଚନ**

ସ୍ଥାନ : ଦତ୍ତାତ୍ରେୟ ଶାନ୍ତି ତପୋବନ ମଧୁପୁର, (ଜୟପୁରପୋଲ ନିକଟ) ଛତିଆ
ତାରିଖ : ୨୬ ନଭେମ୍ବର ୨୦୧୮ (ସୋମବାର)
ଓ ୨୭ ନଭେମ୍ବର ୨୦୧୮ (ମଙ୍ଗଳବାର)
ଗଗନ ଗୁରୁଜୀଙ୍କ ପ୍ରବଚନ ପ୍ରତ୍ୟହ ଦିବା ୧ଘ.
ଆୟୋଜକ : ଦତ୍ତାତ୍ରେୟ ସାଧନ ମଣ୍ଡଳ, ମଧୁପୁର ଶାଖା, ଛତିଆ
ମୋ : ୯୪୩୮୬୬୦୫୧୬, ୯୪୩୭୯୨୮୫୬୫
ବି.ଦ୍ର : ସାଙ୍ଗରେ କାଗଜ ଓ କଲମ ଆଣିବାକୁ ଅନୁରୋଧ।



ଗଗନ ଗୁରୁଜୀ

**ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା, ଜଗତ୍‌ସିଂହପୁର**

**ପ୍ରଗତି ପଥେ ଜଗତ୍‌ସିଂହପୁର ଜିଲ୍ଲାର ମତ୍ସ୍ୟଚାଷ**

- ❖ ମତ୍ସ୍ୟ ପୋଖରୀ ଯୋଜନା ମାଧ୍ୟମରେ ଦୁଇ ବର୍ଷ ମଧ୍ୟରେ ୨୩୫ ଏକର ନୂତନ ପୋଖରୀ ଖୋଳା ଏବଂ ସେଥିରେ ମାଛଚାଷ।
- ❖ ୨୦ ଏକର ପରିମିତ ଜଳାଶୟରେ ବର୍ଷିକିଆ ବଡ଼ମାଛ ଯାଆଁଳ ଉତ୍ପାଦନ ପାଇଁ ସରକାରୀ ପ୍ରୋତ୍ସାହନ।
- ❖ ୧୧୮ ଏକର ଗ୍ରାମ ପଞ୍ଚାୟତ ପୋଖରୀରେ ଦୀର୍ଘ ମିଆଦି ଲିଜ୍ ସୂତ୍ରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସରକାରୀ ପ୍ରୋତ୍ସାହନରେ ମାଛଚାଷ।
- ❖ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ମାଧ୍ୟମରେ ଦୁଇବର୍ଷ ମଧ୍ୟରେ ୨୦୦ ଏକର କ୍ଷାରିପାଣି ଅଞ୍ଚଳରେ ଚିଙ୍ଗୁଡି ଚାଷ।
- ❖ ୨୦୧୮-୧୯ ବର୍ଷରେ ଜିଲ୍ଲାରେ ୧୪୧୦୦ ମେଟ୍ରିକ୍ ଟନ୍ ମାଛ ଏବଂ ୧୧୯୫୦ ମେଟ୍ରିକ୍ ଟନ୍ ଚିଙ୍ଗୁଡି ଉତ୍ପାଦନର ଲକ୍ଷ୍ୟ।

ସ୍ୱା./- ଜିଲ୍ଲା ମତ୍ସ୍ୟ ଅଧିକାରୀ
ଜଗତ୍‌ସିଂହପୁର

ସ୍ୱା./- ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା
ଜଗତ୍‌ସିଂହପୁର

**ରାଷ୍ଟ୍ରୀୟ ନାଟକ ବିଦ୍ୟାଳୟ**
ନୂଆଦିଲ୍ଲୀ
କେନ୍ଦୁଝର ଜିଲ୍ଲା ପ୍ରଶାସନ
ସହଯୋଗରେ
ଆୟୋଜନ କରୁଛି



Adirang MAHOTSAV

**ଆଦିରଙ୍ଗ ମହୋତ୍ସବ**

ରାଷ୍ଟ୍ରୀୟ ଜନଜାତୀୟ ମହୋତ୍ସବ
୨୩-୨୫ ନଭେମ୍ବର, ୨୦୧୮
କାଳୀପଡ଼ିଆ ଗ୍ରାଉଣ୍ଡ, କେନ୍ଦୁଝରଗଡ଼, ଓଡ଼ିଶା

**ଆଲୋଚନାଚକ୍ର**

"ଆଦିବାସୀ କଳା ଓ ସଂସ୍କୃତି"
(Tribal Art and Culture)

**୨୪ ନଭେମ୍ବର ୨୦୧୮, ପୂର୍ବାହ୍ନ ୧୧ ଘଟିକା ପରଠାରୁ**

୧. ଡା. ଅର୍ଜୁନ ଦେଓ ଚରଣ, କାର୍ଯ୍ୟକାରୀ ଅଧ୍ୟକ୍ଷ, ଏନ୍‌ଏସ୍‌ଡି ସୋସାଇଟି ଇନ୍ ଚେୟାର୍
୨. ଶ୍ରୀ ଅନୁପ ରଞ୍ଜନ ପାଣ୍ଡେ (ମଧ୍ୟପ୍ରଦେଶ)
୩. ଶ୍ରୀ ବସନ୍ତ ନିର୍ଗୁଣେ (ମଧ୍ୟପ୍ରଦେଶ)
୪. ଶ୍ରୀ ଅମିୟ ପ୍ରସାଦ ମହାନ୍ତ (ଓଡ଼ିଶା)

**୨୫ ନଭେମ୍ବର ୨୦୧୮, ପୂର୍ବାହ୍ନ ୧୧ ଘଟିକା ପରଠାରୁ**

୧. ଡା. ଅର୍ଜୁନ ଦେଓ ଚରଣ, କାର୍ଯ୍ୟକାରୀ ଅଧ୍ୟକ୍ଷ, ଏନ୍‌ଏସ୍‌ଡି ସୋସାଇଟି ଇନ୍ ଚେୟାର୍
୨. ପ୍ରଫେସର ଜଗନ୍ନାଥ ଦାସ (ଓଡ଼ିଶା)
୩. ଡା. ଶ୍ରାବନ୍ତୀ ଚୌଧୁରୀ (ପଶ୍ଚିମବଙ୍ଗ)
୪. ଶ୍ରୀ ଗୌରହରି ଦାସ (ଓଡ଼ିଶା)

ଆର୍.ଏସ୍.ଭି.ପି.
ପ୍ରଦୀପ କୁମାର ମହାନ୍ତି
ରେଜିଷ୍ଟ୍ରାର
ରାଷ୍ଟ୍ରୀୟ ନାଟକ ବିଦ୍ୟାଳୟ, ନୂଆଦିଲ୍ଲୀ
୦୧୧ ୨୩୩୮୫୯୫୪

ଆପଣଙ୍କୁ ସାଦର ନିମନ୍ତ୍ରଣ

## ସଂକ୍ଷେପରେ

### ମାର୍ଶାଘାଇ କଲେଜର ୩୯ ତମ ସ୍ୱନକ୍ଷତ୍ର ଦିବସ



**ମାର୍ଶାଘାଇ,୨୩ା୧୧(ଡି.ଏନ୍.ଏ):** ମାର୍ଶାଘାଇ କଲେଜର ୩୯ ତମ ସ୍ୱନକ୍ଷତ୍ର ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । କଲେଜ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ଅଧକ୍ଷା କ୍ରିଷ୍ଣା ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ସୀତାଲତା ପରିଡା ,ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଗାହାଣ ,ପୂର୍ବତନ ଅଧକ୍ଷ ରଞ୍ଜିତ କୁମାର ଦାସ, ଡ. ଅମିୟ କୁମାର ଜେନା ଯୋଗ ଦେଇଥିଲେ । ଏହି କଲେଜରୁ ଅନେକ ମେଧାବୀ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇ ମହାବିଦ୍ୟାଳୟର ଗୌରବ ବୃଦ୍ଧି କରିବାରେ ସହାୟକ ହୋଇଛନ୍ତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । କଲେଜର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଭୋରରୁ ୪ର୍ଥ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଛାତ୍ରୀ ମାନଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସରୋଜିନୀ ପଣ୍ଡା, ଜ୍ୟୋତିର୍ମୟୀ ସାହୁ, ମଧୁସ୍ମିତା ବେହେରା,ରତ୍ନମଞ୍ଜରୀ ସାହୁ ପ୍ରମୁଖ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଏହି ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକ ,କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

### କାଦୁଆରେ ଭାଗବତ ସପ୍ତାହ

**ଡେରାବିଶ, ୨୩ା୧୧ (ସ୍ୱ.ପ୍ର.):**ଡେରାବିଶ ବ୍ଲକ ଅଧୀନ ରତାଦିଆ ଖଣ୍ଡସାହି ପଞ୍ଚାୟତ କାଦୁଆସ୍ଥିତ ଶ୍ରୀରାଧାକୃଷ୍ଣଙ୍କ ମନ୍ଦିରରେ ଚାଲିଥିବା ଭାଗବତ ସପ୍ତାହ ରାହାସ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି। ପଣ୍ଡିତ ଚତୁର୍ଭୁଜ ଦ୍ୱିବେଦୀଙ୍କ ତତ୍ତାବଧାନରେ ଏହି ଉତ୍ସବ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ କୃଷ୍ଣଙ୍କ ବାଲ୍ୟ ଲୀଳାଠାରୁ ଆରମ୍ଭକରି ଦ୍ୱାପର ଯୁଗର କଥାବସ୍ତୁକୁ ପଣ୍ଡିତମାନେ ପଢ଼ି ଶୁଣାଇଥିଲେ। ମନ୍ଦିର ପରିଚାଳନା କମିଟି ମୁଖ୍ୟ ହେମନ୍ତ କୁମାର ତ୍ରିପାଠୀ ଓ ଦାମୋଦର ତ୍ରିପାଠୀ ଏହାକୁ ପରିଚାଳନା କରିଥିଲେ।

### କଣ୍ଡିଆ ପଥପାର୍ଶ୍ୱରେ ଲାଗିଲା ଷ୍ଟ୍ରିଟଲାଇଟ୍



**ରାଜକନିକା, ୨୩ା୧୧ (ଡି.ଏନ୍.ଏ.):** ରାଜକନିକା ବ୍ଲକ ଅଧୀନ ଚରପଡ଼ା ଛକଠାରୁ କଣ୍ଡିଆ ଦୁର୍ଗାଛକ ପର୍ଯ୍ୟନ୍ତ ପଥପାର୍ଶ୍ୱ ଷ୍ଟ୍ରିଟ୍ ଲାଇଟ ବ୍ୟବସ୍ଥା ଶୁକ୍ରବାର ଶୁଭାରମ୍ଭ ହୋଇଛି। ରାଜ୍ୟ ସଭା ସଦସ୍ୟଙ୍କ ପାଣ୍ଠିରୁ ୩୫ଲକ୍ଷ ଟଙ୍କା ବ୍ୟୟରେ ଲଗାଯାଇଥିବା ଏହି ଷ୍ଟ୍ରିଟ୍ ଲାଇଟ୍‌କୁ ଏମ୍‌ପି ପ୍ରତାପ କେଶରୀ ଦେବ ସନ୍ଧ୍ୟାରେ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲା ପରିଷଦ ସଭ୍ୟ ଜୟଦେବ ଦାସ, ବିଜେଡି ବରିଷ୍ଠ ନେତା ବିକାଶ ଚନ୍ଦ୍ର ଦାସ, ରାଜକନିକା ବିଜୁ ଯୁବ ବାହିନୀ ସଭାପତି ଅୟସ ସାମଲ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ସନ୍ତୋଷ ମଲିକ, ରାଜକନିକା ବ୍ଲକ ଉନ୍ନୟନ ଅଧିକାରୀ ଡି.ଏସ୍. ଶୁଭଦର୍ଶୀ ଯୋଶୀ ପ୍ରମୁଖ ଯୋଗଦେଇଥିଲେ।

### ରାମ ମନ୍ଦିର ଭୂମିପୂଜା ପାଇଁ କଳସ ଶୋଭାଯାତ୍ରା



**ମହାକାଳପଡ଼ା, ୨୩ା୧୧ (ଡି.ଏନ୍.ଏ.):** ମହାକାଳପଡ଼ା ବ୍ଲକ ଅଧୀନ ବରକନ୍ଧା ପଞ୍ଚାୟତ ବରକନ୍ଧା ଗ୍ରାମରେ ରାମ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜା ଉପଲକ୍ଷେ ଶୁକ୍ରବାର ମହିଳାଙ୍କ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବରବନ୍ଧା ଗ୍ରାମର ୩ ଶହରୁ ଉର୍ଦ୍ଧ୍ୱ ମହିଳା ଶୋଭାଯାତ୍ରାରେ ବାହାରି ଲୁଣା ନଦୀରୁ ଜଳ ଉଠାଇ ଷାଠିଏବାଡ଼ି, ଗୋଜାବନ୍ଧ, ଛେଡ଼ାବତମ ଆଦି ଗ୍ରାମ ପରିକ୍ରମା କରି ଭୂମିପୂଜନ ସ୍ଥଳରେ ପହଞ୍ଚିଥିଲେ। ପରେ ରୀତିନୀତି ଅନୁଯାୟୀ ବ୍ରାହ୍ମଣଙ୍କ ଦ୍ୱାରା ବେଦପାଠ, ସୂର୍ଯ୍ୟପୂଜା, କଳସାଧିବାସ ଓ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।

# ବୋଇତ ବନ୍ଦାଣ ଉତ୍ସବ, ନୌଚାଳନା ପ୍ରତିଯୋଗିତା



ବୋଇତ ବନ୍ଦାଣ ଉତ୍ସବରେ ଅତିଥିମାନେ।



ଚିତ୍ରୋତ୍ପଳା ନଦୀରେ ନୌଚାଳନା ପ୍ରତିଯୋଗିତା।

**ମାର୍ଶାଘାଇ,୨୩ା୧୧(ଡି.ଏନ୍.ଏ.)**

ମାର୍ଶାଘାଇ ବ୍ଲକର ଶାସନିପଡା ନିକଟ ତିତ୍ରୋତ୍ପଳା ନଦୀପଠାଠାରେ ୮ମ ବାର୍ଷିକ ବୋଇତ ବନ୍ଦାଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା କୈବର୍ତ୍ତ ସମାଜ କମିଟି ଦ୍ୱାରା ଆୟୋଜିତ ଏହି ବୋଇତ ବନ୍ଦାଣ ଉତ୍ସବରେ ଡ.ଲକ୍ଷ୍ମଣ ବେହେରା ସଭାପତିତ୍ୱ କରିଥିଲେ । ଉତ୍ସବରେ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ରବୀନ୍ଦ୍ର ବେହେରା ମୁଖ୍ୟଅତିଥି, ଅତିରିକ୍ତ ତହସିଲଦାର ପ୍ରେମାନନ୍ଦ ବେହେରା, ପ୍ରଫୁଲ୍ଲ ବେହେରା, ଦିଲୀପ କୁମାର ବେହେରା, ଶାରଳା ମଣ୍ଡଳର ସଭାପତି କୈଳାଶ ଚନ୍ଦ୍ର ବେହେରା, ସୀମାଞ୍ଚଳ ପଣ୍ଡା, ଉଲ୍ଲାସ ବେହେରା, ବିଷ୍ଣୁ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ । ଚିତ୍ରୋତ୍ପଳା ବୋଇତ ବନ୍ଦାଣ କମିଟିର ସଭାପତି ସୁରେନ୍ଦ୍ରନାଥ ବେହେରା,ସମ୍ପାଦକ ଦିଲୀପ କୁମାର ମହାପାତ୍ର ବୋଇତ ବନ୍ଦାଣ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ କହି ବିବରଣୀ ପାଠ କରିଥିଲେ। ସରୋଜ କାନ୍ତ ମହାପାତ୍ର ଉତ୍ସବ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜକିଶୋର ମହାପାତ୍ର, ବ୍ରଜକିଶୋର ବେହେରା, କ୍ଷୀରୋଦ ବେହେରା, ଗୟାଧର ବେହେରା, ବ୍ରହ୍ମାନନ୍ଦ ବେହେରା, କୁଳମଣି ବେହେରା, କୈଳାସ ବେହେରା,ଅଶୋକ ବେହେରା, ପ୍ରଫୁଲ୍ଲ ବେହେରା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ଏହି ଅବସରରେ ପ୍ରତିବର୍ଷ ପରି ଚଳିତବର୍ଷ ନୌଚାଳନା ପ୍ରତିଯୋଗିତା କରାଯାଇଥିଲା । ଏଥିରେ ଅଜୟ ପାତ୍ର ୧ମ, କରୁଣାକର ବେହେରା ୨ୟ, ଅଙ୍କୁର ବେହେରା ୩ୟ ସ୍ଥାନ ଲାଭ କରି ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ୫ ଜଣ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ପିଲାମାନଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପିତା ଶାଗ ବୁଦି ବୁଦି**
**ରୂପେଇ ଗୋଡ଼ରେ ଯାଉଁଳି ମୁଦି**
**ଚାଲୁଥାଏ କୁଦି କୁଦି ।**

ସାଧାରଣତଃ ମହିଳାମାନେ ଅଳଙ୍କାରପ୍ରିୟ ହୋଇଥିବା ବେଳେ ଅଳଙ୍କାରକୁ ନେଇ ସେମାନଙ୍କ ମନରେ ଅନେକ ଗର୍ବ ରହୁଥିବା ଜଣାଯାଇଥାଏ । ଅଳଙ୍କାରରେ ନିଜକୁ ସଜ୍ଜିତ କରାଇ ଅନ୍ୟ ଆଗରେ ନିଜକୁ ଦେଖେଇ ହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଅଳଙ୍କାର ପ୍ରତି ମନରେ ବିଶେଷ ଦୁର୍ବଳତା ଭାବ ରହିଥିବା ମହିଳା ଗୋଡ଼ରେ ମୁଦି ପିନ୍ଧି ଅନ୍ୟ ଆଗରେ ଦେଖେଇ ହୋଇ ଚାଲିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ପର୍ବତ ତଳିଆ ଫଗୁ**
**ଆଖିଠାରି ଦେଲେ ପାଣକି ଯିବୁ**
**ତଳ ଘାଟେ ସାଲେ ଥିବୁ ।**

ସାଧାରଣତଃ ମନ ମଧ୍ୟରେ ଲୁଚି ରହିଥିବା ଭାବ ଓ ଆବେଗକୁ ପରସ୍ପର ମଧ୍ୟରେ ଆଦାନ ପ୍ରଦାନ କରିବା ନେଇ ପ୍ରେମୀଯୁଗଳ ସଦା ଚେଷ୍ଟିତ ରହିଥାନ୍ତି। ଈସାରାରେ ମଧ୍ୟ ପ୍ରେମ ନଈ ସୁଅ ଉଛୁଳି ଉଠେ। ଲୁଚାଛପା ପ୍ରେମ କରୁଥିବା ବ୍ୟକ୍ତି ଇସାରା ମାଧ୍ୟମରେ ଏକତ୍ର ହେବା ନେଇ ଯୋଜନା ପ୍ରସ୍ତୁତ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
–ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଅଗ୍ନିକାଣ୍ଡରେ ଦୁଇ ବଖରା ଭସ୍ମୀଭୂତ

**ରାଜନଗର,୨୩ା୧୧(ଡିଏନଏ)**

ରାଜନଗର ବ୍ଲକ ସାନବଡ ଗୋପାଳପୁର ପଞ୍ଚାୟତ ଜଗନ୍ନାଥପୁର ଗାଁର କାଳନ୍ଦୀ ପାଢୀଙ୍କ ଘରେ ଗୁରୁବାର ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଭସ୍ମୀଭୂତ ହୋଇଯାଇଛି। ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ଜିଲା ବିଜେଡି ସଭାପତି ଧ୍ରୁବ ସାହୁ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ସୁରେନ୍ଦ୍ର କୁମାର ରାଉତ ଅଗ୍ନିବିପନ୍ନ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ପଟ୍ଟାମୁଣ୍ଡାଇରେ ବୋଇତ ବନ୍ଦାଣ ଉତ୍ସବ



ବୋଇତ ବନ୍ଦାଣ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ପଟ୍ଟାମୁଣ୍ଡାଇ, ୨୩ା୧୧(ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ୭ମ ବାର୍ଷିକ ବୋଇତ ବନ୍ଦାଣ ଉତ୍ସବ ଶୁକ୍ରବାର ପତ୍ରପୁର ବ୍ରାହ୍ମଣୀ ନଦୀ ସେତୁ ନିକଟରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ବାଇପାସ୍ ଛକଠାରୁ ପାରମ୍ପରିକ ବାଜା ଓ ବାଣର ରୋଷଣୀରେ ସାତ ସାଧବ ବୋହୂ ଓ ପୁଅମାନଙ୍କୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ୪ କିମି ଦୂର ବ୍ରାହ୍ମଣୀ ସେତୁ ଉତ୍ସବ ସ୍ଥଳ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା । ଆୟୋଜିତ ଉତ୍ସବରେ ବିକାଶ ପରିଷଦ ସଭାପତି ସ୍ତମ୍ଭକାର ଦିବାକର ବିଶ୍ୱାଳ ପୌରୋହିତ୍ୟ କରିଥିଲେ । ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ମୁଖ୍ୟ ଅତିଥି, ବରିଷ୍ଠ ସାହିତ୍ୟିକ ବାସୁଦେବ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଉତ୍କଳୀୟ ନୌବାଣିଜ୍ୟର ପରମ୍ପରା ସମ୍ପର୍କରେ ବର୍ଣ୍ଣନା କରିଥିଲେ । କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇ, ବରିଷ୍ଠ ନାଗରିକ ବସନ୍ତ କୁମାର ମଲ୍ଲିକ, ସାମ୍ୟବାଦୀ ନେତା ବାବାଜୀ ପରିଡ଼ା, ଏସଡ଼ିପିଓ ଉମାଶଙ୍କର ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷାବିତ କସ୍ତୁରୀ ଚରଣ ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ । ପ୍ରମୋଦ କୁମାର ସାହୁ ଉତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଅତିଥିମାନେ ଉତ୍ସବର ସ୍ମରଣିକା ଉପତ୍ୟକା ଉନ୍ମୋଚନ କରିଥିଲେ । ବରିଷ୍ଠ ନାଟ୍ୟକାର ଗୋଲକ ବିହାରୀ ମହାରଣାଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରା ଯାଇଥିଲା । ମାନପତ୍ର ପାଠ କରିଥିଲେ ଶିକ୍ଷୟିତ୍ରୀ ଆରାଧନା ଦାଶ । ଏଥିସହିତ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଛାତ୍ରୀ ଛାତ୍ରମାନଙ୍କୁ ପୁରସ୍କୃତ କରା ଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଆଡଭୋକେଟ ପ୍ରମୋଦ ସାହୁ, ଶିକ୍ଷାବିତ ରାଜକୁମାର ବିଶ୍ୱାଳ, ସୁରେଶ ଚନ୍ଦ୍ର ଜେନା, ଶ୍ରୀଧର ରାଉତ, ନବ କିଶୋର ପଣ୍ଡା, ସୁଶୀଳ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ଗିରିଜା ଶଙ୍କର ସାମଲ ଧନ୍ୟବାଦ ଦେଇଥିଲେ । ଉତ୍ସବ ପରେ ବ୍ରାହ୍ମଣୀ ନଦୀ କୂଳରେ ସାତ ସାଧବ ପୁଅଙ୍କୁ ସାଧବ ବୋହୂମାନେ ବନ୍ଦାପନା କରି ବଣିଜ ପାଇଁ ସୁସଜ୍ଜିତ ନୌକାରେ ଯାତ୍ରା କରିଥିଲେ । ବ୍ରାହ୍ମଣୀ କୂଳ ଓ ସେତୁ ଉପରେ ଦର୍ଶକମାନେ ଉପସ୍ଥିତି ରହି ଏହି ଦୃଶ୍ୟ ଉପଭୋଗ କରିଥିଲେ ।

# ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ, ସମ୍ବର୍ଦ୍ଧନା ଉତ୍ସବ

**ରାଜନଗର,୨୩ା୧୧(ଡି.ଏନ.ଏ.)**

ରାଜନଗର ଅଞ୍ଚଳର ପ୍ରଗତିଶୀଳ ସାହିତ୍ୟ, କଳା, ପରିବେଶ ଓ ସାଂସ୍କୃତିକ ସଂଗଠନ ଦଧୀଚି ପକ୍ଷରୁ ଶୁକ୍ରବାର ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ସଭା କୋଇଲିପୁର ପଞ୍ଚାୟତ ବାର୍ହାପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ଦିଲୀପ କୁମାର ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମାରୋହରେ ଗାଳ୍ପିକ ସଦାନନ୍ଦ ତ୍ରିପାଠୀ ମୁଖ୍ୟଅତିଥି, ସାହିତ୍ୟିକ ରବି ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ କାର୍ତ୍ତିକ ମାସର ମାହାତ୍ମ୍ୟ ଓ ସାଧାରଣ ଜନଜୀବନ ସହିତ ଏହାର କିଭଳି ଭାବଗତ ସଂପର୍କ ରହିଛି ସେ ସଂପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆପିକଲ ଅଧକ୍ଷ କୃତ୍ତିବାସ ପାତ୍ର, କବି ହେମନ୍ତ ରାଉତ, ବ୍ରହ୍ମାନନ୍ଦ ବେହେରା, ସଂଗ୍ରାମ ମଲିକ, ସାମାଜିକ କର୍ମୀ କୈଳାସ ମହନ୍ତି ପ୍ରମୁଖ ଯୋଗଦେଇ ଉତ୍କଳୀୟ ପରମ୍ପରାରେ ବୋଇତ ବନ୍ଦାଣର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ଚଳିତବର୍ଷ କବି ଅନିଲ ଚନ୍ଦ୍ର ଦାସଙ୍କୁ ଦଧୀଚି କବିତା ସମ୍ମାନ, ଗାଳ୍ପିକ ଡ.ବିରଜା ରାଉତଙ୍କୁ ଦଧୀଚି ଗଳ୍ପ ସମ୍ମାନ, କବି ପବିତ୍ର ବ୍ରହ୍ମପୁତ୍ର ନାୟକଙ୍କୁ ଯୁବକବି ସମ୍ମାନ, ଚିତ୍ରଶିଳ୍ପୀ ବିଜୟ ପ୍ରଧାନଙ୍କୁ ଦଧୀଚି ଚାରୁକଳା ସମ୍ମାନ, ଦିଲୀପ କୁମାର ବିଶ୍ୱାଳଙ୍କୁ ଦଧୀଚି ସଂପାଦକ ସମ୍ମାନ, କବି ରତ୍ନାକର ନାୟକଙ୍କୁ ୨୦୧୬ ପାଇଁ ଦଧୀଚି କବିତା ସମ୍ମାନ, ନିରାକାର ଦାସଙ୍କୁ ଦଧୀଚି କବିତା ସମ୍ମାନ, ବ୍ରହ୍ମାନନ୍ଦ ବେହେରାଙ୍କୁ ଦଧୀଚି ଗଳ୍ପ ସମ୍ମାନ ପ୍ରଦାନ କରାଯାଇଛି। କବି ପ୍ରେମାନନ୍ଦ ଖଣ୍ଡୁଆଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଦିଲୀପ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ ରତ୍ନାକର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ତଥା ଜିଲା ବାହାରର ବହୁ କବି ଓ ଲେଖକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରତ୍ୟୁଷରୁ ଦଧୀଚି ପକ୍ଷରୁ ବାର୍ହାପୁର ସପନେଶ୍ୱର ମନ୍ଦିରରୁ ସାଧବପୁଅମାନଙ୍କୁ ତନ୍ତିଆପାଳ ଜଗନ୍ନାଥ ମନ୍ଦିରକୁ ଶୋଭାଯାତ୍ରାରେ ନିଆଯାଇଥିଲା। ପରେ ବରୁଣେଇ ମୁହାଣଠାରେ ବୋଇତ ବନ୍ଦାଣ ଉତ୍ସବ ଆୟୋଜନ କରାଯାଇଥିଲା। ବୋଇତ ବନ୍ଦାଣ ଉତ୍ସବକୁ ଆପିକଲର ଅଧକ୍ଷ କୃତ୍ତିବାସ ପାତ୍ର ଉଦ୍‌ଘାଟନ କରିଥିଲେ। ଏହାକୁ ମନୋଜ କୁମାର ଖଣ୍ଡୁଆଳ, ଅଭିନ୍ନ କୁମାର ସ୍ୱାଇଁ, ରଘୁନାଥ ଖଣ୍ଡୁଆଳ, ପଦ୍ମଲୋଚନ ବେହେରା, ଅନିରୁଦ୍ଧ ସ୍ୱାଇଁ, ପ୍ରମୋଦ ଦାସ, ଗୋଲେଖ ନାୟକ, ମନୋଜ କୁମାର ସୁତାର ପ୍ରମୁଖ ପରିଚାଳନା କରିଥିଲେ।



ଉତ୍ସବରେ ସମ୍ବର୍ଦ୍ଧିତ ପ୍ରତିଭା।


## ଓଡ଼ିଶା ସରକାର
# ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଅଧିସୂଚନା

File No.- L.A.I.-19/2018-726 Dated: 8.11.18

No.: VII-31: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ତାଳଚେର – ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା– କାଦୋଡିହି, ଥାନା– ବଣେଇ, ନଂ.–୨୦୭, ତହସିଲ– ଲହୁଣୀପଡ଼ା, ଜିଲ୍ଲା– ସୁନ୍ଦରଗଡ଼ରେ ନିମ୍ନ ତଫସିଲ ନିମନ୍ତେ ପ୍ରାୟ ଏକର ୭.୯୭୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାରୀ ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ – ୨୦୧୩ (RFCTLAR & R Act. 2013)ର ଧାରା୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ – ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ – ତାଳଚେର–ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ–୨) ପୂର୍ବତଟ ରେଳପଥ, ଅନୁଗୋଳ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ SIA Study Vide No. 15536, Dt.30.04.2018 ଦ୍ରଷ୍ଟବ୍ୟ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ–ଜିଲ୍ଲାପାଳ, ବଣେଇ ।
୬. ଜମିର ବିବରଣୀ :

| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
|---|---|---|---|---|---|---|---|---|
| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
| ସୁନ୍ଦରଗଡ଼ | ଲହୁଣୀପଡ଼ା | କାଡ଼ୋଡିହି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ.୨୪.୫୩୦ | ଏ୭.୯୭୦ | ଏଥି ସହିତ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଭୂମି–ଅର୍ଜନ ଅଧିକାରୀ, ତାଳଚେର–ବିମଳାଗଡ଼ ନୂତନ ଓସାରିଆ ରେଳପଥ, ସୁନ୍ଦରଗଡ଼ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– ଜିଲ୍ଲାପାଳ, ସୁନ୍ଦରଗଡ଼**

**ତାଳଚେର–ବିମଳାଗଡ଼ ନୂତନ ପ୍ରଶସ୍ତ ଓସାରିଆ ରେଳପଥ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂ–ଅର୍ଜନ ହେବାକୁଥିବା ରୟତି ଜମିର ତଫସିଲ**
**ମୌଜା: କାଦୋଡିହି, ତହସିଲ: ଲହୁଣୀପଡ଼ା, ଥାନା: ବଣାଇ, ଥାନା ନଂ.– ୨୦୭, ଜିଲ୍ଲା: ସୁନ୍ଦରଗଡ଼**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା (ଏକରରେ) | ଏକରରେ ପ୍ରସ୍ତାବିତ ଭୂ–ଅର୍ଜନ ରକବା | ହଲ କିସମ | ବନ୍ଦୋବସ୍ତରେ ରେକର୍ଡ଼ ହୋଇଥିବା ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୧୨ | ୧୪୦ (ସ୍ମ) | ୦.୫୩୦ | ୦.୦୨୦ | ଗୋଡ଼ା ଦୁଇ | ଡିମୁ କିଶାନ, ପି.– ରବି କିଶାନ, ଭୁନ୍ଦୁ କିଶାନ, ପି.– ବାନେ କିଶାନ, ଜା: କିଶାନ, ବା: ନିଜଗାଁ । |
| ୨ | ୧୪ | ୩୩୨ (ସ୍ମ) | ୦.୩୭୦ | ୦.୨୫୦ | ମାଳ ସାଧାରଣ | ଦୁଃଖି ମାହାନ୍ତ, ପି.– ପଞ୍ଚୁ ମାହାନ୍ତ, ପାର୍ବତୀ ମାହାନ୍ତ, ସ୍ୱା. ପଞ୍ଚୁ ମାହାନ୍ତ, ଜା: ମାହାନ୍ତ, ବା: ମଧୁପୁର । |
| ୩ | ୧୫ | ୩୩୩ (ସ୍ମ) | ୦.୧୩୦ | ୦.୦୮୦ | ମାଳ ସାଧାରଣ | ଦୁଃଖି ମାହାନ୍ତ, ପି.– ପଞ୍ଚୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| ୪ | ୧୬ | ୧୩୬ (ସ୍ମ) | ୦.୧୬୦ | ୦.୦୨୦ | ଘରବାରି | ଧନିଆଁ ମାହାନ୍ତ, ପି.– ରେଙ୍ଗୁଟୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୧୩୭ (ସ୍ମ) | ୦.୩୭୦ | ୦.୦୬୦ | ଘରବାରି | |
| | | ୩୬୯ (ସ୍ମ) | ୦.୮୨୦ | ୦.୧୮୦ | ମାଳ ସାଧାରଣ | |
| ୫ | ୧୮ | ୩୬୫ (ସ୍ମ) | ୦.୯୬୦ | ୦.୧୮୦ | ମାଳ ସାଧାରଣ | ଧରୁ ମାହାନ୍ତ, ପି.– ରେଙ୍ଗୁଟୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| ୬ | ୧୯ | ୨୭୪ (ସ୍ମ) | ୦.୫୮୦ | ୦.୧୮୦ | ମାଳ ସାଧାରଣ | ଧିରେଶେନ ପାତ୍ର, ପି.– ଠୁରୁ ପାତ୍ର, ଜା: ପାଣ, ବା: କୁର୍ଡ଼ା |
| ୭ | ୨୧ | ୩୬୪ (ସ୍ମ) | ୦.୫୦୦ | ୦.୦୮୦ | ମାଳ ସାଧାରଣ | ନବୀନ କିସାନ, ପଞ୍ଚୁ ମାହାନ୍ତ, ପି.– ପଟୁଆ ମାହାନ୍ତ, ଜା: ମାହାନ୍ତ, ବା: ଶରଧାପୁର |
| | | ୩୭୧ (ସ୍ମ) | ୦.୭୦୦ | ୦.୨୨୦ | ମାଳ ସାଧାରଣ | |
| | | ୩୭୪ (ସ୍ମ) | ୩.୦୯୦ | ୦.୯୦୦ | ମାଳ ସାଧାରଣ | |
| ୮ | ୨୩ | ୧୩୨ | ୦.୪୭୦ | ୦.୪୭୦ | ବେର୍ଣ୍ଣା ସାଧାରଣ | ପଞ୍ଚୁ ମାହାନ୍ତ, ପି.– ମାଧ ମାହାନ୍ତ, ଜା: ମାହାନ୍ତ, ବା: ବଳ ଡିହି |
| | | ୧୪୮ (ସ୍ମ) | ୧.୦୯୦ | ୦.୩୦୦ | ବେର୍ଣ୍ଣା ସାଧାରଣ | |
| ୯ | ୨୪ | ୩୬୩ (ସ୍ମ) | ୧.୫୧୦ | ୦.୨୩୦ | ମାଳ ସାଧାରଣ | ପୂର୍ଣ୍ଣଚନ୍ଦ୍ର ମାହାନ୍ତ, ସୁରେନ୍ଦ୍ର ନାଥ ମାହାନ୍ତ, ପି.– ଗୋପୀନାଥ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୩୭୦ (ସ୍ମ) | ୦.୭୨୦ | ୦.୧୪୦ | ମାଳ ସାଧାରଣ | |
| | | ୩୭୨ (ସ୍ମ) | ୩.୩୭୦ | ୦.୯୧୦ | ମାଳ ସାଧାରଣ | |
| ୧୦ | ୩୨ | ୧୩୮ (ସ୍ମ) | ୦.୨୧୦ | ୦.୧୦୦ | ଗୋଡ଼ା ଦୁଇ | ରଘୁ ମାହାନ୍ତ, ପି.– ରେଙ୍ଗୁଟୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୩୬୬ (ସ୍ମ) | ୦.୬୬୦ | ୦.୧୨୦ | ମାଳ ସାଧାରଣ | |
| ୧୧ | ୩୩ | ୨୮୮ | ୦.୫୫୦ | ୦.୫୫୦ | ମାଳ ସାଧାରଣ | ରାଧା ମାହାନ୍ତ, ପି.– ଦିର୍ଗା ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୨୯୫ (ସ୍ମ) | ୧.୪୯୦ | ୦.୩୫୦ | ମାଳ ସାଧାରଣ | |
| ୧୨ | ୩୮ | ୧୩୧ (ସ୍ମ) | ୦.୭୪୦ | ୦.୬୦୦ | ବେର୍ଣ୍ଣା ସାଧାରଣ | ଶତୃଘ୍ନ ମାହାନ୍ତ, ଶଙ୍କର ମାହାନ୍ତ, ପି.– ବନୁ ମାହାନ୍ତ, ଶୈତ ମାହାନ୍ତ, ସ୍ୱା. ବନୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୧୩୩ (ସ୍ମ) | ୦.୧୯୦ | ୦.୦୩୦ | ମାଳ ସାଧାରଣ | |
| | | ୧୪୧ | ୦.୩୫୦ | ୦.୩୫୦ | ମାଳ ସାଧାରଣ | |
| | | ୧୪୨ (ସ୍ମ) | ୦.୨୬୦ | ୦.୧୨୦ | ଗୋଡ଼ା ଦୁଇ | |
| | | ୧୪୩ | ୦.୨୦୦ | ୦.୨୦୦ | ଗୋଡ଼ା ଦୁଇ | |
| ୧୩ | ୪୩ | ୧୪୪ (ସ୍ମ) | ୦.୧୨୦ | ୦.୦୨୦ | ବେର୍ଣ୍ଣା ସାଧାରଣ | ଶ୍ୟାମ କିଶାନ, ପି.– ସନୁ କିଶାନ, ଜା: କିଶାନ, ବା: ନିଜଗାଁ |
| ୧୪ | ୪୪ | ୨୭୪/୪୨୭ | ୦.୨୦୦ | ୦.୨୦୦ | ମାଳ ସାଧାରଣ | ଶିବ ମାହାନ୍ତ, ପି.– ଦୁର୍ଗା ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୨୮୭ (ସ୍ମ) | ୦.୩୭୦ | ୦.୦୩୦ | ମାଳ ସାଧାରଣ | |
| | | ୨୮୯ (ସ୍ମ) | ୧.୧୫୦ | ୦.୫୨୦ | ମାଳ ସାଧାରଣ | |
| | | ୨୯୬ (ସ୍ମ) | ୦.୫୯୦ | ୦.୧୨୦ | ମାଳ ସାଧାରଣ | |
| ୧୫ | ୪୬/୩ | ୩୩୪ (ସ୍ମ) | ୦.୩୪୦ | ୦.୨୬୦ | ମାଳ ସାଧାରଣ | ରମେଶ ଚନ୍ଦ୍ର ମାହାନ୍ତ, ପି.– ଭୀମ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| ୧୬ | ୪୬/୪ | ୧୨୨ (ସ୍ମ) | ୦.୨୮୦ | ୦.୦୧୦ | ମାଳ ସାଧାରଣ | ମହି ମାହାନ୍ତ, ପି.– ଗୋରାଚାନନ୍ଦ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୧୩୪ (ସ୍ମ) | ୦.୨୦୦ | ୦.୧୦୦ | ମାଳ ସାଧାରଣ | |
| ୧୭ | ୪୬/୧୪ | ୧୩୦ (ସ୍ମ) | ୦.୩୧୦ | ୦.୦୫୦ | ମାଳ ସାଧାରଣ | କୃଷ୍ଣଚନ୍ଦ୍ର ମାହାନ୍ତ, ଭରତ ଚନ୍ଦ୍ର ମାହାନ୍ତ, ତ୍ରିଲୋଚନ ମାହାନ୍ତ, ଇନ୍ଦ୍ରମଣି ମାହାନ୍ତ, ପି.– ଜୁଗଲ କିଶୋର ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୨୭୩ (ସ୍ମ) | ୦.୯୫୦ | ୦.୦୨୦ | ମାଳ ସାଧାରଣ | |
| ମୋଟ | ୧୭ | ୩୫ | ୨୪.୫୩୦ | ୭.୯୭୦ | | |

**ଭୂ–ଅର୍ଜନ ଜୋନ ଅଧିକାରୀ**
**ତାଳଚେର–ବିମଳାଗଡ଼ ନୂତନ ପ୍ରଶସ୍ତ ରେଳପଥ ସଂଯୋଗୀକରଣ ପ୍ରକଳ୍ପ, ସୁନ୍ଦରଗଡ଼**

**24160/14/0030/1819**

# ଭାରତ ଆତ୍ମାର ବାଣୀମୂର୍ତ୍ତି

## ଶ୍ରୀଅରବିନ୍ଦଙ୍କ ସିଦ୍ଧି ଦିବସ ଉପଲକ୍ଷେ



ବିମଳ ପ୍ରସନ୍ନ ଦାସ

୧୯୨୬ ମସିହା ନଭେମ୍ବର ୨୪ ତାରିଖ। ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଯୋଗ ସାଧନାମୟ ଜୀବନରେ ମହାସିଦ୍ଧିର ବିଜୟବାର୍ତ୍ତା ଉଦ୍‌ଘୋଷିତ ହେଲା– ''ଏଇ ଭାରତେର ମହାମାନବେର ସାଗରତୀରେ।'' ଏହାର ଅବ୍ୟବହିତ ପରେ ୧୯୨୮ମସିହାରେ ବିଶ୍ୱକବି ରବୀନ୍ଦ୍ରନାଥ ତାଙ୍କୁ ସାକ୍ଷାତ କରି ନିଜର ଅମରକୃତି 'ନମସ୍କାର' କବିତାରେ ନିଜର ଉପଲବ୍ଧି ଲିପିବଦ୍ଧ କରିଛନ୍ତି– ''ଅରବିନ୍ଦ ରବୀନ୍ଦ୍ରେର ଘେନ ନମସ୍କାର, ହେ ବନ୍ଧୁ, ହେ ଦେଶବନ୍ଧୁ, ସ୍ୱଦେଶ ଆତ୍ମାର ବାଣୀମୂର୍ତ୍ତି ତୁମେ।''

ପ୍ରଥମ ଦୃଷ୍ଟିରେ ବୁଝିପାରିଲି ସେ ଆତ୍ମାକୁ ସତ୍ୟ ରୂପେ ଚାହିଁଛନ୍ତି ଏବଂ ପାଇଛନ୍ତି। ଏହା ତାଙ୍କ ଦୀର୍ଘ ତପସ୍ୟାର ଫଳ। ମୋ ମନ କହିଲା ସେ ହିଁ ତାଙ୍କ ଅନ୍ତର ଆଲୋକ ଦେଇ ବାହାରେ ଆଲୋକ ଜଳାଇବେ। ସେଥିପାଇଁ ତାଙ୍କ ମୁଖଶ୍ରୀରେ ଏପରି ସୌନ୍ଦର୍ଯ୍ୟଦୀପ୍ତ ଶାନ୍ତିର ଉଜ୍ଜ୍ୱଳ ଆଭା । ମୁଁ ତାଙ୍କୁ କହି ଆସିଲି ଆତ୍ମାର ବାଣୀ ବହନ କରି ଆପଣ ଆମମାନଙ୍କ ମଧ୍ୟକୁ ଆସିବେ। ଏହି ପ୍ରତୀକ୍ଷାରେ ରହିଲୁ । ସେହି ବାଣୀରେ ଭାରତର ପାଞ୍ଚଜନ୍ୟ ନିନାଦିତ ହେବ–''ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ।'' ଯଥାର୍ଥରେ ସେ ଭାରତ ଆତ୍ମାର ବାଣୀମୂର୍ତ୍ତି।

ଋଷି ଶ୍ରୀଅରବିନ୍ଦଙ୍କ ଅନୁପମ ଭାଷାରେ, ଭାରତ ଧ୍ୱଂସ ହୋଇ ନ ପାରେ। କାରଣ ମାନବ ସମାଜର ବିଭିନ୍ନ ଗୋଷ୍ଠୀ ମଧ୍ୟରେ କେବଳ ଭାରତ ଉପରେ ନ୍ୟସ୍ତ ରହିଛି ସମଗ୍ର ମାନବଜାତିର ହିତାର୍ଥେ ଏକ ଅପରିହାର୍ଯ୍ୟ, ଉଜ୍ଜ୍ୱଳତମ ମହତ୍ତମ ସିଦ୍ଧି। ଏହା ହିଁ ସମଗ୍ର ଜଗତର ଭବିଷ୍ୟତ ଧର୍ମ, ଯାହା ସମସ୍ତ ଧର୍ମ, ବିଜ୍ଞାନ ଓ ଦର୍ଶନର ସମନ୍ୱୟ ସାଧନ କରେ। ସେହିପରି ନୈତିକ କ୍ଷେତ୍ରରେ ତା'ର ଲକ୍ଷ୍ୟ ହେଲା ମନୁଷ୍ୟ ମଧ୍ୟରୁ ତା'ର ବର୍ବରତା ଦୂର କରିବା ଏବଂ ବିଶ୍ୱକୁ ଆର୍ଯ୍ୟଧର୍ମରେ ଦୀକ୍ଷିତ କରିବା।

ଭାରତ ଅନ୍ୟ ଦେଶ ପରି ନିଜ ସକାଶେ ଜାଗ୍ରତ ହୋଇନାହିଁ। ଦୁର୍ବଳଙ୍କୁ ପାଦରେ ଦଳିଦେବାକୁ ଉଠି ନାହିଁ। ତା' ପାଖରେ ନ୍ୟସ୍ତ ଥିବା ଶାଶ୍ୱତ ଜ୍ୟୋତିକୁ ବିତରଣ କରିବ ବୋଲି ତା'ର ଉତ୍ଥାନ ହୋଇଛି। ଭାରତ ଚିରଞ୍ଜୀବୀ ବିଶ୍ୱ ତଥା ମାନବ ଜାତି ସକାଶେ, ନିଜ ପାଇଁ ନୁହଁ। ଆଜି ମଧ ତା'ର ସ୍ଥିତି ପଶ୍ଚାତ୍ୟରେ ସେହି ଯୁକ୍ତି ଓ ଯଥାର୍ଥତା।

ମାନବ ଜାତିମଧ୍ୟରେ ଏପରି ଗୋଷ୍ଠୀ ରହିଛି, ଯାହା ଯୁଗଯୁଗାନ୍ତରୁ ଏକ ବିଶାଳ, ମହାନ୍, ଦିବ୍ୟ ପରମ୍ପରାକୁ ଅବ୍ୟାହତ ଭାବେ ଧାରଣ କରିଛି ଏବଂ ସେଥିପାଇଁ ବଞ୍ଚି ରହିଛି। ପୃଥିବୀର ବିଭିନ୍ନ ମାନବଗୋଷ୍ଠୀ ମଧ୍ୟରେ, ବିଭିନ୍ନ ରାଷ୍ଟ୍ର ମଧ୍ୟରେ ଭାରତୀୟ ଜାତି ଏହିପରି ଗୋଷ୍ଠୀ, ଏହିପରି ଏକ ଉନ୍ନତ ମହାନ୍ ପରମ୍ପରାର ଅଧିକାରୀ ଏବଂ ଏକ ଦିବ୍ୟ ଭୂମିକାରେ ନିଜକୁ ଗଢିଥିବା ଦେଶ ଭାରତ ପୃଥିବୀର ଗୁରୁତୁଲ୍ୟ। ଏହାର ସ୍ୱଧର୍ମ ଆର୍ଯ୍ୟ, ସ୍ୱଭାବ ଶୁଦ୍ଧ, ଦୀପ୍ତ ଓ ଜ୍ୟୋତିର୍ମୟ । ଶ୍ରୀଅରବିନ୍ଦ ସ୍ପଷ୍ଟ କହିଛନ୍ତି, ବ୍ୟକ୍ତି ଯେପରି ଆତ୍ମବାନ୍ ସମଷ୍ଟି ବା ଗୋଷ୍ଠୀ ଠିକ୍ ସେପରି ଆତ୍ମବାନ୍। ବ୍ୟକ୍ତିର ଯେପରି ଏକ ଶୁଦ୍ଧ ଅନ୍ତଃପୁରୁଷ ରହିଛି, ସମଷ୍ଟିର ସେପରି ଏକ ଜୀବନ୍ତ ଜାତୀୟ ଆତ୍ମା (ନ୍ୟାଶ୍‌ନାଲ ସୋଲ୍) ଅଛି। ବ୍ୟକ୍ତିର ମୃତ୍ୟୁ ହେଲେ ତା'ର ଆତ୍ମା ଚୈତ୍ୟଭୂମିକୁ ଗଲାପରି ଜାତିର ମୃତ୍ୟୁ ପରେ ତା'ର ଆତ୍ମା ମଧ ଚୈତ୍ୟଭୂମିକୁ ଚାଲିଯାଏ। ଗ୍ରୀସ୍, ରୋମ, ବେବିଲୋନ, ଚାଇନା, ଜାପାନ, ଇଜିପ୍ଟ ପ୍ରଭୃତି ବହୁ ପ୍ରାଚୀନ ଦେଶର ଆତ୍ମା ଦିବ୍ୟଲୋକରୁ ଅନ୍ତର୍ହିତ ହୋଇଛି। ଅର୍ଥାତ୍ ସେ ପ୍ରାଚୀନ ଦେଶର ସଭ୍ୟତା ଓ ସଂସ୍କୃତି ବିଲୁପ୍ତ ହୋଇଛି।

କିନ୍ତୁ ଭାରତବର୍ଷ ଏଥିରେ ଏକ ବିରଳ ବ୍ୟତିକ୍ରମ। ବହୁ ବାଧାବିଘ୍ନ ଓ ଉତ୍ଥାନପତନ ମଧ୍ୟରେ ନିଜର ସଂସ୍କୃତି ଓ ସଭ୍ୟତାକୁ ସେ ବଞ୍ଚାଇ ରଖିପାରିଛି। ଯେଉଁ ଶକ୍ତି ଓ ପ୍ରତିଭା ଦ୍ୱାରା ଜାତି ଜୀବିତ ରହେ ଏବଂ ନିଜର ଜୀବନ ତଥା କର୍ମକୁ ନିୟନ୍ତ୍ରଣ କରେ, ସେହି ଜାତୀୟ ଶକ୍ତି ଭାରତର ଅକ୍ଷୁଣ୍ଣ ରହିଛି– ଯାହାର ରୂପାନ୍ତର ସ୍ୱୟଂ ଭାରତମାତା। ଏହା ସାକ୍ଷାତ୍ ଜୀବନ୍ତ ଓ ଦିବ୍ୟଶକ୍ତି, ଦୁର୍ଗା, ମା' ଭବାନୀ। ଦେଶର ସେହିମାନେ ହିଁ କଲ୍ୟାଣ ସାଧନ କରନ୍ତି, ଯେଉଁମାନେ ଏହି ଶକ୍ତିକୁ ନିଜ ଅନ୍ତରାତ୍ମାରେ ଉପଲବ୍ଧି କରିପାରନ୍ତି। ଏହା ହିଁ ଜାତିର ଅନ୍ତଃସ୍ଥଳ, ଶକ୍ତି, ସାମର୍ଥ୍ୟ, ତେଜ, ବୀର୍ଯ୍ୟ, ଶୌର୍ଯ୍ୟ ଓ ବୀରତ୍ୱର ଅନ୍ତୁଡିଶାଳ। ଏହା ମଧ ପ୍ରେମ, ପ୍ରଜ୍ଞା, ସୌନ୍ଦର୍ଯ୍ୟ, ସଂହତି, ତ୍ୟାଗ ଓ ତପସ୍ୟାର ଜନ୍ମବେଦି।

କିନ୍ତୁ ସମଗ୍ର ପୃଥିବୀରେ ମୁଖ୍ୟତଃ ଦୁଇଟି ବିଚାରଧାରା ମାନବସମାଜର ଚିନ୍ତା ଓ ଚେତନାକୁ ନିୟନ୍ତ୍ରିତ କରି ଗଭୀର ଦ୍ୱନ୍ଦ୍ୱ ଓ ସଂଘର୍ଷ ସୃଷ୍ଟି କରିଛି। ବିଜ୍ଞାନ, ଯୁକ୍ତି, ବିଚାର, କର୍ମ ଓ ଦକ୍ଷତା ବଳରେ ଜୀବନକୁ ଉପଭୋଗ କରିବା– ଏହା ହିଁ ମୂଳ କଥା। ଜୀବନରେ ଯେ କୌଣସି ଉପାୟରେ ଏହି ସଫଳତା ହାସଲ କରିବାକୁ ହେବ।

ମାତ୍ର ଏହି ବିଚାରଧାରା ବିରୋଧରେ ଭାରତର ଯୁକ୍ତି ହେଉଛି ଆଧ୍ୟାତ୍ମ ଶକ୍ତି ବଳରେ ବିଶ୍ୱର କଲ୍ୟାଣ। ସଂସାର ନୁହେଁ, ସଂସାରରୁ ମୁକ୍ତି ହିଁ ତା'ର ବାର୍ତ୍ତା। ଭୋଗ ପରିବର୍ତ୍ତେ ତ୍ୟାଗ ହିଁ ତା'ର ଆଦର୍ଶ। ଜୀବନର ଆପାତ ସଫଳତା ବଡ କଥା ନୁହେଁ। ବରଂ ଅନ୍ତର୍ଜୀବନର ବିକାଶ ହିଁ ସାଧନାର ଉତ୍ସ। ବିଭିନ୍ନ ସମୟରେ ବହୁ ସନ୍ଥ ସାଧକଙ୍କର ନିରବଚ୍ଛିନ୍ନ ସାଧନା ଏହି ମହାନ୍ ପରମ୍ପରାକୁ ଅନାହତ ରଖିପାରିଛି।

ମହାଯୋଗୀ ଶ୍ରୀଅରବିନ୍ଦ ଆଧ୍ୟାତ୍ମିକତା ଓ ବୈଜ୍ଞାନିକ ଜଡଚେତନା ମଧ୍ୟରେ ସୁନ୍ଦର ସମନ୍ୱୟ ରକ୍ଷା କରି ଭାରତୀୟ ଦର୍ଶନ ଓ ଆଦର୍ଶକୁ ମହିମାନ୍ୱିତ କରିଛନ୍ତି। ଏହି ଆଧ୍ୟାତ୍ମବାଦ ହେଲା ପୂର୍ଣ୍ଣାଙ୍ଗ ଧର୍ମୋତ୍ତର ଅତିମାନସ ତତ୍ତ୍ୱ। ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମବାଦରେ ଜଡ ଓ ଚେତନା, ଭଗବାନ ଓ ଜଗତ, ଜୀବନ ଓ ଦିବ୍ୟତା ମଧ୍ୟରେ ସେ ସାମଞ୍ଜସ୍ୟ ସ୍ଥାପନ କରିଛନ୍ତି। ସୁତରାଂ ଶ୍ରୀଅରବିନ୍ଦ ଯେଉଁ ଭାରତ ଆତ୍ମାର ବାଣୀମୂର୍ତ୍ତି, ତାହା ସେହି ପୁରାତନ ଭାରତ କିମ୍ବା ଧର୍ମ ଓ ରହସ୍ୟବାଦରେ ପୂର୍ଣ୍ଣ ମଧ୍ୟଯୁଗୀୟ ଭାରତ ନୁହେଁ। ଏହା ତାଙ୍କ ସ୍ୱପ୍ନର ଭାରତ, ଯାହା ନିଜ ଆଧ୍ୟାତ୍ମିକ ଶକ୍ତି ଉପରେ ବିଜ୍ଞାନ ଓ ଶିଳ୍ପ ତନ୍ତ୍ରକୁ ଗ୍ରହଣ କରି ଜୀବନକୁ ପରିପୂର୍ଣ୍ଣତା ଦେଇପାରିବ।

ଆଜିର ପୁଣ୍ୟ ତିଥିରେ 'ଧରିତ୍ରୀ'ର ପବିତ୍ର ଜୟନ୍ତୀ ତାଙ୍କର ବାଣୀ ବହନ କରି ଏ ରାଜ୍ୟର ଚେତନାକୁ ସମୃଦ୍ଧ କରୁ– ଏହା ହିଁ ପ୍ରାର୍ଥନା।

– ମୋ:୯୪୩୮୧୮୬୨୨୬



# ପରିଚୟ ଖୋଜୁଛି 'ଉଡ଼ାବାଲି' ଦ୍ୱୀପ

ଭଦ୍ରକ ଜିଲାର ଉପକୂଳବର୍ତ୍ତୀ ଅଞ୍ଚଳ ଚାନ୍ଦବାଲି। ଧାମରାରେ ବନ୍ଦର ଓ ଏପିଜେ ଅବଦୁଲ କଲାମ ଦ୍ୱୀପକୁ କ୍ଷେପଣାସ୍ତ୍ର ଘାଟି ଭାବେ ବିକଶିତ କରାଯିବା ପରେ ଉଭୟ ସାମରିକ ଓ ବାଣିଜ୍ୟ କ୍ଷେତ୍ରରେ ଏହାର ଗୁରୁତ୍ୱ ବଢିଛି। ଏହି ଉପକୂଳରେ ଅବଦୁଲ କଲାମ ଦ୍ୱୀପ ଭଳି ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ବାଲିଦ୍ୱୀପ ରହିଛି। ୧୯୩୧ ମସିହାରେ ଧାମରା ବନ୍ଦର ସୀମା ନିର୍ଦ୍ଧାରଣ ବେଳେ ଏହାର ଅନତି ଦୂରରେ ୮ ବାଲିଦ୍ୱୀପ ରହିଥିବା ସର୍ଭେରୁ ଜଣାପଡିଥିଲା। ପରେ ଏସବୁ ମାନଚିତ୍ରରେ ସ୍ଥାନ ପାଇଛି। କିନ୍ତୁ ଧାମରାଠାରୁ ୪ କି.ମି. ଦୂର କନିକା ରାଜ ପରିବାରର ସ୍ମୃତି ବହନ କରୁଥିବା ୫ ଶହ ହେକ୍ଟର କ୍ଷେତ୍ରଫଳ ବିଶିଷ୍ଟ ଅନ୍ୟ ଏକ ବାଲିଦ୍ୱୀପ ଆଜି ତା'ର ପରିଚୟ ଖୋଜୁଛି। ବିସ୍ତୀର୍ଣ୍ଣ ବେଳାଭୂମି ସଂଲଗ୍ନ ନୀଳ ଜଳରାଶି ଓ ଦ୍ୱୀପର ପ୍ରାକୃତିକ ସୌନ୍ଦର୍ଯ୍ୟ ସମସ୍ତଙ୍କୁ ଆନମନା କରିଥାଏ। ରାଜସ୍ୱ ବିଭାଗ ଖାତା ଖତିୟାନରେ ଏହାର ନାଁ ନାହିଁ କି ଭୂଗୋଳ ପୋଥିରେ ସ୍ଥାନ ପାଇନାହିଁ। ଏହି ଦ୍ୱୀପକୁ କିଏ, କେବେ ଆବିଷ୍କାର କଲେ କିଛି ସୂଚନା ମିଳେନାହିଁ । ଉପକୂଳବାସୀ ଏବଂ ସମୁଦ୍ରକୁ ମାଛ ଧରିବାକୁ ଯାଉଥିବା ମତ୍ସ୍ୟଜୀବୀ ଏହାକୁ 'ଉଡ଼ାବାଲି' ଦ୍ୱୀପ ବୋଲି କହନ୍ତି। ସମ୍ଭବତଃ ସମୁଦ୍ର ମଧ୍ୟରେ ବାଲି ଚଢା ସୃଷ୍ଟି ହୋଇ ଏହା ଏଭଳି ଦ୍ୱୀପର ରୂପ ଧାରଣ କରିଛି। ଧାମରା ବନ୍ଦର କମ୍ପାନୀ ଏହାର ପାରିପାର୍ଶ୍ୱିକ ଉନ୍ନୟନ ଯୋଜନାରେ 'ଉଡ଼ାବାଲି' ଦ୍ୱୀପର ସୁରକ୍ଷା ଓ ସଂରକ୍ଷଣ ପାଇଁ ପ୍ରସ୍ତାବ ଦେଇଛି।

ଚାନ୍ଦବାଲି ଉପକୂଳରେ ଥିବା ବିଭିନ୍ନ କ୍ଷୁଦ୍ର ଦ୍ୱୀପପୁଞ୍ଜ ବ୍ରିଟିଶ ଅମଳର ସ୍ମୃତି ସହ ଜଡିତ। ଧାମରା ମୁହାଣ ଅନତି ଦୂରରେ ଥିବା ତେନ୍ତୁଳିଚଢା ଦ୍ୱୀପକୁ ବ୍ରିଟିଶ ସମୟରେ ହ୍ୱିଲର୍ ଦ୍ୱୀପ ନାମିତ କରାଯାଇଥିଲା। ଏହାର ଗୋଟିଏ ଅଂଶ (ଆଉଟର୍ ହ୍ୱିଲର୍ ଆଇଲାଣ୍ଡ)କୁ ୨୦୧୬ ରେ ଅବଦୁଲ କଲାମ ଦ୍ୱୀପ ଭାବେ ନାମକରଣ କରାଯାଇଛି। ଡିଆର୍‌ଡିଓର ପୂର୍ବତନ ନିର୍ଦ୍ଦେଶକ ତଥା ମିଶାଇଲ୍‌ମ୍ୟାନ ଭାବେ ପରିଚିତ ଡ. ଏପିଜେ ଅବଦୁଲ କଲାମଙ୍କ ଉଦ୍ୟମରେ ୧୯୯୪ରେ ଉକ୍ତ ଦ୍ୱୀପ ଏକ କ୍ଷେପଣାସ୍ତ୍ର ଘାଟି ଭାବେ ବିକଶିତ ହୋଇଛି, ଯାହାକି ଦେଶର ପ୍ରତିରକ୍ଷା ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଅବଦୁଲ କଲାମ ଦ୍ୱୀପ ସଂଲଗ୍ନ ନଡିଆ ବାଲି ଚଢା(କକୁଆନଟ୍ ଆଇଲାଣ୍ଡ), ସାନବାଲି ଚଢା (ସ୍ମଲ୍ ହ୍ୱିଲର୍ ଆଇଲାଣ୍ଡ), ବାବୁବାଲି ଚଢା (ଲଙ୍ଗ ହ୍ୱିଲର୍ ଆଇଲାଣ୍ଡ), ବଡିଘର ବାଲି (ସର୍ଟସ୍ ଆଇଲାଣ୍ଡ) ସହିତ କନିକାବାଲି, ବୁଢିଆଚରା ଓ ନୟାଟାପୁ ଭଳି ଦ୍ୱୀପପୁଞ୍ଜମାନ ରହିଛି। ଭୂଲେଖ ପୋର୍ଟାଲରେ ଆଉଟର୍ ହ୍ୱିଲର୍ ଦ୍ୱୀପର ନାମ ବଦଳି ଏପିଜେ ଅବଦୁଲ କଲାମ ଦ୍ୱୀପ ହୋଇଥିବା ବେଳେ ଏହା ସଂଲଗ୍ନ ଅନ୍ୟ ୪ ଦ୍ୱୀପର ପୁରୁଣା ନାମ ଅପରିବର୍ତ୍ତିତ ରହିଛି। କଥିତ ଅଛି ଯେ, ବ୍ରିଟିଶ ଶାସନ ସମୟରେ ସାର୍ ହେନେରି ହ୍ୱିଲର ୧୯୨୨ରୁ ୧୯୨୭ ମସିହା ପର୍ଯ୍ୟନ୍ତ ବିହାର ଓଡ଼ିଶାର ଲାଟ୍ ସାହେବ(ଗଭର୍ନର) ଥିଲେ। ସେ ସମୟରେ କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ ବିହାର ଓଡ଼ିଶା ସରକାରର ଜଣେ ଏକ୍‌ଜିକ୍ୟୁଟିଭ କାଉନସିଲର ବା ମିନିଷ୍ଟର ରହିଥିଲେ। ଥରେ କନିକା ରାଜାଙ୍କ ନିମନ୍ତ୍ରଣକ୍ରମେ ସାର୍ ହେନେରି ଧାମରା ମୁହାଣ ଦେଇ ସମୁଦ୍ରରେ ଜଳଯାତ୍ରା କରିବା ସମୟରେ ଏହି ଦ୍ୱୀପକୁ ଯାଇଥିଲେ। ସେଠାରେ କନିକା ରାଜାଙ୍କ ସହିତ ସେ ବଣଭୋଜି କରିଥିଲେ। ଏହି ସ୍ମୃତିରକ୍ଷା ଲାଗି ଦ୍ୱୀପାଞ୍ଚଳର ନାମ 'ହ୍ୱିଲର ଆଇଲାଣ୍ଡ' ହୋଇଥିଲା। ସେହିପରି ସର୍ଟସ ଆଇଲାଣ୍ଡର ନାମକରଣ ଏକ ଜାହାଜର କ୍ୟାପଟେନଙ୍କ ନାମ ଅନୁସାରେ ହୋଇଥିବା କୁହାଯାଏ। କିନ୍ତୁ ଅଧିକ ମନୋରମ ଓ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ 'ଉଡ଼ାବାଲି' ଦ୍ୱୀପ ଏଠି ଏଯାଏ ଅଲୋଡ଼ା ହୋଇ ରହିଛି। ସମୁଦ୍ରରେ ଜୁଆର ଉଠିଲେ ଏହାର ଅନେକ ଅଂଶ ପାଣିରେ ବୁଡ଼ିଯାଇଥାଏ। ଜୁଆର କମିଗଲେ ପୁଣି ପୂର୍ବ ସ୍ଥିତି ଫେରିଆସେ। ଏହାକୁ ପର୍ଯ୍ୟଟନ କ୍ଷେତ୍ର ଭାବେ ବିକଶିତ କରାଗଲେ ଏହା ପର୍ଯ୍ୟଟନ ମାନଚିତ୍ରରେ ଏକ ଆକର୍ଷଣୀୟ ସ୍ଥାନ ହାସଲ କରିପାରନ୍ତା।

– ଅଶୋକ କୁମାର ପଣ୍ଡା, ଚାନ୍ଦବାଲି

## ସୁବର୍ଣ୍ଣପୁର ସହରର ଏକ ବିସ୍ମୟ

# ମୁହଁ ନ ଥିବା ମନ୍ଦିର 'ନିମୁହଁ'

ମହାନଦୀ ଓ ତେଲନଦୀର ମିଳନସ୍ଥଳରେ ଅବସ୍ଥିତ ମନ୍ଦିରମାଳିନୀ ସହର ସୋନପୁର। ଏଠାରେ ଅଷ୍ଟଶମ୍ଭୁ, ଅଷ୍ଟଚଣ୍ଡୀ, ଅଷ୍ଟବିଷ୍ଣୁ ଓ ଅଷ୍ଟ ହନୁମାନଙ୍କ ସମେତ ୧୦୮ଟି ଛୋଟବଡ ମନ୍ଦିର ଥିଲା। ଏଥିରୁ ଏବେ ଅନେକ ଭାଙ୍ଗିରୁଜି ଗଲାଣି। ହେଲେ ସହରର କଚେରି ବଜାର ନିକଟରେ ଥିବା ବିରଳ ନିମୁହିଁ ମନ୍ଦିର ଏକ ବିସ୍ମୟ। ଏହାକୁ ଶଶିସେଣା ପୀଠ ମଧ କୁହାଯାଏ। ମନ୍ଦିରର ଦ୍ୱାର ନାହିଁ କି ଠାକୁର ନାହାନ୍ତି। ପୂଜା ଉପାସନା ନିଷିଦ୍ଧ। ମନ୍ଦିରର ଉଚ୍ଚତା ପ୍ରାୟ ୨୫ ଫୁଟ୍ ହେବ। ଲମ୍ବ ଓ ପ୍ରସ୍ଥ ପ୍ରାୟ ୧୦ଫୁଟ୍ ଲେଖାଏଁ। ସୂକ୍ଷ୍ମ କାରୁକାର୍ଯ୍ୟର ନମୁନା ସ୍ୱରୂପ ମନ୍ଦିର ଗାତ୍ରରେ ରହିଛି ନର୍ତ୍ତକୀ, ମେଣ୍ଢା ଓ ସାପ ମୂର୍ତ୍ତି। ଏହି ମନ୍ଦିର ମଧ୍ୟଯୁଗୀୟ ତନ୍ତ୍ରପୂଜାର ସଙ୍କେତ ବହନ କରେ ବୋଲି ଅନେକ ମତ ଦିଅନ୍ତି। ଏହାର ନିର୍ମାଣ ସମୟ ନିରୂପଣ ନେଇ ଭିନ୍ନ ମତ ପ୍ରକାଶ ପାଉଛି। ଭିନ୍ନ ଭିନ୍ନ ଜନଶ୍ରୁତି ଏହାକୁ ଅଧିକ ରହସ୍ୟମୟ କରିଛି। ପୂର୍ବରୁ ଏହି ମନ୍ଦିର ଜରାଜୀର୍ଣ୍ଣ ହୋଇପଡିଥିଲା । ୧୯୨୧ ମସିହାରେ ସ୍ଥାନୀୟ ରାଜାଙ୍କ ଦ୍ୱାରା ପୁନରୁଦ୍ଧାର କରା ଯାଇଥିଲା। ମଧ୍ୟଯୁଗୀୟ କବି ପ୍ରତାପ ରାୟ ତାଙ୍କ ଶଶିସେଣା କାବ୍ୟରେ ମନ୍ଦିର ସମ୍ପର୍କରେ ଏକ ପ୍ରେମକାହାଣୀକୁ ସୁନ୍ଦର ଭାବେ ଚିତ୍ରଣ କରିଛନ୍ତି। ତେବେ ପ୍ରେମର ପ୍ରତୀକ ଏହି ଶଶିସେଣା ପୀଠ ଅବହେଳିତ ହୋଇରହିଛି। ତନ୍ତ୍ର ସାଧନାର ସ୍ୱର୍ଣ୍ଣିମ ଅଧ୍ୟାୟ ବହନ କରୁଥିବା ଏହି ପୀଠର ବିକାଶ ପ୍ରତି କାହାର ନଜର ନାହିଁ। ଏକଦା ସେଠାରେ ତନ୍ତ୍ରପୂଜାର ପ୍ରାଧାନ୍ୟ ରହିଥିଲା ବୋଲି ଐତିହାସିକ ଓ ଗବେଷକମାନେ ମତ ଦିଅନ୍ତି।

– ରିପୋର୍ଟ: ମୃତ୍ୟୁଞ୍ଜୟ ଶତପଥୀ



ନିମୁହଁ ମନ୍ଦିର




## ବୀର ସୁରେନ୍ଦ୍ର ସାଏଙ୍କ ଗୁପ୍ତ ମନ୍ତ୍ରଣା ସ୍ଥଳ

# ଐତିହାସିକ ବାରବଖରା



ବରଗଡ଼ ଜିଲା ଭଟଲି ନିକଟସ୍ଥ ବାରପାହାଡ଼ ଜଙ୍ଗଲ। ସେହି ଜଙ୍ଗଲର ସବୁଜ ବନାନୀ ଭିତରେ ରହିଛି ଐତିହାସିକ ବାରବଖରା କୀର୍ତ୍ତିରାଜି। ଜଙ୍ଗଲ ଭିତରେ ଥିବା ୧୨ଟି ଗୁମ୍ଫା ହିଁ 'ବାରବଖରା' ନାମରେ ପରିଚିତ ଥିଲା। ଏବେ ସେହି ଗୁମ୍ଫା ମଧ୍ୟରୁ ଅଧିକାଂଶ କାଳସ୍ରୋତରେ ଭାଙ୍ଗିରୁଜି ଗଲାଣି। ଯେଉଁ କେତେକ ଗୁମ୍ଫା ରହିଛି ସେଥିରେ କେତେଜଣ ନାଗା ସନ୍ୟାସୀ ରହି ପୂଜାପାଠ କରୁଛନ୍ତି ।

ବ୍ରିଟିଶ ଶାସନ ସମୟରେ ସମ୍ବଲପୁର ଅଞ୍ଚଳବାସୀ ଗୋରା ସାହେବଙ୍କ ଶାସନରେ ଅତିଷ୍ଠ ହୋଇ ପଡ଼ିଥିଲେ। ଅତ୍ୟାଚାରୀ ଶାସନ ବ୍ୟବସ୍ଥାରୁ ମୁକ୍ତି ପାଇବା ପାଇଁ ଚାରିଆଡ଼େ ଚାଲିଥିଲା ଗୁପ୍ତ ଆଲୋଚନା। ଲୋକଙ୍କ ମଧ୍ୟରେ ଅସନ୍ତୋଷ ଚରମସୀମାରେ ପହଞ୍ଚି ଥିଲେ ମଧ୍ୟ କେହି ପାଟି ଖୋଲି ପାରୁ ନ ଥିଲେ। ଏହି ସମୟରେ ଇଂରେଜମାନଙ୍କ ଅତ୍ୟାଚାରରୁ ପ୍ରଜାମାନଙ୍କୁ ମୁକ୍ତ କରିବା ପାଇଁ ବୀର ସୁରେନ୍ଦ୍ର ସାଏ ସମସ୍ତ ରାଜା ଓ ଜମିଦାରମାନଙ୍କୁ ଏକତ୍ରିତ କରିବାକୁ ଚିନ୍ତା କଲେ। ତାଙ୍କର ବିଶ୍ୱାସ ଥିଲା ରାଜା ଓ ଜମିଦାରମାନଙ୍କୁ ଯଦି ଏକତ୍ରିତ କରାଯାଏ ତେବେ ମୁକ୍ତି ସଂଗ୍ରାମ ଜୋରଦାର ହୋଇପାରିବ। ହେଲେ ସବୁ ସ୍ଥାନରେ ଥିଲା ଇଂରେଜ ପୋଲିସଙ୍କ ପହରା। ଯଦି କୌଣସି ସ୍ଥାନରେ ପ୍ରଜାମେଳି ହେଉଥିଲା ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲା। ଏପରି ପରିସ୍ଥିତିରେ ସୁରେନ୍ଦ୍ର ସାଏ ସବୁ ରାଜା ଓ ଜମିଦାରମାନଙ୍କୁ ଏକ ନିରାପଦ ଓ ଗୁପ୍ତ ସ୍ଥାନରେ ଏକତ୍ରିତ କରିବାକୁ ଚାହୁଁଥିଲେ। ଶେଷରେ ସେ ବାରପାହାଡ଼ ଜଙ୍ଗଲକୁ ନିରାପଦ ସ୍ଥାନ ଭାବେ ଗ୍ରହଣ କଲେ। ସେଠାରେ ଥିବା ବାରବଖରାରେ ହିଁ ରାଜା ଓ ଜମିଦାରମାନଙ୍କୁ ଖୁବ୍ ଗୁପ୍ତ ଭାବେ ଏକତ୍ରିତ କରି ଚକ୍ରବ୍ୟୂହ ରଚନା କରିଥିଲେ ସୁରେନ୍ଦ୍ର ସାଏ।

ଜନଶ୍ରୁତି କହେ ସମ୍ବଲପୁର ଜିଲା ଖିଣ୍ଡା ଗ୍ରାମରୁ ବୀର ସୁରେନ୍ଦ୍ର ସାଏ ସିଧାସଳଖ ଘୋଡ଼ାରେ ସୁଡ଼ଙ୍ଗ ଦେଇ ବାରପାହାଡ଼ ଜଙ୍ଗଲର ଡେବ୍ରିଗଡ଼କୁ ଆସୁଥିଲେ। ସେଠାରୁ ଘଞ୍ଚ ଅରଣ୍ୟ ମଧ୍ୟରେ ବାରବଖରାକୁ ଆସି ରାଜା ଓ ଜମିଦାରମାନଙ୍କ ସହ ବୈଠକ କରୁଥିଲେ। ସେଠାରେ ହିଁ ଇଂରେଜମାନଙ୍କୁ ଆକ୍ରମଣ କରିବା ଓ ହତ୍ୟା କରିବାର ଯୋଜନା ପ୍ରସ୍ତୁତ କରାଯାଉଥିଲା। ରାଜାଙ୍କ ସୈନ୍ୟମାନଙ୍କ ଦ୍ୱାରା ଧରାପଡୁଥିବା ଇଂରେଜମାନଙ୍କୁ ଡେବ୍ରିଗଡ଼ରେ ହିଁ ହତ୍ୟା କରାଯାଉଥିଲା। ବରଗଡ଼ ମୁଖ୍ୟାଳୟରୁ ପ୍ରାୟ ୬୦ କିମି ଦୂରରେ ଥିବା ବାରବଖରାକୁ ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇନାହାନ୍ତି। ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଏହି ସ୍ଥଳୀରେ ରହିଛି ଝରଣା, ବିସ୍ତୀର୍ଣ୍ଣ ସବୁଜିମା। ପର୍ଯ୍ୟଟନ ବିଭାଗର ଉଦାସୀନତା ଯୋଗୁ ଆଜି ପର୍ଯ୍ୟନ୍ତ ଏହି ପୀଠର ବିକାଶ ହୋଇ ପାରିନାହିଁ।

– ରିପୋର୍ଟ: ସଞ୍ଜୀବ ଷଡ଼ଙ୍ଗୀ, ଭଟଲି


The Aditya Birla Group: Enriching Lives, Enabling Growth

A US$ 43 billion MNC, the Aditya Birla Group is in the League of Fortune 500. It is anchored by an extraordinary force of 120,000 employees, belonging to 42 nationalities, operating in 35 countries. Nearly 50 per cent of its revenues flow from its overseas operations. The Group has topped the Nielsen's Corporate Image Monitor and emerged as the Number 1 corporate, the 'Best in Class', for three consecutive years.

Hindalco, UltraTech Cement, Grasim Industries, Essel Mining and Industries, Idea Cellular, Aditya Birla Fashion and Retail and Aditya Birla Financial Services, operate in Odisha, anchored by a 12,000 strong work force. Its investment exceeds ₹. 30,000 crores.

Highlights of our companies engaged with communities in Odhisha (2016-17)
- We reach out to five lakh people annually in five districts of Odisha.
- Touch 2,07,369 lives across 126 villages.

Education
- To foster education have provided 100 teachers to 85 primary schools, as well as study material to 3120 students.
- Organise computer literacy programmes every six months to help the rural youth enhance their skills.
- Set up a centralised midday meal kitchen in Keonjhar district in partnership with the Odisha government. Midday meals provided to 78,000 children every day.
- Over 1 lakh school children in remote blocks of Odisha have been provided with solar lamps.
- We support the differently abled, through the NGO Swabhiman.

Healthcare:
- Over 81 medical camps organised and more than 62,325 villagers have had access to basic healthcare through these camps.
- Helped immunise 34,000 children against polio.
- Constructed 456 blocks of community toilets.
- Over 1,51,796 patients received medical care through our hospitals and dispensaries.
- More than 125 persons underwent cataract surgery.

Sustainable livelihood
- Working on triple layer vegetable and tuber crop cultivation through the 'machan' system on a commercial scale to benefit 200 farmers, and a commercial vegetable cultivation project at a household level to empower 500 families. These measures help increase agricultural productivity in a sustainable way.
- More than 146 self-help groups formed have led to empowerment of women.

Infrastructure
- Developed infrastructure by building and maintaining approach roads and internal concrete roads, drains, check dams, borewells, water harvesting structures and river steps.
- Maintain bathing ghats, culverts, playgrounds, health centres and community halls.
- Village infrastructure development has benefitted 1,62,915 people.
- Invested ₹ 25 crores towards our CSR engagement in Odisha.

Transcending the conventional barriers of business because we believe it is our duty and we care.

ADITYA BIRLA GROUP
Making A Difference
www.adityabirla.com





# ମା' ଲୋଭୀଙ୍କ ଯାତ୍ରା ଆରମ୍ଭ

## ପ୍ରଥମ ଦିନରେ ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

**ବଅଁରପାଳ:** ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଅନ୍ତର୍ଗତ ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଲୋଭୀଙ୍କ ବାର୍ଷିକ ଯାତ୍ରା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ୪ ଦିନ ଧରି ଚାଲିବ। ଏଥିପାଇଁ ସମଗ୍ର ଗ୍ରାମ ଉତ୍ସବମୁଖର ହୋଇଉଠିଛି। ଯାତ୍ରାରେ ୫ଶହରୁ ଊର୍ଦ୍ଧ୍ୱ ଦୋକାନ ବଜାର ପଡ଼ିଛି। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପ୍ରଥମ ଦିନରେ ୨୦ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିବା ଜଣାପଡ଼ିଛି। ପ୍ରଥମେ ତୁଳସୀପାଳରେ ଥିବା ଦିଅଁ ଘରେ ପୂଜାର୍ଚ୍ଚନା କରାଯିବା ପରେ ମା'ଙ୍କ ଆଲମକୁ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଯାତ୍ରାପୀଠକୁ ଅଣାଯାଇଥିଲା। ଶୋଭାଯାତ୍ରାରେ ପାଇକମାନେ ଲଉଡି ଖେଳ, ଘଣ୍ଟ ବାଦ୍ୟ ସହ ବିଭିନ୍ନ ନୃତ୍ୟ, ବାଦ୍ୟ ପରିବେଷଣ କରିଥିଲେ। ମାନସିକ ପୂରଣ ନିମନ୍ତେ ହଜାର ହଜାର ସଂଖ୍ୟାରେ ଶିଶୁଙ୍କ ମୁଣ୍ଡନ କରାଯାଇଥିଲା। ରାତିରେ ବଡ଼ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ତୁଳସୀପାଳରୁ ଗଡ଼ସନ୍ତ୍ରୀ ପୀଠକୁ ମା'ଙ୍କ ମହାଦେଶ ଆସିବ ବୋଲି ଜଣାପଡ଼ିଛି। ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମବାସୀ ଯାତ୍ରା ପରିଚାଳନା କରୁଛନ୍ତି।

# ହଜାର ବର୍ଷର ତନ୍ତ୍ରପୀଠ

## ରହୁଥିଲେ ୩୦୦ କୋଣାର୍କ ଶିଳ୍ପୀ





**ପୁରୀ ଅଫିସ:** ପ୍ରାଚୀ ଉପତ୍ୟକା ତନ୍ତ୍ରପୂଜାର ଏକ ପ୍ରମୁଖ ଅଞ୍ଚଳ ରହିଥିଲା। କାଳକ୍ରମେ ଏହି ପରିଚୟ ହଜି ହଜିଯାଉଥିଲେ ମଧ୍ୟ ଚଉରାଶି ଗ୍ରାମର ବରାହୀ ମନ୍ଦିର ଏକ ପ୍ରମୁଖ ତନ୍ତ୍ରପୀଠ ଭାବେ ପ୍ରସିଦ୍ଧି ଲାଭ କରିଛି। ଏହି ମନ୍ଦିର ଏବଂ ମୂର୍ତ୍ତି ସ୍ଥାପତ୍ୟ ଦୃଷ୍ଟିକୋଣରୁ ଐତିହାସିକ, ଗବେଷକ ଓ ପର୍ଯ୍ୟଟକ ସମସ୍ତଙ୍କୁ ଆଚମ୍ବିତ କରେ। ଶାସ୍ତ୍ରୀୟ ମତାନୁଯାୟୀ, ଦେବଦେବୀଙ୍କୁ ଉପାସନା କରିବା ପାଇଁ ହିନ୍ଦୁମାନଙ୍କର ଦୁଇଟି (ବୈଦିକ ଓ ତାନ୍ତ୍ରିକ) ଧାରା ରହିଛି। ମୂର୍ତ୍ତି ଉପାସନା ତନ୍ତ୍ର ପର୍ଯ୍ୟାୟ ଏବଂ ତନ୍ତ୍ର ଦର୍ଶନକୁ ନେଇ ଶାକ୍ତ ଉପାସନା ଓ ପରମ୍ପରା ବିକାଶ ଲାଭ କରିଛି। ଶାକ୍ତମାନେ ଶକ୍ତିର ଉପାସନା କରିଥାନ୍ତି। ଚେଦି ବଂଶର ରାଜାମାନେ ରାଜୁତି କରିବା ସମୟରେ ଓଡ଼ିଶା (ତତ୍କାଳୀନ କଳିଙ୍ଗ)ରେ ଶାକ୍ତ ପରମ୍ପରା ଅର୍ଥାତ୍ ଶକ୍ତି ପୂଜାର ବହୁଳ ପ୍ରସାର ହୋଇଥିଲା। ଏହି ବଂଶର ଶମ୍ଭୁଯଶ ନାମକ ଜଣେ ରାଜାଙ୍କର ଏକ ତାମ୍ରଫଳକ ପ୍ରାଚୀ ଉପତ୍ୟକାର କାକଟପୁରଠାରୁ ଆବିଷ୍କୃତ ହୋଇଥିଲା। ସେଥିରୁ ଜଣାଯାଏ ଖ୍ରୀଷ୍ଟପୂର୍ବ ସପ୍ତମ ଶତାବ୍ଦୀ ପୂର୍ବରୁ ପ୍ରାଚୀ ଉପତ୍ୟକାରେ ତନ୍ତ୍ର ପୂଜାର ବହୁଳ ଭାବେ ପ୍ରଚଳନ ଥିଲା। ପ୍ରାଚୀ ଗବେଷକ ସ୍ୱର୍ଗତ ଶ୍ୟାମସୁନ୍ଦର ତ୍ରିପାଠୀଙ୍କ ଐତିହାସିକ ଗ୍ରନ୍ଥ ବୁଦ୍ଧିଜିମ୍ ଆଣ୍ଡ ଅଦର ରିଲିଜିୟସ କଲ୍‌ଟ ଅଫ୍ ସାଉଥ୍ ଇଷ୍ଟଇଣ୍ଡିଆ ପୁସ୍ତକରୁ ଜଣାଯାଏ, ପ୍ରାଚୀ ଉପତ୍ୟକା ଏକଦା ବୌଦ୍ଧଧର୍ମର ପ୍ଲାବନରେ ପ୍ଲାବିତ ହୋଇଥିଲା। ବୌଦ୍ଧ ଧର୍ମାବଲମ୍ବୀମାନେ ପଞ୍ଚମକାର ପୂଜା ପଦ୍ଧତିରେ ପୂଜା କରୁଥିଲେ, ଯାହା ତନ୍ତ୍ର ଶାସ୍ତ୍ରାନୁସାରେ ଅନୁମୋଦିତ ହୋଇଥିଲା। ଏମାନଙ୍କ ପାଇଁ ଦୀର୍ଘବର୍ଷ ଧରି ପ୍ରାଚୀ ଉପତ୍ୟକାରେ ତନ୍ତ୍ର ପୂଜା ପ୍ରଚଳିତ ହୋଇପାରିଥିଲା। ଚଉରାଶିର ବରାହୀ ମନ୍ଦିର ପ୍ରମୁଖ ତନ୍ତ୍ରପୀଠ ପାଲଟିଥିବା ବେଳେ ଏଠାରେ ବାମାଚାରୀ ତାନ୍ତ୍ରିକମାନଙ୍କ ଦ୍ୱାରା ତନ୍ତ୍ର ଶିକ୍ଷା ପ୍ରଦାନ କରାଯାଉଥିଲା।

### ପୀଠର ଅବସ୍ଥିତି

ଭୁବନେଶ୍ୱର-କାକଟପୁର ମୁଖ୍ୟ ରାସ୍ତାରେ ପଡ଼େ ଅମରେଶ୍ୱର ବଜାର। ସେଠାରୁ ଉତ୍ତର ଦିଗକୁ ମାତ୍ର ୨ କି.ମି. ଗଲେ ପଡ଼େ ଚଉରାଶି ଗ୍ରାମ। ଗାଁ ଶେଷରେ ରହିଛି ପ୍ରସିଦ୍ଧ ବରାହୀ ମନ୍ଦିର। ଏଠାରେ ଦେବୀ ବରାହୀ ପୂଜା ପାଉଛନ୍ତି। ଗାଁର ନାମକୁ ନେଇ ଭିନ୍ନ ମତ ଶୁଣିବାକୁ ମିଳେ। ବୌଦ୍ଧମାନଙ୍କ ମତରେ ଚଉଦଭୁବନ ଏବଂ ଏହାର ଛଅଗୁଣ ସ୍ୱର୍ଗ, ଅର୍ଥାତ୍ ଚଉରାଶି ଗ୍ରାମ ସ୍ୱର୍ଗତୁଲ୍ୟ। ତନ୍ତ୍ର ଶାସ୍ତ୍ରରେ ଚଉରାଶି ସଂଖ୍ୟାର ପ୍ରାଧାନ୍ୟ ରହିଛି। ତନ୍ତ୍ର ପୂଜାରେ (୮୪) ଅଞ୍ଜନର ବ୍ୟବହାର ହୁଏ। ବରାହୀ ମନ୍ଦିର ଯେହେତୁ ଏକ ପ୍ରମୁଖ ତନ୍ତ୍ରପୀଠ ଭାବେ ପ୍ରସିଦ୍ଧି ଲାଭ କରିଥିଲା, ସେଥିପାଇଁ ଗ୍ରାମର ନାମ ଚଉରାଶି ରଖାଯାଇଥିବା ମଧ୍ୟ କୁହାଯାଏ।

### ବରାହୀ ମନ୍ଦିର

ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ପୂର୍ବତନ ଅଧୀକ୍ଷକ ବିଜୟ କୁମାର ରଥ କୁହନ୍ତି, ଓଡ଼ିଶାରେ ତିନୋଟି (ରେଖା, ପିଢ଼ା ଓ ଖାକରା) ଶୈଳୀର ମନ୍ଦିର ଦେଖିବାକୁ ମିଳେ। ଖାକରା ଶୈଳୀର ମନ୍ଦିର କେବଳ ଦେବୀମାନଙ୍କ ଲାଗି ତିଆରି କରାଯାଉଥିଲା। ଓଡ଼ିଶାରେ ଏହି ଶୈଳୀର ମନ୍ଦିର ଖୁବ୍ କମ୍ ସଂଖ୍ୟାରେ ରହିଥିବା ବେଳେ ସେଥିମଧ୍ୟରୁ ଚଉରାଶି ଗ୍ରାମର ବରାହୀ ମନ୍ଦିର ଅନ୍ୟତମ। ଏହା ନବମ-ଦଶମ ଶତାବ୍ଦୀ ମଧ୍ୟରେ ସୋମବଂଶ ବା କେଶରୀ ବଂଶ ରାଜତ୍ୱ ଆରମ୍ଭ ସମୟରେ ନିର୍ମାଣ ହୋଇଥିବା ଅନୁମାନ କରାଯାଏ। କେନ୍ଦ୍ର ସରକାରଙ୍କ ସଂରକ୍ଷିତ କୀର୍ତ୍ତିରାଜି ତାଲିକାରେ ରହିଥିବା ଏହି ମନ୍ଦିରର ରକ୍ଷଣାବେକ୍ଷଣ ଏଏସ୍‌ଆଇ ହାତରେ ନ୍ୟସ୍ତ ରହିଛି। କ୍ଲୋରାଇଟି ପଥରରେ ମନ୍ଦିର ନିର୍ମାଣ ହୋଇଥିବା ବେଳେ ମୁଖ୍ୟ ମନ୍ଦିରର ଉଚ୍ଚତା ପ୍ରାୟ ୨୫ରୁ ୨୭ ଫୁଟ୍ ହେବ। ମୁଖ୍ୟ ମନ୍ଦିରଟି ଡମ୍ବରୁ ଆକୃତିର ହୋଇଥିବା ବେଳେ ସମୂହ ପୀଠଟି ଦେଶୀୟ ଡଙ୍ଗା ଭଳି ଦୃଶ୍ୟମାନ ହୁଏ। ମନ୍ଦିରର ନିମ୍ନାଂଶ ଭୁବନେଶ୍ୱରର ବୈତାଳ ମନ୍ଦିର ସହ ତୁଳନୀୟ। ଇଷ୍ଟଦେବୀ ବରାହୀଙ୍କ ସମେତ ଝରକା ଦୁଇବନ୍ଧରେ ଦୁଇଟି ନାଗ କନ୍ୟା ଶୋଭା ପାଉଛନ୍ତି। ମନ୍ଦିରର ବିମାନଟି ପଞ୍ଚରଥ ଶୈଳୀର। ମନ୍ଦିର ଗାତ୍ରରେ ଫୁଟିଉଠିଛି ୮୪ କାମକଳାର ଚିତ୍ର।

### ବରାହୀଙ୍କ ମୂର୍ତ୍ତି

କଳା ମୁଗୁନି ପଥରରେ ନିର୍ମିତ ମା' ବରାହୀଙ୍କ ମୂର୍ତ୍ତିର ଉଚ୍ଚତା ପ୍ରାୟ ୪ ଫୁଟ୍ ହେବ। କାରୁକାର୍ଯ୍ୟପୂର୍ଣ୍ଣ ଏହି ମୂର୍ତ୍ତି ଜୀବନ୍ତ ଓ ଭୟଙ୍କର ଲାଗେ। ମୂର୍ତ୍ତି ନାଭିଦେଶରେ ଏକ ଗର୍ତ୍ତ ଦେଖିବାକୁ ମିଳେ। ପର୍ତ୍ତୁଗୀଜ ଦସ୍ୟୁମାନେ ମା'ଙ୍କ ନାଭିଦେଶରେ ଥିବା ମୂଲ୍ୟବାନ ହୀରା ଲୁଟି ନେଇଥିବାରୁ ଏହି ଗର୍ତ୍ତ ହୋଇଥିବା କୁହାଯାଉଛି।

### ଐତିହ୍ୟର ଗୌରବମୟ ସ୍ମାରକୀ

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ପ୍ରାଚୀନ କାଳରେ କୋଣାର୍କ ଅଞ୍ଚଳ ମୈତ୍ରେୟ ବନ ଭାବରେ ପରିଚିତ ଥିଲା। ମୈତ୍ରେୟ ବନରେ ପ୍ରଥମରୁ ସୂର୍ଯ୍ୟ ଉପାସନା ପ୍ରଚଳିତ ଥିଲା। ଶାସ୍ତ୍ର ମତକୁ ଦୃଷ୍ଟିଦେଲେ ଗଜପତି ଲାଙ୍ଗୁଳା ନରସିଂହ ଦେବ ନିର୍ମାଣ କରିଥିବା ଶ୍ରୀପଦ୍ମକେଶରୀ ମନ୍ଦିର ସୂର୍ଯ୍ୟ ଦେବତାଙ୍କର ତୃତୀୟ ମନ୍ଦିର ଭାବେ ପ୍ରତିଭାତ ହୁଏ। ଏହି ମନ୍ଦିର ନିର୍ମାଣ କାଳରେ ୧୨୦୦ ମହାରଣା (ଶିଳ୍ପୀ)କୋଣାର୍କ ଆଖପାଖ ଗଡ଼ରେ ଚାରୋଟି ଶିବିର କରି ରହୁଥିଲେ। ମହାରଣାମାନେ ପ୍ରତ୍ୟହ ଦେବୀଙ୍କ ଉପାସନା କରି ମନ୍ଦିର ନିର୍ମାଣ କରିବାକୁ ବାହାରି ଯାଉଥିଲେ। ୩ଟି ସ୍ଥାନରେ ସେମାନେ କୋଣାର୍କ ପ୍ରତିକୃତିର ୩ଟି ମନ୍ଦିର ନିର୍ମାଣ କରି ସେଠାରେ ଦେବୀଙ୍କ ଉପାସନା କରୁଥିଲେ। କିନ୍ତୁ ଚଉରାଶି ଶିବିରରେ ୩୦୦ ମହାରଣା ରହୁଥିଲେ ମଧ୍ୟ ସେଠାରେ ସେମାନଙ୍କୁ ମନ୍ଦିର ନିର୍ମାଣ କରିବାକୁ ପଡି ନ ଥିଲା। କାରଣ ପ୍ରାୟ ଦେଢ଼ଶହ ବର୍ଷ ପୂର୍ବରୁ ବରାହୀ ଦେବୀଙ୍କ ମନ୍ଦିର ନିର୍ମାଣ ହୋଇସାରିଥିଲା। ସେଠାରେ ମହାରଣା (ବଢ଼େଇ) ଅବସ୍ଥାନ କରୁଥିବାରୁ ଏହାକୁ ବଢ଼େଇ ମନ୍ଦିର ମଧ୍ୟ କୁହାଯାଇଆସୁଛି। ସ୍ମରଣଯୋଗ୍ୟ ଯେ, ଓଡ଼ିଶାରେ ବରାହୀ ଉପାସନା ୬୨୦ ମସିହା ପୂର୍ବରୁ ହୋଇସାରିଥିଲା। ଶୈଳୋଦ୍ଭବ ରାଜାମାନେ ବାଣପୁର ନିକଟ ବଙ୍କାଳ ଗଡ଼ରେ ରାଜଧାନୀ କରି ଶାସନ କରୁଥିବା ବେଳେ ବରାହୀଙ୍କ ଉପାସକ ଥିଲେ। ପରବର୍ତ୍ତୀ କାଳରେ କେଶରୀ ବଂଶ ଯାଜପୁରରେ ରାଜଧାନୀ କରି ଶାସନ କଲାବେଳେ ବରାହକ୍ଷେତ୍ର ଯାଜପୁରରେ ବରାହୀଙ୍କ ଉପାସନା ବିକାଶ କରାଇଥିଲେ। ସେହି ଧାରା ପୁରୀରେ ମଧ୍ୟ ଅବ୍ୟାହତ ରହିଥିଲା। ସୂର୍ଯ୍ୟବଂଶୀ ଗଜପତିମାନେ ପୁରୀର ବାଲି ନଅରର ଉତ୍ତର ଦ୍ୱାରରେ ବରାହୀଙ୍କୁ ସ୍ଥାପନ କରି ଉପାସନା ପ୍ରଚଳନ କରିଥିଲେ। କାଳକ୍ରମେ ବାଲିନଅର ଧ୍ୱଂସ ପାଇଥିଲେ ମଧ୍ୟ ଏବେ ମା' ବରାହୀ ଉପାସନା ଜାରି ରହିଛି।

**-ରିପୋର୍ଟ: ହେମନ୍ତ କୁମାର ନାୟକ, ସନ୍ତୋଷ କୁମାର ଦାଶ**















# ବାଲି-କଳିଙ୍ଗ ସମ୍ପର୍କ ସର୍ବଦା ସୁଦୃଢ଼



ଉଦ୍‌ଘାଟନୀ ଉତ୍ସବରେ ଇଣ୍ଡୋନେସିଆର ଅଘୁସ ଇନ୍ଦ୍ର ଉଦୟନଙ୍କୁ ସମ୍ମାନିତ କରାଯାଉଛି।

**କଟକ ଅଫିସ, ୨୩।୧୧**

ବାଲି-କଳିଙ୍ଗର ସମ୍ପର୍କ ବହୁ ପୁରାତନ। ଏହି ସମ୍ପର୍କ ସଦାସର୍ବଦା ଉଜ୍ଜୀବିତ ହୋଇ ରହିବ ଓ ଏହାକୁ ଅଧିକ ସୁଦୃଢ଼ କରାଯିବ। ବାଲିଯାତ୍ରା ଜରିଆରେ ସମୃଦ୍ଧ ଓଡ଼ିଶାର ସଂକଳ୍ପ ନିଆଯିବ। ପ୍ରତିବର୍ଷ ବାଲିଯାତ୍ରାକୁ ୭ ଦିନ ପରିବର୍ତ୍ତେ ୧୦ ଦିନ କରିବା ପାଇଁ ବ୍ୟବସ୍ଥା କରାଯିବ। ଶୁକ୍ରବାର ସନ୍ଧ୍ୟାରେ କଟକର ଐତିହାସିକ ବାଲିଯାତ୍ରାକୁ ଉଦ୍‌ଘାଟନ କରି ଏହି କଥା କହିଛନ୍ତି ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା। ଓଡ଼ିଶାର ବିଭବ, ଗୌରବ ଓ ପରମ୍ପରାକୁ ଫେରାଇ ଆଣିବା ପାଇଁ ଉଦ୍ୟମ କରାଯାଉଛି। ସେ ଭାଷଣ ପ୍ରସଙ୍ଗରେ ମେକ୍ ଇନ୍ ଓଡ଼ିଶା ସହିତ ବାଲିଯାତ୍ରାକୁ ଯୋଡ଼ିଥିଲେ। ମେକ୍ ଇନ୍ ଓଡ଼ିଶା ମାଧ୍ୟମରେ ଦେଶ ବିଦେଶର ବଡ଼ ବଡ଼ କମ୍ପାନୀ ଓଡ଼ିଶାମୁହାଁ ହେଉଛନ୍ତି। ଓଡ଼ିଶା ବ୍ୟବସାୟ, ବାଣିଜ୍ୟ ମାଧ୍ୟମରେ ନିଜ ଗୋଡ଼ରେ ଛିଡ଼ା ହେବ। ଏହା ହିଁ ଓଡ଼ିଶାର ବାଣିଜ୍ୟିକ ପରମ୍ପରାର ଶ୍ରେଷ୍ଠ ନିଦର୍ଶନ ବୋଲି ମନ୍ତ୍ରୀ ବେହେରା କହିଥିଲେ। ତେବେ ବାଲିଯାତ୍ରା ଉଦ୍‌ଘାଟନୀ ଉତ୍ସବର ଆକର୍ଷଣ ଥିଲେ ବାଲିଦ୍ୱୀପରୁ ଆସିଥିବା ଆଶ୍ରମ ଗାନ୍ଧୀପୁରୀର ମୁଖ୍ୟ ଅଘୁସ ଇନ୍ଦ୍ର ଉଦୟନ୍। ତାଙ୍କ ନେତୃତ୍ୱରେ ଇଣ୍ଡୋନେସିଆର କଳିଙ୍ଗ-ବାଲି ସଙ୍ଗମ୍ ଡ୍ୟାନ୍ସ ଗ୍ରୁପ ବାଲିଯାତ୍ରାକୁ ଆସିଛି। ଉଦୟନ୍ ନିଜ ଭାଷଣରେ ବାଲିଦ୍ୱୀପ ସହିତ ଓଡ଼ିଶା ଓ ବିଜୁ ପଟ୍ଟନାୟକଙ୍କ ସମ୍ପର୍କକୁ ମନେ ପକାଇଥିଲେ। ଉଦୟନ୍ ହେଉଛନ୍ତି ବାଲିଦ୍ୱୀପର ପ୍ରଥମ ଗଭର୍ନରଙ୍କ ନାତି। ଜେଜେବାପାଙ୍କଠାରୁ ସେ ବିଜୁ ପଟ୍ଟନାୟକଙ୍କର କାହାଣୀ ଶୁଣିଥିବା କହିବା ସହିତ ଇଣ୍ଡୋନେସିଆର ପ୍ରଥମ ରାଷ୍ଟ୍ରପତି ସୁକର୍ଣ୍ଣୋଙ୍କୁ ବିଜୁ ପଟ୍ଟନାୟକ କିଭଳି ରକ୍ଷା କରିଥିଲେ ସେ କଥା ମଧ୍ୟ କହିଥିଲେ। ବାଲିଦ୍ୱୀପରେ କାର୍ତ୍ତିକ ପୂର୍ଣ୍ଣମୀ ପାଳିତ ହୋଇଥାଏ। ଓଡ଼ିଶାରେ କାର୍ତ୍ତିକ ପୂର୍ଣ୍ଣମୀରେ ଯେଉଁଭଳି ଡଙ୍ଗାଭସା ପରମ୍ପରା ରହିଛି ବାଲିଦ୍ୱୀପରେ ମଧ୍ୟ ସମାନ ଢଙ୍ଗରେ ଏହି ପରମ୍ପରାକୁ ପାଳନ କରାଯାଉଥିବା ଉଦୟନ୍ କହିଥିଲେ। ଏହି ଉତ୍ସବରେ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ଏମ୍‌ପି ଭର୍ତ୍ତୃହରି ମହତାବ, କୁଳମଣି ସାମଲ, ରାଜ୍ୟ ସଭା ସଦସ୍ୟ ନରେନ୍ଦ୍ର ସ୍ୱାଇଁ, ବିଧାୟକ ପ୍ରଭାତ ତ୍ରିପାଠୀ, ଦେବାଶିଷ ସାମନ୍ତରାୟ, ପ୍ରଭାତ ବିଶ୍ୱାଳ, ପ୍ରମୋଦ ମଲ୍ଲିକ, ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ସିଏମ୍‌ସି ମେୟର ମୀନାକ୍ଷୀ ବେହେରା, ଜିଲା ପରିଷଦ ସଭାପତି ଜ୍ୟୋତିରେଖା ନାୟକ ପ୍ରମୁଖ ଯୋଗଦେଇ ଉତ୍କଳର ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ସମ୍ପର୍କରେ କହିଥିଲେ। ଚଳିତବର୍ଷ ବାଲିଯାତ୍ରାରେ ମୋଟ୍ ୧୦୩୯ଟି ଷ୍ଟଲ ଖୋଲାଯାଇଛି। ପଡ଼ିଆରେ ୪୩ଟି ଦୋଳି ପଡ଼ିଛି।

## ଫୁଲତୋଡ଼ାରେ ପ୍ଲାଷ୍ଟିକ ଗୁଡ଼ାଯାଇଥିଲା

ପ୍ଲାଷ୍ଟିକ୍‌ମୁକ୍ତ ବାଲିଯାତ୍ରା ଉପରେ ପ୍ରଶାସନ ବାଲିଯାତ୍ରା ପ୍ରସ୍ତୁତି ବୈଠକରୁ ଗୁରୁତ୍ୱ ଦେଇଆସିଛି। କିନ୍ତୁ ଅତିଥିମାନଙ୍କୁ ସ୍ୱାଗତ କରିବାକୁ ଆସିଥିବା ଫୁଲତୋଡ଼ାରେ ପ୍ଲାଷ୍ଟିକ୍ ଗୁଡ଼ାଯାଇଥିବା ଦେଖିବାକୁ ମିଳିଥିଲା, ଯାହାକୁ ନେଇ ଅତିଥିମାନେ ପ୍ରତିକ୍ରିୟା ବ୍ୟକ୍ତ କରିଥିଲେ। ଏହା ଉପରେ ଗୁରୁତ୍ୱ ଦେବାକୁ ଅତିଥିମାନେ ଭାଷଣରେ ଆୟୋଜକଙ୍କୁ ପରାମର୍ଶ ଦେଇଥିଲେ।

**ବାଲିଯାତ୍ରା ଉଦ୍‌ଘାଟିତ**



■ ଧାମରା-ଚାନ୍ଦବାଲିରେ ବୋଇତ ବନ୍ଦାଣ ସମାରୋହ

# 'ଓଡ଼ିଶାର ବାଣିଜ୍ୟିକ ପରମ୍ପରା ମହାନ୍'




ଧାମରାରେ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବରେ ମୁଖ୍ୟଅତିଥି ରାଜ୍ୟପାଳ ଗଣେଶୀ ଲାଲ ଓ ଅନ୍ୟମାନେ।

**ଚାନ୍ଦବାଲି,୨୩।୧୧(ଡି.ଏନ.ଏ.)**

■ ତାଜା ହୋଇଉଠିଲା ଐତିହ୍ୟ ଓ ପରମ୍ପରାର ସ୍ମୃତି
■ ସାଧବପୁଅ ବେଶରେ ନାବିକଙ୍କ ଜଳଯାତ୍ରା
■ ସାଂସ୍କୃତିକ କାର୍ଯ୍ୟକ୍ରମ ମନ ମୋହିଲା

ଭଦ୍ରକ ଜିଲାର ଉଭୟ ଧାମରା ଓ ଚାନ୍ଦବାଲିରେ ପ୍ରାଚୀନ ବନ୍ଦର ରହିଥିଲା। ଏଠାରୁ ସାଧବପୁଅମାନେ ଦୂରଦେଶକୁ ଜଳଯାତ୍ରା କରି ବେପାର ବଣିଜ କରୁଥିଲେ। ସେମାନେ ବଣିଜ କରିବାକୁ ଯାଇ ଉତ୍କଳୀୟ ସଂସ୍କୃତିର ପ୍ରସାର ଘଟାଇଥିଲେ। ଏହି ସ୍ମୃତିକୁ ମନେ ପକାଇବା ପାଇଁ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ପାଳନ ଅବସରରେ ଶୁକ୍ରବାର ଉଭୟ ସ୍ଥାନରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପାରମ୍ପରିକ ବେଶଭୂଷାରେ ସଜ୍ଜିତ ନାବିକଙ୍କ ଜଳଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବାଲିଯାତ୍ରା ଆୟୋଜନ ଯୋଗୁ ଓଡ଼ିଶାର ନୌବାଣିଜ୍ୟର ଐତିହ୍ୟ ଓ ସଂସ୍କୃତି ତାଜା ହୋଇଉଠିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ନୌବାଣିଜ୍ୟ ସ୍ମୃତିର ଝଲକ ଲୋକଙ୍କ ମନ ମୋହିଥିଲା। ଏଥିଲାଗି ସାରାଦିନ ଉଭୟ ଧାମରା ଓ ଚାନ୍ଦବାଲି ସହର ଉତ୍ସବମୁଖର ରହିଥିଲା। ମା' ଧାମରାଈ ସାର୍ବଜନୀନ ବୋଇତ ବନ୍ଦାଣ ଉତ୍ସବ କମିଟି ପକ୍ଷରୁ ଆୟୋଜିତ ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡିଶାର ପ୍ରାଚୀନ ବାଣିଜ୍ୟିକ ପରମ୍ପରା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ଅତୀତର ମହାନ ପରମ୍ପରା ଓ ଗୌରବ ଆମକୁ ଆଗକୁ ବଢ଼ିବା ଲାଗି ପ୍ରେରଣା ଦେଇଥାଏ। ପ୍ରାଚୀନ ନୌବାଣିଜ୍ୟ ଐତିହ୍ୟରୁ ପ୍ରେରଣା ଲାଭ କରି କାର୍ଯ୍ୟ କଲେ ଦେଶ ବିକଶିତ ହେବ ବୋଲି ସେ ମତ ରଖିଥିଲେ।

ଧାମରାରେ ୩ ଓ ଚାନ୍ଦବାଲିରେ ୨ଟି ଅନୁଷ୍ଠାନ ପକ୍ଷରୁ ଚଳିତବର୍ଷର ବୋଇତ ବନ୍ଦାଣ ଉତ୍ସବ ଆୟୋଜିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମନମୋହନ ସାମଲ, ବିଷ୍ଣୁ ସେଠୀ,ବାବୁଲ ସୁପ୍ରିୟୋ, ପ୍ରଦୀପ ପୁରୋହିତ, ରାଧାରାଣୀ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସୁସଜ୍ଜିତ ବୋଟ୍‌ରେ ନାବିକମାନେ ଜଳଯାତ୍ରା କରିଥିଲେ। ଧାମରା-ଚାନ୍ଦବାଲି ବୋଇତ ବନ୍ଦାଣ କମିଟି ପକ୍ଷରୁ ୭ ଜଣ ସାଧବ ଧାମରାରୁ ବାହାରି ୨୫ କି.ମି. ଜଳଯାତ୍ରା କରି ଶୁକ୍ରବାର ସକାଳେ ଚାନ୍ଦବାଲିରେ ପହଞ୍ଚିଥିଲେ। 'ଚାନ୍ଦବାଲି ଆମ ପରମ୍ପରା ସଙ୍ଗଠନ' ପକ୍ଷରୁ ଏହି ୭ ସାଧବଙ୍କୁ ପାଛୋଟି ଅଣାଯାଇଥିଲା। ଏହାପରେ କାଳୀ ପଡିଆରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବାଣିଜ୍ୟିକ ଦ୍ରବ୍ୟର ପ୍ରତୀକ ପ୍ରଦର୍ଶନ ସହ ଏହାର ଆଦାନ ପ୍ରଦାନ ହୋଇଥିଲା। ରାଜ୍ୟସଭା ସଦସ୍ୟ ପ୍ରତାପ ଦେବ, ବିଧାୟକ ବ୍ୟୋମକେଶ ରାୟ, ଜିଲାପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ଚାନ୍ଦବାଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ମାନସୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ମା' ଧାମରାଈ ଆଞ୍ଚଳିକ ବୋଇତ ବନ୍ଦାଣ କମିଟି ପକ୍ଷରୁ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବରେ ନିରଞ୍ଜନ ପଟ୍ଟନାୟକ, ଅନନ୍ତ ସେଠୀ, ଅଶୋକ ଦାସ, ଅମିୟ ମହାପାତ୍ର, ଦିଗମ୍ବର ଦାସ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଚାନ୍ଦବାଲି ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ, ପ୍ରଫେସର ଶାନ୍ତନୁ କୁମାର ମହାନ୍ତି, ପ୍ରଫେସର ବୈକୁଣ୍ଠନାଥ ପରିଡା, ପ୍ରଫୁଲ୍ଲ ଦାସ, ପ୍ରମୋଦ ତ୍ରିପାଠୀ, ଚିନ୍ତାମଣି ମହାରଣା ପ୍ରମୁଖ ଯୋଗଦେଇଥିଲେ।






# ଉଦ୍‌ଘାଟନୀ ଉତ୍ସବରେ ମିଳିବ ଓଡ଼ିଶାର ପରିଚୟ

**ଭୁବନେଶ୍ୱର, ୨୩।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ହକି ବିଶ୍ୱକପ୍‌ର ଚତୁର୍ଦ୍ଦଶ ସଂସ୍କରଣ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ସପ୍ତାହରୁ ଆରମ୍ଭ ହେବ। ହକିର ଏହି ମହାକୁମ୍ଭରେ ବିଶ୍ୱର ୧୬ଟି ଦେଶର ଦଳ ଅଂଶଗ୍ରହଣ କରୁଥିବାବେଳେ ଏହାର ରଙ୍ଗାରଙ୍ଗ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଦର୍ଶକମାନେ ନଭେମ୍ବର ୨୭ ସନ୍ଧ୍ୟାରେ କଳିଙ୍ଗ ଷ୍ଟାଡିୟମର ଆଥ୍‌ଲେଟିକ ଗ୍ରାଉଣ୍ଡରେ ଦେଖିବାକୁ ପାଇବେ। ଏଥିଲାଗି ଆଥ୍‌ଲେଟିକ ଗ୍ରାଉଣ୍ଡର ସାଜସଜ୍ଜା କାମ ଜୋର୍‌ସୋରରେ ଚାଲିଛି। ଉଦ୍‌ଘାଟନୀ ଉତ୍ସବରେ ହେବାକୁ ଥିବା ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଲାଗି ପ୍ରତିଦିନ ରିହର୍ସାଲ ଅନୁଷ୍ଠିତ ହେଉଛି। ଉଦ୍‌ଘାଟନୀ ଦିବସରେ ବଲିଉଡ୍ ସୁପର୍‌ଷ୍ଟାର ଶାହରୁଖ ଖାଁ, ଅଭିନେତ୍ରୀ ମାଧୁରୀ ଦୀକ୍ଷିତ, ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର୍. ରହମନଙ୍କ ସମେତ ଓଡ଼ିଆ ଫିଲ୍ମଷ୍ଟାର ସବ୍ୟସାଚୀ ମିଶ୍ର ଓ ଅର୍ଚ୍ଚିତା ସାହୁ ସମାରୋହର ମୁଖ୍ୟ ବାର୍ତ୍ତା 'ଏକତା ଓ ସମଗ୍ର ବିଶ୍ୱ ଏକ' ଉପରେ ଅଭିନୟ କରିବେ।

ଏହାର ପୂର୍ବପ୍ରସ୍ତୁତି ଲାଗି ଉଦ୍‌ଘାଟନୀ ସମାରୋହର କ୍ରିଏଟିଭ ଡାଇରେକ୍ଟର ନୂପୁର ମହାଜନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସବ୍ୟସାଚୀ, ଅର୍ଚ୍ଚିତାଙ୍କ ସମେତ ଓଡ଼ିଶାର ସ୍କୁଲ ଓ କଲେଜର ୮୦୦ ଛାତ୍ରୀଛାତ୍ର କଳିଙ୍ଗ ଷ୍ଟାଡିୟମରେ ଜୋରଦାର ଅଭ୍ୟାସ ଚଳାଇଛନ୍ତି। 'ଗତ ୧୦/୧୫ ଦିନ ହେବ ଏଥିଲାଗି ରିହର୍ସାଲ ଆରମ୍ଭ ହୋଇଯାଇଛି। ସାଧାରଣତଃ ଗୀତ ଓ ନାଚ ଅପେକ୍ଷା ଏଥିରେ



ଉଦ୍‌ଘାଟନୀ ଉତ୍ସବ ସଙ୍ଗୀତ 'ଦ ଆର୍ଥ ସଙ୍ଗ'ର କୋରିଓଗ୍ରାଫର ଶିଆମକ ଡାଭର, ଲେଖିକା-ନିର୍ଦ୍ଦେଶିକା ନୂପୁର ମହାଜନ ଓ ଅଭିନେତା ସବ୍ୟସାଚୀ।

ଦର୍ଶକଙ୍କ ସହିତ ସିଧାସଳଖ କିଭଳି ବାର୍ତ୍ତା ବିନିମୟ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ସେହିଭଳି ଯେଉଁ ୧୬ଟି ଦେଶ ବିଶ୍ୱକପ୍‌ରେ ଅଂଶଗ୍ରହଣ କରୁଛନ୍ତି, ସେମାନଙ୍କ ଭିନ୍ନ ଭିନ୍ନ ସଂସ୍କୃତିକୁ ଦର୍ଶକଙ୍କ ସାମ୍ନାରେ ପ୍ରଦର୍ଶିତ କରାଯିବ। ଏହାସହ କେତେବଡ଼ କାର୍ଯ୍ୟକ୍ରମ ଓଡ଼ିଶାରେ ଆୟୋଜିତ ହେଉଛି ସେହି ବାର୍ତ୍ତା ମଧ୍ୟ ଏହି ପ୍ରଦର୍ଶନ ମାଧ୍ୟମରେ ଦର୍ଶକଙ୍କୁ ସୂଚାଇ ଦିଆଯିବ ବୋଲି ଅଭିନେତା ସବ୍ୟସାଚୀ କହିଛନ୍ତି। ସବ୍ୟସାଚୀ ଓ ଅର୍ଚ୍ଚିତା ଅଭିନୟ କରିବାକୁ ଥିବା ବିଷୟବସ୍ତୁର ଅବଧି ୪୦ ମିନିଟ୍ ବିଶିଷ୍ଟ ରହିଛି। ଏଥିରେ ସେମାନେ ଦର୍ଶକଙ୍କ ସହିତ ଭାବ ବିନିମୟ କରିବା ସହ ନୃତ୍ୟ ପରିବେଷଣ, ବିଭିନ୍ନ ଦେଶ ସମ୍ବନ୍ଧିତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ କରିବେ। ସେହିଭଳି ହକି ବିଶ୍ୱକପ୍ ଭଳି ଏକ ବିଶ୍ୱସ୍ତରୀୟ ଇଭେଣ୍ଟ ଆୟୋଜନ କରିବା ଓଡ଼ିଶା ପାଇଁ ସୌଭାଗ୍ୟର ବିଷୟ। ଏଥିଲାଗି ଓଡ଼ିଶା କିଭଳି ନିଜକୁ ପ୍ରସ୍ତୁତ କରିଛି। ଅଂଶଗ୍ରହଣ କରୁଥିବା ୧୬ଟି ଦେଶ ସାମ୍ନାରେ ଓଡ଼ିଶାକୁ ମଧ୍ୟ ପରିଚିତ କରାଇବା ଆମର ଏହି କାର୍ଯ୍ୟକ୍ରମର ଏକ ଅଂଶ ରହିବ ବୋଲି ସବ୍ୟସାଚୀ କହିଛନ୍ତି। ଶାହରୁଖ ଖାନ୍, ମାଧୁରୀ ଦୀକ୍ଷିତଙ୍କ ସମେତ ଅର୍ଚ୍ଚିତା ଓ ମୁଁ ହ୍ୱାଇଟ୍ ଓ ବ୍ଲାକ କମ୍ବିନେଶନରେ ପ୍ରସ୍ତୁତ କଷ୍ଟ୍ୟୁମ ପରିଧାନ କରିବୁ। ପୂର୍ବରୁ ଓଡ଼ିଶାରେ କ୍ରୀଡ଼ା ସମ୍ବନ୍ଧୀୟ ଯେତେବି କାର୍ଯ୍ୟକ୍ରମ ହୋଇଛି ସବୁଥିରେ ଅଂଶଗ୍ରହଣ କରିବା ସୁଯୋଗ ପାଇଥିବାରୁ ନିଜକୁ ଭାଗ୍ୟଶାଳୀ ମନେ କରୁଛି ବୋଲି ସବ୍ୟସାଚୀ କହିଛନ୍ତି।

## ଇଂଲଣ୍ଡ ଖେଳାଳି ଖାଇବେନି ମସଲା ଖାଦ୍ୟ

**ଭୁବନେଶ୍ୱର, ୨୩।୧୧(ବ୍ୟୁରୋ)**

ମସଲାଯୁକ୍ତ ଖାଦ୍ୟ ଖାଇବେନି ଇଂଲଣ୍ଡ ହକି ଟିମ୍‌ର ଖେଳାଳିମାନେ। ବର୍ଷକ ତଳେ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ହକି ୱାର୍ଲ୍ଡ ଲିଗ୍ ଫାଇନାଲବେଳେ ଇଂଲଣ୍ଡ ଟିମ୍‌ର ଖେଳାଳିମାନେ ଏଭଳି ଖାଦ୍ୟ ଖାଇ ଅସୁସ୍ଥ ହୋଇପଡ଼ିଥିଲେ। ଏଥିପାଇଁ ସେମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ତେଣୁ ଚଳିତଥର ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ଫିଟ୍ ରହିବା ସହ ଉତ୍ତମ ପ୍ରଦର୍ଶନ କରିବା ଲକ୍ଷ୍ୟରେ ଏହି ଟିମ୍ ମସଲାଯୁକ୍ତ ଖାଦ୍ୟଠାରୁ ଦୂରେଇ ରହିବ। ଇଂଲଣ୍ଡ ଖେଳାଳିମାନେ ହୋଟେଲ ମେ' ଫେୟାରରେ ରହିବାକୁ ବ୍ୟବସ୍ଥା ହୋଇଥିବାବେଳେ ଅନ୍ୟତ୍ର ଏକ ରେଷ୍ଟୁରାଣ୍ଟରେ ସେମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରାଯିବ। ଏଥିଲାଗି ଇଂଲଣ୍ଡରୁ ସେମାନଙ୍କ ସହ ଆସିଛନ୍ତି ସ୍ୱତନ୍ତ୍ର ସେଫ୍(ରୋଷେୟା)। ସୈନିକ ସ୍କୁଲ ନିକଟରେ ଥିବା ଏକ ରେଷ୍ଟୁରାଣ୍ଟରେ ଖେଳାଳିମାନଙ୍କ ଲାଗି ସେମାନଙ୍କ ଡାଏଟ୍ ଚାର୍ଟ ଅନୁସାରେ ଖାଦ୍ୟ ପ୍ରସ୍ତୁତ କରାଯିବ। ପ୍ରତିଦିନ ଖେଳାଳି ଏବଂ ସେମାନଙ୍କ ମ୍ୟାନେଜମେଣ୍ଟ ଟିମ୍ ହୋଟେଲରୁ ସେଠାକୁ ଖାଇବାକୁ ଯିବେ। ଏହି ସମୟରେ ଖେଳାଳିମାନଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇଦେବା ଲାଗି ହକି ଇଣ୍ଡିଆ ପକ୍ଷରୁ କମିଶନରେଟ୍ ପୋଲିସକୁ ଚିଠି ଲେଖି ଅବଗତ କରାଯାଇଛି। ଚିଠି ମିଳିବା ପରେ ଇଂଲଣ୍ଡ ଖେଳାଳିଙ୍କ ସୁରକ୍ଷାକୁ ବଢ଼ାଇ ଦିଆଯିବ ବୋଲି ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି।

## ଆଳୁପୋଡ଼ା, ରସଗୋଲାର ମଜାନେବେ ବିଦେଶୀ କ୍ରୀଡ଼ାବିତ୍

**ଭୁବନେଶ୍ୱର, ୨୩।୧୧(ବ୍ୟୁରୋ)**

ହକି ବିଶ୍ୱକପରେ ଯୋଗ ଦେବାକୁ ୧୬ଟି ରାଷ୍ଟ୍ରରୁ ଆସୁଥିବା ଖେଳାଳିମାନେ ଯେପରି ପାରମ୍ପରିକ ଓଡ଼ିଆ ଖାଦ୍ୟର ମଜା ନେଇପାରିବେ ସେଥିପାଇଁ ହୋଟେଲ କର୍ତ୍ତୃପକ୍ଷଙ୍କ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସେମାନଙ୍କ ରହଣି ଏବଂ ସ୍ୱାଗତକୁ ମଧ୍ୟ ଖାଣ୍ଟି ଓଡ଼ିଆ ଶୈଳୀରେ କରିବାକୁ ସ୍ଥିର ହୋଇଛି। ଯେଉଁଥିରେ କଣ୍ଟିନେଣ୍ଟାଲ ଫୁଡ୍ ସହ ପାରମ୍ପରିକ ଓଡ଼ିଆ ଖାଦ୍ୟକୁ ପ୍ରାଥମିକତା ଦିଆଯାଇଛି। ଏଥିପାଇଁ ପ୍ରତ୍ୟେକ ହୋଟେଲର ମୁଖ୍ୟ ସେଫ୍‌ଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍‌ମାନ ଗଠନ ହୋଇଛି।

ହୋଟେଲ ମେ'ଫେୟାରରେ ୫ଟି ଟିମ୍ ଆର୍ଜେଣ୍ଟିନା, ଇଂଲଣ୍ଡ, ନେଦରଲାଣ୍ଡ, ଆୟରଲାଣ୍ଡ ଓ ସ୍ପେନ୍ ଖେଳାଳିଙ୍କ ପାଇଁ ହୋଟେଲ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସମ୍ପୂର୍ଣ୍ଣ ହୋଟେଲକୁ ହକି ଥିମ୍‌ରେ ସଜାଯାଇଥିବା ବେଳେ ଲାଇଟିଂ ଓ ସାଜସଜ୍ଜାକୁ ଗୁରୁତ୍ୱ ଦିଆଯାଇଛି। ହୋଟେଲ ସ୍ୟାଣ୍ଡିସ୍ ଟାୱାରରେ ବେଲଜିୟମ୍, ଅଷ୍ଟ୍ରେଲିଆ ଓ ଚାଇନା ଟିମ୍‌ର କ୍ରୀଡାବିତ୍ ଓ ଅଫିସିଆଲଙ୍କ ପାଇଁ ୫୦ଟି ରୁମ୍ ବୁକ୍ ହୋଇଥିବା ବେଳେ ପ୍ରତ୍ୟେକ ରୁମ୍‌ରେ ଓଡ଼ିଆ କଳା, ସଂସ୍କୃତିର ଝଲକ ଦେଖିବାକୁ ମିଳୁଛି। କ୍ରୀଡ଼ାବିତ୍‌ମାନଙ୍କୁ ସ୍ୱାଗତ କରିବାକୁ ସ୍ୱତନ୍ତ୍ର ତିଳକ ଉତ୍ସବର ଆୟୋଜନ କରାଯିବା ସହ ଖାଦ୍ୟରେ ଆଳୁପୋଡା, ମଟନ, ଆଳୁକୋବି, ଟମାଟୋ ସେକା, ଡାଲ୍‌ମା, ଖେଚୁଡି ଓ ରସଗୋଲା ପରଷିବାର ବ୍ୟବସ୍ଥା ହୋଇଛି। ହୋଟେଲ ସ୍ୱସ୍ତି ପ୍ରିମିୟମ୍‌ରେ ମାଲେସିଆ, ଫ୍ରାନ୍ସ, ପାକିସ୍ତାନ ଓ କାନାଡା ଟିମ୍ ଓ ଟ୍ରାଇଡେଣ୍ଟରେ ଜର୍ମାନ୍, ଭାରତ ଖେଳାଳିଙ୍କ ପାଇଁ ବ୍ୟବସ୍ଥା ହୋଇଛି। ସେହିଭଳି ଏଚ୍ଏଚ୍ଆଇରେ ଦକ୍ଷିଣ ଆଫ୍ରିକା ଏବଂ ଫର୍ଚ୍ୟୁନ୍ ସିସ୍‌ମୋରେ ନ୍ୟୁଜିଲାଣ୍ଡ ଟିମ୍ ରହିବ।

## ରାଜଧାନୀ କାନ୍ଥରେ ଚିତ୍ର










# ସଜେଇ ହୋଇଛି ଭୁବନେଶ୍ୱର

**ବିଶ୍ୱକପ୍ ହକି ପାଇଁ ରାଜଧାନୀ ଭୁବନେଶ୍ୱରର ରାସ୍ତାକଡ଼ କାନ୍ଥ ଗୁଡ଼ିକରେ ବିଭିନ୍ନ ବିଷୟକୁ ନେଇ ଅଙ୍କାଯାଇଛି ଚିତ୍ର।**



ଭୁବନେଶ୍ୱର ଗୋପବନ୍ଧୁ ଛକରୁ ଡେଲ୍‌ଟା ଛକ ଯିବା ରାସ୍ତାର କାନ୍ଥରେ ଅଙ୍କାଯାଇଥିବା ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଚିତ୍ର।



ପେନସିଲରେ ବିଶ୍ୱକପ୍‌ର କାରୁକାର୍ଯ୍ୟ












କଳିଙ୍ଗ ଷ୍ଟାଡିୟମ ସମ୍ମୁଖରେ ସାଜସଜ୍ଜା

## ସଂକ୍ଷେପରେ

### ପ୍ଲାଷ୍ଟିକ ବର୍ଜନ କରିବାକୁ ବିଜୁ ଯୁବ ବାହିନୀର ଆହ୍ୱାନ

ବାଲିକୁଦା,୨୩।୧୧(ସ୍ୱ.ପ୍ର.): ବାଲିକୁଦା ବ୍ଲକ ମୁଲୁଗାଁ ପଞ୍ଚାୟତକୁ ପ୍ଲାଷ୍ଟିକ ମୁକ୍ତ କରିବା ଓ ପଞ୍ଚାୟତରେ କେହି ଅଶିକ୍ଷିତ ନ ରହିବା ପାଇଁ ବିଜୁ ଯୁବ ବାହିନୀ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏଥିସହ ପଲିଥିନ୍ ମଧ ବ୍ୟବହାର ନ କରିବାକୁ ଯୁବ ବାହିନୀ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଏକ ସଙ୍କଳ୍ପ ଯାତ୍ରା କରାଯାଇଥିଲା। ସିଙ୍ଗିରି ଓ କରମଙ୍ଗ  ଦଳିତ ବସ୍ତିରେ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସରପଞ୍ଚ ପ୍ରତିନିଧି ଅଚ୍ୟୁତାନନ୍ଦ ପରିଡା, ସମିତିସଭ୍ୟ ଦିଲୀପ କୁମାର ସ୍ୱାଇଁ, ବିଜୁ ଯୁବ ବାହିନୀ ସଭାପତି ଦଧିବାବନ ମଲ୍ଲିକ, ସମ୍ପାଦିକା ତୃପ୍ତିମୟୀ ଦାସ, କୋଷାଧକ୍ଷ ନିତେଶ ଦେଠୀ, ସଦସ୍ୟ ରାକେଶ ମହାପାତ୍ର, ଅନନ୍ତ ସ୍ୱାଇଁ, ପ୍ରଶାନ୍ତ ରାଉତ, ଶ୍ରୀକାନ୍ତ ମଲ୍ଲିକ, ସାରଦା ପ୍ରସାଦ ମଲ୍ଲ, ଜ୍ୟୋତିନାରାୟଣ ସ୍ୱାଇଁ, ଲଳିତ ରାଉତରାୟ, ଜଗନ୍ନାଥ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳାନା କରିଥିଲେ।

# ଫୁଟବଲ ଟୁର୍ନାମେଣ୍ଟ: ପି. ମହାବୀର ଚାମ୍ପିୟନ

ବିରିଡ଼ି,୨୩।୧୧(ଡି.ଏନ.ଏ.)

ବିରିଡ଼ି ବ୍ଲକ ୨୨ମୌଜା ମଇଁନ୍ଦପୁର କମଳପୁର ଯୁବକ ସଂଘ ପକ୍ଷରୁ ଶୁକ୍ରବାର ୩୬ତମ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ସ୍ଥାନୀୟ ବୈଦ୍ୟନାଥ କ୍ରୀଡ଼ା ସଂସଦ ଖେଳପଡିଆରେ ଅନୁଷ୍ଠିତ ହୋଇଛି। ଏଥିରେ ପି ମହାବୀର ଟିମ ଇଲେଭେନ ଗନ କ୍ଲବକୁ ୨–୦ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟକୁ ବିଡିଓ ଜୀବନ ଚନ୍ଦ୍ର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଯୁବକ ସଂଘ ସଭାପତି ରାସ ବିହାରୀ ଦାସ, ପୁରଣ ସରପଞ୍ଚ ସୁଭଦ୍ରା ଭୋଇ, ଟୁର୍ନାମେଣ୍ଟ ଅଧକ୍ଷ ବିମ୍ବାଧର ଦାଶ, ଯୁବକ ସଂଘ ସମ୍ପାଦକ ସୁବ୍ରତ କୁମାର ପଟ୍ଟନାୟକ, କ୍ରୀଡା ସମ୍ପାଦକ ସତ୍ୟ ପଟ୍ଟନାୟକ, କାଳନ୍ଦି ଚରଣ ବସ୍ତିଆ, ଶିବ ପ୍ରସାଦ



ଚାମ୍ପିୟନ୍ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।

ଜେନା, ପଞ୍ଚାୟତ ବିଜେଡି ସଭାପତି ସୁକାନ୍ତ ବାରିକ, ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ଆଜାଦ ହିନ୍ଦ ସ୍ପୋର୍ଟସ ଆଣ୍ଡ ଗେମ ପ୍ରହରାଜପୁର, ମଦନମୋହନ ଫୁଟବଲ ଟିମ ଉସୁମା, ପି ମହାବୀର ଫୁଟବଲ ଟିମ କଟକ, ଜୟହିନ୍ଦ ସ୍ପୋର୍ଟିଂ କ୍ଲବ ଗୋବିନ୍ଦପୁର, ଇଲେଭେନ ଗନ କ୍ଲବ ତିନିଘରିଆ, ବାଲୁଙ୍କେଶ୍ୱର ଫୁଟବଲ ଟିମ ଦେଉଳି, ମହାଲକ୍ଷ୍ମୀ ଫୁଟବଲ କ୍ଲବ ବିଲୁଆଖାଇ ଓ ନିମେଇସାପୁର ଫୁଟବଲ କ୍ଲବ ନିମେଇସାପୁର ପ୍ରମୁଖ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ପି ମହାବୀର ଫୁଟବଲ ଟିମ କଟକ ଓ ଇଲେଭେନ ଗନ ଫୁଟବଲ କ୍ଲବ ତିନିଘରିଆ ମଧ୍ୟରେ ହୋଇଥିଲା। ଏଥିରେ ପି ମହାବୀର ଟିମ ୨–୦ରେ ବିଜୟୀ ହୋଇଥିଲା। ଉଦ୍‌ଯାପନ ଉତ୍ସବରେ ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକ, ପୁରଣ ସରପଞ୍ଚ ସୁଭଦ୍ରା ଭୋଇ,  ସମିତି ସଭ୍ୟା ମିତାଞ୍ଜଳି ଭୋଇ, କାଳନ୍ଦୀ ଚରଣ ବସ୍ତିଆ, ଯୁବକ ସଂଘ କାର୍ଯ୍ୟକାରୀ ସଭାପତି ବିଶ୍ୱଜିତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମକୁ ଚାମ୍ପିୟନ ଟ୍ରଫି ସହ ୭ ହଜାର ୧ ଟଙ୍କା ଓ ରନର୍ସ ଅପ୍ ଦଳକୁ ରନର୍ସ କପ୍ ସହ ୫ ହଜାର ୧ ଟଙ୍କା ପ୍ରଦାନ କରିଥିଲେ। ରେଫରି ବ୍ରହ୍ମାନନ୍ଦ ଭୋଇ, ଦୁର୍ଗା ଆଚାର୍ଯ୍ୟ, ସଞ୍ଜିବ ଦାସ ଓ ସୁନିଲ ପଟ୍ଟନାୟକ ପରିଚାଳନା କରିଥିଲେ।


ଗୋପାଳ ସାଗରରେ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ବିଷ୍ଣୁ ଦାସ ନୌକା ବିହାର କରୁଛନ୍ତି।

## ଗୋପାଳ ସାଗରରେ ନୌକା ବିହାର

ଜଗତ୍‌ସିଂହପୁର ଅଫିସ,୨୩।୧୧

ସ୍ଥାନୀୟ ଗୋପାଳ ସାଗର ପୁଷ୍କରିଣୀରେ ବୋଇତ ବନ୍ଦାଣ ଉତ୍ସବ ପାଳନ ଅବସରରେ ମା ବନଦୁର୍ଗା ପୂଜା କମିଟି ପକ୍ଷରୁ ନୌକାବିହାର ବ୍ୟବସ୍ଥା କରାଯାଇଛି। ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ବିଷ୍ଣୁ ଚରଣ ଦାସ ଏହାକୁ ଉଦ୍‌ଘାଟନ କରିବା ସହ ନୌକା ବିହାର କରିଥିଲେ। ତାଙ୍କ ସହ ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଅମରେନ୍ଦ୍ର ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ପୁଷ୍କରିଣୀରେ ପ୍ରାଥମିକ ପର୍ଯ୍ୟାୟରେ ୨ଟି ବୋଟ୍ ରହିଛି। ୨ ମାସ ଭିତରେ ଆଉ ୪ଟି ବୋଟ୍ କିଣାଯିବ। ପ୍ରତି ବୋଟ୍‌ରେ ଅତିବେଶିରେ ୪ ଜଣ ନୌକା ବିହାର କରିପାରିବେ। ନୌକା ବିହାର ପାଇଁ ଟିକେଟ୍ କାଟିଥିବା ଯାତ୍ରୀଙ୍କୁ ଲାଇଫ୍ ଜ୍ୟାକେଟ୍ ଯୋଗାଇ ଦିଆଯିବ। ଏଥିସହ ସୁରକ୍ଷା ପ୍ରତି ଧାନ ଦିଆଯିବ ବୋଲି କମିଟି ସମ୍ପାଦକ ରାଜେନ୍ଦ୍ର କୁମାର ଲେଙ୍କା କହିଛନ୍ତି। ସକାଳ ୮ରୁ ଅପରାହ୍ନ ୫ଟା ମଧ୍ୟରେ ଯୁବତୀ, ଯୁବକ, ସାଧାରଣ ଲୋକଙ୍କ ସହ ପିଲାମାନେ ନୌକା ବିହାର କରିପାରିବେ। ଟିକେଟ୍ ମୂଲ୍ୟ ୩୦ ଟଙ୍କା ରଖାଯାଇଛି। ପ୍ରତି ବୋଟ୍ ପାଇଁ ୩୦ ମିନିଟ୍ ସମୟ ଧାର୍ଯ୍ୟ କରାଯାଇଛି।

## ପ୍ରେମ ଆଗରେ ହାର ମାନିଲେ ମା'ବାପା

କେନ୍ଦ୍ରାପଡା ଅଫିସ, ୨୩।୧୧

ପାଠ ପଢୁଆ ଝିଅର ଜିଦ୍ ଆଗରେ ହାର ମାନିଲେ ମା'ବାପା। ଲାଳନ ପାଳନ ଠାରୁ ଆରମ୍ଭ କରି ପାଠ ପଢ଼ା ଖର୍ଚ୍ଚ ତୁଲାଇ ଝିଅକୁ ମଣିଷ କରିବା ପରେ ବି ମା'ବାପାଙ୍କୁ ଛାଡି ପ୍ରେମିକ ସହ ଫେରାର ହୋଇଯାଇଛନ୍ତି ସଦର ଥାନାସ୍ଥିତ ଏକ ଘରୋଇ କଲେଜର ଜଣେ ଅଧାପିକା। ଝିଅ ଉଚ୍ଚ ଶିକ୍ଷିତା ହୋଇଥିବାରୁ ମା'ବାପା ତାଙ୍କ ବାହାଘର ପାଇଁ ଏକ ପାଠ ପଢୁଆ ପୁଅ ଖୋଜୁଥିଲେ। କିନ୍ତୁ ମାର୍ଶାଘାଇ ଥାନା ଅଞ୍ଚଳର ଜଣେ କମ୍ ପାଠ ପଢୁଆ ପୁଅଙ୍କୁ ବାହା ହେବା ପାଇଁ ଅଧାପିକା ଜିଦ୍ ଧରିଥିଲେ। ଝିଅ ଘର ଲୋକ ଏଥିରେ ରାଜି ନହେବାରୁ ପୁଅ ଘର ଲୋକଙ୍କ ସହମତିରେ ଶୁକ୍ରବାର ବଳଦେବଜୀଉ ମନ୍ଦିରରେ ବିବାହ ପାଇଁ ସ୍ଥିର ହୋଇଥିଲା। ବିବାହ କାର୍ଯ୍ୟ ଆରମ୍ଭ ପୂର୍ବରୁ ଝିଅର ମା'ବାପା ମନ୍ଦିରରେ ପହଞ୍ଚି ବାହାଘର ବନ୍ଦ କରାଇଥିଲେ। ଏଥିସହ ପୁଅଙ୍କ ବଡ଼ ଭାଇଙ୍କୁ ମଧ ଝିଅର ମା'ବାପା ମାଡ଼ ମାରିଥିଲେ। ଖବରପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଅଧାପିକା ପ୍ରେମିକଙ୍କ ସହ ସେଠାରୁ ଫେରାର ହୋଇଯାଇଥିଲେ। ରିପୋର୍ଟ ଲେଖା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନଥିବା ଜଣାପଡିଛି।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

ପାଟକୁରା, ୨୩।୧୧ (ଡି.ଏନ୍.ଏ.)

ଆମ ଗାଁ ଆମ ବିକାଶ ଯୋଜନାରେ ଗରଦପୁର ବ୍ଲକର ଚକବାହାକୁଦ ଗ୍ରାମରେ ନିର୍ମିତ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୃହକୁ ଶୁକ୍ରବାର ପାଟକୁରା ବିଧାୟକ ବେଦ ପ୍ରକାଶ ଅଗ୍ରୱାଲ ଉଦ୍‌ଘାଟନ କରିଛନ୍ତି। ଗରଦପୁର ବ୍ଲକ ବିଜେଡି ପକ୍ଷରୁ ପାଟକୁରା ପଞ୍ଚାୟତ ସିଙ୍ଗିଟିଆ ବରଫକଳ ଛକଠାରୁ ଶୁକ୍ରବାର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଥିଲା। ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟମଣୀ ସେଠୀଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରାଜେଶ ଦାସ, ଗରଦପୁର ବ୍ଲକ ବିଜେଡି ସଭାପତି ଶୈଳେନ୍ଦ୍ର କୁମାର ମହାନ୍ତି, ପାଟକୁରା ସିମତିସଭ୍ୟ ମମତା ମଲ୍ଲିକ, ସାମାଜିକ କର୍ମୀ ଦୀପକ କୁମାର ରାଉତ, ନରୋତ୍ତମ ପଣ୍ଡା, ଦିଲ୍ଲୀପ କୁମାର ସେଠୀ, ପୂର୍ବତନ ସମିତି ସଭ୍ୟ ପ୍ରହଲ୍ଲାଦ ସାହୁ, ଶେଖ୍ ଫଜୁଲ ହକ୍ ପ୍ରମୁଖ ବହୁ ସାମିଲ ହୋଇଥିଲେ। ଏହି ଅବସରରେ ବିଧାୟକ ଅଗ୍ରୱାଲ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଗ୍ରାମର ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଚକବାହାକୁଦ ଗ୍ରାମରେ ୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବଜ୍ର ମହାକଳୀ ଗୋଷ୍ଠୀ କେନ୍ଦ୍ର ଗୃହକୁ ବିଧାୟକ ଉଦଘାଟନ କରିଥିଲେ।

## ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

ଡେରାବିଶ, ୨୩।୧୧ (ସ୍ୱ.ପ୍ର.)

ରତାଦିଆ ଖଣ୍ଡସାହି ପଞ୍ଚାୟତ ତେଲଦିଆ ଗ୍ରାମର କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ପୂର୍ବତନ ସରପଞ୍ଚ ଶିଶିର କୁମାର ସାମଲ ଅଧକ୍ଷତା କରିଥିଲେ। ଏଥିରେ ହରିଅଙ୍କ ସମିତିସଭ୍ୟ ରଘୁନାଥ ଶତପଥୀ ମୁଖ୍ୟଅତିଥି, ଚାନ୍ଦୋଳ ବଜାର ଶାନ୍ତିକମିଟି ସଭାପତି ପଞ୍ଚାନନ ଶତପଥୀ, ବାଲିଆ ବଜାର ଶାନ୍ତି କମିଟି ସଭାପତି ଦେବକୀ ନନ୍ଦନ ମିଶ୍ର, ବାଲିଆ ବଜାର କମିଟି ସଭାପତି ପ୍ରମୋଦ କୁମାର ସାହୁ, ଭାଗବତପୁର ସମିତିସଭ୍ୟ ଧୀରେନ୍ଦ୍ର ନାଥ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ପାଦକ ପ୍ରେମାନନ୍ଦ ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ଦିଗ୍‌ବିଜୟ ସାମଲ ଧନ୍ୟବାଦ ଦେଇଥିଲେ।

## ବୁଢ଼ୀ ଜାଗୁଳାଇଙ୍କ ପୀଠରେ ମୁରୁଜ ପ୍ରତିଯୋଗିତା


ଅତିଥିଙ୍କ ସହ ମୁରୁଜ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

ବାଲିଆ,୨୩।୧୧

ବିରିଡ଼ି ବ୍ଲକ ସଢେଇଶାସନ ପଞ୍ଚାୟତସ୍ଥିତ ମା' ବୁଢୀ ଜାଗୁଳାଇଙ୍କ ପୀଠରେ ଶୁକ୍ରବାର ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବୁଢୀ ଜାଗୁଳାଇ ପୂଜା କମିଟି ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ବରିଷ୍ଠ ବର୍ଗରେ ୧୧ ଓ କନିଷ୍ଠ ବର୍ଗରେ ୮ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ବରିଷ୍ଠ ବର୍ଗରେ ବର୍ଷାରାଣୀ ନାୟକ ୧ମ, ସ୍ମୃତିରେଖା ବେହେରା ୨ୟ ଓ ମଧୁସ୍ମିତା ଓଝା ୩ୟ ସ୍ଥାନ, ତାଦାସା ପ୍ରିୟଦର୍ଶୀନି ସାମଲ ୪ର୍ଥ, ସରୋଜିନୀ ଭୂୟାଁ ୫ମ ସ୍ଥାନ ଅଧିକାର କରିଥିଲେ। ସେହିପରି କନିଷ୍ଠ ବର୍ଗରେ ରାମେଶ୍ୱରୀ ସାହୁ ୧ମ, ପ୍ରଜ୍ଞାପାରମିତା ସାହୁ ୨ୟ, ସୌମ୍ୟାପ୍ରିୟଦର୍ଶିନୀ ସାହୁ ୩ୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ଅମିତ ରାଉଳ ଓ ପ୍ରଦୀପ୍ତ ଓଝା  ଯୋଗ ଦେଇଥିଲେ। ଶେଷ ପର୍ଯ୍ୟାୟରେ ଗୋପାଳ ଓଝାଙ୍କ ଅଧକ୍ଷତାରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସଢେଇ ଶାସନ ସରପଞ୍ଚ ଅମିତ ରାଉଳ, ସାମାଜିକ କର୍ମୀ ଶିବ ନାରାୟଣ ଜେନା, ପୂର୍ବତନ ସମିତି ସଭ୍ୟ ନିବାରଣ ସେଠୀ ଓ କେଦାର ବେହେରା ପ୍ରମୁଖ ଅତଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।



## ସଂକ୍ଷେପରେ

### ବିଧାୟିକାଙ୍କୁ ନବନିର୍ମାଣ କୃଷକ ସଂଗଠନର ଦାବିପତ୍ର

**ତିର୍ତ୍ତୋଲ,୨୩।୧୧(ଡି.ଏନ.ଏ.):** ନବନିର୍ମାଣ କୃଷକ ସଂଗଠନ ତରଫରୁ କୃଷକଙ୍କ ବିଭିନ୍ନ ସମସ୍ୟା ନେଇ ଶୁକ୍ରବାର ତିର୍ତ୍ତୋଲ ବିଧାୟିକା ଡା.ରାଜଶ୍ରୀ ମଲ୍ଲିକଙ୍କୁ ଏକ ଦାବିପତ୍ର ଦିଆଯାଇଛି। ପ୍ରାଇସ, ପ୍ରେଷ୍ଟିଜ ଏବଂ ପେନସନ ଦାବିରେ ଆନ୍ଦୋଳନ ଚଳାଇଥିବା ନବ ନିର୍ମାଣ କୃଷକ ସଙ୍ଗଠନର ସଦସ୍ୟମାନଙ୍କୁ ଭୁବନେଶ୍ୱରରେ ପ୍ରବେଶ କରାଇ ନ ଦେବା ଓ ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଲୋଚନା ନ କରିବା ପ୍ରତିବାଦରେ ଏହି ଦାବିପତ୍ର ଦିଆଯାଇଥିଲା। ଏ ସମ୍ପର୍କରେ ବିଧାୟିକା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ଦାବିପତ୍ର ପ୍ରଦାନ ବେଳେ ବ୍ଲକ ସଂଯୋଜକ ମଙ୍ଗୁଳି ଚରଣ ରାଉତରାୟ, ପୂର୍ବତନ ସରପଞ୍ଚ ଅଧିର କୁମାର ସ୍ୱାଇଁ, ବରିଷ୍ଠ ସଦସ୍ୟ ଅଶୋକ ବାରିକ, ରଞ୍ଜନ ବିଶ୍ୱାଳ, ବିଷ୍ଣୁ ଚରଣ ଦାସ, ବନବିହାରୀ ଆଚାର୍ଯ୍ୟ, ପ୍ରସନ୍ନ କୁମାର କୁଅଁର, ଦେବୀ ପ୍ରସାଦ ମହାରଣା, ବସନ୍ତ ସ୍ୱାଇଁ, ଘନଶ୍ୟାମ ମହାନ୍ତି, ଶରତ ମହାପାତ୍ର, ସନ୍ତୋଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ସବୁଜ ରଙ୍ଗୋଲି ପ୍ରତିଯୋଗିତା



**ନାଉଗାଁ,୨୩।୧୧(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଗଙ୍ଗଦାହାଟରେ ଥିବା ବାବା କପିଳମୁନିଙ୍କ ଆଶ୍ରମରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସବୁଜ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ୨୭ ଟି ଦଳର ୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମୁରୁଜରେ ପ୍ରତିଯୋଗୀମାନେ ବିଭିନ୍ନ ପ୍ରକାର ଚିତ୍ର ଆଙ୍କିଥିଲେ। ଏଥିରେ ୧ମ ହୋଇଥିବା ପ୍ରତିଯୋଗୀଙ୍କୁ ୧ହଜାର, ୨ୟ ପ୍ରତିଯୋଗୀଙ୍କୁ ୫ଶହ ଓ ୩ୟ ପ୍ରତିଯୋଗୀଙ୍କୁ ୩ଶହ ଟଙ୍କା ପୁରସ୍କାର ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଆଶ୍ରମର ସଦସ୍ୟମାନେ ପରିଚାଳନା କରିଥିଲେ।

### ଯୋଗୀଦାସଙ୍କ ପୀଠରେ ନୂତନ ଗୃହ ଉଦ୍‌ଘାଟିତ

**ବିରିଡ଼ି/ବାଲିଆ,୨୩।୧୧(ଡି.ଏନ.ଏ.):** ବିରିଡି ବ୍ଲକ ହାଜିପୁର ପଞ୍ଚାୟତ କଣ୍ଟାପଡା ରାହାସ ବଟଠାରେ ମହାପୁରୁଷ ଯୋଗୀଦାସ ସ୍ମୃତି ପରିଷଦ ପକ୍ଷରୁ ଶୁକ୍ରବାର ଏକ ସଭା ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଯୋଗୀ ଦାସ ଗୋସ୍ୱାମୀ ସ୍ମୃତି ପରିଷଦର ଏକ ନୂତନ ଗୃହ ଅତିଥି ଉଦ୍‌ଘାଟନ କରିଥିଲେ। ଆୟୋଜିତ ଉତ୍ସବରେ ଜିଲା ପରିଷଦ ସଭ୍ୟା ଲତା ଦାସ ସଭାପତିତ୍ୱ କରିଥିଲେ। ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଦାସ ମୁଖ୍ୟଅତିଥି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରବିନାରାୟଣ ଜେନା, ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା, ଜିଲା ବିଜେଡି ସଂଖ୍ୟାଲଘୁ ସେଲ ସଭାପତି ମିର ଆଜମିର ଅଲ୍ଲୀ, ପ୍ରଦୀପ୍ତ ଭୂୟାଁ, ଅକ୍ଷୟ ବ୍ରହ୍ମା, ବିଭୁତି ରାୟ, ଡ. ସୁରେଶ ଚନ୍ଦ୍ର ଜେନା, ବନବିହାରୀ ବରାଳ, ଦେବେନ୍ଦ୍ର ମହାନ୍ତି, ଜନ୍ମେଶ୍ୱର ବେଉରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୀଠର ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଗନ୍ଧର୍ବ ଭୋଇ, ଯୋଗେନ୍ଦ୍ର ଭୋଇ, ବୈରାଗୀ ଭୋଇ, ପୂଜକ ଦୁଃଶାସନ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମିତି ସଭ୍ୟା ଟିକିନା ଭୋଇ ଧନ୍ୟବାଦ ଦେଇଥିଲେ।

### ଭାଗବତ ସପ୍ତାହ ପାଳିତ

**ବାଲିଆ,୨୩।୧୧:** ବିରିଡ଼ି ବ୍ଲକ ବୁଢାପଡ଼ା ପଞ୍ଚାୟତ ଗୌସୁନଗରଠାରେ ପୂଜା ପାଉଥିବା ନିମେଇଁ ଠାକୁରାଣୀଙ୍କ ପ୍ରାଙ୍ଗଣରେ ୯୧ତମ ଭାଗବତ ସପ୍ତାହ ପାଳିତ ହୋଇଛି। ଗୌରାଙ୍ଗ ଚରଣ ସାହୁ, ତ୍ରିଲୋଚନ ବେହେରା, ତ୍ରିଲୋଚନ ସାହୁ, ବିଷ୍ଣୁ ଚରଣ ସାହୁ, ଲୋକନାଥ ବେହେରା, ଶରତ ଜେନା, ସୁଦାମ ପରମାଣିକ, ନିରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜଗନ୍ନାଥ ଭାଗବତ କଥା ପ୍ରଚାରକ ବାବା ଦିବାକର ଦାସ ଯୋଗଦେଇ ଭାଗବତ ଓଡିଆ ଜାତିର ଶ୍ରେଷ୍ଠ ଓ ମୂଲ୍ୟବାନ ସମ୍ପଦ ବୋଲି କହିଥିଲେ। ପ୍ରତାପ କୁମାର ପଣ୍ଡା ଓ ବସନ୍ତ କୁମାର ପଣ୍ଡା ପୂଜାର୍ଚ୍ଚନା କରିଥିଲେ।

# ଗହଳି ଜମିଲା, ବ୍ୟବସାୟ ବଢ଼ିଲା

**ପାରାଦୀପ,୨୩।୧୧(ସ୍ୱ.ପ୍ର.)**

ପାରାଦୀପର ସମୁଦ୍ର ବେଳାଭୂମି ବିଜୁ ମଇଦାନଠାରେ ଚାଲିଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଚଳିତବର୍ଷ ବାଲିଯାତ୍ରା ସାଂସ୍କୃତିକ ସଭାକୁ କାଣ୍ଟଛାଣ୍ଟ କରାଯାଇଥିବାରୁ କୌଣସି ରାଜନେତା ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚକୁ ଯାଇନାହାନ୍ତି। କେତେଜଣ ହାତଗଣତି ପ୍ରଶାସକ ମଞ୍ଚରେ ବକ୍ତବ୍ୟ ପ୍ରଦାନ କରିଥିଷଲ। ଅପରାହ୍ଣ ୪ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପାଲା, ଓଡ଼ିଶୀ ନୃତ୍ୟ, ପଲ୍ଲୀନୃତ୍ୟ, ସମ୍ବଲପୁରୀ, ପର୍ବପର୍ବାଣୀକୁ ନେଇ ଉତ୍କଳୀୟ ନୃତ୍ୟ ପରିବେଷିତ ହୋଇଥିଲା। ରାତି ୮ଟାରେ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ ମୀରା ଦାସ ଓ ସାଥି ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଆଧୁନିକ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ହୋଇଥିଲା। ଅନ୍ୟପକ୍ଷରେ ଦ୍ୱିତୀୟ ଦିନ ହୋଇଥିଲେ ମଧ୍ୟ ଷ୍ଟଲ ଆବଣ୍ଟନକୁ ନେଇ ବିବାଦ ବଳବତ୍ତର ରହିଛି। ସନ୍ଧ୍ୟା ସୁଦ୍ଧା ପ୍ରାୟତଃ ସବୁଷ୍ଟଲ ଖୋଲିପାରିନାହିଁ। ପଲ୍ଲିଶ୍ରୀ ମେଳା ଓ ଜିଲା ଶିଳ୍ପକେନ୍ଦ୍ରରେ ଅଧିକ ଗହଳି ଦେଖିବାକୁ ମିଳିଛି।




**କଳିଙ୍ଗ ବାଲିଯାତ୍ରାର ଦ୍ୱିତୀୟ ସନ୍ଧ୍ୟା**

#### ବିପଦପୂର୍ଣ୍ଣ ସମୁଦ୍ର ସ୍ନାନ, ନୀରବ ପ୍ରଶାସନ

ବାଲିଯାତ୍ରାରେ ପ୍ରତିଦିନ ହଜାରରୁ ଅଧିକ ଲୋକଙ୍କ ସମାଗମ ହେଉଛି। ସେଥିରୁ କେତେଜଣ ଲୋକ ବିପଦପୂର୍ଣ୍ଣ ଭାବେ ସମୁଦ୍ରରେ ଗାଧୋଉଥିବା ଦେଖିବାକୁ ମିଳୁଛି। ପ୍ରତିବର୍ଷ ପାରାଦୀପ ସମୁଦ୍ରରେ ଲୋକେ ଗାଧୋଉଥିବାବେଳେ ଦୁର୍ଘଟଣା ଘଟେ। ଗତ ୩ ମାସ ମଧ୍ୟରେ ୩ଜଣଙ୍କ ମୃତ୍ୟୁ ଘଟିଲାଣି। ସମୁଦ୍ର କୂଳରେ ସତର୍କତା ଫଳକ ଲଗାଯାଇଥିଲେ ମଧ୍ୟ ସେଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ପ୍ରଶାସନ ମଧ୍ୟ ଏ ଦିଗରେ ପଦକ୍ଷେପ ନେଉନାହିଁ। ବାଲିଯାତ୍ରା ପ୍ରସ୍ତୁତି ବୈଠକରେ ସମୁଦ୍ର କୂଳରେ ପୋଲିସ ପାଟ୍ରୋଲିଂ ପାଇଁ ଆଲୋଚନା ହୋଇଥିଲା। ବେଳେବେଳେ ସେଠାରେ ପୋଲିସ ଉପସ୍ଥିତ ରହି ସମୁଦ୍ରରେ ଗାଧୋଇବାକୁ ବାରଣ କରୁଛି। ମାତ୍ର ଏହାକୁ କେହି ମାନୁନାହାନ୍ତି।

#### ପ୍ରବେଶ ପାଶ୍ ପାଇଁ କସରତ

ବାଲିଯାତ୍ରା ସ୍ଥଳକୁ ସମସ୍ତେ ଗାଡ଼ି ନେଇ ଯିବାକୁ ବ୍ୟଗ୍ର। ଭିଆଇପି, ଭିଭିଆଇପି ଭଳି ଗାଡ଼ି କିମ୍ବା ବାଲିଯାତ୍ରା ପାଶ୍ ଖଣ୍ଡିଏ ପାଇଁ ସମସ୍ତେ ତତ୍ପର। ବ୍ୟବସାୟୀଠାରୁ ଆରମ୍ଭ କରି ଖବରଦାତା, ସ୍ୱେଚ୍ଛାସେବୀ ସଂଗଠନ, ସ୍ୱୟଂସହାୟିକା ଗୋଷ୍ଠୀ, ସରକାରୀ ଅଧିକାରୀ, ତଳିଆ ନେତା, କମ୍ପାନୀ ପ୍ରତିନିଧି ସମସ୍ତେ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଧାଉଁଛନ୍ତି। ଏପରିକି ଚିହ୍ନା ପରିଚିତ ଲୋକଙ୍କ ମାଧ୍ୟମରେ ଲବି ଚଳାଇଛନ୍ତି। ଏଥିପାଇଁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଏଡିଏମ୍ ଅଫିସ ଆଗରେ ଗହଳି ଲାଗିଛି। ଏଭଳି ଭିଡ଼କୁ ଦେଖି ବାଲିଯାତ୍ରା କମିଟି ସମ୍ପାଦକ ତଥା ନିର୍ବାହୀ ଅଧିକାରୀ ଶୁକ୍ରବାର ପାଶ ବଣ୍ଟନ ସ୍ଥାନ ବଦଳାଇ ଦେଇଛନ୍ତି। ଅର୍ଥାତ୍ ଏଡିଏମ୍ ଅଫିସରୁ ନାମ ପଞ୍ଜୀକରଣ କରି ସ୍ୱିକୃତୀ ଆଣିବା ପରେ ପୌର କାର୍ଯ୍ୟାଳୟରେ ପାଶ୍ ମିଳିବ।



### ଘରକରଣା ପାଖରେ ଅଧିକ ଭିଡ଼

ବାଲିଯାତ୍ରାରେ ବିଭିନ୍ନ ପ୍ରକାର ଘରକରଣାଠାରୁ ଆରମ୍ଭ କରି ସବୁପ୍ରକାର ସାମଗ୍ରୀ ମିଳୁଛି। କନ୍ଧମାଳ ହଳଦୀ, ମୟୂରଭଞ୍ଜ ଝୁଣା, କେନ୍ଦୁଝର ବଡ଼ି, ବ୍ରହ୍ମପୁର ଆଚାର, କୋରାପୁଟ ଡାଲି, ଯାଜପୁରର ପଥର ସାମଗ୍ରୀ, ପୁରୀର ଚାନ୍ଦୁଆ, ସମ୍ବଲପୁରର ଶାଢୀ, ଜଗତ୍‌ସିଂହପୁରର ଟେରାକୋଟା, ସୋନପୁରର କାରୁକାର୍ଯ୍ୟ, କେନ୍ଦ୍ରାପଡ଼ାର ଝାଡୁ, ଝୁଡ଼ି, କୁଲା, ଟୋକେଇ ଆଦି ମିଳୁଛି। ସେହିସବୁ ସାମଗ୍ରୀ କିଣିବାରେ ଲୋକେ ବେଶ୍ ଆଗ୍ରହ ଦେଖାଉଛନ୍ତି।



## ଯୁବକଙ୍କୁ ହତ୍ୟା ଅଭିଯୋଗ

**ପାରାଦୀପ,୨୩।୧୧(ସ୍ୱ.ପ୍ର.)**

ପାରାଦୀପ ଲକ୍ ଥାନା ଅନ୍ତର୍ଗତ ନିମିଡ଼ି ଗ୍ରାମରେ ଜଣେ ଯୁବକଙ୍କୁ ଶୁକ୍ରବାର ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ନୂଆଗାଁର ଶ୍ରୀଧର ଚାନ୍ଦ। ସେ ପାରାଦୀପର ଏକ ଘରୋଇ ଠିକା ସଂସ୍ଥାରେ ରୋଷେୟା କାମ କରୁଥିଲେ। ଅପରାହ୍ଣ ୩ଟା୩୦ରେ ଟଙ୍କା ଦେଣନେଣଙ୍କୁ ନେଇ ତାଙ୍କର କମ୍ପାନୀ ସୁପର ଭାଇଜର ସହ ପାଟିତୁଣ୍ଡ ହୋଇଥିଲା। ପରେ ତାଙ୍କୁ ଲୁହା ରଡ୍‌ରେ ପିଟି ହତ୍ୟା କରାଯାଇଛି ବୋଲି ତାଙ୍କ ମା' ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପାଇବାପରେ ପୋଲିସ ମୃତଦେହ ଜବତ କରି ବିଜୁ ମେମୋରିଆଲ୍ ହସ୍‌ପିଟାଲରେ ରଖିବା ସହ ଏକ ହତ୍ୟା ମାମଲା ନଂ-୧୭୨/୧୮ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ସମବାୟ ସପ୍ତାହ ପାଳିତ

**ଡେରାବିଶ, ୨୩।୧୧ (ସ୍ୱ.ପ୍ର.)**

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ଜମଧର ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ୬୫ତମ ନିଖିଳ ଉତ୍କଳ ସମବାୟ ସପ୍ତାହ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମିତିର ପରିଚାଳନା କମିଟି ସଭାପତି କାର୍ତ୍ତିକ ଚରଣ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମିତି ସମ୍ପାଦକ ବୈରାଗୀ ଚରଣ ସାହୁ, ଅଭିମନ୍ୟୁ ମହାନ୍ତି, ଧୀରେନ୍ଦ୍ର କୁମାର ସ୍ୱାଇଁ, ଜିତେନ୍ଦ୍ର କୁମାର ମହାନ୍ତି, ବିଶ୍ୱନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ରାଜନୈତିକ ଆକ୍ରୋଶରୁ ୩ ଦୋକାନ ପୋଡ଼ି

**ଏରସମା,୨୩।୧୧(ସ୍ୱ.ପ୍ର.)**

ରାଜନୈତିକ ଆକ୍ରୋଶରୁ ଗୁରୁବାର ବିଳମ୍ବିତ ରାତିରେ ଏରସମା ଥାନା ଗୋଡ଼ା ହାଟପଡ଼ିଆରେ ଥିବା ୩ଟି ଦୋକାନକୁ ପୋଡ଼ି ଦିଆଯାଇଥିବା ଅଭିଯୋଗ ହୋଇଛି। ମାଛପଦା ଗ୍ରାମର ରାମଚନ୍ଦ୍ର ହାତୀ ଓ ଗୋଡ଼ାର ନୃସିଂହ କାଣ୍ଡିଙ୍କ ଚା ଓ ପାନ ଦୋକାନ, ବାଲିକୁଦା ଥାନା ଅନ୍ତର୍ଗତ ତିତିରା ପଞ୍ଚାୟତସ୍ଥିତ ରମ୍ଭିଲା ଗ୍ରାମର ନୀର ସାହୁଙ୍କ ଗ୍ରସରୀ ଦୋକାନ ପୋଡ଼ିଯାଇଛି। ସେମାନେ ସବୁଦିନ ଭଳି ଗୁରୁବାର ରାତି ୯ ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ହଠାତ ବିଳମ୍ବିତ ରାତିରେ ଦୋକାନ ଜଳୁଥିବା ଦେଖି ସ୍ଥାନୀୟ ଲୋକେ ଡାକ ପକାଇଥିଲେ। ଏରସମା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିବାବେଳକୁ ଦୋକାନଗୁଡିକ ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ଏନେଇ ଥାନାରେ ଅଭିଯୋଗ ହେବା ପରେ ଏସଆଇ ଅନିରୁଦ୍ଧ ରାଉତ ପହଞ୍ଚି ତଦନ୍ତ କରିଛନ୍ତି। ବିଜୁ ପକ୍କାଘର ଯୋଜନା, ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ସହିତ କେତେକ ଯୋଜନାରେ ମିଥ୍ୟା ବିଲ୍ କରି ଅର୍ଥ ଆତ୍ମସାତ କରାଯାଇଥିବା ଦର୍ଶାଇ କେତେଜର ବ୍ୟକ୍ତି ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏଥିପାଇଁ ଦୋକାନ ପୋଡି ହୋଇଥିବା ଅଭିଯୋଗ ହେଉଛି।

# ନୌବାଣିଜ୍ୟ ପରମ୍ପରାକୁ ମନେପକାଏ ବୋଇତ ବନ୍ଦାଣ





ବିଧାୟିକା ରାଜଶ୍ରୀ ମଲିକ ଚେଳିତୋଳ ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଘାଟନ କରୁଛନ୍ତି। ବୁଲିକାଦରେ ହୋଇଥିବା ବୋଇତ ବନ୍ଦାଣ ଉତ୍ସବ। ରଘୁନାଥପୁର ବ୍ଲକରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବରେ ସାଧବ ପୁଅ ବେଶରେ ଅତିଥି।

**ନାଉଗାଁ,୨୩।୧୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ ଶୁକ୍ରବାର ଶିଖର ପଞ୍ଚାୟତର ଶିଖରଘାଟଠାରେ ଅନୁଷ୍ଠିତ ହୋଇଛି। ନାଉଗାଁ ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ଏହି ଉତ୍ସବକୁ ନାଉଗାଁ ସାଂସ୍କୃତିକ ପରିଷଦ ସଭାପତି ମହନ୍ତ ଚିନ୍ତାମଣୀ ପର୍ବତ ଗୋସ୍ୱାମୀ ଉଦ୍‌ଘାଟନ କରିଥିଲେ। ନାଇଜର ବିଶ୍ୱବିଦ୍ୟାଳୟ କୁଳସଚିବ ତଥା ଶ୍ରୀଜଗନ୍ନାଥ ଧର୍ମ ଓ ସଂସ୍କୃତିର ପ୍ରଚାରକ ଅଭୟ ସୁତାର ମୁଖ୍ୟବକ୍ତା, ପୁରୀ ଜିଲାପରିଷଦ ସଭାପତି ଜ୍ୟୋତିର୍ମୟ ଦଳାଇ, ପାରାଦୀପ ପୋର୍ଟ ଟ୍ରଷ୍ଟର ପୂର୍ବତନ ଟ୍ରଷ୍ଟି ପ୍ରତାପ ମିଶ୍ର, ସାମାଜିକ କର୍ମୀ ସଞ୍ଜୟ ସାହାଣୀ, ନାଉଗାଁ ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂସଦର ସମ୍ପାଦକ ଅଧ୍ୟାପକ ସରୋଜ କୁମାର ନାୟକ ଅତିଥି ପରିଚୟ ପ୍ରଦାନ ଓ ପୂର୍ବତନ ବିଧାୟକ ତଥା ପରିଷଦ ଉପଦେଷ୍ଟା ଜ୍ୟୋତିଷ ଚନ୍ଦ୍ର ଦାସ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ନାଉଗାଁ ସାଂସ୍କୃତିକ ପରିଷଦ ଉପସଭାପତି ନିରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ। ସେହିପରି ଗାରୋଇ ଗୋବର୍ଦ୍ଧନ ପୀଠରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏହାକୁ ବାବା ଦିବ୍ୟ ଲୋଚନ ଦାସ ଉଦ୍‌ଘାଟନ କରିଥିଲେ।

**ବାଲିକୁଦା,(ସ୍ୱ.ପ୍ର.)**–ବାଲିକୁଦା ବ୍ଲକ ମରିଚିପୁର ପଞ୍ଚାୟତର ବନ୍ଦରଠାରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି। କମିଟି ସଭାପତି ବିପିନ ବିହାରି ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବରମୁଣ୍ଡଳି ସରପଞ୍ଚ ନିରଞ୍ଜନ ପଣ୍ଡା ମୁଖ୍ୟଅତିଥି, ସାମାଜିକ କର୍ମୀ ଉମେଶ ଚନ୍ଦ୍ର ସ୍ୱାଇଁ ମୁଖ୍ୟବକ୍ତା, ସମିତିର ଆବାହକ ପ୍ରଦୀପ୍ତ କିଶୋର ରାୟ, ବନ୍ଦର ଥାନା ପୋଲିସ କର୍ମଚାରୀ ଆଲ୍ଲାଉଦ୍ଦିନ ଖାଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମିତିର ଉପାଧ୍ୟକ୍ଷ ରମେଶ ଚବନ୍ଦ୍ର ବହିରା ଅତିଥି ପରିଚୟ ପ୍ରଦାନ ଓ କୋଷାଧ୍ୟକ୍ଷ ରଘୁନାଥ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ବରମୁଣ୍ଡଳି ପୂର୍ବତନ ସମିତିସଭ୍ୟ ରାଜେନ୍ଦ୍ର ମିଶ୍ର ଏଥିରେ ସାମିଲ ଥିଲେ। କର୍ତ୍ତା ଭାବେ ପଦ୍ମନାଭ ସ୍ୱାଇଁ ଓ ତାଙ୍କ ସହଧର୍ମିଣୀ କାମିନି ପ୍ରଭା ସ୍ୱାଇଁ ଦାୟିତ୍ୱ ସମ୍ପାଦନ କରିଥିଲେ। ସେହିପରି ବାଲିକୁଦା ବୋଇତ ବନ୍ଦାଣ କମିଟି ସଭାପତି ଶିବବ୍ରତ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିଶୁ ବିଶେଷଜ୍ଞ ଡା. ନରହରି ବେହେରା ମୁଖ୍ୟଅତିଥି, ସାମାଜିକ କର୍ମୀ ବିଜୟ କୁମାର ମହାନ୍ତି ମୁଖ୍ୟବକ୍ତା, ଥାନା ଅଧିକାରୀ ସର୍ବେଶ୍ୱର ବେହେରା, ଏମପିଙ୍କ ପ୍ରତିନିଧି କମଳାକାନ୍ତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଳାଭର ପଞ୍ଚାୟତର କଣିଆ ସ୍ଥିତ ଆର୍ତ୍ତତ୍ରାଣ ଗାଦୀବ୍ରହ୍ମଙ୍କ ପୀଠରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ହୋଇଥିଲା। ବାଲିକୁଦା ପୂଜ୍ୟପୂଜା ସଂସଦ ପକ୍ଷରୁ ପର୍ଯ୍ୟଟନ ସ୍ଥଳୀ ପଞ୍ଚୁପାଣ୍ଡବଙ୍କ ପୀଠରେ ବୋଇତ ବନ୍ଦାଣ ଉତ୍ସବ ଆୟୋଜନ କରିଥିଲେ। ସଂସଦର ସଭାପତି କୈଳାସ ବିଶ୍ୱାଳ, ସମ୍ପାଦକ ଅରୁଣ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ବାବନ ସ୍ୱାଇଁ ବୋଇତ ବନ୍ଦାଣ କରିଥିଲେ।

**ତିର୍ତ୍ତୋଲ,(ଡି.ଏନ.ଏ.):**ତିର୍ତ୍ତୋଲ ନିକଟସ୍ଥ ଗୋପିଆକୁଦ ତାରତୋଲ ମହାନଦୀ ପୋଲ ନିକଟରେ ଚେଳିତୋଳ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି। ବିଧାୟିକା ରାଜଶ୍ରୀ ମଲ୍ଲିକ ଶୋଭାଯାତ୍ରାରେ ଯାଇ ସିଡିପିଓ ତନୁପ୍ରଭା ବେଉରାଙ୍କ ତତ୍ତ୍ୱାବଧାନରେ ବୋଇତ ବନ୍ଦାଣ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ପ୍ରୀୟଦର୍ଶିନୀ ବିଶ୍ୱାଳ, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ଆଶିଷ ସେଠୀ, ରଘୁନାଥପୁର ବ୍ଲକ ଅଧ୍ୟକ୍ଷା ସ୍ୱପ୍ନାସରିତ ବଳ, ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ବିଡିଓ ରଞ୍ଜନ କୁମାର ପରିଡାଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

**କୁଜଙ୍ଗ,(ସ୍ୱ.ପ୍ର):** କୁଜଙ୍ଗ ବ୍ଲକ ଭୂତମୁଣ୍ଡାଇଠାରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଛି। ଅଗସ୍ତୀ ମହାପୁରୁଷ ମଠ ନୂଆସାହି ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ନଳିନୀକାନ୍ତ ସ୍ୱାଇଁ, ପୂର୍ବତନ ସରପଞ୍ଚ ଧୀରେନ୍ଦ୍ର କୁମାର ସ୍ୱାଇଁ, ବ୍ରହ୍ମାନନ୍ଦ ବେହେରା, ତନ୍ମୟ ସ୍ୱାଇଁ, ନରେନ୍ଦ୍ର ସ୍ୱାଇଁ, ବଟ ଦାସ, ରାଜୁ ସାହୁ, ବନମାଳୀ ସାହୁ ପରିଚାଳନା କରିଥିଲେ। ସ୍ଥାନୀୟ ପାରାଦୀପ ଗଡ଼ ଗ୍ରାମରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଛି। ଏହାକୁ ଶୃଙ୍ଖଳାର ସହିତ ସମାପନ କରିବାକୁ ଆବାହକ ଆଇନଜୀବୀ ସଞ୍ଜୟ କୁମାର ବେହେରା ଏକ ଶାନ୍ତି କମିଟି ବୈଠକ କରିଥିଲେ। କାର୍ଯ୍ୟକ୍ରମକୁ ସୁପରିଚାଳନା କରିବାକୁ ସ୍ଥାନୀୟ ଥାନା ଅଧିକାରୀ ଚିନ୍ମୟ ରାଉତ ବ୍ୟାପକ ଭାବେ ଉଦ୍ୟମ କରିଥିଲେ।

**ରଘୁନାଥପୁର, (ଡି.ଏନ.ଏ.)**– ଚିତ୍ରୋତ୍ପଳା ନଦୀର ବାବୁଜଙ୍ଗଠାରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବକୁ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଉଦ୍‌ଘାଟନ କରିଥିଲେ। ବାବୁଜଙ୍ଗ ବୋଇତ ବନ୍ଦାଣ କମିଟିର ଆବାହକ ମନୋଜ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଚଳଚ୍ଚିତ୍ର ତାରକା ତଥା କୋରେଇ ବିଧାୟକ ଆକାଶ ଦାସନାୟକ ମୁଖ୍ୟ ଆକର୍ଷଣ ରୁପେ ଯୋଗଦେଇଥିଲେ। ମନ୍ତ୍ରୀ ବେହେରା, ବିଧାୟକ ନାୟକ, ଓଡ଼ିଶା କର୍ମଚାରୀ ମହାସଂଘର ଆବାହକ ପ୍ରଭାତ ମହାନ୍ତି, ପୂର୍ବତନ ଜିଲା ପରିଷଦ ଅଚ୍ୟୁତାନନ୍ଦ ଦାସ, ରବୀନ୍ଦ୍ରନାଥ ମହାନ୍ତି ଓ କମିଟିର ଆବାହକ ମନୋଜ କୁମାର ମହାନ୍ତି ସାଧବପୁଅ ବେଶରେ ଭାସ୍କର ମିଶ୍ର ଗଡାରୁ ଏକ ସୁସଜ୍ଜିତ ବୋଇତରେ ନଦୀର ଧୋବାତୁଠ ପର୍ଯ୍ୟନ୍ତ ନୌକା ବିହାର କରି ଆସିଥିଲେ। ସେଠାରେ ସାଧବାଣୀ ବେଶରେ ଅପେକ୍ଷାରତ ଲଳନାମାନେ ସାଧବପୁଅମାନଙ୍କୁ ବନ୍ଦାପନା କରି ପାଛୋଟି ନେଇଥିଲେ।

### ବୋଇତ ବନ୍ଦାଣ ଓ ବନ୍ଦର ଦିବସ

**ପାରାଦୀପ,୨୩।୧୧(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳର ୱେଟ୍ ବେସିନଠାରେ ଶୁକ୍ରବାର ବୋଇତ ବନ୍ଦାଣ ଉତ୍ସବ ଓ ବନ୍ଦର ଦିବସ ପାଳିତ ହୋଇଛି। ପ୍ରତିବର୍ଷ ପରି ଏକ ଟଗ୍‌ବୋଟ୍‌କୁ ବୋଇତ ଭଳି ସୁସଜ୍ଜିତ କରାଯାଇ ସେଥିରେ ଛାତ୍ରୀଛାତ୍ରମାନେ ସାଧବ ସାଧବାଣୀ ବେଶରେ ବନ୍ଦର ପୋତାଶ୍ରୟ ବୁଲିଥିଲେ। ଏହି ଦୃଶ୍ୟ ଦେଖିବା ପାଇଁ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଭିଡ଼ ହୋଇଥିଲା। ପୂର୍ବାହ୍ଣ ୮ଟାରେ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ବନ୍ଦର ପତାକା ଉତ୍ତୋଳନ କରିଥିଲେ। ପରେ ପୂଜାର୍ଚ୍ଚନା ଓ ବୋଇତ ବନ୍ଦାଣ ହୋଇଥିଲା। ପରେ ଏକ ସାଧାରଣ ସଭା ହୋଇଥିଲା। ଏଥିରେ ଅଧ୍ୟକ୍ଷ ରାୟଙ୍କ ସମେତ ବନ୍ଦର ଉପସଂରକ୍ଷକ କ୍ୟାପ୍‌ଟେନ୍ ଅତୁଲ୍ୟ କୁମାର ମହାପାତ୍ର, ମୁଖ୍ୟଯନ୍ତ୍ରୀ କେ.ରାମଚନ୍ଦ୍ର ରାଓ ଓ ଅର୍ଥ ପରାମର୍ଶ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ। ବନ୍ଦର ପ୍ରତିଷ୍ଠାତା ବିଜୁ ପଟ୍ଟନାୟକଙ୍କଠାରୁ ଆରମ୍ଭ କରି ବନ୍ଦରର ୧୦୦ ମିଲିୟନ ମେଟ୍ରିକ ଟନ୍ କାରବାର ସଫଳତା ସମ୍ପର୍କରେ ଏଥିରେ ଆଲୋଚନା ହୋଇଥିଲା।



ପାରାଦୀପ ବନ୍ଦର ଅଧ୍ୟକ୍ଷ ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଘାଟନ କରିବାକୁ ଯାଉଛନ୍ତି।

# ଧରିତ୍ରୀ DHARITRI CAREER APPOINTMENT

every Wednesday & Saturday


**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

**ସମସ୍ତ AIRPORT ରେ DIRECT JOINING**
ଅପାଠୁଆ-ଗ୍ରାଜୁଏଟ୍, Salary- 18000 ରୁ 35000/-
Post : Ground Staff, Cabin Crew, Loader, Supervisor, Flight Cleaner
Mob : 9090732106
9090391585, 7694934663

**ବ୍ଲକ୍ ସ୍ତରୀୟ ନିଯୁକ୍ତି**
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

ଚେନ୍ନାଇରେ ଚାକିରି + ରୁମ୍। ହିନ୍ଦୀ କହିପାରୁଥିବେ। ଫ୍ରେଶର୍ ନୁହେଁ / ମହିଳା - ପୁରୁଷ ହାଉସ୍ କ୍ଲିନର୍ / ବ୍ୟକ୍ତିଗତ ସେବକ / କାର ଡ୍ରାଇଭର / ଅଫିସ୍ ଆସିଷ୍ଟାଣ୍ଟ / ବରିଷ୍ଠ ନାଗରିକଙ୍କ ପାଇଁ ମେଡିକାଲ ସହାୟକ / ସିକ୍ୟୁରିଟି ଗାର୍ଡ / ରୋଷେୟା/ବେତନ: ୧୩୦୦୦-୧୭୦୦୦।
ଅଗରୱାଲ, ଏଫ୍ଏଫ୍ଏଫ୍ ଲିଃ
9884761210

**REQUIRED**
Bhubaneswarରେ **Medifast Pharma** (Medicine Store)ରେ ଗୋଟିଏ ଅନୁଭବୀ (Experience) ପିଲା ଆବଶ୍ୟକ।
ଯୋଗାଯୋଗ:
7873139928

**SR. ACCOUNTANT, PROJECT HEAD, MARKETING, EXCEL EXPERT, TELE-CALLER, LABOUR CONTRACTOR, RECOVERY AGENT, SUPERVISOR**
FOR PRE-CAST MANUFACTURING UNIT
**Two-Wheeler Must, All Odisha.**
9040019196/9778821577

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact:
8339922964

**JOB**
Marketing Executive / Coordinator, **Qualification** : 10+2 / Graduate / MBA (Fresher), **Salary** : 10,000/- to 12000/- per month, E-mail your Biodata with Photo and Mobile No. for SMS interview call. **E-mail** : **konsultant3003@gmail.com**

**DOMINOS PIZZA HIRING**
**Delivery Boy Full Time / Part Time**
Salary Rs. 9000/- to 10,000/- per month + Incentive.
**Qualification:** 10th Pass
Driving Licence Must.
CALL: 7013973513, 7661887314

**WANTED**
**AB Group of Industries, Puri required Marketing Executive.**
Both Male/Female. Age-18 to 30. Qualification: Under Matric & above. Attractive Salary. Lodging & Fooding.
Mob: 9778342456, 9778262712

**ଡ୍ରାଇଭର ଆବଶ୍ୟକ**
ପର୍ମାନେଣ୍ଟ ଲାଇସେନ୍ସଧାରୀ ଡ୍ରାଇଭର ବୟସ ୩୦ରୁ ୪୦ ଯୁବକ ଏବଂ ଅବସରପ୍ରାପ୍ତ ଡ୍ରାଇଭର ଆବଶ୍ୟକ। ରହିବା ପାଇଁ ସୁବିଧା ଓ ଉପଯୁକ୍ତ ପାରିଶ୍ରମିକ ଦିଆଯିବ।
ତଳଲିଖିତ ମୋବାଇଲ ନଂ. **7750899392** ସହିତ ଯୋଗାଯୋଗ କରିବାକୁ ଅନୁରୋଧ।

**WANTED**
Civil construction company wants Office Assistant, Driver, Experienced Supervisors. Send Biodata, Mishra, B-201, Maharatha Apartment, Budheswari Colony, Bhubaneswar- 751006
**prabhat64@gmail.com**

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
**Contact Immediately:**
**Mob: 8763257042**

ଭୁବନେଶ୍ୱରରେ ରହିବା ବ୍ୟବସ୍ଥା ଥାଇ ହାର୍ଡୱେର ଦୋକାନରେ କାମ କରିବା ପାଇଁ Staff ଦରକାର। ଦରମା: Rs. 6000/-.
CONTACT:-
9556180455

**WALK-IN-INTERVIEW**
**SALES EXECUTIVE/ MANAGER**
For Corporate Sales **JK Agency**, Plot NO: 279, Satya Nagar, Near Postal Depot, BBSR.
Con:- 9437160950
8984050858

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
**Rs. 18000/-** ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: **01139589422**
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)


**omfed** **The Odisha State Co-operative Milk Producers' Federation Limited**
D-2, Sahidnagar, Bhubaneswar - 751007,
Ph. No.- 0674-2546030 / 2540273 / 2540417, Fax No-0674-2540974
www.omfed.com

Ref.:246:HRD:REF:18/ Date. 17.11.2018

## APPOINTMENT

Applications are invited for appointment to the under mentioned regular posts in The Odisha State Co-operative Milk Producers' Federation Ltd., (OMFED) for Corporate Office at Bhubaneswar & its various Units in Odisha. The detail terms & conditions are mentioned hereunder.

| Name of the Post | Dy. General Manager (Marketing) | Assistant Manager (IT) |
|---|---|---|
| No. of Post | 1 (One) | 2 (Two) |
| Age as on 31.10.2018 | Age should not exceed 45 years. | Age should not exceed 35 years. |
| Essential Qualification | MBA full time degree from a reputed and recognized University with Specialization in Marketing. Preference will be given to candidate with experience in Industry verticals i.e. Dairy, Beverage and other FMCGs. Revenue accountability, territory handling, channel management and leading sales force team are essential. | First Class B.E./B.Tech. in Computer Science & Engineering /Information Technology/ Electronics & Telecommunications. |
| Post Qualification Experience | Minimum 12 years post-qualification experience out of which 3 years in senior position in a reputed Organization. | Minimum 02 years of post-qualification experience in IT Management, Design Development & Implementation of Business Application System using Java/NET, Relation Database Management System / Server Environment and expertise on ERP Solution, Plan, direct and coordinate the design,installation,connectivity of computer systems, network infrastructure & ERP implementation to ensure the stable operation of the Organizations IT assets/ practice network asset management, including maintenance of network component inventory, life cycle management and related documentation/ plan, acquire and coordinate installation of in-house and remote hardware and software across the organizations network. |
| Scale of Pay | PB-3, Rs.15, 600 - 39,100/-, GP: Rs.7, 100/- plus other allowances as per Federation Rules. | PB-2: Rs.9, 300-34,800, GP: Rs.4, 600 plus other allowances as per Federation Rules. |

**General conditions for the above posts :**

i) Applicants who are in employment with Government, Semi-Government, Autonomous Bodies, Public Sector Undertakings, Government sponsored institutions and Co-operative institutions should route their application through proper channel.
ii) Experienced professional with sufficient expertise in the respective field need only apply for the above posts.
iii) Application in prescribed form, available at our **website www.omfed.com** , should reach the **General Manager (HR), OMFED, D/2, Sahid Nagar, Bhubaneswar - 751 007 on or before 10.12.2018.** The Federation shall not be responsible for postal delay or loss in transit.
iv) Attested copy of certificates regarding age, qualification , working experience , ID proof (Aadhaar Card) & recent passport size photograph must be attached with the application Form.
v) Upper age limit is relaxable by 05 years for SC/ST/Ex-service/Physically Handicapped & 3 years for SEBC candidates.
vi) Submission of wrong information / document and suppression of relevant facts will lead to cancellation of appointment.
vii) The Federation reserves the right to cancel / amend the Appointment Notice.

**GENERAL MANAGER (HR)**


**ମାଳି ଓ ଡ୍ରାଇଭର ଆବଶ୍ୟକ**
ମାଳି ଏବଂ ଘରୋଇ ଚାରିଚକିଆ ଯାନ ଚଳେଇବା ପାଇଁ ଡ୍ରାଇଭର ଆବଶ୍ୟକ। ଆକର୍ଷଣୀୟ ଦରମା ସହିତ ରହିବା, ଖାଇବା ସୁବିଧା ସୁଯୋଗ ଦିଆଯିବ। ଯୋଗାଯୋଗ କରନ୍ତୁ :
S-5, Phase-I, Maitre Vihar, Chandrasekharpur, Bhubaneswar
Contact : 0674-7107777, 7894457177

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/above. Monthly Salary upto Rs.27000/-.
(Part Time / Full Time)
Contact: 9938676412

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
09319945331

**SWIGGY REQUIRES**
Work Full Time/ Part Time with Swiggy as a
**DELIVERY EXECUTIVE**
(Bike and DL) and
**earn up to 12000 - 25000 / month**
(Incentives and Insurance worth 6 lakhs extra).
**Walk-in at Swiggy office at**
**Gulmohar Building,** Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012
**or give a missed call or call us on**
**011 30017619**

**WANTED**
ନିଶୁଳ୍କ OASIS Management Instituteରେ MBA, BBA, Graduation, High School, Inter Completed ରୋଜଗାରପାଇଁ ପୁଅଝିଅ ମାନଙ୍କର ଆବଶ୍ୟକ ଅଛି।
(Age 18-30) ଟ୍ରେନିଂ ସମୟରେ 8500/- ରୁ 9500/- ପର୍ଯ୍ୟନ୍ତ।
Promotion ପରେ 25000 - 45000/- ପର୍ଯ୍ୟନ୍ତ ଏବଂ ରହିବା ଫ୍ରି।
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 9078415615, 9114237051


**CENTRAL ELECTRICITY SUPPLY UTILITY OF ODISHA**
Regd. Office: 2nd Floor, IDCO Towers, Janpath, Bhubaneswar-751 022
Phone : 0674-2541575 Fax: 0674-2543125
Website : www.cescoorissa.com, www.cesuodisha.com

Advt. No.- 26481 Date: 19.11.2018

**APPOINTMENT OF CHIEF VIGILANCE OFFICER ON CONTRACT BASIS**

Applications are invited on or before **03.12.2018** from at-least a retired Superintendent of Police. For details, please visit our official website **(www.cesuodisha.com/ www.cescoorissa.com)**.

Sd/- **SGM (HR)**


CONTACT:- 9938414918
ଭୁବନେଶ୍ୱର Office ପାଇଁ Accountant, Computer Operator, Field Officer, Office Assistant, Receptionist & Supervisor ଆବଶ୍ୟକ। ଯୋଗ୍ୟତା: 10th/above. ବୟସ: (17-30) yrs. Monthly Income upto Rs. 24000/-.

See **Career Appointment** on every **Wednesday & Saturday**

**EXIDE LIFE INSURANCE IS HIRING !**
We invite you to be part of a winning performance culture
**ROLE : BRANCH MANAGER & AGENCY DEVELOPMENT MANAGER**
Eligibility : Graduate with min. 3 years of Experience in Life Insurance.
Salary : As per the Industry + Variable
Location : Puri, Kendrapara, Angul, Baripada, Jajpur, Jharsuguda, Aska (Near Berhampur)
Interested Candidates can call on
**8908022111, 9748686600**
Email : jayati.basu@exidelife.in
Exide Life Insurance Company Limited (Formerly known as ING Vysya Life Insurance Company Limited), CIN: U66010KA2000P-LC028273. Registered office: 3rd floor, JP Techno Park, No.3/1, Millers Road, Bengaluru- 560001, India. Toll Free : 18004198228, visit : exidelife.in

**URGENTLY REQUIRED**
**For a Appliance Manufacturing Company.**
**(1)** Manager, **(2)** System Manager, **(3)** Sales Manager, **(4)** Sales Executive, **(5)** HR, **(6)** Technician (R.O/ Chiminey / LED TV/ Washing Machine), **(7)** Receptionist, **(8)** Office Boy, **(9)** Driver, **(10)** Cook.
**Contact:** Plot No. 58, Bapuji Nagar, Lane No.-4, Bhubaneswar-9, Ph. No.- 7008485542


**JEYPORE LAW COLLEGE, JEYPORE**
**DIST.-KORAPUT (ORISSA), Pin- 7640003**

Applications are invited for the following Posts of Lecturer in Law:-

1. **LECTURER IN LAW:** Four Posts
   (One for Woman and One from SC/ST category)

**Terms and Conditions**

- **Qualification, Eligibility:** as per UGC Norms
- **Salary:** Negotiable
- The management reserves the right either to fill the Posts or not to fill the Posts and also the right for calling only shortlisted candidates for interview.
- Interested candidates may apply by Registered Post along with relevant testimonials from HSC onwards and a bank draft of Rs. 1,500/- drawn in favour of Law College Trust, Jeypore payable at Jeypore so as to reach the undersigned within one month from the date of publication of this advertisement.

**Sd./- President,**
**Jeypore Law College G.B., Jeypore**

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।


DSPL - 263





ଓଡ଼ିଶା
ଜାତୀୟ ଜନଜାତି
କଳା ସାମଗ୍ରୀ ପ୍ରଦର୍ଶନୀ
(୨୪ ରୁ ୩୦ ନଭେମ୍ବର ୨୦୧୮)
ଓଡିଶା ସମେତ ୧୪ ଟି ରାଜ୍ୟର ଜନଜାତି କଳା ସାମଗ୍ରୀର ଭବ୍ୟ ପ୍ରଦର୍ଶନ ଏବଂ ବିକ୍ରୟ
ରାଜ୍ୟ ଜନଜାତି ସଂଗ୍ରହାଳୟ ପରିସର
ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ
ସିଆର୍‌ପି ଛକ, ଭୁବନେଶ୍ୱର
ପ୍ରତ୍ୟେହ ଅପରାହ୍ନ ୨ ଘଟିକାରୁ ରାତ୍ର ୮ ଘଟିକା ପର୍ଯ୍ୟନ୍ତ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା ଶୁଭ ଉଦ୍‌ଘାଟନ
୨୪ ନଭେମ୍ବର ୨୦୧୮
ଦିବା ୧୧ ଘଟିକା

ODISHA HOCKEY MEN'S WORLD CUP BHUBANESWAR 2018
ODISHA INDIA'S BEST KEPT SECRET.

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ତଥା ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ
ଓଡ଼ିଶା ସରକାର

26001/13/0015/1819

“ଅନଲାଇନରେ ସୁନା ଏବଂ ସୁନା ସାମଗ୍ରୀ ଯୋଗାଣ ପାଇଁ ପେଟିଏମ୍ ସହ ଚୁକ୍ତିରେ ସାମିଲ ହୋଇଛୁ ।
– ସଚିନ୍ କୋଠାରୀ, ନିର୍ଦ୍ଦେଶକ, ଅଗମଣ୍ଟ ଗୋଲ୍ଡ



“କେଟିଏମ୍ ୨୦୦ ଡ୍ୟୁକ୍‌ର ଏବିଏସ୍ ମଡେଲକୁ ବଜାର ପ୍ରବେଶ କରାଇଛୁ । ଗ୍ରାହକ ଏହି ବର୍ଗରେ ଏବିଏସ୍ ଓ ଅଣ ଏବିଏସ୍ ବିକଳ୍ପ ପାଇପାରିବେ ।
– ଅମିତ ନନ୍ଦୀ, ସଭାପତି, ବଜାଜ ଅଟୋ ପ୍ରୋବାଇକିଂ



## ସଂକ୍ଷେପରେ

### ଜାରି ରହିବ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ପୁଞ୍ଜିଯୋଗାଣ

**ନୂଆଦିଲ୍ଲୀ,୨୩-୧୧:** କେନ୍ଦ୍ର ସରକାର ନିଜର ପ୍ରତିଶ୍ରୁତି ମୁତାବକ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ପୁଞ୍ଜିଯୋଗାଣ ଜାରି ରଖିବେ ଏବଂ ୫୪ ହଜାର କୋଟି ଟଙ୍କା ଦେବେ ବୋଲି ଜଣାପଡିଛି। ରିଜର୍ଭ ବ୍ୟାଙ୍କ ବାସେଲ-୩ ନିୟମକୁ ଲାଗୁ କରିବା ଲାଗି ସମୟସୀମା ବଢ଼ାଇବାକୁ ରାଜି ହୋଇଛି। ଏହି କାରଣରୁ ବ୍ୟାଙ୍କଗୁଡିକୁ ଅଧିକ ପୁଞ୍ଜିର ଆବଶ୍ୟକତା ପଡିବ ନାହିଁ। ଏହାସତ୍ତ୍ୱେ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ଦିଆଯିବାକୁ ଥିବା ପୁଞ୍ଜି ହ୍ରାସ କରିବେ ନାହିଁ ବୋଲି ଜଣାପଡିଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ନୂଆ ବ୍ୟବସ୍ଥା ଅନ୍ତର୍ଗତରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ପୁଞ୍ଜି ମାନଦଣ୍ଡ ପୂରଣ କରିବା ଲାଗି ଏବେ କମ୍ ପୁଞ୍ଜିର ଆବଶ୍ୟକତା ରହିବ। ସରକାରଙ୍କ ପକ୍ଷରୁ ପୁଞ୍ଜି ଆବଶ୍ୟକତା ହ୍ରାସ ପାଇ ୧୫ ହଜାରରୁ ୨୦ ହଜାର କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଫଳରେ ବ୍ୟାଙ୍କଗୁଡିକୁ ନିୟମ ପାଳନ କରିବା ଲାଗି ୨୦୨୦ ମାର୍ଚ୍ଚ ସୁଦ୍ଧା ସମୟ ମିଳିଯିବ।

### ପୂର୍ଣ୍ଣାଙ୍ଗ ବଦଳରେ ଅନ୍ତରୀଣ ବଜେଟ ଉପସ୍ଥାପନ ହେବ

**ନୂଆଦିଲ୍ଲୀ,୨୩-୧୧:** କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ୨୦୧୯ ଫେବୃୟାରୀ ପହିଲାରେ ପୂର୍ଣ୍ଣାଙ୍ଗ ବଦଳରେ ଅନ୍ତରୀଣ ବଜେଟ୍ ଉପସ୍ଥାପନ କରିବେ ବୋଲି ଜଣେ ସରକାରୀ ଅଧିକାରୀ ସ୍ପଷ୍ଟ କରିଛନ୍ତି। ଆସନ୍ତା ବର୍ଷ ଲୋକ ସଭା ନିର୍ବାଚନ ପୂର୍ବରୁ ସରକାର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରାଯିବ ବୋଲି ମିଡିଆରେ ରିପୋର୍ଟ ପ୍ରକାଶ ପାଇଥିଲା। ଏହାକୁ ଖଣ୍ଡନ କରି ଉକ୍ତ ଅଧିକାରୀ ଉପରୋକ୍ତ ସୂଚନା ଦେଇଛନ୍ତି। ତେବେ ଟିକସ କ୍ଷେତ୍ରରେ କିଛି ଘୋଷଣା ହୋଇପାରେ ବୋଲି ସେ ସଙ୍କେତ ଦେଇଛନ୍ତି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଅନ୍ତରୀଣ ବଜେଟ୍‌ରେ ଟିକସ କ୍ଷେତ୍ରରେ କିଛି ଘୋଷଣା କଲେ ଅସୁବିଧା ନାହିଁ ବୋଲି ସେ କହିଛନ୍ତି। କାରଣ ପୂର୍ବରୁ ମଧ ଏକାଧିକଥର ଏଭଳି ଦେଖିବାକୁ ମିଳିଛି। ସେ କହିଛନ୍ତି ଯେ,ଅନ୍ତରୀଣ ବଜେଟ୍ ନେଇ ଆଲୋଚନା ଆରମ୍ଭ ହୋଇନି।

### ନିସାନର ପୂର୍ବତନ ଅଧକ୍ଷଙ୍କ ଅଘୋଷିତ ଆୟ ୭.୧ କୋଟି ଡଲାର

**ଟୋକିଓ,୨୩-୧୧:** ନିସାନ ମୋଟର କମ୍ପାନୀର ଅଧକ୍ଷ ପଦରୁ ହଟାଯାଇଥିବା କାର୍ଲୋସ ଘୋସନଙ୍କ ମୋଟ୍ ଅଘୋଷିତ ଆୟ ୭.୧ କୋଟି ଡଲାର ବୋଲି ଆକଳନ କରାଯାଇଛି। ପୂର୍ବର ଆକଳନଠାରୁ ଏହା ଯଥେଷ୍ଟ ଅଧିକ ବୋଲି କୁହାଯାଉଛି। ଜାପାନୀ ମିଡିଆରେ ରିପୋର୍ଟ ପ୍ରକାଶ କରାଯାଇଛି। ତାଙ୍କୁ ପୂର୍ବରୁ ଗିରଫ କରାଯାଇସାରିଛି। ସେ ୨୦୧୧ ଜୁନରୁ ୨୦୧୫ ଜୁନ ସୁଦ୍ଧା ୫ ବିଲିୟନ ୟେନ୍ (୪୪ ମିଲିୟନ ଡଲାର) କମ୍ ଆୟ ଦର୍ଶାଇଥିଲେ ବୋଲି ଅଭିଯୋଗ ହୋଇଥିଲା।

# ଡଲାର କିଣିବାରେ ବ୍ୟସ୍ତ ଆରବିଆଇ

**ନୂଆଦିଲ୍ଲୀ,୨୩-୧୧**



- ୧୧ ମାସ ଧରି ବିକ୍ରି ଚାଲିଥିଲା
- ନଭେମ୍ବର ପ୍ରଥମ ସପ୍ତାହରେ ୫୦ କୋଟି ଡଲାର କିଣାସରିଛି
- ଟଙ୍କା ମୂଲ୍ୟ ବୃଦ୍ଧିର ଫାଇଦା ମିଳୁଛି

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପୁନର୍ବାର ଡଲାର ଭଣ୍ଡାର ବଢ଼ାଇବାରେ ଲାଗିପଡିଛି। ଗତ ୧୧ ମାସ ଧରି ଆର୍‌ବିଆଇ ଭଣ୍ଡାରରୁ ଡଲାର ହ୍ରାସ ପାଇବା ପରେ ଚଳିତ ମାସର ପ୍ରଥମ ଦୁଇ ସପ୍ତାହରେ କେନ୍ଦ୍ରୀୟ ବ୍ୟାଙ୍କ ଏହା କିଣିବା ଆରମ୍ଭ କରିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇବା ଏବଂ ଟଙ୍କାର ମୂଲ୍ୟ ବଢ଼ିବା କାରଣରୁ ଏହାକୁ କମ୍ ଡଲାର ଖର୍ଚ୍ଚ କରିବାକୁ ପଡୁଛି। ଏହାଛଡା ବିଦେଶୀ ପୁଞ୍ଜି ନିବେଶ ପୁଣି ଥରେ ବଢ଼ିବାରେ ଲାଗିଛି। ଏଥିଯୋଗୁ ଭଣ୍ଡାରରେ ଡଲାର ପରିମାଣ ବଢୁଛି। ନଭେମ୍ବର ପ୍ରଥମ ସପ୍ତାହରେ ଆର୍‌ବିଆଇ ୫୦ କୋଟି ଡଲାର କିଣିଛି। ଆଗାମୀ ଦିନରେ ଏହି ଧାରା ଜାରି ରହିବ ବୋଲି ଆଶାକରାଯାଉଛି। ଗତ ୧୧ ମାସ ଭିତରେ ଉଭୟ ସ୍ୱତ୍ ଏବଂ ଫ୍ୟୁଚର୍ସ ମାର୍କେଟରେ କେନ୍ଦ୍ରୀୟ ବ୍ୟାଙ୍କ ଡଲାର ବିକ୍ରି କରି ଟଙ୍କାକୁ ସହାୟତା ଦେଉଥିଲା। କାରଣ ଡଲାର ବିନିମୟରେ ଟଙ୍କାର ମୂଲ୍ୟ ୭୪.୪୮ର ରେକର୍ଡ ସର୍ବନିମ୍ନ ସ୍ତରକୁ ଚାଲିଯାଇଥିଲା। ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କର ସିନିୟର ଇକୋନୋମିଷ୍ଟ ଅନୁଭୁତି ସହାୟ ଏ ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି ଯେ, ଅଶୋଧିତ ତେଲ ଦର ହ୍ରାସ ପାଇବା, ବିଦେଶୀ ନିବେଶ ଫେରିବା ଏବଂ ଟଙ୍କା ସବଳ ହେବା ଯୋଗୁ ଆର୍‌ବିଆଇ ପୁଣି ଥରେ ଡଲାର କିଣିବାକୁ ବିଚାର କରିଛି। ସୂଚନାଥାଉ କି, ନଭେମ୍ବର ପ୍ରଥମ ସପ୍ତାହରେ ଟଙ୍କାର ମୂଲ୍ୟ ବଢ଼ିବା ଆରମ୍ଭ କରିଥିଲା ଏବଂ ଏହା ବିକାଶଶୀଳ ମାର୍କେଟରେ ଭଲ ପ୍ରଦର୍ଶନ କରିଥିବା ଟପ୍ ୩ ଦେଶ ମଧ୍ୟରେ ରହିଛି। ଗୁରୁବାର ଟଙ୍କା ୧% ଶକ୍ତିଶାଳୀ ହୋଇଛି। ଭାରତ ଦ୍ୱିତୀୟ ଦେଶ ଭାବେ ସର୍ବାଧିକ ଅଶୋଧିତ ତେଲ ଆମଦାନୀ କରୁଛି। ଏହି କାରଣରୁ ଏହାକୁ ଅଧିକ ଡଲାର ଖର୍ଚ୍ଚ କରିବାକୁ ପଡୁଛି। ଗୁରୁବାର ଟଙ୍କାର ମୂଲ୍ୟ ୭୦.୭୦ ଥିଲା। ଏ ସମ୍ପର୍କରେ କୋଟାକ ସିକ୍ୟୁରିଟିଜର କରେନ୍ସି ଆନାଲିଷ୍ଟ ଅନିନ୍ଦ୍ୟ ବାନାର୍ଜୀ କହିଛନ୍ତି ଯେ, ଟଙ୍କା ସମ୍ଭାଳିବାକୁ ପୂର୍ବେ ଆର୍‌ବିଆଇ ଡଲାର ବିକୁଥିଲା। ଏବେ ଅଶୋଧିତ ତେଲ ଦର ଗୁରୁବାର ୬୨.୬୨ ଡଲାର ପ୍ରତି ବ୍ୟାରେଲ ପହଞ୍ଚିଗଲାଣି, ଯାହା କି ଫେବୃୟାରୀ ୧୩ ପରେ ସର୍ବନିମ୍ନ ସ୍ତର ରହିଛି। ସେହିପରି ଆଇସିଆଇସିଆଇ ବ୍ୟାଙ୍କର ମାର୍କେଟ ମୁଖ୍ୟ ତଥା ଗ୍ରୁପ୍ ଏକ୍‌ଜିକ୍ୟୁଟିଭ ବି. ପ୍ରସନ୍ନା କହିଛନ୍ତି ଯେ, ଟଙ୍କାର ମୂଲ୍ୟ ବୃଦ୍ଧିର ଫାଇଦା ଉଠାଇ ଆର୍‌ବିଆଇ ଏବେ ଡଲାର କିଣିବା ଲାଗି ବାଟ ଫିଟାଇ ଦେଇଛି।

### ବୈଦେଶିକ ମୁଦ୍ରା ଜମା ବଢୁଛି

ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଶୁକ୍ରବାର ଶେଷ ହେଉଥିବା ସପ୍ତାହ ସୁଦ୍ଧା ୫୬.୮୯ କୋଟି ଡଲାର ବଢ଼ି ୩୯୩.୫୮ ବିଲିୟନ ଡଲାର ବା ୨୮,୩୦୨.୩୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯାଇଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ କୁହାଯାଇଛି। ବିଦେଶୀ ମୁଦ୍ରା ଭଣ୍ଡାରକୁ ଡଲାର ଭାବେ ପରିଗଣିତ କରାଯାଏ। ଏଥିରେ ଗଚ୍ଛିତ ଥିବା ପାଉଣ୍ଡ, ଷ୍ଟର୍ଲିଂ,ୟେନ ଭଳି ଅନ୍ତଃରାଷ୍ଟ୍ରୀୟ ମୁଦ୍ରା ରହିଛି, ଯାହାର ମୂଲ୍ୟ ଦୈନିକ ପରିବର୍ତ୍ତନ ହୋଇଥାଏ। ଆଲୋଚ୍ୟ ଅବଧିରେ ଦେଶର ସ୍ୱର୍ଣ୍ଣ ଭଣ୍ଡାର ୨୦.୯୬ ବିଲିୟନ ଡଲାର ରହିଛି, ଯାହା କି ପ୍ରାୟ ୧,୫୫୦.୯୦ ଲକ୍ଷ କୋଟି ଟଙ୍କା ବୋଲି ଆକଳନ କରାଯାଇଛି।

# ସେଣ୍ଟ୍ରାଲରେ ବିଟ୍ୱିନ୍ ସିଜନ ସେଲ୍




**ଭୁବନେଶ୍ୱର,୨୩-୧୧**

ପ୍ରମୁଖ ଫ୍ୟାଶନ ଡେଷ୍ଟିନେଶନ ଭୁବନେଶ୍ୱର ସେଣ୍ଟ୍ରାଲ ପକ୍ଷରୁ ବିଟ୍ୱିନ ସିଜନ ସେଲ୍ ଅଫର ଆରମ୍ଭ ହୋଇଛି। ଚଳିତ ମାସ ୨୧ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଅଫରର ଲାଭ ଗ୍ରାହକମାନେ ୨୫ ତାରିଖ ଯାଏ ଉଠାଇ ପାରିବେ। ୨୦୦ ପ୍ରିମିୟମ ବ୍ରାଣ୍ଡ ଏବଂ ୫୦୦୦ ଷ୍ଟାଇଲର ସାମଗ୍ରୀ ଉପରେ ଗ୍ରାହକଙ୍କୁ ଏହି ଅଫର ସୁବିଧା ପ୍ରଦାନ କରାଯାଉଛି। ଏହି ସମୟରେ ଷ୍ଟୋରରୁ କିଣାକିଣି ଉପରେ ଗ୍ରାହକ ଅନ୍ୟୁନ ୩୦% ଅଫ୍ ସୁବିଧା ପାଇପାରିବେ। ସେହିଭଳି ୩୦% କ୍ୟାଶବ୍ୟାକ ଷ୍ଟୋର ପକ୍ଷରୁ ପ୍ରଦାନ କରାଯାଉଛି। ୩,୯୯୯ ଟଙ୍କାର କ୍ରୟ ଉପରେ କ୍ୟାଶବ୍ୟାକ୍ ସୁବିଧା ମିଳିବ ବୋଲି ଷ୍ଟୋର ପକ୍ଷରୁ ସୂଚନା ରହିଛି। ମୋବାଇଲ ନମ୍ବର ପିଛା ସର୍ବାଧିକ ୧୨୦୦ ଟଙ୍କାର କ୍ୟାଶବ୍ୟାକ ଉପଲବ୍ଧ ହେଉଛି। ସେହିଭଳି ବିବାହ ସିଜନକୁ ଧ୍ୟାନରେ ରଖି ଷ୍ଟୋର ପକ୍ଷରୁ ବିଭିନ୍ନ କଲେକ୍ସନ ଉପଲବ୍ଧ କରାଯାଇଛି। ସୁଟ୍, ବ୍ଲେଜର, ଫୁଟୱେର, ଆସେସୋରିଜ, ଲଗେଜ୍ ସହ ଅନ୍ୟାନ୍ୟ ବର୍ଗରେ ଏଠାରେ ସାମଗ୍ରୀ ମିଳୁଛି। ଏହା ବାଦ୍ ଆରୋ, ଲୁଇ ଫିଲିପ୍, ବ୍ଲାକବେରୀ, ଜିଓଭନି ଭଳି ବ୍ରାଣ୍ଡରେ ସୁଟ୍ ଏବଂ ବ୍ଲେଜର ଲାଗି ବିଭିନ୍ନ ବିକଳ୍ପ ସୁବିଧା ରହିଛି। ସବୁ ଷ୍ଟାଇଲର ୱିଣ୍ଟରୱେର ରହିଛି। ଲେଡିଜଙ୍କ ପାଇଁ ୱେଷ୍ଟର୍ନ, ଏଥିନିକ ପ୍ୟାଟର୍ନରେ ଏହା ମିଳୁଛି। ପୁରୁଷଙ୍କ ପାଇଁ କାଜୁଆଲ, ଫର୍ମାଲ ସହ ଯୁବବର୍ଗଙ୍କୁ ଧ୍ୟାନରେ ରଖି ବିଭିନ୍ନ କଲେକ୍ସନ ରହିଛି। ସ୍ପୋର୍ଟସୱେର ବର୍ଗରେ ବିସ୍ତୃତ ବିକଳ୍ପ ରହିଥିବା ସେଣ୍ଟ୍ରାଲ ପକ୍ଷରୁ ପ୍ରକାଶ।




## ଏଟିଏମ୍ ସଂଖ୍ୟା କମାଯିବ ନାହିଁ: ପିଏନ୍‌ବି

**ନୂଆଦିଲ୍ଲୀ,୨୩-୧୧:** ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ଏଟିଏମ୍ ସଂଖ୍ୟା କମାଇବା ଲାଗି କୌଣସି ଯୋଜନା ହୋଇ ନାହିଁ ବୋଲି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ପକ୍ଷରୁ କୁହାଯାଇଛି। ୨୦୧୯ ମାର୍ଚ୍ଚ ସୁଦ୍ଧା ଦେଶର ୫୦% ଏଟିଏମ୍ ବନ୍ଦ ହୋଇଯିବ ବୋଲି ଏଟିଏମ୍ ଉଦ୍ୟୋଗକୁ ପ୍ରତିନିଧିତ୍ୱ କରୁଥିବା କନଫେଡେରେଶନ ଅଫ୍ ଏଟିଏମ୍ ଇଣ୍ଡଷ୍ଟ୍ରି ପକ୍ଷରୁ କୁହାଯିବା ପରେ ପିଏନ୍‌ବି ପକ୍ଷରୁ ଉକ୍ତ ସୂଚନା ଦିଆଯାଇଛି। ଉଲ୍ଲେଖଥାଉ କି, ପିଏନ୍‌ବିର ସାରା ଦେଶରେ ୯୪୨୮ ଏଟିଏମ୍ କାର୍ଯ୍ୟକରୁଛି। ଏହା ଦେଶର ବଡ଼ ଏଟିଏମ୍ ସେବାଯୋଗାଣକାରୀଙ୍କ ମଧ୍ୟରେ ଅନ୍ୟତମ।


## ODISHA STATE ROAD TRANSPORT CORPORATION, BHUBANESWAR

**No. 16408/OSRTC/Bhubaneswar Dated. 22.11.18**

**Corrigendum**

**GPS based Vehicle Tracking System (VTS) in OSRTC buses**

**No.CAD-1056:-** In continuation to the Tender No. 15893 dated.13.11.2018 published in the newspapers and OSRTC website: www.osrtc.in on 14.11.2018, the last date of submission of Tender is hereby extended from 30.11.2018 to 07.12.2018 upto 3.00 PM. Other details may be accessed from the website.

Sd./-
(R.P. Sahu)
General Manager (Admn.)

38002/11/0005/1819



DSPL - 255

## ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା “ଏପି” ସିରିଜ୍ (“AP” Series)

**ବିଶେଷ ସୂଚନା**

ପ୍ରତ୍ୟେକ ବର୍ଷ ଭଳି, ଚଳିତ ବର୍ଷ ମଧ ଓଡିଶା ସରକାରଙ୍କ ଅର୍ଥ ବିଭାଗ ଆନୁକୁଲ୍ୟରେ **ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା “ଏପି”(AP) ସିରିଜ୍** ର ପ୍ରଚଳନ କରାଯାଇଅଛି ଏବଂ କୁପନ ବିତରଣ ପ୍ରକ୍ରିୟା ବଳବତ୍ତର ଅଛି । ତା **୨୮.୦୨.୨୦୧୯ ରିଖ,ଏହି ବିତରଣ ପକ୍ରିୟାର ଅନ୍ତିମ ଦିବସ ।**

ଏହି ଯୋଜନାନୁଯାୟୀ ଯେଉଁ ବ୍ୟକ୍ତି ଓଡିଶାରେ ଅବସ୍ଥିତ ଯେକୌଣସି ଡାକଘର / ଅଧିକୃତ ବ୍ୟାଙ୍କ୍ ଜରିଆରେ ନିମ୍ନ ବର୍ଣ୍ଣିତ ସ୍ୱଳ୍ପ ସଞ୍ଚୟ ଜମା ଯୋଜନା ଗୁଡିକରେ ତା **୦୧.୦୧.୨୦୧୮** ରିଖ ଠାରୁ ତା **୩୧.୧୨.୨୦୧୮** ରିଖ ମଧ୍ୟରେ, ଅନ୍ୟୁନ ୨୦୦୦ ଟଙ୍କା ବା ତଦୁର୍ଦ୍ଧ ଅର୍ଥ ନିବେଶ କରିଥିବେ, ସେମାନେ ପ୍ରତ୍ୟେକ ୨୦୦୦ ଟଙ୍କା ଜମା ପିଛା ଗୋଟିଏ ମାଗଣା କୁପନ ସଂଗ୍ରହ କରିପାରିବେ । ୱେବ୍ ସଞ୍ଚାଳିତ ପଦ୍ଧତି ଦ୍ୱାରା ଉତ୍ପନ୍ନ କୁପନ୍ ନମ୍ବର ଜମାକାରୀ ମାନଙ୍କୁ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଅଛି । ଏହି ଯୋଜନାରେ ଅଂଶ ଗ୍ରହଣ କରିବା ସମ୍ପୂର୍ଣ୍ଣ ଦେୟମୁକ୍ତ ଅଟେ । ଆସନ୍ତା ତା **୨୮.୦୪.୨୦୧୯** ରିଖରେ ଆୟୋଜିତ ହେବାକୁ ଥିବା ଏହି ଯୋଜନାର ଉଠାଣରେ କୁପନ ସଂଗ୍ରହ କରିଥିବା କୁପନଧାରୀ ମାନଙ୍କ ମଧ୍ୟରୁ ୨୪୨୮ ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ୭ ଟି ବର୍ଗରେ, ସର୍ବୋଚ୍ଚ ୫ ଲକ୍ଷ ଟଙ୍କା ଏବଂ ସର୍ବନିମ୍ନ ୨୦୦୦ ଟଙ୍କା ବିଶିଷ୍ଟ ସମୁଦାୟ ୭୪ ଲକ୍ଷ ଟଙ୍କା ମୂଲ୍ୟର ପ୍ରୋତ୍ସାହନ ରାଶି, ପୁରସ୍କାର ସ୍ୱରୂପ ପ୍ରଦାନ କରାଯିବ ।

**୧) କିଷାନ ବିକାଶ ପତ୍ର (KVP)**
**୨) ଜାତୀୟ ସଞ୍ଚୟ ସାର୍ଟିଫିକେଟ୍ (ଅଷ୍ଟମ ଇସ୍ୟୁ) (NSC 8th issue)**
**୩) ପବ୍ଲିକ୍ ପ୍ରୋଭିଡେଣ୍ଟ୍ ଫଣ୍ଡ୍ (PPF)**
**୪) ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା (SCSS) (କେବଳ ସ୍ୱଳ୍ପ ସଞ୍ଚୟ ଯୋଜନା ଅନ୍ତର୍ଗତ)**
**୫) ସୁକନ୍ୟା ସମୃଦ୍ଧି ଜମା (SSA)**
**୬) ଡାକଘର ୫ ବର୍ଷିଆ ଅବଧି ଜମା (5Yr POTD)/ ପାଞ୍ଚ ବର୍ଷିଆ ଜାତୀୟ ସଞ୍ଚୟ ଅବଧି ଜମା (5Yr NSTDA)**
**୭) ଡାକଘର ପୌନଃପୁନିକ ଜମା (PORD)/ ଜାତୀୟ ସଞ୍ଚୟ ପୌନଃପୁନିକ ଜମା ଖାତା (NSRDA)**
**୮) ଡାକଘର ମାସିକ ଆୟ ଯୋଜନା (POMIS)/ ଜାତୀୟ ସଞ୍ଚୟ ମାସିକ ଆୟ ଜମା (NSMIA)**

ଏଣୁ ଉପରୋକ୍ତ ଯୋଜନା ଗୁଡିକ ମଧ୍ୟରୁ ନିଜର ପସନ୍ଦ ମୁତାବକ ଜମା ଯୋଜନାରେ ସଞ୍ଚୟ କରି ନିକଟସ୍ଥ ଜିଲ୍ଲାପାଳ/ ଉପଜିଲ୍ଲାପାଳ/ ପଞ୍ଚାୟତ ସମିତି (ବ୍ଲକ୍) କାର୍ଯ୍ୟାଳୟରୁ କୁପନ ସଂଗ୍ରହ କରି ଭାଗ୍ୟଶାଳୀ ବିଜେତା ହେବାର ସୁଯୋଗ ନିଅନ୍ତୁ ।

ସବିଶେଷ ବିବରଣୀ ତଥା କୁପନ ସଂଗ୍ରହ ପାଇଁ, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ / ଉପଖଣ୍ଡ ସ୍ୱଳ୍ପ ସଞ୍ଚୟ ଅଧିକାରୀ / ବ୍ଲକ୍ କାର୍ଯ୍ୟାଳୟରେ ଅବସ୍ଥାପିତ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।

ବର୍ଷର ଶେଷ ଭାଗରେ ପ୍ରବଳ ଭିଡରୁ ରକ୍ଷା ପାଇବା ପାଇଁ, ବର୍ତ୍ତମାନ ସୁଦ୍ଧା ଜମା କରିସାରିଥିବା ଜମାକାରୀମାନେ ସେମାନଙ୍କର କୁପନ ଆଜିଠାରୁ ହିଁ ସଂଗ୍ରହ କରିନିଅନ୍ତୁ ।

ପୁରସ୍କାର ବିତରଣ ପ୍ରକ୍ରିୟାକୁ ସହଜ କରିବା ନିମନ୍ତେ କୁପନ୍ ଗ୍ରହଣ ସମୟରେ ଆପଣଙ୍କର ମୋବାଇଲ୍ ଫୋନ୍ ନମ୍ବର ଏବଂ ସଠିକ୍ **IFS Code** ସହିତ ବ୍ୟାଙ୍କ୍ ସେଭିଙ୍ଗ୍‌ସ ଏକାଉଣ୍ଟ୍ ନମ୍ବର ପ୍ରଦାନ କରିବା ପାଇଁ ଅନୁରୋଧ ।

ବି:ଦ୍ର: କୁପନ ସଂଗ୍ରହ ସମୟରେ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଲିପିବଦ୍ଧ କରାଯାଉଥିବା ତଥ୍ୟର ସଠିକତା ଭଲଭାବେ ଯାଞ୍ଚ କରି କୁପନ ସଂଗ୍ରହ କରନ୍ତୁ । କୌଣସି ତ୍ରୁଟି ଦୃଷ୍ଟି ଗୋଚର ହେଲେ, କୁପନ ଇସ୍ୟୁ ଦିନଠାରୁ ୭ ଦିନ ମଧ୍ୟରେ ତାହା ଫେରସ୍ତ କରି, ସଂଶୋଧିତ କୁପନ ଗ୍ରହଣ କରିବା ଆବଶ୍ୟକ ଅଟେ ।

**ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ**
**ଅର୍ଥ ବିଭାଗ, ଓଡିଶା ସରକାର**

05001/13/0027/1819



**କୃଷି ବୈଷୟିକ ପରିଚାଳନା ସଂସ୍ଥା, ଆତ୍ମା: ଖୋର୍ଦ୍ଧା**

DSPL-257

ଫୋନ୍ କରନ୍ତୁ
**କୃଷକ ରୋଗପୋକ ସହାୟତା ସେବା**
**୦୬୭୪ ୬୬୦ ୦୫୫୫**
କୃଷି ବିଶେଷଜ୍ଞମାନଙ୍କ ଦ୍ୱାରା ରୋଗପୋକ ସମସ୍ୟାର ସମାଧାନ
ଫସଲ ସୁରକ୍ଷା



**ହେଲ୍ପଲାଇନ କେମିତି ପ୍ରୟୋଗ କରିବେ?** ଫସଲ ସୁରକ୍ଷା

1. 0674 660 0555 ନମ୍ବରରେ ମିସ କଲ୍ ଦିଅନ୍ତୁ।
2. ଏହି କଲ୍ ଦୁଇଟି ରିଙ୍ଗ ହେବା ପରେ ଆପେ ଆପେ କଟିଯିବ।
3. ଏକରୁ ଦୁଇ ମିନିଟ ଭିତରେ ଆପଣଙ୍କୁ କଲ୍ ଆସିବ।
4. ପ୍ରଶ୍ନ ପଚାରିବା ପାଇଁ ୧-ଟିପନ୍ତୁ।
5. ବିପ ଶବ୍ଦ ପରେ ଆପଣଙ୍କ ପ୍ରଶ୍ନ ରେକର୍ଡ କରନ୍ତୁ।
6. ରେକର୍ଡ଼ କରିଥିବା ପ୍ରଶ୍ନ ଶୁଣିବା ପାଇଁ ୧-ଟିପନ୍ତୁ।
7. ଆପଣ ରେକର୍ଡ଼ କରିଥିବା ପ୍ରଶ୍ନ ପଠାଇବା ପାଇଁ ୧-ଟିପନ୍ତୁ।
8. ଆପଣ ପଚାରିଥିବା ପ୍ରଶ୍ନର ଉତ୍ତର, ୪୮ଘଣ୍ଟା ଭିତରେ ବିଶେଷଜ୍ଞଙ୍କ ଠାରୁ ପାଇବେ।

01149/13/0014/1819

ଫୋନ୍ କରନ୍ତୁ
**କୃଷକ ରୋଗପୋକ ସହାୟତା ସେବା** ଫସଲ ସୁରକ୍ଷା
**0674 660 0555**
କୃଷି ବିଶେଷଜ୍ଞମାନଙ୍କ ଦ୍ୱାରା ରୋଗପୋକ ସମସ୍ୟାର ସମାଧାନ



ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା, ଖୋର୍ଦ୍ଧା — ଜିଲ୍ଲାପାଳ ତଥା ଅଧକ୍ଷ, ଆତ୍ମା, ଖୋର୍ଦ୍ଧା



**idco** Your power to grow | ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

Tender Call Notice No. BBSR/ELECT/ E-3549/2015-2016/5130 Dtd. 19.11.2018

**TENDER CALL NOTICE**

| | | |
|---|---|---|
| Name of the Work | : | Construction of 63KVA, 11/0.4KV Pole Mounted Substation with linking 1 Span 11KV line for Power supply to State Haj House Pokhariput, Bhubaneswar. |
| Estimated Cost of the Work | : | Rs. 4,48,870.00 |
| Period of Completion | : | 15 Days |
| EMD Amount | : | Rs. 4,500.00 |
| Cost of Bid Document | : | Rs. 2000.00 + 360.00 (GST @ 18%) |
| Date of Availability of Tender | : | 26.11.2018 to 28.11.2018 up to11.00 hrs to 16.00 hrs. |
| Last Date of Submission of Tender | : | Up to 15.00 Hrs. of 03.12.2018 |
| Date of Opening of Tender | : | At 16.00 Hrs. on 03.12.2018 |
| Procurement Officer | : | Divisional Head (Electrical), IDCO, Bhubaneswar |

Further details can be seen from the IDCO website **www.idco.in** or contact Er. S.K. Dash, Manager (Electrical) at Tel. No. 0674-2541766 during office hours.

Sd/-
D.H. (Electrical), IDCO, Bhubaneswar



## QUOTATION CALL FOR HIRING OF VEHICLE

Notice No. 1712 Dt.22.11.2018

Sealed quotations are invited in the prescribed format from interested local registered travel agency / tour operator / private individual of Sonepur for providing one nos. of Diesel driven vehicle (preferably **Indigo ecs**) for office use in the office of the District Labour Officer, Subarnapur on monthly rent basis. The details of the terms and conditions can be downloaded from district website i.e. **www.subarnapur.nic.in** or can take directly from District Labour Office, Subarnapur. Interested bidders may submit their sealed quotation in the prescribed format superscribing **"Applications for hiring of Vehicle on monthly rent basis for District Labour Office"** on the cover of the envelope to the office of the District Labour Officer, Subarnapur, At/Po- Sonepur, PIN- 767017 latest by **07.12.2018** upto **02.00 PM**. The bids will be opened on the same day at **03.00 PM**. The authority reserves all rights to cancel the tender without assigning any reason thereof.

Yours faithfully
Sd./- District Labour Officer, Subarnapur



No.1057-O

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, SOUTHERN CIRCLE, RURAL WORKS, SUNABEDA**
e-mail: serwsbd2003@yahoo.com

NATIONAL COMPETITIVE BIDDING THROUGH e-Procurement

No. 4038 Date: 17.11.2018

1. Name of the work : Construction / upgradation of raods under PMGSY & their maintenance for 5 years udner PMGSY.
2. Total No. of packages : 141 Nos. (Percentage rate tender)
3. Estimated cost : Various from Rs.33.90 lakhs to Rs.2861.73 lakhs
4. Class of contractor : “C” Class, “B” Class, “A” Class, Special Class and Super Class (as per annexure)
5. Period of completion : Three to Six Calendar Months
6. Cost of tender paper : Rs.10,000.00 per set (Non refundable) only in shape of DD in favour of OSRRA payable at Bhubaneswar
7. EMD required : 2% of estimated cost of the package duly pledged in favour of Executive Engineer of the concerned Rural Works Division
8. Original bid cost, EMD, Affidavit regarding correctness of documents, along with other relevant documents submission on or before 19.12.2018 upto 5.00 PM
9. Period of availability of tenders on-line / date & time of bidding on-line / last date of seeking clarification / date of opening of tender papers : The details are as follows

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Southern Circle, Sunabeda | SERWSCSBD - Online - 15/2018-19 | 26.11.2018 at 11.00 AM | 17.12.2018 upto 5.00PM | 15.12.2018 upto 2.00PM | 18.12.2018 at 11.00 AM | Will be intimated to qualified bidder |

1. Further details can be seen from the e-procurement portal **http://pmgsytenders.gov.in**.
2. Any Corrigendum / Addendum will be displayed in the above e-tender website.

25045/11/0019/1819 Sd./- Superintending Enginer, Southern Circle, RW, Sundabeda



**GOVT. OF ODISHA**
**OFFICE OF THE SUPERINTENDING ENGINEER RURAL WORKS CIRCLE, BOLANGIR**

No.1050-O:-

**e Procurement Notice**
**IFB IDENTIFICATION No. BLGR/Online-12/2018-19**

| | | | |
|---|---|---|---|
| 1. | Name of work | : | Construction of bridge over Khagasa nallah on Khagasa to Salepada road in the district of Bolangir under Biju Setu Yojana for the year 2018-19. |
| 2. | Total No. of work | : | 1(One) No. of work |
| 3. | Approximate Estimated Cost | : | Rs. 265.13 lakhs |
| 4. | Time for completion | : | 18 (eighteen) months |
| 5. | Mode of Submission of tender | : | Tender should be submitted online in www.tendersorissa.gov.in. |
| 6. | Other details are as follow | : | |

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer | BLGR/ Online- 12/2018-19 | 26.11.2018 at 11.00 AM | 11.12.2018 upto 5.00 PM | 10.12.2018 upto 1.00 PM | 12.12.2018 at 11.00 AM | The date will be intimated to the technically qualified bidders later on |

- Further details can be seen from the website www.tenders.ori.nic.in.
- Any Corrigendum/ Addendum will be displayed in the above website only.
- The authority reserves the right to reject any or all the tenders received without assigning any reasons thereof what so ever.

25111/11/0020/1819 Sd./- Superintending Engineer, R.W. Circle, Bolangir






## ମନପ୍ରୀତ ବାହିନୀ




**ମନପ୍ରୀତ୍ ସିଂ (ଅଧିନାୟକ)**
ବୟସ: ୨୬
ପୋଜିଶନ: ମିଡ୍‌ଫିଲ୍ଡର
ମ୍ୟାଚ୍: ୨୩୮

ପଞ୍ଜାବ ଜନ୍ମିତ ମନପ୍ରୀତ୍ ମାତ୍ର ୧୯ ବର୍ଷ ବୟସରେ ଅର୍ଥାତ ୨୦୧୧ରେ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ସେବେଠାରୁ ସେ ଭାରତ ପାଇଁ ସବୁ ମେଜର ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଆସୁଛନ୍ତି। ତାଙ୍କର ଅସାଧାରଣ ପ୍ରତିଭା ଓ ଦକ୍ଷତା ପାଇଁ ଆଗାମୀ ବିଶ୍ୱକପ୍‌ରେ ତାଙ୍କୁ ଭାରତର ନେତୃତ୍ୱ ପ୍ରଦାନ କରାଯାଇଛି। ୨୦୧୪ ଏସିଆନ୍ ଗେମ୍ସ ଓ ୨୦୧୬ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଭାରତର ଚମତ୍କାର ବିଜୟରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ଜୁନିୟର ଦଳର ଅଧିନାୟକ ହିସାବରେ ମଧ୍ୟ ବେଶ୍ ସଫଳ ରହିଆସିଛନ୍ତି। ଏହି ବର୍ଷ ସୁଲତାନ ଜୋହର କପ୍ ହକିରେ ସେ ପ୍ରଥମଥର ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିଲେ।

**କଳିଙ୍ଗ ଷ୍ଟାଡିୟମ ଇତିହାସରେ ଯୋଡ଼ି ହେବାକୁ ଯାଉଛି ଆଉ ଏକ ନୂଆ ଫର୍ଦ୍ଦ। ଏଠାରେ ନଭେମ୍ବର ୨୮ରୁ ଆରମ୍ଭ ହେବ ହକି ବିଶ୍ୱକପର ୧୪ତମ ସଂସ୍କରଣ। ଏଥିପାଇଁ ବିଦେଶୀ ଦଳ ଗୁଡ଼ିକ ପର୍ଯ୍ୟାୟକ୍ରମେ ପହଞ୍ଚିବା ଆରମ୍ଭ କରିଥିବାବେଳେ ସେମାନଙ୍କୁ ଟକ୍କର ଦେବାକୁ ପ୍ରସ୍ତୁତ ମନପ୍ରୀତ ବାହିନୀ। ଘରୋଇ ପରିବେଶରେ ଏଥର ଲଢ଼ିବ ଭାରତ। ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଭାରତୀୟ ଦଳ ସନ୍ତୁଳିତ ଥିବାବେଳେ ଉନ୍ନତ ପ୍ରଦର୍ଶନ ଆଶାରେ ରହିଛନ୍ତି ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ।**



### ପି.ଆର. ଶ୍ରୀଜେସ
ବୟସ:୩୦
ପୋଜିଶନ: ଗୋଲ କିପର
ମ୍ୟାଚ୍ : ୨୦୪

କେରଳରେ ଜନ୍ମିତ ଶ୍ରୀଜେସ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଗୋଲକିପର। ୨୦୦୬ ସାଉଥ୍ ଏସିଆନ ଗେମ୍ସରେ ସେ ପଦାର୍ପଣ କରିଥିଲେ। ୨୦୦୮ ଜୁନିୟର ଏସିଆ କପ୍‌ରେ ସେ ଶ୍ରେଷ୍ଠ ଗୋଲ କିପର ବିବେଚିତ ହୋଇଥିଲେ ଓ ଭାରତ ଏଥିରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ୨୦୧୧ ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ସେ ଭାରତକୁ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ୨୦୧୩ ଏସିଆ କପ୍‌ରେ ସେ ଗୋଲ କିପର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ।



### କ୍ରିଷ୍ଣନ ବାହାଦୁର ପାଠକ
ବୟସ: ୨୧
ପୋଜିଶନ: ଗୋଲକିପର
ମ୍ୟାଚ:୨୧

ଏହି ଯୁବ ଗୋଲକିପର ଜଣଙ୍କୁ ନିଜ ଦଳୀୟ ସାଥୀ ନେପାଳି ବୋଲି ସମ୍ବୋଧନ କରିଥାନ୍ତି। ପଞ୍ଜାବରେ ଜନ୍ମିତ ଏହି କ୍ରିଷ୍ଣନ୍ ଚଳିତବର୍ଷ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ଚତୁଃ ରାଷ୍ଟ୍ରୀୟ ଆମନ୍ତ୍ରଣୀୟ ଟୁର୍ନାମେଣ୍ଟ ଖେଳି ସିନିୟର ହକିରେ ପଦାର୍ପଣ କରିଥିଲେ। ପଞ୍ଜାବର ସୁର୍ଜିତ ସିଂ ହକି ଏକାଡେମୀରୁ ସେ ପ୍ରଶିକ୍ଷଣ ନେଇ ସଫଳତାର ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ିଥିଲେ। ୨୦୧୬ ଜୁନିୟର ବିଶ୍ୱକପ୍‌ରେ ଭାରତକୁ ଚାମ୍ପିୟନ କରାଇବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା।



### ହରମନପ୍ରୀତ୍ ସିଂ
ବୟସ: ୨୨
ପୋଜିଶନ: ଡିଫେଣ୍ଡର
ମ୍ୟାଚ୍: ୯୦

ପଞ୍ଜାବର ଅମ୍ରିତସରରେ ଜନ୍ମିତ ଏହି ଯୁବ ଡିଫେଣ୍ଡର ୨୦୧୫ରେ ଭୁବନେଶ୍ୱରରେ ଅନୁଷ୍ଠିତ ଜାପାନ ବିପକ୍ଷ ସିରିଜରେ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ଏହା ପରେ ୨୦୧୬ ଆଜଲାନଶାହା କପ୍‌ରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ। ଏହାପରେ ସେ ୨୦୧୬ ଚାମ୍ପିୟନ୍ସ ଟ୍ରଫିରେ ଭାରତ ପାଇଁ ଖେଳି ଆଉଏକ ରୌପ୍ୟ ପଦକ ହାସଲ କରିଥିଲେ। ମାତ୍ର ୨୦ ବର୍ଷ ବୟସରେ ସେ ଏହି ବର୍ଷ ରିଓ ଅଲିମ୍ପିକ୍ସରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ।



### ବୀରେନ୍ଦ୍ର ଲାକ୍ରା
ବୟସ: ୨୮
ପୋଜିଶନ: ଡିଫେଣ୍ଡର
ମ୍ୟାଚ: ୧୬୮

ଓଡ଼ିଶାର ସୁନ୍ଦରଗଡ଼ରେ ଜନ୍ମିତ ଅଭିଜ୍ଞ ଡିଫେଣ୍ଡର ବୀରେନ୍ଦ୍ର ୨୦୧୦ ସାଉଥ୍ ଏସିଆନ୍ ଗେମ୍ସରେ ଭାରତ ପାଇଁ ପଦାର୍ପଣ କରିଥିଲେ। ମାତ୍ର ୧୪ ବର୍ଷରୁ ସେ ୨୦୦୪ରେ ସେଲ ହକି ଏକାଡେମୀ ତରଫରୁ ହକି ଖେଳିବା ଆରମ୍ଭ କରିଥିଲେ। ସେ ଭାରତ ପାଇଁ ୨୦୧୧ ଚାମ୍ପିୟନ୍ସ ଚ୍ୟାଲେଞ୍ଜ୍ ଟ୍ରଫି, ୨୦୧୦ ଢାକା ସାଉଥ୍ ଏସିଆନ୍ ଗେମ୍ସ, ୨୦୦୯ ସିଡ୍‌ନୀ ଯୁବ ଅଲିମ୍ପିକ୍ସ, ୨୦୦୯ ସିଙ୍ଗାପୁର ଜୁନିୟର ବିଶ୍ୱକପ୍‌ରେ ପ୍ରତିନିଧିତ୍ୱ କରିଥିଲେ।



### ବରୁଣ କୁମାର
ବୟସ: ୨୩
ପୋଜିଶନ: ଡିଫେଣ୍ଡର
ମ୍ୟାଚ୍: ୫୯

ପଞ୍ଜାବଜନ୍ମିତ ପ୍ରତିଭାସମ୍ପନ୍ନ ଡିଫେଣ୍ଡର ବରୁଣ ୨୦୧୭ର ଭାରତର ୟୁରୋପ ଗସ୍ତରେ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ତେବେ ୨୦୧୨ ଜୁନିୟର ଜାତୀୟ ଚାମ୍ପିୟନ୍‌ଶିପ୍‌ରେ ସେ କ୍ୟାରିୟର ଆରମ୍ଭ କରିଥିଲେ। ସେ ୨୦୧୩ରେ ଭାରତ ପାଇଁ ଜୁନିୟର ବିଶ୍ୱକପ୍ ଖେଳିଥିଲେ। ଜୁନିୟରସ୍ତରରେ ଦମ୍‌ଦାର ପ୍ରଦର୍ଶନ କରି ସେ ୨୦୧୬ରେ ସ୍ପେନ୍‌ରେ ଖେଳାଯାଇଥିବା ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ।



### କୋଥାଜିତ୍ ସିଂ ଖାଡଙ୍ଗବାମ୍
ବୟସ: ୨୬
ପୋଜିଶନ: ଡିଫେଣ୍ଡର
ମ୍ୟାଚ୍: ୧୮୬

ମଣିପୁର ଜନ୍ମିତ କୋଥାଜିତ୍ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ସେବେଠାରୁ ଭାରତୀୟ ଦଳର ନିୟମିତ ସଦସ୍ୟ ରହିଆସିଥିବା କୋଥାଜିତ୍ ଭାରତୀୟ ଦଳର ସଦସ୍ୟ ଭାବେ ୨୦୧୪ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ,୨୦୧୪ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ୨୦୧୬ ରିଓ ଅଲିମ୍ପିକ୍ସରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ। ସେ ମଧ୍ୟ ଗତ ଏସିଆନ ଗେମ୍ସ ଓ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ।



### ସୁରେନ୍ଦ୍ର କୁମାର
ବୟସ: ୨୪
ପୋଜିଶନ: ଡିଫେଣ୍ଡର
ମ୍ୟାଚ୍: ୧୦୩

ହରିୟାଣାରୁ ଆସିଥିବା ସୁରେନ୍ଦ୍ର କୁମାର ୨୦୧୩ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ଭାରତୀୟ ଜୁନିୟର ଦଳର ସଦସ୍ୟ ହିସାବରେ ସେ ୨୦୧୩ ବିଶ୍ୱକପ୍ ଖେଳିଥିଲେ। ସେ ରିଓ ଅଲିମ୍ପିକ୍ସ, ୨୦୧୭ ଏସିଆ କପ୍, ୨୦୧୮ ଚାମ୍ପିୟନ୍ସ ଟ୍ରଫିରେ ଭାରତପାଇଁପ୍ରତିନିଧିତ୍ୱକରିଥିଲେ।ତାଙ୍କରଡିଫେନ୍ସିଭସ୍କିଲଅସାଧାରଣ।



### ଅମିତ୍ ରୋହିଦାସ
ବୟସ: ୨୫
ପୋଜିଶନ: ଡିଫେଣ୍ଡର
ମ୍ୟାଚ୍: ୬୯

ଓଡ଼ିଶାର ଅମିତ୍ ରୋହିଦାସ ୨୦୧୩ ସୁଲତାନ ଆଜଲାନ ଶାହ କପ୍‌ରେ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ଭାରତ ପାଇଁ ଖେଳି ସେ ୨୦୧୩ ଏସିଆ କପ୍‌ରେ ରୌପ୍ୟ ପଦକ ଜିତିଥିଲେ। ୨୦୦୯ରୁ ୨୦୧୩ ଜୁନିୟର ବିଶ୍ୱକପ୍ ପର୍ଯ୍ୟନ୍ତ ସେ ଭାରତୀୟ ଜୁନିୟର ଦଳର ନିୟମିତ ସଦସ୍ୟ ରହିଆସିଛନ୍ତି। ସେ ମଧ୍ୟ ୨୦୧୪ ହକି ପୁରୁଷ ୱାର୍ଲ୍ଡ ଲିଗ୍ ଫାଇନାଲ ଖେଳିଥିଲେ। ଦୁଇ ବର୍ଷ ସିନିୟର ଦଳରେ ସ୍ଥାନ ନ ପାଇବା ପରେ ସେ ୨୦୧୭ରେ ପ୍ରତ୍ୟାବର୍ତ୍ତନ କରିଥିଲେ।



### ଚିଙ୍ଗ୍‌ଲେନ୍‌ସାନା ସିଙ୍ଗ୍ କାଙ୍ଗୁଜାମ୍
(ଉପ ଅଧିନାୟକ)
ବୟସ:୨୬
ପୋଜିଶନ: ମିଡ୍‌ଫିଲ୍ଡର
ମ୍ୟାଚ୍: ୧୯୯

ମଣିପୁର ଜନ୍ମିତ ଚିଙ୍ଗ୍‌ଲେନ୍‌ସାନା ୨୦୧୧ ଚାମ୍ପିୟନ୍ସ ଚ୍ୟାଲେଞ୍ଜ୍ ଟ୍ରଫିରେ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ୨୦୧୩ ଏସିଆ କପ୍‌ରେ ରୌପ୍ୟ ଜିତି ସେ କ୍ୟାରିୟରର ପ୍ରଥମ ପଦକ ହାସଲ କରିଥିଲେ। ସେ ମଧ୍ୟ ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ। ୨୦୧୭ ଏସିଆ କପ୍‌ରେ ଚାମ୍ପିୟନ ଓ ୨୦୧୭ ହକି ୱାର୍ଲ୍ଡ ଲିଗ୍ ଫାଇନାଲରେ ଭାରତକୁ ବ୍ରୋଞ୍ଜ୍ ପଦକ ହାସଲ କରାଇବାରେ ମଧ୍ୟ ତାଙ୍କର ମୁଖ୍ୟ ଭୂମିକା ଥିଲା



### ସୁମିତ୍
ବୟସ: ୨୧
ପୋଜିଶନ: ମିଡ୍‌ଫିଲ୍ଡର
ମ୍ୟାଚ୍: ୪୯

ଭାରତୀୟ ଦଳର ସବୁଠାରୁ ଫିଟ୍ ଖେଳାଳି ଭାବେ ସୁମିତ୍ ବିବେଚିତ ହୁଅନ୍ତି। ୟୋ-ୟୋ ଟେଷ୍ଟରେ ସେ ସମସ୍ତଙ୍କୁ ଅତି ସହଜରେ ପଛରେ ପକାଇବାରେ ସଫଳ ହୋଇଛନ୍ତି। ୨୦୧୭ରେ ସେ ଭାରତୀୟ ସିନିୟର ଦଳ ପାଇଁ ଡେବ୍ୟୁ କରିଥିଲେ। ଚଳିତ ବର୍ଷ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରି ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ମଧ୍ୟ ଗତ ଏସିଆନ୍ ଚାମ୍ପିୟନ ଟ୍ରଫିରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ।



### ମନଦୀପ୍ ସିଂ
ବୟସ: ୨୩
ପୋଜିଶନ: ଫରଓ୍ୱାର୍ଡ
ମ୍ୟାଚ୍: ୧୨୫

୨୦୧୩ ହକି ୱାର୍ଲ୍ଡ ଲିଗ୍ ରାଉଣ୍ଡ ୨ରେ ସେ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ୨୦୧୬ ଜୁନିୟର ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ। ଏହି ବର୍ଷ ଅନୁଷ୍ଠିତ ୩୬ତମ ଏଫ୍‌ଆଇଏଚ୍ ଚାମ୍ପିୟନ୍ସ ଟ୍ରଫିରେ ସେ ଭାରତୀୟ ଦଳ ପାଇଁ ପ୍ରତିନିଧିତ୍ୱ କରି ରୌପ୍ୟ ପଦକ ଜିତିଥିଲେ। ଏହାପରେ ସେ ୨୦୧୬ ରିଓ ଅଲିମ୍ପିକ୍ସରେ ଭାରତୀୟ ଦଳରେ ସ୍ଥାନ ପାଇଥିଲେ। ୨୦୧୭ ଏସିଆ କପ୍‌ରେ ଚାମ୍ପିୟନ ଭାରତୀୟ ଦଳର ସେ ସଦସ୍ୟ ଥିଲେ। ୨୦୧୭ ହକି ୱାର୍ଲ୍ଡଲିଗ୍‌ରେ ଭାରତର ବ୍ରୋଞ୍ଜ୍ ପଦକ ବିଜୟରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



### ଆକାଶଦୀପ ସିଂ
ବୟସ: ୨୩
ପୋଜିଶନ: ଫରଓ୍ୱାର୍ଡ
ମ୍ୟାଚ୍: ୧୭୪

୨୦୧୨ ଚାମ୍ପିୟନ୍ସ ଟ୍ରଫିରେ ଆକାଶଦୀପ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ୨୦୧୪ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ। ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ସେ ଦେଶ ପାଇଁ ରୌପ୍ୟ ଜିତିଥିଲେ। ସେହିପରି ୨୦୧୫ ହକି ୱାର୍ଲ୍ଡ ଲିଗ୍ ଫାଇନାଲରେ ମଧ୍ୟ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେ ମଧ୍ୟ ୨୦୧୭ରେ ଭାରତର ଏସିଆ କପ୍ ବିଜୟରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ।



### ଦିଲପ୍ରୀତ୍ ସିଂ
ବୟସ: ୧୯
ପୋଜିଶନ: ଫରଓ୍ୱାର୍ଡ
ମ୍ୟାଚ୍: ୩୬

ପଞ୍ଜାବରୁ ଆସିଥିବା ଦିଲ୍‌ପ୍ରୀତ୍ ଚଳିତ ବର୍ଷ ପ୍ରାରମ୍ଭରେ ନ୍ୟୁଜିଲାଣ୍ଡରେ ଖେଳାଯାଇଥିବା ଚତୁଃ ରାଷ୍ଟ୍ରୀୟ ଆମନ୍ତ୍ରଣୀୟ ଟୁର୍ନାମେଣ୍ଟରେ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ଜୁନିୟର ସ୍ତରରେ ଦମ୍‌ଦାର ପ୍ରଦର୍ଶନ କରି ସେ ସିନିୟର ଦଳରେ ସ୍ଥାନ ପକ୍କା କରିଥିଲେ। ସେ ମଧ୍ୟ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ୨୦୧୮ ଚାମ୍ପିୟନ୍ସ ଟ୍ରଫିରେ ସେ ରୌପ୍ୟ ପଦକ ଜିତିଥିଲେ। ଗତ ଏସିଆନ୍ ଗେମ୍ସ ଓ ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।



### ନୀଳକାନ୍ତ ଶର୍ମା
ବୟସ: ୨୩
ପୋଜିଶନ: ମିଡ୍‌ଫିଲ୍ଡର
ମ୍ୟାଚ୍: ୨୫

ମଣିପୁରରୁ ଆସିଥିବା ନୀଳକାନ୍ତ ଶର୍ମା ୨୦୧୬ ଜୁନିୟର ଭାରତୀୟ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ଥିଲେ। ୨୦୧୭ରେ ଭାରତର ୟୁରୋପ ଗସ୍ତରେ ସେ ବେଲ୍‌ଜିୟମ ବିପକ୍ଷରେ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ବିଭିନ୍ନ ବୟସ ବର୍ଗରେ ସେ ଦମ୍‌ଦାର ପ୍ରଦର୍ଶନ କରି ସିନିୟର ଦଳରେ ସ୍ଥାନ ହାସଲ କରିଥିଲେ। ଗତ ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ଭାରତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରି ପାକିସ୍ତାନ ସମେତ ଯୁଗ୍ମ ଚାମ୍ପିୟନ ବିବେଚିତ ହୋଇଥିଲେ।



### ହାର୍ଦ୍ଦିକ ସିଂ
ବୟସ: ୨୦
ପୋଜିଶନ: ମିଡ୍‌ଫିଲ୍ଡର
ମ୍ୟାଚ୍: ୬

ଯୁବ ଡିଫେଣ୍ଡର ହାର୍ଦ୍ଦିକ ସିଂ ଗତବର୍ଷ ଖେଳାଯାଇଥିବା ସୁଲତାନ ଜୋହର କପ୍‌ରେ ଜୁନିୟର ଭାରତୀୟ ଦଳର ସଦସ୍ୟ ହିସାବରେ ବ୍ରୋଞ୍ଜ୍ ପଦକ ଜିତିଥିଲେ। ସେ ୨୦୧୮ ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକିରେ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ ଓ ଏଥିରେ ଦମ୍‌ଦାର ପ୍ରଦର୍ଶନ କରି ଭାରତୀୟ ବିଶ୍ୱକପ୍ ଦଳରେ ସ୍ଥାନ ପାଇଛନ୍ତି।




ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ



### ଲଳିତ୍ କୁମାର ଉପାଧ୍ୟାୟ
ବୟସ: ୨୪
ପୋଜିଶନ: ଫରଓ୍ୱାର୍ଡ
ମ୍ୟାଚ୍: ୮୯

ବାରାଣସୀରୁ ଆସିଥିବା ଲଳିତ ୨୦୧୪ରୁ ଭାରତୀୟ ସିନିୟର କୋର ଗ୍ରୁପ୍‌ର ସଦସ୍ୟ ରହିଆସିଛନ୍ତି। ହକି ଇଣ୍ଡିଆ ଲିଗ୍‌ରେ ସେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ୨୦୧୭ ଏସିଆ କପ୍‌ରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଥିଲା। ୨୦୧୭ ହକି ୱାର୍ଲ୍ଡ ଲିଗ୍ ଫାଇନାଲ, ୨୦୧୮ ଚାମ୍ପିୟନ୍ସ ଟ୍ରଫିରେ ଭାରତର ମିଶ୍ରିତ ସଫଳାତରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



### ସିମରନଜିତ୍ ସିଂ
ବୟସ: ୨୧
ପୋଜିଶନ: ଫରଓ୍ୱାର୍ଡ
ମ୍ୟାଚ୍: ୨୪

ପଞ୍ଜାବରେ ଜନ୍ମିତ ସିମରନଜିତ୍ ୨୦୧୬ ଜୁନିୟର ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ। ଜୁନିୟର ସ୍ତରରେ ଦମ୍‌ଦାର ପ୍ରଦର୍ଶନ କରି ସେ ୨୦୧୮ରେ ସିନିୟର ଦଳ ପାଇଁ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ସେ ୨୦୧୮ ଚାମ୍ପିୟନ୍ସ ଟ୍ରଫିରେ ଭାରତ ପାଇଁ ପ୍ରତିନିଧିତ୍ୱ କରି ରୌପ୍ୟ ପଦକ ହାସଲ କରିଥିଲେ।

### ହକି ବିଶ୍ୱକପ: ଚାଇନା, ସ୍ପେନ ପହଞ୍ଚିଲା

# ଭାରତ ଅନ୍ୟତମ ଫେଭରାଇଟ: ଫ୍ରେଡରିକ୍

**ଭୁବନେଶ୍ୱର, ୨୩।୧୧**
**(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ ଖେଳିବା ପାଇଁ ଗୁରୁବାର ରାତିରେ ଚାଇନା ଏବଂ ଶୁକ୍ରବାର ସକାଳେ ସ୍ପେନ ଦଳ ଭୁବନେଶ୍ୱରରେ ପହଞ୍ଚିଛି। ''ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଉଥିଲେ ହେଁ ଟାଇଟଲ ପାଇଁ ମୁଖ୍ୟତଃ ୭ରୁ ଊର୍ଦ୍ଧ୍ୱ ଦଳ ମଧ୍ୟରେ କଡ଼ା ଟକ୍କର ହେବ। ସେମାନଙ୍କ ମଧ୍ୟରେ ଆୟୋଜକ ଭାରତ ଅନ୍ୟତମ ଟାଇଟଲ ଫେଭରାଇଟ''' ବୋଲି କହିଛନ୍ତି ସ୍ପେନ କୋଚ୍ ଫ୍ରେଡରିକ୍ ସୋୟେଜ। ବିଶ୍ୱ ର୍‍ୟାଙ୍କିଙ୍ଗରେ ସ୍ପେନ ୮ ଓ ଚାଇନା ୧୧ତମ ସ୍ଥାନରେ ରହିଛନ୍ତି। ଟୁର୍ନାମେଣ୍ଟ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ହେବ ବୋଲି ଅନୁଭବ କରୁଛନ୍ତି ସୋୟେଜ। ସେମାନଙ୍କ ମଧ୍ୟରୁ ଜର୍ମାନୀ, ନେଦରଲାଣ୍ଡସ୍, ବେଲଜିୟମ, ଅଷ୍ଟ୍ରେଲିଆ ଓ ଭାରତ ଚାମ୍ପିୟନସିପ୍ ଟାଇଟଲ ପାଇଁ ହଟ୍ ଫେଭରାଇଟ ବୋଲି ସେ କହିଛନ୍ତି। ସ୍ପେନ ପୁଲ୍ 'ଏ'ରେ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ ଓ ଫ୍ରାନ୍ସ ସହିତ ସ୍ଥାନ ପାଇଛି। ନଭେମ୍ବର ୨୯ରେ ଆର୍ଜେଣ୍ଟିନା ବିପକ୍ଷ ମ୍ୟାଚରୁ ସ୍ପେନ ଏହାର ଅଭିଯାନ ଆରମ୍ଭ କରିବ। ''ଟୁର୍ନାମେଣ୍ଟ ପାଇଁ ଆମେ ଭଲ ପ୍ରସ୍ତୁତି କରିଛୁ। ଆର୍ଜେଣ୍ଟିନା ବିପକ୍ଷ ପ୍ରଥମ ଗେମ୍ ଉପରେ ଆମର ଫୋକସ ରହିଛି। ଗ୍ରୁପ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମେ ଗତ ବର୍ଷ କଳିଙ୍ଗ ଷ୍ଟାଡିୟମରେ ଖେଳିଛୁ। ଏଠାକାର ପରିବେଶ ଅତ୍ୟନ୍ତ ଭଲ'' ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଚାଇନା ଏଥର ପ୍ରଥମଥରପାଇଁ ବିଶ୍ୱକପରେ ପଦାର୍ପଣ କରିବ। ଟୁର୍ନାମେଣ୍ଟରେ ଏହା ଏକମାତ୍ର ନୂଆ ଦଳ।

ଚାଇନା ପୁଲ୍ 'ବି'ରେ ଚାମ୍ପିୟନ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଆୟରଲାଣ୍ଡ ସହିତ ସ୍ଥାନ ପାଇଛି। ୩୦ ତାରିଖରେ ଇଂଲଣ୍ଡ ବିପକ୍ଷ ମ୍ୟାଚରୁ ଏହି ଏସୀୟ ଦଳ ବିଶ୍ୱକପ ଅଭିଯାନ ଆରମ୍ଭ କରିବ। ଡିସେମ୍ବର ୪ରେ ଆୟରଲାଣ୍ଡ ଓ ୭ରେ ଏହି ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳି ଗ୍ରୁପ ପର୍ଯ୍ୟାୟ ଶେଷ କରିବ। ହକି ବିଶ୍ୱକପ ନଭେମ୍ବର ୨୮ରୁ ଆରମ୍ଭ ହୋଇ ଡିସେମ୍ବର ୧୬ରେ ଶେଷ ହେବ। ୨୭ ଓ ୨୮ରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ।

## ଆଜି ପହଞ୍ଚିବ ଅଷ୍ଟ୍ରେଲିଆ, ନେଦରଲାଣ୍ଡସ୍, ବେଲଜିୟମ, କାନାଡ଼ା

**ଭୁବନେଶ୍ୱର, ୨୩।୧୧**
**(କ୍ରୀଡ଼ା ପ୍ରତିନିଧି)**

ହକି ବିଶ୍ୱକପରେ ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ଶନିବାର ଭୁବନେଶ୍ୱରରେ ପହଞ୍ଚିବ ଗତଥରର ଚାମ୍ପିୟନ ତଥା ବିଶ୍ୱର ନମ୍ବରୱାନ ଦଳ ଅଷ୍ଟ୍ରେଲିଆ। ଅପରାହ୍ନ ୧ଟା ୧୦ରେ ଏହି ଦଳ ବିଜୁପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟା ୬ଟା ୧୦ରେ ନେଦରଲାଣ୍ଡସ୍, ରାତି ୭ଟା ୫ରେ ବେଲଜିୟମ ଏବଂ ରାତି ୧ଟାରେ କାନାଡ଼ା ପହଞ୍ଚିବାନେଇ ହକି ଇଣ୍ଡିଆ ପକ୍ଷରୁ ସୂଚନା ଦିଆଯାଇଛି।

# ଜିମ୍ନାଷ୍ଟିକ ବିଶ୍ୱକପ୍: ଭଲ୍ଟ ଫାଇନାଲରେ ଦୀପା

**ନୂଆଦିଲ୍ଲୀ, ୨୩।୧୧**

ଭାରତୀୟ ଜିମ୍ନାଷ୍ଟ ଦୀପା କର୍ମାକାର ଜର୍ମାନୀର କୋଟବସଠାରେ ଚାଲିଥିବା ଜିମ୍ନାଷ୍ଟିକ୍ସ ବିଶ୍ୱକପ୍‌ର ଭଲ୍ଟ ଇଭେଣ୍ଟ ଫାଇନାଲରେ ପ୍ରବେଶ କରିଛନ୍ତି। ଆହତ ସମସ୍ୟା ଯୋଗୁ ଏସିଆନ ଗେମ୍ସରେ ଅଂଶଗ୍ରହଣ କରିପାରି ନ ଥିବା ଦୀପା ଯୋଗ୍ୟତା ପର୍ଯ୍ୟାୟରେ ୧୪,୧୦୦ ସ୍କୋର କରିଛନ୍ତି। ଫାଇଲାନକୁ ଯୋଗ୍ୟତା ଅର୍ଜନ କରିଥିବା ଆଥ୍‌ଲେଟଙ୍କ ମଧ୍ୟରେ ସେ ୬ଷ୍ଠ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ବି. ଅରୁଣା ରେଡ୍ଡୀଙ୍କ ଆଣ୍ଠୁରେ ଆଘାତ ଲାଗିଛି। ମେଲବୋର୍ନଠାରେ ଆୟୋଜିତ ବିଶ୍ୱକପ୍‌ର ଭଲ୍ଟ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିବା ଅରୁଣା ପ୍ରଥମ ଉଦ୍ୟମରେ ଆହତ ହୋଇ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଏଣୁ ସେ ଦ୍ୱିତୀୟ ଭଲ୍ଟରେ ଭାଗ ନେଇପାରି ନ ଥିଲେ। ତାଙ୍କ ସମସ୍ୟାର ଏମ୍‌ଆରଆଇ ସ୍କାନ କରାଯାଇଥିବା ଭାରତୀୟ ଜିମ୍ନାଷ୍ଟିକ ଫେଡେରେଶନ (ଜିଏଫ୍‌ଆଇ) ଉପସଭାପତି ରିୟାଜ ଅହମ୍ମଦ ଭଟି କହିଛନ୍ତି। ଉଲ୍ଲେଖଥାଉ କି, ଏହା ହେଉଛି ଅନ୍ୟତମ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟ।




## ନ୍ୟୁଜିଲାଣ୍ଡ 'ଏ' ୨୨୧/୫

ହାମିଲଟନ, ୨୩।୧୧(ପି.ଟି.): ୱିଲ୍‌ୟଙ୍ଗଙ୍କ ଅପରାଜିତ ୧୧୭ ରନ ସହାୟତାରେ ନ୍ୟୁଜିଲାଣ୍ଡ 'ଏ' ଏଠାରେ ଆରମ୍ଭ ହୋଇଥିବା ଭାରତ 'ଏ' ବିପକ୍ଷ ଅନଅଫିସିଆଲ ଟେଷ୍ଟର ପ୍ରଥମ ଦିବସରେ ୫ ଉଇକେଟ ହରାଇ ୨୨୧ ରନ ସଂଗ୍ରହ କରିଛି।






ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ନଭେମ୍ବର ୨୪/୨୦୧୮ Bhubaneswar, Saturday, November 24 / 2018

# ବର୍ଷା ଯୋଗୁ ଦ୍ୱିତୀୟ ଟି୨୦ ଅଧାରୁ ବାତିଲ

**ମେଲବୋର୍ନ, ୨୩।୧୧ (ପି.ଟି.)**

ବାରମ୍ୱାର ବର୍ଷାଯୋଗୁ ଶୁକ୍ରବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ ମ୍ୟାଚକୁ ଅଧାରୁ ବାତିଲ କରିବାକୁ ହୋଇଛି। ଏହି ମ୍ୟାଚରେ ବିଜୟ ହାସଲ କରି ୩ ମ୍ୟାଚ ବିଶିଷ୍ଟ ସିରିଜକୁ ୧-୧ସ୍ତରକୁ ଆଣିବାଲାଗି ଭାରତ ପାଇଁ ଏକ ସୁଯୋଗ ଥିଲା। ବର୍ଷା ଯୋଗୁ ଭାରତ ସମ୍ମୁଖରେ ୩ଥର ସଂଶୋଧିତ ଟାର୍ଗେଟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ବିଜୟ ଲକ୍ଷ୍ୟ ପିଛା କରିବାରେ ବର୍ଷା ବାଧକ ସାଜିଥିଲା। ଏହା ଭାରତୀୟ ଟିମ୍‌କୁ ନୈରାଶ୍ୟ କରିଥିଲା। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଆୟୋଜିତ ଏହି ମ୍ୟାଚ ବେଳେ ପ୍ରଥମ ଥର ବର୍ଷା ଆସିବା ବେଳେ ଅଷ୍ଟ୍ରେଲିଆ ୧୯ଓଭରରେ ୭ ଉଇକେଟ ବିନିମୟରେ ୧୩୨ରନ କରିଥିଲା। ଭାରତ ପାଇଁ ପ୍ରଥମେ ୧୯ ଓଭରରେ ୧୩୭ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ପରେ ପୁଣି ବର୍ଷା ପାଇଁ ୧୧ଓଭରରେ ୯୦ ରନ ଏବଂ ୫ ଓଭରରେ ୪୬ ରନ ଟାର୍ଗେଟ ସ୍ଥିର କରାଯାଇଥିଲା ଅସ୍ଥିର ପାଗ ଯୋଗୁ ପ୍ରାୟ ୯୦ ମିନିଟ ଖେଳ ନଷ୍ଟ ହୋଇଯାଇଥିଲା। ଶେଷରେ ସ୍ଥାନୀୟ ସମୟ ରାତି ୧୦ଟା ୨ରେ ଖେଳକୁ ବାତିଲ କରିବାକୁ ପଡ଼ିଥିଲା। ଆଇକନିକ୍ ଭେନ୍ୟୁରେ ବର୍ଷାର ଲୁଚକାଳି ଖେଳ କେବଳ ଖେଳାଳିମାନଙ୍କୁ ନୁହେଁ ୬୦,୦୦୦ରୁ ଊର୍ଦ୍ଧ୍ୱ ଦର୍ଶକଙ୍କୁ ହତାଶ କରିଥିଲା। ମ୍ୟାଚ ବିନା ଫଳାଫଳରେ ଶେଷ ହୋଇଥିବାରୁ ସିରିଜକୁ ବରାବର କରିବାକୁ ହେଲେ ସିଡ୍‌ନୀଠାରେ ରବିବାର ଖେଳାଯିବାକୁଥିବା ଅନ୍ତିମ ଟି୨୦ରେ ଭାରତକୁ ବିଜୟ ଲାଭ କରିବାକୁ ପଡ଼ିବ। ୩ମ୍ୟାଚ ବିଶିଷ୍ଟ ଏହି ସିରିଜ ଶେଷ ହେବା ପରେ ଭାରତ ୪ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି।

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ ଇନିଂସ:** ୧୯ ଓଭରରେ ୧୩୨/୭ (ବେନ୍ ମ୍ୟାକ୍‌ଡରମଟ-୩୨*, ଗ୍ଲେନ ମାକ୍ସୱେଲ-୧୯, ନାଥାନ କୋଲଟର ନାଇଲ-୧୮; ଭୁବନେଶ୍ୱର କୁମାର-୨/୨୦, ଖଲିଲ ଅହମ୍ମଦ-୨/୩୯, ଯଶପ୍ରୀତ ବୁମ୍ରା-୧/୨୦)।

# ବିଶ୍ୱ ମହିଳା ବକ୍ସିଂ: ସୋନିଆ ଫାଇନାଲରେ

**ନୂଆଦିଲ୍ଲୀ, ୨୩।୧୧ (ପି.ଟି.)**

ସୋନିଆ ଚହଲ ଏଠାରେ ଚାଲିଥିବା ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଥିବାବେଳେ ସିମରନଜିତ୍ କୌରଙ୍କୁ ଏକ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ୨୧ ବର୍ଷୀୟା ସୋନିଆ ୨୦୧୬ରୁ ସିନିୟରସ୍ତର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଆସୁଛନ୍ତି। ୫୭ କେଜି ଶ୍ରେଣୀ ସେମିଫାଇନାଲରେ ସେ ଉତ୍ତର କୋରିଆର ଜୋ ସନ୍ ହ୍ୱାଙ୍କୁ ୫-୦ରେ ହରାଇ ଦେଇଛନ୍ତି। ହ୍ୱା' ହେଉଛନ୍ତି ଜାକର୍ତ୍ତା ଏସିଆନ ଗେମ୍ସର ଜଣେ ରୌପ୍ୟ ପଦକ ବିଜୟିନୀ। ବିଶ୍ୱଚାମ୍ପିୟନଶିପ୍ ପଦାର୍ପଣରେ ସେ ଫାଇନାଲରେ ପ୍ରବେଶ କରିପାରିଛନ୍ତି। ପୂର୍ବରୁ ଭାରତର ଏମ୍‌ସି ମେରି କମ୍ ଫାଇନାଲରେ ପ୍ରବେଶ କରିସାରିଛନ୍ତି। ଫାଇନାଲ ଶନିବାର ଅନୁଷ୍ଠିତ ହେବ। ସୋନିଆ ବର୍ତ୍ତମାନ ଜର୍ମାନୀର ଓ୍ୱାହନର ଓର୍ନେଲା ଗାବ୍ରିଲେଙ୍କୁ ଭେଟିବେ। ଗାବ୍ରିଲେ ଜଣେ ଜଣାଶୁଣା ବକ୍ସର ହୋଇ ନ ଥିବାରୁ ଫାଇନାଲରେ ତାଙ୍କର ଜିତିବା ସମ୍ଭାବନା ରହିଛି। ଐତିହାସିକ ୬ଷ୍ଠ ସ୍ୱର୍ଣ୍ଣ ପଦକ ହାସଲ ଲକ୍ଷ୍ୟରେ ରହିଥିବା ମେରି କମ୍ ଫାଇନାଲରେ ୟୁକ୍ରେନ୍‌ର ହାନ୍ନା ଓଖୋଟାଙ୍କୁ ଭେଟିବେ। ଅନ୍ୟପକ୍ଷରେ ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରଥମଥର ଅଂଶଗ୍ରହଣ କରିଥିବା ୨୩ ବର୍ଷୀୟା ସିମରନଜିତ୍ ୬୪କେଜି ସେମିଫାଇନାଲରେ ଚାଇନାର ଡାନ୍ ଡୋଉଙ୍କ ନିକଟରୁ ୧-୪ରେ ହାରିଯାଇଥିଲେ। ସୂଚନାଯୋଗ୍ୟ, ୬୯କେଜିରେ ଏକ ବ୍ରୋଞ୍ଜ ଜିତିଥିବା ଆସାମ ବକ୍ସର ଲଭଲିନା ବର୍ଗୋହେନ ଗୁରୁବାର ତାଙ୍କ ସେମିଫାଇନାଲ ବାଉଟ ହାରିବା ପରେ ଏକ ବ୍ରୋଞ୍ଜ ପଦକ ଜିତିସାରିଛନ୍ତି।




## ବାରବାଟୀରେ ରହମନ ଶୋ'

# ଟ୍ୱିନ୍ ସିଟିରେ ୪ କାଉଣ୍ଟର

**କଟକ ଅଫିସ,୨୩।୧୧**

**ଆଜିଠାରୁ ମିଳିବ ଟିକେଟ୍‌ର ହାର୍ଡକପି**

ହକି ବିଶ୍ୱକପ୍ ନିମନ୍ତେ ଆସନ୍ତା ୨୮ରେ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଟିକେଟ ବିକ୍ରି ଜାରି ରହିଛି। ଅନଲାଇନ୍‌ରେ ଅଧାରୁ ଅଧିକ ଟିକେଟ ବିକ୍ରି ଶେଷ ହୋଇଥିବା ବେଳେ କେତେକ ଗ୍ୟାଲେରି ଟିକେଟ ଏବେ ବି ଉପଲବ୍ଧ ରହିଛି । ଅନ୍‌ଲାଇନରେ ଟିକେଟ ବୁକ୍ କରିଥିବା ଦର୍ଶକମାନେ ଶନିବାରଠାରୁ ଏହାର ହାର୍ଡକପି ପାଇପାରିବେ। ଟ୍ୱିନ୍ ସିଟିର ୪ଟି ସ୍ଥାନରେ ହାର୍ଡକପି ପ୍ରଦାନ କରାଯିବ। ଏହି ସ୍ଥାନଗୁଡ଼ିକ ହେଲା, ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ବକ୍ସ ଅଫିସ ଗେଟ୍ ନଂ-୪, କଟକର ମିଶନରୋଡସ୍ଥିତ ୟୁନାଇଟେଡ୍ ଥିଓଲୋଜିକାଲ ସ୍କୁଲ, ବୋଷ୍ ଇଞ୍ଜିନିୟରିଂ ସ୍କୁଲ ଓ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନ। ଅନ୍‌ଲାଇନରେ ହାସଲ କରିଥିବା ନିର୍ଦ୍ଦିଷ୍ଟ ତଥ୍ୟ ଦେଖାଇ ଅରିଜିନାଲ ଟିକେଟ ସଂଗ୍ରହ କରିପାରିବେ। ସକାଳ ୧୦ଟାରୁ ୫ଟା ପର୍ଯ୍ୟନ୍ତ ଟିକେଟ ପ୍ରଦାନ କାଉଣ୍ଟରଗୁଡ଼ିକ ଖୋଲା ରହିବ । ସୂଚନାଥାଉ କି, ବାରବାଟୀରେ ହେବାକୁ ଥିବା ରହମନ ଶୋ' ପାଇଁ ଗ୍ୟାଲେରି ନଂ-୧, ୨, ୫, ୬, ୭, ସ୍ପେଶାଲ ଏନ୍‌କ୍ଲୋଜର-ଏ, ସ୍ପେଶାଲ ଏନ୍‌କ୍ଲୋଜର-ବି, କ୍ଲବ ହାଉସ ଗ୍ରାଉଣ୍ଡଫ୍ଲୋର ଓ ଗ୍ରାଉଣ୍ଡରେ ଟିକେଟ ବିକ୍ରି ବ୍ୟବସ୍ଥା ହୋଇଥିଲା। କର୍ପୋରେଟ୍ ବକ୍ସ ସମ୍ମୁଖକୁ ରହମନ ଶୋ'ର ମଞ୍ଚ ହେଉଥିବା ହେତୁ ଅନ୍ୟ କିଛି ଗ୍ୟାଲେରି ବାଦ୍ ପଡ଼ିଥିଲା। ୨୦ ତାରିଖରୁ ଟିକେଟ ବିକ୍ରି ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନରେ ଗ୍ରାଉଣ୍ଡ ଟିକେଟ ତଥା ଯାହାର ମୂଲ୍ୟ ୫୦୦ ଟଙ୍କା ରହିଛି, ତାହା ଶେଷ ହୋଇଯାଇଥିଲା। ପରେ କ୍ଲବ ହାଉସ ଗ୍ରାଉଣ୍ଡଫ୍ଲୋର ଓ ଦୁଇଟି ଯାକ ସ୍ପେଶାଲ ଏନ୍‌କ୍ଲୋଜର ଟିକେଟ ସହ ଗ୍ୟାଲେରି ନଂ-୧ର ଟିକେଟ ମଧ୍ୟ ବିକ୍ରି ହୋଇଯାଇଛି । ଅବଶିଷ୍ଟ ଗ୍ୟାଲେରି ନଂ- ୨, ୫, ୬, ୭ର କିଛି ଟିକେଟ ଉପଲବ୍ଧ ଅଛି। ଏହି ଗ୍ୟାଲେରିଗୁଡ଼ିକର ଟିକେଟ ମୂଲ୍ୟ ୧୦୦ ଟଙ୍କା ରହିଛି।




# ସେମିଫାଇନାଲରେ ହାରିଲା ଭାରତ

**ଆଣ୍ଟିଗୁଆ,୨୩।୧୧**

**ମହିଳା ଟି୨୦ ବିଶ୍ୱକପ୍**

ମହିଳା ଟି୨୦ ବିଶ୍ୱକପ୍‌ରେ ଭାରତୀୟ ଦଳର ଅଭିଯାନ ସେମିଫାଇନାଲରେ ଅଟକି ଯାଇଛି। ଟୁର୍ନାମେଣ୍ଟରେ ସମସ୍ତ ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍ ଜିତିଥିବା ଭାରତକୁ ୮ ଉଇକେଟରେ ହରାଇ ଇଂଲଣ୍ଡ ଦଳ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୧୨ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଜବାବରେ ଇଂଲଣ୍ଡ ଦଳ ଦୁଇ ଉଇକେଟ ହରାଇ ୧୭.୧ ଓଭରରେ ମ୍ୟାଚ୍ ଜିତି ନେଇଛି। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭେଟେରାନ ଓପନର ମିଥାଲି ରାଜଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳି ନ ଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ୧୯.୩ ଓଭରରେ ମାତ୍ର ୧୧୨ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଓପନର ସ୍ମୃତି ମନ୍ଧାନା ୩୩, ଜେମିମା ରୋଡ୍ରିଗୁଏଜ ୨୬ ଓ ଅଧିନାୟିକା ହରମନପ୍ରୀତ କୌର ୧୬ ରନ୍ କରିଥିଲେ। ଏମାନଙ୍କ ବ୍ୟତୀତ ଅନ୍ୟ କୌଣସି ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। ଏପରି କି ୬ ଜଣ ଖେଳାଳି ଦୁଇ ଅଙ୍କ ସ୍କୋର ଛୁଇଁ ପାରି ନ ଥିଲେ। ଇଂଲଣ୍ଡ ଦଳ ପକ୍ଷରୁ ହିଥର ନାଇଟ ୩ ଉଇକେଟ ନେଇଥିବାବେଳେ ସୋଫି ଇକଲେଷ୍ଟୋନ ଓ କ୍ରିଷ୍ଟି ଗୋର୍ଡନ ୨ ଲେଖାଏ ସଫଳତା ପାଇଥିଲେ। ଜବାବରେ ଇଂଲଣ୍ଡ ଦଳ ୨୪ ରନ୍‌ରେ ଦୁଇ ଓପନରଙ୍କୁ ହରାଇଥିଲା। ମାତ୍ର ଆମି ଇଲେନ ଜୋନ୍ସ (୪୭ ବଲରୁ ୫୩) ଓ ନାଟେଲୋ ସ୍କିଭର (୩୮ ବଲରୁ ୫୨)ଙ୍କ ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ବଳରେ ଇଂଲଣ୍ଡ ଦଳ ସହଜରେ ମ୍ୟାଚ ଜିତି ନେଇଥିଲା। ଇଂଲଣ୍ଡ ଦଳ ଟାଇଟଲ ମୁକାବିଲାରେ ଅଷ୍ଟ୍ରେଲିଆକୁ ଭେଟିବ। ଦ୍ୱିତୀୟ ସେମିଫାଇନାଲରେ ଅଷ୍ଟ୍ରେଲିଆ ଟିମ୍ ୭୧ ରନ୍ ବ୍ୟବଧାନରେ ଡିଫେଣ୍ଡିଂ ଚାମ୍ପିୟନ ଓ୍ୱେଷ୍ଟଇଣ୍ଡିଜ୍‌କୁ ହରାଇଦେଇଛି।




# ଉତ୍ତରାଖଣ୍ଡର ଇନିଂସ ବିଜୟ

**ଭୁବନେଶ୍ୱର, ୨୩।୧୧(କ୍ରୀଡ଼ା ପ୍ରତିନିଧି)**

କିଟ୍ କ୍ରିକେଟ ଷ୍ଟାଡିୟମରେ ଶୁକ୍ରବାର ଶେଷ ହୋଇଛି ସିକ୍କିମ-ଉତ୍ତରାଖଣ୍ଡ ରଣଜୀ ଟ୍ରଫି ପ୍ଲେଟ ଗ୍ରୁପ ମ୍ୟାଚ। ଏଥିରେ ସିକ୍କିମକୁ ଏକ ଇନିଂସ ୧୭୮ ରନରେ ହରାଇ ଉତ୍ତରାଖଣ୍ଡ ପୂରା ୭ ପଏଣ୍ଟ ହାସଲ କରିଛି। ଏଥିସହ ଉତ୍ତରାଖଣ୍ଡ ପ୍ଲେଟ୍ ଗ୍ରୁପ ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ୩ ମ୍ୟାଚରୁ ଦଳର ପଏଣ୍ଟ ସଂଖ୍ୟା ୨୦ରେ ପହଞ୍ଚିଛି। ସୌରଭ ରାଓ୍ୱତଙ୍କ ଦ୍ୱିଶତକ ଏବଂ ରଜତ ଭାଟିଆ ଓ ବୈଭବ ଭଟ୍ଟଙ୍କ ଶତକ ସହାୟତାରେ ଉତ୍ତରାଖଣ୍ଡ ଏହାର ପ୍ରଥମ ଇନିଂସକୁ ୫୮୨/୯ରେ ଘୋଷଣା କରିଥିବାବେଳେ ସିକ୍କିମ ପ୍ରଥମ ଇନିଂସରେ ୨୬୪ ଓ ଫଲୋଅନ ହୋଇ ଦ୍ୱିତୀୟ ଇନିଂସରେ ୧୪୦ ରନ କରିବାକୁ ସକ୍ଷମ ହୋଇଥିଲା।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ,
କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ



## ସଂକ୍ଷେପରେ

### ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

ଛତିଆ,୨୩।୧୧(ଡି.ଏନ୍.ଏ.)- ବୈରୀ ଥାନା ଅଞ୍ଚଳର ଜଣେ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ନେଇ ପରିବାର ପକ୍ଷରୁ ଶୁକ୍ରବାର ବୈରୀ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(୧୨୫/୧୮) ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ଗତ ୨୦ ତାରିଖ ସନ୍ଧ୍ୟାରେ ଛାତ୍ରୀ ଜଣକ ଟ୍ୟୁଶନ୍ ହେବାକୁ ଯାଇ ଘରକୁ ଫେରି ନ ଥିଲେ। ୨୦ ତାରିଖ ସନ୍ଧ୍ୟାରେ ଗ୍ରାମକୁ ଟିଉସନ୍ ହେବାକୁ ଯାଇ ଘରକୁ ଫେରି ନ ଥିଲେ । ବହୁ ଖୋଜାଖୋଜି କରିବା ପରେ ଉକ୍ତ ଅଞ୍ଚଳର ଆଲୋକ ବ୍ରହ୍ମ(୨୨) ତାଙ୍କ ଝିଅକୁ ଅପହରଣ କରିଥିବା ଜାଣିବାକୁ ପାଇଲେ। ଏ ନେଇ ଥାନାରେ ଅଭିଯୋଗ କରିଥିଲେ।

### ନୂତନ ପେନସନ୍‌ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ଶପଥପାଠ

ବରୀ,୨୩।୧୧(ସ୍ୱ.ପ୍ର.)- ବରୀ ବ୍ଲକର ପ୍ରାଥମିକ ଶିକ୍ଷକଙ୍କୁ ନେଇ ନୂତନ ପେନସନ୍ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ଗଠିତ ହୋଇଥିଲା। ଏହି ସଂଘର କର୍ମକର୍ତ୍ତାଙ୍କୁ ନେଇ ଗୁରୁବାର ବରୀସ୍ଥିତ ଉର୍ଦ୍ଧ୍ୱ ୟୁଜିଏମ୍‌ଇ ସ୍କୁଲ ପରିସରରେ ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ଧନେଶ୍ୱର ରାଉତ ସଭାପତିତ୍ୱ କରିଥିଲେ। ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ସୁଶାନ୍ତ କୁମାର ବେହେରା, ଆଶାଲତା ସାମଲ, ଅବସରପ୍ରାପ୍ତ ଶିକ୍ଷକ ବଳରାମ ପଣ୍ଡା, ଗୋବିନ୍ଦ ଚନ୍ଦ୍ର ମଲିକ, ଯୁଗଳ କିଶୋର ନାୟକ, ସୁରେନ୍ଦ୍ର ସାହୁ, ରମେଶ ରାଉତ, ବିଷ୍ଣୁ ଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ନୂତନ ସଭାପତି ଭାବେ କିଶୋର ଚନ୍ଦ୍ର ପୋଥାଳ, ସମ୍ପାଦକ ଭାବେ ପ୍ରଭାକର ଜେନାଙ୍କୁ ଶପଥପାଠ କରାଯାଇଥିଲା। ସଭାପତି ପୋଥାଳ ଅନ୍ୟ କର୍ମକର୍ତ୍ତାଙ୍କୁ ଶପଥପାଠ କରାଇଥିଲେ।

### ବିଦ୍ୱାନ ଆବାସିକ ମହାବିଦ୍ୟାଳୟର ନିଜସ୍ୱ ଗୃହ ଉଦ୍‌ଘାଟିତ

ବିରଜାକ୍ଷେତ୍ର,୨୩।୧୧(ଡି.ଏନ୍.ଏ.)- କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ଯାଜପୁର ସହରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିଦ୍ୱାନ ଆବାସିକ ମହାବିଦ୍ୟାଳୟର ନିଜସ୍ୱ ନୂତନ ଗୃହ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨୦୧୪ରେ ବିଦ୍ୱାନ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ଯାଜପୁର-ବରୁଆଁ ରାସ୍ତାର ନରସିଂହ ଚୌଧୁରୀ ମହାବିଦ୍ୟାଳୟ ନିକଟରେ ଏକ ବେସରକାରୀ ଗୃହରେ ବିଦ୍ୱାନ ଆବାସିକ ମହାବିଦ୍ୟାଳୟ ଆରମ୍ଭ ହୋଇଥିଲା । ବର୍ତ୍ତମାନ ଯୁକ୍ତ ୨ ଓ ଯୁକ୍ତ ୩ରେ ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନରତ । ୪ ବର୍ଷ ମଧ୍ୟରେ ଉକ୍ତ ଅନୁଷ୍ଠାନ ବହୁ ମେଧାବୀ ଛାତ୍ରୀଛାତ୍ର ଗଠନ କରିପାରିଛି । ଯାଜପୁର-ବରୁଆଁ ରାସ୍ତାର ମଇଦପୁର ଛକ ନିକଟରେ ନିଜସ୍ୱ ଜମିରେ ଅନୁଷ୍ଠାନର ପାଞ୍ଚମହଲା ବିଶିଷ୍ଟ ନିଜସ୍ୱ ଗୃହ ନିର୍ମାଣାଧୀନ ରହିଛି। ୨ ମହଲା ବିଶିଷ୍ଟ ଘର ନିର୍ମାଣ ସରିଥିବାବେଳେ ଶୁକ୍ରବାର ପୂଜାପାଠ କରାଯାଇ ନୂତନ ଗୃହ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି ।

# ବୈତରଣୀ ତଟରେ ବୋଇତ ବନ୍ଦାଣ, ଜମିଲା ଭିଡ଼

ବିରଜାକ୍ଷେତ୍ର,୨୩।୧୧(ଡି.ଏନ୍.ଏ.)

ଓଡ଼ିଆଙ୍କର ବାର ମାସରେ ତେର ପର୍ବ। କାର୍ତ୍ତିକ ବ୍ରତ ପାଳନ କରି ପବିତ୍ର ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରେ ସ୍ନାନ କରିବା ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥାଏ। ଏହି ଉପଲକ୍ଷେ ଗୀତା ଜାଗରଣ ପରିଷଦ ଆନୁକୂଲ୍ୟରେ ଯାଜପୁରର ବୈତରଣୀ ତଟସ୍ଥିତ ଶ୍ରୀଜଗନ୍ନାଥ ବଡ଼ଦାଣ୍ଡରେ ଶୁକ୍ରବାର ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଡଭୋକେଟ୍ ପ୍ରତିମା କର ସଭାପତିତ୍ୱ କରିଥିଲେ। ଯାଜପୁର ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଢୀ ସ୍ତୋତ୍ରପାଠ କରିଥିଲେ । ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ସକାଳ ୯ଟାରେ ସାଧବ ବୋହୂମାନେ ସାଧବ ପୁଅଙ୍କୁ ବନ୍ଦାପନା କରି ନୌଯାତ୍ରା କରିଥିଲେ । ମା' ମଙ୍ଗଳାଙ୍କୁ ପୂଜା କରିବା ସହ ଉପଜିଲାପାଳ ଧଳ ନଡ଼ିଆ, ଅର୍ଘ୍ୟ ଦେଇ ନୌଯାତ୍ରାର ଶୁଭାରମ୍ଭ କରିଥିଲେ । ସ୍ୱରୂପାନନ୍ଦ ସରସ୍ୱତୀଙ୍କ ପୁସ୍ତକ ମହାଭାରତର ଓଡ଼ିଆ ଭାଷାନ୍ତରକୁ ଉପଜିଲାପାଳ ଧଳ ଉନ୍ମୋଚିତ କରିଥିଲେ । ଏହି ଅବସରରେ ପଣ୍ଡିତ ରାଧାନାଥ ପଣ୍ଡାଙ୍କୁ କାହ୍ନୁଚରଣ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରତ୍ୟେକ ମଣିଷ ଗୋଟିଏ ଲେଖାଏ ଗଛ ଲଗାଇଲେ ତାହା ହିଁ ଈଶ୍ୱର ସେବା କୁହାଯାଇପାରିବ ବୋଲି ପଣ୍ଡିତ ରାଧାନାଥ କହିଥିଲେ । କେନ୍ଦ୍ର ସାହିତ୍ୟ ଏକାଡ଼େମୀ ସମ୍ମାନିତ ପଣ୍ଡିତ ସୂର୍ଯ୍ୟମଣି ଖୁଣ୍ଟିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍କଳୀୟ ପରମ୍ପରା ଓ ସଂସ୍କୃତି ପାଳନରେ ଯାଜପୁର ଆଗରେ ବୋଲି କହିଥିଲେ । ମା' ବିରଜା, ବରାହ, ସପ୍ତମାତୃକା, ବେଦ, ବିପ୍ର, ବୈତରଣୀର ଉପସ୍ଥିତି ଯାଜପୁରର ମାହାତ୍ମ୍ୟକୁ ବଢ଼ାଇ ଦେଇଛି । ସକାଳ ୮ଟାରେ ଅଧ୍ୟାପକ କୈଳାସ ବେହେରା ଓ ତାଙ୍କ ସାଥୀ ଭଜନ ପରିବେଷଣ କରିଥିଲେ । କାଳୀପ୍ରସାଦ ପାଲଙ୍କ ନିର୍ଦ୍ଦେଶନାରେ କୁନି କୁନି ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ । ଏହି ସଭାରେ ଗୀତା ଜ୍ଞାନ ପରୀକ୍ଷାର କୃତୀ ପରୀକ୍ଷାର୍ଥୀ ଓ ଶ୍ରେଷ୍ଠ ବୋଇତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଗାୟକ ଚୂଡ଼ାମଣି ଜଗବନ୍ଧୁ ଓଝାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ସମସ୍ତ ସାଧବ ପୁଅ, ସାଧବ ବୋହୂ ଓ ମା' ମଙ୍ଗଳାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଉପଦେଷ୍ଟା ବନବିହାରୀ ମହାପାତ୍ର, ବୃନ୍ଦାବନ ମିଶ୍ର, ହୃଷୀକେଶ ପତି, ଅଧିକାରୀ ନବକିଶୋର ଦାସ, ଚପଳା ଧଳ, ସନ୍ତୋଷ ସ୍ୱର୍ଣ୍ଣକାର, ପ୍ରମିଳା ସାହୁ, ଅନସୂୟା ମିଶ୍ର, ଅକ୍ଷୟ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ପାଣ୍ଡବ ଚରଣ ସାହୁ ଉତ୍ସବ ପରିଚାଳନା କରିଥିଲେ। ଆସନ୍ତା ବର୍ଷ ଏହି ବୋଇତ ବନ୍ଦାଣ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବାକୁ ସଭାପତି କର ପରାମର୍ଶ ଦେଇଥିଲେ । ଏହାସହ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଏବଂ ସହଯୋଗୀମାନଙ୍କୁ ଧନ୍ୟବାଦ ଦେଇ ଏବର୍ଷର କାର୍ଯ୍ୟକ୍ରମକୁ ଉଦ୍‌ଯାପନ କରିଥିଲେ । ଶେଷରେ ଶାନ୍ତନୁ କୁମାର ଧଳ ଧନ୍ୟବାଦ ଅର୍ପଣ କରିଥିଲେ ।



ଦଶାଶ୍ୱମେଧ ଘାଟରେ ମହିଳାମାନେ ପୂଜା କରୁଛନ୍ତି ।

## ଯାଦବ ମହାସଭାର କାର୍ଯ୍ୟକାରିଣୀ ବୈଠକ

ଚଣ୍ଡିଖୋଲ,୨୩।୧୧(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲସ୍ଥିତ ଦୁର୍ଗାମଣ୍ଡପ ପରିସରରେ ଶୁକ୍ରବାର ଯାଜପୁର ଜିଲା ଯାଦବ ମହାସଭା ତରଫରୁ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାସଭାପତି ରାମଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ଯାଦବଙ୍କ ସଙ୍ଗଠନକୁ ସୁଦୃଢ଼ କରିବା ସହ ପ୍ରତ୍ୟେକ ବ୍ଲକରେ ବ୍ଲକ ସଭାପତି ନିଯୁକ୍ତି କରିବାକୁ ବୈଠକରେ ପ୍ରସ୍ତାବ ଦିଆଯାଇଥିଲା। ରାଜ୍ୟ ଉପଦେଷ୍ଟା ତଥା ଜିଲା କାର୍ଯ୍ୟକାରୀ ସଭାପତି ଗୋବର୍ଦ୍ଧନ ପ୍ରଧାନ, ସାଧାରଣ ସମ୍ପାଦକ ସୁଦାମ ଚରଣ ନାୟକ, ଜିଲା ଯୁବ ସଭାପତି ପ୍ରକାଶ କୁମାର ଦାସ, ଜିଲା କାର୍ଯ୍ୟକାରୀଣୀ ସଦସ୍ୟ ନୀଳମଣି ଦାସ, ଧୂଳେଶ୍ୱର ଦାସ, ବଡଚଣା ବ୍ଲକ ସଭାପତି ବିଜୟ କୁମାର ବାରିକ, ନିତ୍ୟାନନ୍ଦ ବେହେରା, ରସୁଲପୁର ବ୍ଲକ ସଭାପତି ବାସୁଦେବ ପଲେଇ, ପରମାନନ୍ଦ ନାୟକ, ରତ୍ନାକର ପଲେଇ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ପ୍ରକାଶ କୁମାର ଦାସ ଧନ୍ୟବାଦ ଦେଇଥିଲେ।

# ରାଧାକାନ୍ତ ମନ୍ଦିର ପ୍ରାଙ୍ଗଣରେ ମୁରୁଜ ପ୍ରତିଯୋଗିତା

ଦଶରଥପୁର,୨୩।୧୧(ଡି.ଏନ.ଏ.)

ରାହାସ ପୂର୍ଣ୍ଣିମା ଉପଲକ୍ଷେ ଦଶରଥପୁର ବ୍ଲକ ଶୁଶୁଆ ପଞ୍ଚାୟତ ହୀରାପୁର ଗ୍ରାମସ୍ଥିତ ରାଧାକାନ୍ତ ମନ୍ଦିର ପ୍ରାଙ୍ଗଣରେ ରାଧାକାନ୍ତ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଗୁରୁବାର ଏକ କବିତା ଆସର ସହ ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଆୟୋଜିତ ପ୍ରତିଯୋଗିତାରେ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏହି ପରିପ୍ରେକ୍ଷୀରେ ମନ୍ଦିର ନିକଟ ପୁଷ୍କରିଣୀଠାରେ କମିଟି ପକ୍ଷରୁ ଗ୍ରାମର ପିଲାଙ୍କୁ ନେଇ ବୋଇତ ବନ୍ଦାଣ ଉତ୍ସବ ପାଳନ ହେବା ପରେ ମୁରୁଜ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ନଚ୍ଛିନ୍ଦ୍ରପୁରର ଅର୍ପିତା ନାୟକ ପ୍ରଥମ, ମଧୁପୁରର ପବିତ୍ର ମୋହନ ପରିଡା ଦ୍ୱିତୀୟ, ହିରାପୁରର ଦୀପକ ମହାଳିକ ତୃତୀୟ ହୋଇଥିବାବେଳେ ସେମାନଙ୍କୁ ଟ୍ରଫିସହ ଅର୍ଥରାଶି ପ୍ରଦାନକରାଯାଇଥିଲା। ଏହି ପର୍ଯ୍ୟାୟରେ ମନ୍ଦିର ପ୍ରାଙ୍ଗଣରେ ସତ୍ୟଜିତ୍ ସାମଲଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ଖଗେଶ୍ୱର ସ୍ୱାଇଁ ସମ୍ପାଦକ, ଦଶରଥପୁର ଅତିରିକ୍ତ ତହସିଲଦାର ଶ୍ୱେତପଦ୍ମା ଧଳ ବିଚାରକ ଓ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତ୍‌ଲତା ଦାସ ମୁଖ୍ୟବକ୍ତା, ଏସ୍‌ଜି କଲେଜ ଅଧ୍ୟାପକ ଦେବିପ୍ରସାଦ ସାହୁ ସମ୍ମାନିତ ଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସାଉଁଟି ଚରଣ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଶରତ ଚନ୍ଦ୍ର ଦାସ, ଅନିଲ୍ ମହାନ୍ତି, ନିରାକାର ଦାସ, ଧୀରେନ୍ଦ୍ର ଦାସ, ମାନଗୋବିନ୍ଦ ଦାସ, କରୁଣାକର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



ପ୍ରତିଯୋଗୀମାନେ ମୁରୁଜ ପକାଉଛନ୍ତି ।

## ବୈଷ୍ଣବ ପରିଡାଙ୍କ ବିୟୋଗରେ ଶୋକ

ସିଂହପୁର,୨୩।୧୧(ଡି.ଏନ୍.ଏ.)

ପୂର୍ବତନ ରାଜ୍ୟସଭା ସଦସ୍ୟ ବୈଷ୍ଣବ ପରିଡାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ପରିଡାଙ୍କ ବିୟୋଗରେ ଶୁକ୍ରବାର ବିଞ୍ଝାରପୁର ନାଗରିକ ମଞ୍ଚ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ସେ ଜଣେ ରାଜନୀତିଜ୍ଞ ଓ ଭାଷା ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ ବୋଲି ନାଗରିକ ମଞ୍ଚ କର୍ମକର୍ତ୍ତା ମତ ଦେଇଥିଲେ। ନାଗରିକ ମଞ୍ଚ ସଭାପତି ରବୀନ୍ଦ୍ର ଧଳ, ଖବରଦାତା ଅନିରୁଦ୍ଧ ବେଉରିଆ, ଶିକ୍ଷକ ସଞ୍ଜୟ ସାମଲ, ବଟକୃଷ୍ଣ ପଣ୍ଡା, ପ୍ରଧାନ ଶିକ୍ଷକ ସରୋଜ ମଲିକ, ରତିକାନ୍ତ ସାମଲ, ପ୍ରଦୀପ ଜେନା, ସଂଗଠକ ଧନେଶ୍ୱର ଦାସ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ସତ୍ୟସାଇଙ୍କ ୯୩ତମ ଜନ୍ମୋତ୍ସବ

ଯାଜପୁରରୋଡ/କୋରେଇ, ୨୩।୧୧(ନି.ପ୍ର./ସ୍ୱ.ପ୍ର.)

ଶ୍ରୀ ସତ୍ୟସାଇ ସେବା ସମିତି ପକ୍ଷରୁ ଶୁକ୍ରବାର ଯାଜପୁରରୋଡସ୍ଥିତ ସାଇ ମନ୍ଦିରରେ ସାଇବାବାଙ୍କ ୯୩ତମ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ସକାଳେ ନଗର ସଂକୀର୍ତ୍ତନ, ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ ଓ ବାବାଙ୍କ ଷୋଡଶୋପଚାର ପୂଜା କରାଯାଇଥିଲା । ଏହି ଉପଲକ୍ଷେ ଏକ ଆଧ୍ୟାତ୍ମିକ ଶୋଭାଯାତ୍ରା ସହର ପରିକ୍ରମା କରି ବାବାଙ୍କ ଭଜନ ଗାନ କରିଥିଲେ । ମଧ୍ୟାହ୍ନରେ ପ୍ରସାଦ ବଣ୍ଟନ କରାଯିବା ସହ ପ୍ରାୟ ୨୩ ଶହ ଭକ୍ତ ଯୋଗଦାନ କରିଥିଲେ। ୯୩ ଜଣଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା । ବେଦ ପାଠ, ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ବାବାଙ୍କ ସମ୍ପର୍କରେ ଏକ ଆଧ୍ୟାତ୍ମିକ ଆଲୋଚନାଚକ୍ର ଆୟୋଜିତ କରାଯାଇଥିଲା । ସମିତି ଆବାହକ ରସାନନ୍ଦ ମହାନ୍ତି ସ୍ୱାଗତ ଭାଷଣ ଦେଉଥିବା ବେଳେ ଜିଲା ସଭାପତି ଆଭାସ କୁମାର ମଜୁମଦାର ବାବାଙ୍କ ସେବା ଓ ଲୀଳା ସମ୍ପର୍କରେ ଆଲୋଚନା କରିଥିଲେ । ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଚାନ୍ଦମା, ଚୋରଦା ଓ କରପାଟଣା ଭଜନ ମଣ୍ଡଳୀ ଭଜନ ଗାନ କରିଥିଲେ । ପରମେଶ୍ୱର ନାୟକ, ପଞ୍ଚାନନ ପଣ୍ଡା, ହୃଷୀକେଶ ରାଉତ, ବିବେକାନନ୍ଦ ଜେନା, ରାହାସ ବିହାରୀ ପଣ୍ଡିତ, ଧୀରେନ୍ଦ୍ର ସାହୁ, ପରମେଶ୍ୱର ଜେନା, ରବୀନ୍ଦ୍ର ରାଉତ ପ୍ରମୁଖ ବହୁ ଭକ୍ତ ଯୋଗଦେଇ ବାବାଙ୍କର ଗୁଣଗାନ କରିଥିଲେ । ଶେଷରେ ସମିତି ଆଧ୍ୟାତ୍ମିକ ସଂଯୋଜିକା ସନ୍ଧ୍ୟାରାଣୀ ସାମଲ ଧନ୍ୟବାଦ ଦେଇଥିଲେ ।

# ହବିଷିଆଳିଙ୍କ ବାଲୁକା ପୂଜା, କାର୍ତ୍ତିକ ବୁଡ଼

ବିରଜାକ୍ଷେତ୍ର,୨୩।୧୧(ଡି.ଏନ୍.ଏ.)

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ପ୍ରାତଃରୁ ପୁଣ୍ୟତୋୟା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରେ ହଜାର ହଜାର ଶ୍ରଦ୍ଧାଳୁ ବୁଡ଼ ପକାଇବା ସହ ଡଙ୍ଗା ଭସାଇ ବନ୍ଧୁ ପରିଜନବର୍ଗଙ୍କ ଆଶିଷ ଭିକ୍ଷା କରିଥିଲେ । ଏହି ଉପଲକ୍ଷେ ହବିଷିଆଳିମାନେ ନଦୀ କୂଳରେ ଥିବା ଜଗନ୍ନାଥ ମନ୍ଦିର ପରିସରରେ ବାଲୁକା ପୂଜା କରିବା ସହ ରାଇଦାମୋଦର ପୂଜା କରିଛନ୍ତି । ଗୀତା ଜାଗରଣ ପକ୍ଷରୁ ପ୍ରତିଦିନ ସନ୍ଧ୍ୟାରେ ମନ୍ଦିର ପରିସରରେ ଭାଗବତ କଥାମୃତ ପ୍ରବଚନ ଦିଆଯିବା ସହ ଭଜନ ପରିବେଷଣ କରାଯାଇଥିଲା । ଯାଜପୁର ଜିଲା ସମେତ ବାହାରୁ ଆସିଥିବା ଅନେକ ଶ୍ରଦ୍ଧାଳୁଙ୍କୁ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ପୌର ପ୍ରଶାସନ ପକ୍ଷରୁ ନଦୀଘାଟକୁ ସଫା ରଖିବା ସହ ଆଲୋକ ବ୍ୟବସ୍ଥା କରାଯାଇଥିଲା । ଅଘଟଣକୁ ଦୃଷ୍ଟିରେ ରଖି ରାତିରେ ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଥାନାଧିକାରୀ ମାନସ ରଞ୍ଜନ ଚକ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା । ଶ୍ରଦ୍ଧାଳୁମାନେ ବୁଡ଼ ପକାଇବା ସହ ଅନୁଷ୍ଠିତ ବାଲିଯାତ୍ରା ବୁଲିଥିଲେ। ସେହିପରି ଭକ୍ତମାନେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଦର୍ଶନ କରିବା ସହ ଆଶିଷ ଭିକ୍ଷା କରିଥିଲେ । ଜିଲା ସମେତ ବାହାର ରାଜ୍ୟରୁ ଭକ୍ତମାନେ ଆସି ବିରଜା ମନ୍ଦିର ପରିସରରେ ଥିବା ନାଭିଗୟାରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିଥିବା ଦେଖାଯାଇଥିଲା ।

SAHARAYN UNIVERSAL MULTIPURPOSE SOCIETY LIMITED
(Formerly known as Saharayn E-Multipurpose Society Limited)
(Regd. No.-MSCS/CR/935/2014)
195, Zone -1, In front of D.B. Mall, M.P. Nagar, Bhopal, Madhya Pradesh- 462011

NOTICE

A SPECIAL GENERAL MEETING OF THE MEMBERS OF SAHARAYN UNIVERSAL MULTIPURPOSE SOCIETY LIMITED IS SCHEDULED TO BE HELD AT 11.00 A.M. ON, THE 10th DAY OF DECEMBER, 2018 AT 195, ZONE-1, IN FRONT OF D.B. MALL, M.P. NAGAR, BHOPAL, MADHYA PRADESH-462011.

BUSINESS ON AGENDA :
1. To consider and approve subsidiary rules for constituting a smaller representative General Body of Saharayn Universal Multipurpose Society Limited.
2. Any other item with the permission of the Chair.

Place: Bhopal
Date: 16.11.2018

By order of the Board
For Saharayn Universal Multipurpose Society Limited
-Sd-
Managing Director

Note: Please note that if there is no quorum within half an hour of the time fixed for the scheduled meeting, the meeting shall be adjourned and the adjourned meeting shall be held at 11:30 am on the same day i.e. 10th December, 2018 to transact the agenda items as aforesaid and that no quorum shall be necessary for transacting the business in the adjourned meeting so held.

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ, ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

ବୋଇତ ବନ୍ଦାଣ ଉତ୍ସବ ଅବସରରେ ଜଗତ୍‌ସିଂହପୁରସ୍ଥିତ ଗୋପାଳ ସାଗରରେ ନୌକା ବିହାର ଉତ୍ସବ ଉଦ୍‌ଘାଟିତ



ଜଗତ୍‌ସିଂହପୁରସ୍ଥିତ ଗୋପାଳ ସାଗରରେ ବୋଇତ ବନ୍ଦାଣ ଉତ୍ସବରେ ନୌକା ବିହାର କରୁଛନ୍ତି ବିଜୁ ଯୁବ ଜନତା ଦଳ ଜିଲ୍ଲା ସଭାପତି ଅମରେନ୍ଦ୍ର ଦାସ ଓ ଅନ୍ୟମାନେ



ଗୋପାଳ ସାଗରରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ଦାସ, ମା' ବନଦୁର୍ଗା ପୂଜା କମିଟି ସେକ୍ରେଟାରି ରାଜେନ୍ଦ୍ର କୁମାର ଲେଙ୍କା ପ୍ରମୁଖ ନୌକା ବିହାର କରୁଛନ୍ତି ।

# ବୋଇତ ବନ୍ଦାଣ, କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ



ହେମଳାଇ ପୀଠରେ ବୋଇତ ବନ୍ଦାଣ ।

ସିଂହପୁର,୨୩।୧୧(ଡି.ଏନ୍.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁର ପଞ୍ଚାୟତ ମଲିଆ ସାହୁ ସାହିଠାରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶୁକ୍ରବାର କୁବେର ସାଧବାଣୀଙ୍କ ଦ୍ୱାରା ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କୁବେର ବୋହୂମାନେ ଦୀର୍ଘବର୍ଷ ଧରି ଏହି ଉତ୍ସବ ପାଳନ କରିଆସୁଛନ୍ତି । ସକାଳେ ଗ୍ରାମର ବଧୂମାନେ ହେମଳାଇ ପୀଠରେ ବୋଇତ ବନ୍ଦାଣରେ ସାମିଲ ହେବା ସହ ବିଭିନ୍ନ ଧାର୍ମିକ ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଅବସରରେ ଗ୍ରାମରେ ଅନୁଷ୍ଠିତ ଭାଗବତ ସପ୍ତାହ ଉଦ୍‌ଯାପିତ ହୋଇଥିବା ବେଳେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା । ସେହିପରି ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଅଞ୍ଚଳରେ କାର୍ତ୍ତିକ ପୂର୍ଣ୍ଣିମା ଓ ପଞ୍ଚୁକ ପାଳିତ ହୋଇଛି। ସିଂହପୁରର ମା' ଦରିଆନାହାକାଣୀ ପୀଠ, ସିଂହେଶ୍ୱର ମନ୍ଦିର ପ୍ରାଙ୍ଗଣ, ମା' ଧାନଗାୟୀ ଠାକୁରାଣୀ, ଚନ୍ଦନେଶ୍ୱର ମନ୍ଦିର, ଓଡେଶ୍ୱର ମନ୍ଦିରରେ ଏହି ଉତ୍ସବ ପାଳିତ ହୋଇଛି। ବିଭିନ୍ନ ସ୍ଥାନରେ ଶତାଧିକ ଭକ୍ତଙ୍କ ଭିଡ ଜମିଥିଲା। ସିଂହପୁରର ସିଂହେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପାଞ୍ଚଦିନ ହେବ ପଞ୍ଚୁକ ପାଳନ କରାଯାଉଛି। ଏହି ଉପଲକ୍ଷେ ଅପେରା ପରିବେଷଣ ହେଉଛି ।

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସର ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

ନବଗ୍ରହ ଜୟନ୍ତୀ ଓ ଯଜ୍ଞ ଉତ୍ସବରେ ଗଗନ ଗୁରୁଜୀଙ୍କ ପ୍ରବଚନ

ସ୍ଥାନ : ଦତ୍ତାତ୍ରେୟ ଶାନ୍ତି ତପୋବନ ମଧୁପୁର, (ଜୟପୁରପୋଲ ନିକଟ) ଛତିଆ
ତାରିଖ : ୨୬ ନଭେମ୍ବର ୨୦୧୮ (ସୋମବାର)
ଓ ୨୭ ନଭେମ୍ବର ୨୦୧୮ (ମଙ୍ଗଳବାର)
ଗଗନ ଗୁରୁଜୀଙ୍କ ପ୍ରବଚନ ପ୍ରତ୍ୟହ ଦିବା ୧ଘ.
ଆୟୋଜକ : ଦତ୍ତାତ୍ରେୟ ସାଧନ ମଣ୍ଡଳ, ମଧୁପୁର ଶାଖା, ଛତିଆ
ମୋ : ୯୪୩୮୬୬୦୫୧୬, ୯୪୩୭୯୨୮୫୬୫
ବି.ଦ୍ର : ସାଙ୍ଗରେ କାଗଜ ଓ କଲମ ଆଣିବାକୁ ଅନୁରୋଧ।



ଗଗନ ଗୁରୁଜୀ

ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା, ଜଗତ୍‌ସିଂହପୁର

ପ୍ରଗତି ପଥେ ଜଗତ୍‌ସିଂହପୁର ଜିଲ୍ଲାର ମତ୍ସ୍ୟଚାଷ

- ମତ୍ସ୍ୟ ପୋଖରୀ ଯୋଜନା ମାଧ୍ୟମରେ ଦୁଇ ବର୍ଷ ମଧ୍ୟରେ ୨୩୫ ଏକର ନୂତନ ପୋଖରୀ ଖୋଳା ଏବଂ ସେଥିରେ ମାଛଚାଷ।
- ୨୦ ଏକର ପରିମିତ ଜଳାଶୟରେ ବର୍ଷିକିଆ ବଡ଼ମାଛ ଯାଆଁଳ ଉତ୍ପାଦନ ପାଇଁ ସରକାରୀ ପ୍ରୋତ୍ସାହନ।
- ୧୧୮ ଏକର ଗ୍ରାମ ପଞ୍ଚାୟତ ପୋଖରୀରେ ଦୀର୍ଘ ମିଆଦି ଲିଜ୍ ସୂତ୍ରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସରକାରୀ ପ୍ରୋତ୍ସାହନରେ ମାଛଚାଷ।
- ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ମାଧ୍ୟମରେ ଦୁଇବର୍ଷ ମଧ୍ୟରେ ୨୦୦ ଏକର କ୍ଷାରିପାଣି ଅଞ୍ଚଳରେ ଚିଙ୍ଗୁଡି ଚାଷ।
- ୨୦୧୮-୧୯ ବର୍ଷରେ ଜିଲ୍ଲାରେ ୧୪୧୦୦ ମେଟ୍ରିକ୍ ଟନ୍ ମାଛ ଏବଂ ୧୧୯୫୦ ମେଟ୍ରିକ୍ ଟନ୍ ଚିଙ୍ଗୁଡି ଉତ୍ପାଦନର ଲକ୍ଷ୍ୟ।

ସ୍ୱା./- ଜିଲ୍ଲା ମତ୍ସ୍ୟ ଅଧିକାରୀ
ଜଗତ୍‌ସିଂହପୁର

ସ୍ୱା./- ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା
ଜଗତ୍‌ସିଂହପୁର

ରାଷ୍ଟ୍ରୀୟ ନାଟକ ବିଦ୍ୟାଳୟ
ନୂଆଦିଲ୍ଲୀ
କେନ୍ଦୁଝର ଜିଲ୍ଲା ପ୍ରଶାସନ
ସହବନ୍ଧନରେ
ଆୟୋଜନ କରୁଛି



Adirang
MAHOTSAV
ଆଦିରଙ୍ଗ ମହୋତ୍ସବ
ରାଷ୍ଟ୍ରୀୟ ଜନଜାତୀୟ ମହୋତ୍ସବ
୨୩-୨୫ ନଭେମ୍ବର, ୨୦୧୮
କାଳୀପଡ଼ିଆ ଗ୍ରାଉଣ୍ଡ, କେନ୍ଦୁଝରଗଡ଼, ଓଡ଼ିଶା

ଆଲୋଚନାଚକ୍ର
"ଆଦିବାସୀ କଳା ଓ ସଂସ୍କୃତି"
(Tribal Art and Culture)

୨୪ ନଭେମ୍ବର ୨୦୧୮, ପୂର୍ବାହ୍ନ ୧୧ ଘଟିକା ପରଠାରୁ
୧. ଡା. ଅର୍ଜୁନ ଦେଓ ଚରଣ, କାର୍ଯ୍ୟକାରୀ ଅଧ୍ୟକ୍ଷ, ଏନ୍‌ଏସ୍‌ଡି ସୋସାଇଟି ଇନ୍ ଚେୟାର୍
୨. ଶ୍ରୀ ଅନୁପ ରଞ୍ଜନ ପାଣ୍ଡେ (ମଧ୍ୟପ୍ରଦେଶ)
୩. ଶ୍ରୀ ବସନ୍ତ ନିର୍ଗୁଣେ (ମଧ୍ୟପ୍ରଦେଶ)
୪. ଶ୍ରୀ ଅମିୟ ପ୍ରସାଦ ମହାନ୍ତ (ଓଡ଼ିଶା)

୨୫ ନଭେମ୍ବର ୨୦୧୮, ପୂର୍ବାହ୍ନ ୧୧ ଘଟିକା ପରଠାରୁ
୧. ଡା. ଅର୍ଜୁନ ଦେଓ ଚରଣ, କାର୍ଯ୍ୟକାରୀ ଅଧ୍ୟକ୍ଷ, ଏନ୍‌ଏସ୍‌ଡି ସୋସାଇଟି ଇନ୍ ଚେୟାର୍
୨. ପ୍ରଫେସର ଜଗନ୍ନାଥ ଦାସ (ଓଡ଼ିଶା)
୩. ଡା. ଶ୍ରାବନ୍ତୀ ଚୌଧୁରୀ (ପଶ୍ଚିମବଙ୍ଗ)
୪. ଶ୍ରୀ ଗୌରହରି ଦାସ (ଓଡ଼ିଶା)

ଆର୍.ଏସ୍.ଭି.ପି.
ପ୍ରଦୀପ କୁମାର ମହାନ୍ତି
ରେଜିଷ୍ଟ୍ରାର
ରାଷ୍ଟ୍ରୀୟ ନାଟକ ବିଦ୍ୟାଳୟ, ନୂଆଦିଲ୍ଲୀ
୦୧୧ ୨୩୩୮୫୯୫୪

ଆପଣଙ୍କୁ ସାଦର ନିମନ୍ତ୍ରଣ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୪ ନଭେମ୍ବର,୨୦୧୮



## ସଂକ୍ଷେପରେ

### ନବକୃଷ୍ଣ ଚୌଧୁରୀଙ୍କ ୧୧୭ତମ ଜୟନ୍ତୀ

**ଧର୍ମଶାଳା, ୨୩।୧୧(ଡି.ଏନ୍.ଏ.):** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କର ୧୧୭ତମ ଜୟନ୍ତୀ ଶୁକ୍ରବାର ମଦମୁକ୍ତ ଯୁବବାହିନୀ ପକ୍ଷରୁ ଜାରକାଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ମଦମୁକ୍ତ ଦିବସ ପାଳିତ ହୋଇଯାଇଛି। ରାଜ୍ୟର ୨୩ଟି ବ୍ଲକରେ ଯୁବବାହିନୀ ପକ୍ଷରୁ ମଦମୁକ୍ତ ରାଜ୍ୟ ଗଠନ ପାଇଁ ଆନ୍ଦୋଳନ ଆରମ୍ଭ କରାଯାଇଛି। ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନର ଯୁବଶାଖା ଓ ଧର୍ମଶାଳା ମଦମୁକ୍ତ ଯୁବବାହିନୀର କର୍ମକର୍ତ୍ତାମାନେ ବିଭିନ୍ନ ମଦ ବିରୋଧୀ ଶ୍ଲୋଗାନ ସହ ବଜାର ପରିକ୍ରମା କରିଥିଲେ। ପରେ ଧର୍ମଶାଳା ବ୍ଲକ ସମ୍ମୁଖରେ ଏକ ସଚେତନତା ପଥ ପ୍ରାନ୍ତସଭା କରାଯାଇଥିଲା।

### ବୈଷ୍ଣବ ପରିଡ଼ାଙ୍କ ବିୟୋଗରେ ଶୋକସଭା

**ଧର୍ମଶାଳା, ୨୩।୧୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ଗୋକର୍ଣ୍ଣିକା ସାହିତ୍ୟ ସମାଜ ଓ ବୁଦ୍ଧିଜୀବୀ ଫୋରମର ମିଳିତ ଆନୁକୂଲ୍ୟରେ ଓଡ଼ିଆ ଭାଷା ସୁରକ୍ଷା ସମ୍ମିଳନୀର ରାଜ୍ୟ ସଭାପତି ତଥା ପୂର୍ବତନ ଏମ୍‌ପି ବୈଷ୍ଣବ ପରିଡ଼ାଙ୍କ ବିୟୋଗରେ ଏକ ଶୋକ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ରମାକାନ୍ତ ଜେନାଙ୍କ ପୌରୋହିତ୍ୟରେ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା, ସୁନାକର ସାହୁ, ସଭାପତି ଇନ୍ଦ୍ରମଣି ନାୟକ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଶତପଥୀ, ଗୁଲାମ ଗସ, ଅବିନେଶ୍ୱର ଶତପଥୀ, ବିଜୟ ନାୟକ, ବ୍ରଜବନ୍ଧୁ ଶତପଥୀ, ତ୍ରିଲୋଚନ ବିଶ୍ୱାଳ ଯୋଗଦେଇ ଶୋକବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେଣୁଧର ଦାସ, ବ୍ରଜକିଶୋର ଦାଶ, ସଞ୍ଜୟ ରାୟ, ଦୁର୍ଗା ପ୍ରସନ୍ନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ରବି ଲାବଣ୍ୟ, ଇନରହୁଇଲର ପ୍ରାକ୍ତନ ସଭାନେତ୍ରୀ ମିନତୀ ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ ମଧ୍ୟ ଶୋକବ୍ୟକ୍ତ କରିଛନ୍ତି।

### ସତ୍ୟସାଇ ବାବାଙ୍କ ୯୩ତମ ଜନ୍ମ ଉତ୍ସବ

**ଡୁବୁରୀ,୨୩।୧୧(ଡି.ଏନ୍.ଏ.):** ସତ୍ୟସାଇ ଭଜନ ମଣ୍ଡଳୀ, ଡୁବୁରୀ ଆନୁକୂଲ୍ୟରେ ଶୁକ୍ରବାର ସତ୍ୟସାଇ ବାବାଙ୍କ ୯୩ତମ ଜନ୍ମ ଉତ୍ସବ ସ୍ଥାନୀୟ କପିଳେଶ୍ୱରପୀଠରେ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଆଧାତ୍ମିକ କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥ ଯୋଗଦେଇ ସାଇବାବାଙ୍କ ଆଧାତ୍ମିକ ଚେତନା ସମ୍ପର୍କରେ ଆଲୋଚନା କରିଥିଲେ। ଚିନ୍ମୟ କୁମାର ରାଉତ, ସୁଧାକର ସାହୁ, ନୀଳମାଧବ ନାୟକ, ପରମେଶ୍ୱର ମହାନ୍ତ , ପ୍ରଫୁଲ୍ଲ କୁମାର ଦାସଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ଖଣି ସୁରକ୍ଷା ସପ୍ତାହ ପାଳିତ

**କାଳିଆପାଣି, ୨୩।୧୧(ଡି.ଏନ୍.ଏ.):** ସୁକିନ୍ଦା ଖଣି ଅଞ୍ଚଳରେ ଖଣି ସୁରକ୍ଷା ସପ୍ତାହ ପାଳିତ ହେଉଥିବାବେଳେ ଶୁକ୍ରବାର ମହାଗିରୀ ଖଣିରେ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଇଣ୍ଟା ମହାଗିରୀ ଖଣିକୁ କାଠପାଳ ଖଣି ପରିଚାଳକ ଅନଙ୍ଗ ମହାପାତ୍ରଙ୍କ ନେତୃତ୍ୱରେ ଟାଟା କମ୍ପାନୀର ରାଜେଶ ଏକ୍କା, ନାଲକୋ ଖଣିର ରଞ୍ଜିତ ନାୟକ ପ୍ରମୁଖ ପରିଦର୍ଶନ କରିଥିଲେ। ଖଣି ସମ୍ମୁଖରେ କର୍ମଚାରୀଙ୍କ ପକ୍ଷରୁ ସୁରକ୍ଷା ସମ୍ବନ୍ଧିତ ବିଭିନ୍ନ ପ୍ରକାର ପ୍ରଦର୍ଶନୀ କରାଯାଇଥିଲା। ଖଣି ସୁରକ୍ଷା ଭୁବନେଶ୍ୱର କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ନଗେନ୍ଦ୍ର କୁମାର କାର୍ଯ୍ୟକ୍ରମରେ ଯୋଗଦେଇ ସୁରକ୍ଷା ଉପରେ ଅଧିକରୁ ଅଧିକ ଧ୍ୟାନଦେବାକୁ କର୍ମଚାରୀଙ୍କୁ ଉପଦେଶ ଦେଇଥିଲେ। ଖଣିର ଉପସଭାପତି ଶୁଧାଂଶୁ ପାଟନୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମହାଗିରୀ ଖଣିର ପରିଚାଳକ ଲଲାଟେନ୍ଦୁ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜଗନ୍ନ ମଲ୍ଲିକ, ମିଳନ ରଞ୍ଜନ କର ପ୍ରମୁଖ ସହଯୋଗ କରିଥିଲେ।

### ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**କାଳିଆପାଣି, ୨୩।୧୧(ଡି.ଏନ୍.ଏ.):** ଖଣି ଅଞ୍ଚଳର ଟାଟା କମ୍ପାନୀ ପରିସରରେ ରହିଥିବା ଷ୍ଟିୱାର୍ଟ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଛି। ମୁଖ୍ୟ ଅତିଥିଭାବେ ସୁକିନ୍ଦା ଖଣି ମୁଖ୍ୟ ରାଜେଶ ପଟେଲ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥିଭାବେ ଯାଜପୁର ପର୍ବତାରୋହୀ ସ୍ୱର୍ଣ୍ଣଲତା ଦଳାଇ, ପ୍ରଶାସନିକ ଅଧିକାରୀ ଗୌତମ ଚକ୍ରବର୍ତ୍ତୀ, ଅଧକ୍ଷ ପ୍ରଦିପ୍ତ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ସୁପ୍ରସନ୍ନ ନାୟକଙ୍କୁ ତତ୍ତ୍ୱାବଧାନରେ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଥିବାବେଳେ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

# ସରିଲାଣି ଅବଧି, ସରୁନି ରାସ୍ତା କାମ

**ସୁକିନ୍ଦା,୨୩।୧୧(ଡି.ଏନ୍.ଏ.)**

**ମଙ୍ଗରାଜପୁର ଗ୍ରାମ ପଞ୍ଚାୟତ**



■ ୧ କୋଟି ୭୭ ଲକ୍ଷ ୮ଶହ ୩୭ ଟଙ୍କା ଅଟକଳରେ ରାସ୍ତା ନିର୍ମିତ ଚାଲିଛି।

■ ୨୦୧୮ ଅଗଷ୍ଟ ୮ ସୁଦ୍ଧା କାମ ଶେଷକରିବାର କାର୍ଯ୍ୟାଦେଶ ରହିଥିଲା।

ସୁକିନ୍ଦା ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମ ପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣଧୀନ ରାସ୍ତା କାମ ଅବଧିର ଦେଢବର୍ଷ ପରେ ମଧ୍ୟ ଶେଷ ହୋଇପାରି ନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ୪.୫୬୦ କିମି ବିଶିଷ୍ଟ ରାସ୍ତାର ନିର୍ମାଣ ପାଇଁ ୧ କୋଟି ୭୭ ଲକ୍ଷ ୮ଶହ ୩୭ ଟଙ୍କା ଅଟକଳ କରାଯାଇଛି। ଠିକାଦାର ସୁକାନ୍ତ କୁମାର ଧଳ ଟେଣ୍ଡର ପ୍ରକ୍ରିୟାରେ କାମ କରିଥିଲେ। ରାସ୍ତାଟିର କାମ ୨୦୧୭ ନଭେମ୍ବରରେ ଆରମ୍ଭ ହୋଇ ୨୦୧୮ ଅଗଷ୍ଟ ୮ ତାରିଖ ସୁଧା କାମ ଶେଷ କରିବାର କାର୍ଯ୍ୟାଦେଶ ରହିଥିଲା। ଏଥିସହ କାମ ଶେଷ ହେବା ପରେ ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ନିମନ୍ତେ ୧୯ ଲକ୍ଷ ୫୪ ହଜାର ୩୯୧ ଟଙ୍କା ଅଟକଳ ଧାର୍ଯ୍ୟ କରାଯାଇଛି। ତେବେ ରାସ୍ତା ଦ୍ୱାରା ସ୍ଥାନୀୟ ଗ୍ରାମବାସୀଙ୍କ ବହୁ ଜମି ଯିବାର ଆଶଙ୍କା ଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଏ ନେଇ ତତ୍କାଳୀନ ସରପଞ୍ଚ ଗୌରାଙ୍ଗ ଧଳ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ରାସ୍ତା ନିମନ୍ତେ ଜମି ପ୍ରାଦନ ପାଇଁ ରାଜି କରାଇଥିଲେ। ପରବର୍ତ୍ତୀ ସମୟରେ ଗ୍ରାମବାସୀ ରାସ୍ତା ପାଇଁ ଜମି ଛାଡି ନ ଥିଲେ। ଫଳରେ କାମ ସମ୍ପୂର୍ଣ୍ଣ ହୋଇ ପାରି ନ ଥିବା ସହକାରୀ ଯନ୍ତ୍ରୀ ଭେଙ୍କେଟେଶ୍ୱର ମୁଦୁଲି କହିଛନ୍ତି। ଅପରପକ୍ଷେ ନିର୍ମାଣ ସମାପ୍ତ ହୋଇଥିବା ରାସ୍ତାର କାମ ନିମ୍ନମାନର କରାଯାଇଛି। ରାସ୍ତା ନିର୍ମାଣ ସମୟରେ ବଞ୍ଚା ଗ୍ରାମରେ ପୂର୍ବରୁ ରହିଥିବା କଂକ୍ରିଟ ରାସ୍ତା ଉପରେ ପତଳା କଂକ୍ରିଟ କାମ କରାଯାଇଛି। ଏଥିସହ ରାସ୍ତାର ଉଭୟ ପାର୍ଶ୍ୱରେ କାନ୍ଥ ନିର୍ମାଣ ତଥା ରାସ୍ତାର ଉଚ୍ଚତା ଆଦିରେ ମଧ୍ୟ ଠିକାଦାର ବହୁ ଅନିୟମିତତା କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଠିକାଦାରଙ୍କୁ ପଚାରିବାରୁ ରାସ୍ତାର କାମ ଅତା ଗ୍ରାମର କେତେଜଣ ଯୁବକଙ୍କ ଦ୍ୱାରା କରାଯାଇଥିବା ସେ କହିଥିଲେ। ବିଭାଗୀୟ ସହକାରୀ ଯନ୍ତ୍ରୀ ଭେଙ୍କେଟେଶ୍ୱର ମୁଦୁଲି ଘଟଣା ସମ୍ପର୍କରେ ବ୍ୟକ୍ତିଗତଭାବେ ତଦନ୍ତ ପରେ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପିତା ଶାଗ ବୁଦି ବୁଦି**
**ରୂପେଇ ଗୋଡ଼ରେ ଯାଉଁଳି ମୁଦି**
**ଚାଲୁଥାଏ କୁଦି କୁଦି ।**

ସାଧାରଣତଃ ମହିଳାମାନେ ଅଳଙ୍କାରପ୍ରିୟ ହୋଇଥିବା ବେଳେ ଅଳଙ୍କାରକୁ ନେଇ ସେମାନଙ୍କ ମନରେ ଅନେକ ଗର୍ବ ରହୁଥିବା ଜଣାଯାଇଥାଏ। ଅଳଙ୍କାରରେ ନିଜକୁ ସଜ୍ଜିତ କରାଇ ଅନ୍ୟ ଆଗରେ ନିଜକୁ ଦେଖେଇ ହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଅଳଙ୍କାର ପ୍ରତି ମନରେ ବିଶେଷ ଦୁର୍ବଳତା ଭାବ ରହିଥିବା ମହିଳା ଗୋଡ଼ରେ ମୁଦି ପିନ୍ଧି ଅନ୍ୟ ଆଗରେ ଦେଖେଇ ହୋଇ ଚାଲିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ପର୍ବତ ତଳିଆ ଫଗୁ**
**ଆଖିଠାରି ଦେଲେ ପାଣକି ଯିବୁ**
**ତଳ ଘାଟେ ସାଲେ ଥିବୁ ।**

ସାଧାରଣତଃ ମନ ମଧ୍ୟରେ ଲୁଚି ରହିଥିବା ଭାବ ଓ ଆବେଗକୁ ପରସ୍ପର ମଧ୍ୟରେ ଆଦାନ ପ୍ରଦାନ କରିବା ନେଇ ପ୍ରେମୀଯୁଗଳ ସଦା ଚେଷ୍ଟିତ ରହିଥାନ୍ତି। ଇସାରାରେ ମଧ୍ୟ ପ୍ରେମ ନଈ ସୁଅ ଉଚ୍ଛୁଳି ଉଠେ। ଲୁଚାଛପା ପ୍ରେମ କରୁଥିବା ବ୍ୟକ୍ତି ଇସାରା ମାଧ୍ୟମରେ ଏକତ୍ର ହେବା ନେଇ ଯୋଜନା ପ୍ରସ୍ତୁତ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ ସେତୁ ନିର୍ମାଣ ପାଇଁ ଗଛ କଟାଯିବା ଘଟଣା

# ଠିକାଦାରଙ୍କ ନାମରେ ମାମଲା ରୁଜୁ

**କାଳିଆପାଣି, ୨୩।୧୧(ଡି.ଏନ୍.ଏ.)**

ଟାଟା ଛକରୁ ଦେଓଗାଁ ରାସ୍ତାର ମଇଁଷି ପହଁରା ନାଳରେ ବିଜୁ ସେତୁ ନାମରେ ନିର୍ମାଣାଧୀନ ପୋଲ ପାଇଁ ଜଙ୍ଗଲରୁ ବେଆଇନଭାବେ ଗଛ କଟାଯିବା ଘଟଣାରେ ବନ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଶୁକ୍ରବାର ସୁକିନ୍ଦା ବନ ବିଭାଗ ଅଧିକାରୀ ସୌଭାଗ୍ୟ ସାହୁଙ୍କ ନିର୍ଦ୍ଦେଶକ୍ରମେ ରାଁସୋଳ ସେକ୍‌ଶନ ଭାରପ୍ରାପ୍ତ ଅଧିକାରୀ ଗଣେଶ୍ୱର ଦାସ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ କିସମର ମୂଲ୍ୟବାନ କାଠ ଜବତ କରିବା ସହ ଠିକାଦାରଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିବା ଗଣେଶ୍ୱର କହିଛନ୍ତି। ତେବେ ଚଢାଉର ଖବର ପାଇ କ୍ୟାମ୍ପର ଲୋକେ ଫେରାର ହୋଇଯାଇଥିବା ଜଣାପଡିଛି। ୨୦୧୪ରେ ଟାଟା ଛକରୁ ଦେଓଗାଁ ରାସ୍ତାର ମଇଁଷି ପହଁରା ନାଳରେ ଉକ୍ତ ପୋଲ ନିର୍ମାଣ ପାଇଁ ୨ କୋଟି ୨୪ ଲକ୍ଷ ଟଙ୍କାର ଟେଣ୍ଡର କରାଯାଇଥିଲା। ଯାହାର କାର୍ଯ୍ୟାଦେଶ କେନ୍ଦୁଝର ଜିଲାର ଜଣେ ଠିକାଦାରଙ୍କୁ ଦିଆଯାଇଥିଲା। ଠିକାଦାର ପୋଲ କାମ ନିଜେ ନ କରି ଯାଜପୁର ଜିଲାର ସୁଦୀପ୍ତ କର ନାମକ ଠିକାଦାରଙ୍କୁ ଦେଇଥିଲେ। ସମ୍ପୃକ୍ତ ଠିକାଦାର ପୋଲ ନିର୍ମାଣ ନାମରେ ସ୍ଥାନୀୟ ଜଙ୍ଗଲରୁ ବେଆଇନଭାବେ ଗଛ କାଟି କ୍ୟାମ୍ପ ନିର୍ମାଣ କରିବା ସହ ବିଭିନ୍ନ କାମରେ ବ୍ୟବହାର କରୁଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଥିଲେ । ଏ ନେଇ ଗୁରୁବାର ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା।

# ନଦୀରେ ଭାସିଯାଇ ମହିଳା ମୃତ

**ବରୀ,୨୩।୧୧(ସ୍ୱ.ପ୍ର.):** ପାଣ୍ଡୁଆ ନଦୀରେ ସ୍ନାନ କରିବାକୁ ଯାଇଥିବା ବେଳେ ଶୁକ୍ରବାର ଭୋରରୁ ନଦୀ ସ୍ରୋତରେ ଭାସିଯାଇ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମହିଳା ଜଣକ ହେଲେ ବରୀ ବ୍ଲକ ଅଧୀନ ଡିହବରିଙ୍ଗୀ ଗ୍ରାମର ଟୁନିଲତା ଜେନା। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ବରୀ ଦମକଳବାହିନୀକୁ ଖବର ଦେଇଥିଲେ। ପରେ ଗ୍ରାମବାସୀ ଦସିପୁର ଘାଟରୁ ଟୁନିଲତାଙ୍କ ମୃତଦେହ ଉଦ୍ଧାର କରିଥିଲେ।

# ସାମିଲ ହେଲା ମିଳିତ କ୍ରିୟାନୁଷ୍ଠାନ କମିଟି

**କୋରେଇ,୨୩।୧୧(ସ୍ୱ.ପ୍ର.)**

**ଦ୍ୱାଦଶ ଦିନରେ ଗଣଧାରଣା**

ପାଣିକୋଇଲିଠାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଡାକରାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଦିଆଯାଇଥିବା ଶାନ୍ତିପୂର୍ଣ୍ଣ ଗଣଧାରଣା ଶୁକ୍ରବାର ୧୨ ଦିନରେ ପହଞ୍ଚିଛି । ଶୁକ୍ରବାର ଏସସି, ଏସଟି, ଓବିସି ଓ ସଂଖ୍ୟାଲଘୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଧାରଣା ଦିଆଯାଇଛି। ବରିଷ୍ଠ ଦଳିତ ନେତା ଗୟାଧର ମଲ୍ଲିକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସୋମନାଥ ଦାସ, ଗୌତମ ସେଠୀ, ଗୋପାଳ ମଲ୍ଲିକ, ଗୌରାଙ୍ଗ ଚରଣ ଯେନା, ବେଣୁଧର ଖଣ୍ଡାଇ, ବିନୋଦିନୀ ମଲ୍ଲିକ, କାଳନ୍ଦୀ ଯେନା, ବାପି ଯେନା, ଅମୂଲ୍ୟ ମଲ୍ଲିକ, ଚିନ୍ତାମଣୀ ମଲ୍ଲିକ, ମଧୁସୂଦନ ମଲ୍ଲିକ, ନବୀନ ପ୍ରଧାନ, ଶଙ୍କର୍ଷଣ ମଲ୍ଲିକ, ପ୍ରଫୁଲ୍ଲ ନାୟକ, ପ୍ରମୁଖ ଉପସ୍ଥିତ ଥିଲେ । ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଆବାହକ ଧରଣୀଧର ଘଡାଇ, ଯୁଗ୍ମ ଆବାହକ ସୁବାସ ଧଳ, ବ୍ଲକ କଂଗ୍ରେସ ସଭାପତି ମଧୁସୂଦନ ସାହୁ, କୃଷକ ନେତା ବଳରାମ ସାହୁ, ସନ୍ତୋଷ କୁମାର ବେହେରା ଯୋଗଦେଇଥିଲେ। ନୃସିଂହ ଚରଣ ଦଳାଇ, ସମ୍ପାଦକ ସୁରେନ୍ଦ୍ର ରାୟ, ଗୋକୁଳାନନ୍ଦ ମହାରଣା, ବସନ୍ତ ବେହେରା, ବିପିନ ବିହାରୀ ଧଳ, ଆଲୋକ ପରିଡା, ନିମାଇଁ ମଲିକ, ପ୍ରତାପ ମଲ୍ଲିକ, ଶଶିକାନ୍ତ ମଲ୍ଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ୩୬ତମ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ



ଅରଙ୍ଗାବାଦ ଠାରେ ଅତିଥିଙ୍କ ଦ୍ୱାରା ବୋଇତ ବନ୍ଦାଣ।

**ଧର୍ମଶାଳା, ୨୩।୧୧(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦଠାରେ ଶୁକ୍ରବାର ୩୬ତମ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ୩୬ ବର୍ଷ ପୂର୍ତ୍ତି ଅବସରରେ ୩୬ଟି ତୋପ ଧ୍ୱନି କରାଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ସଭାପତିତ୍ୱରେ ଜିଲା ଅତିରିକ୍ତ ଏସ୍‌ପି ଅକ୍ଷୟ କୁମାର ଦାସ ଉଦ୍‌ଘାଟକଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥିଭାବେ ସମ୍ପାଦକ ବାମାପଦ ତ୍ରିପାଠୀ, ବରିଷ୍ଠ ଖବରଦାତା ପ୍ରଦୋଷ ପଟ୍ଟନାୟକ ଯୋଗଦେଇଥିଲେ। ପ୍ରାରମ୍ଭରେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ କଳାକାରମାନେ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରିଥିଲେ । ପୂର୍ବାହ୍ନରେ ଶ୍ୟାମସୁନ୍ଦର ଜୀଉଙ୍କ ପୁଷ୍କରିଣୀରେ ଅତିଥିମାନଙ୍କ ଦ୍ୱାରା ଏକ ସୁସଜ୍ଜିତ ବୋଇତ ବନ୍ଦାଣକରାଯାଇ ଭସାଯାଇ ଥିଲା। ତୁହିନାଂଶୁ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ବଳଭଦ୍ର ଦାଶ ଓ ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ବେଦପାଠ କରିଥିବାବେଳେ କବୀୟିତ୍ରୀ ସସ୍ମିତା ଦାଶ ସମ୍ପାଦକୀୟ ବିବରଣୀ ପାଠକରିଥିଲେ। ଉତ୍ସବ ସଫଳତା କାମନାକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତାକୁ ସହସମ୍ପାଦିକା ସ୍ମିତା ଭୋଇ ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ ମଧୁମେହ ଡାକ୍ତର ସୁଧୀର ରଞ୍ଜନ ପଟ୍ଟନାୟକ, ଓଡ଼ିଆ ଚଳଚିତ୍ର ନିର୍ଦ୍ଦେଶକ ହିମାଂଶୁ କୁମାର ପରିଜା, ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ସ୍ୱରାଜ, ଅଭିନେତ୍ରୀ ଶିବାନୀ ଓ ଯୁବ ପ୍ରଯୋଜକ ବାପୁନ କୁମାରଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ମାନପତ୍ରଗୁଡିକୁ ପ୍ରଶାନ୍ତ କୁମାର ସ୍ୱାଇଁ, ଯୁଧିଷ୍ଠିର ସ୍ୱାଇଁ ପାଠ କରିଥିଲେ। ଅନୁଷ୍ଠାନ ପକ୍ଷରୁ ୩ଟି ପ୍ରସ୍ଥାବକୁ ଜଗନ୍ନାଥ ଜେନା, ସମାଜସେବୀ କାହ୍ନୁ ଚରଣ ଦାସ ଓ ସରପଞ୍ଚ ନିର୍ମଳ ସାମଲ ପାଠ କରିଥିଲେ।


## ଓଡ଼ିଶା ସରକାର

## ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

### ଅଧିସୂଚନା

File No.- L.A.I.-19/2018-726 Dated: 8.11.18

No.: VII-31: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ତାଳଚେର - ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- କାଦୋଡିହି, ଥାନା- ବଣେଇ, ନଂ.-୨୦୭, ତହସିଲ- ଲହୁଣୀପଡ଼ା, ଜିଲ୍ଲା- ସୁନ୍ଦରଗଡ଼ରେ ନିମ୍ନ ତଫସିଲ ନିମନ୍ତେ ପ୍ରାୟ ଏକର ୭.୯୭୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାରୀ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ - ୨୦୧୩ (RFCTLAR & R Act. 2013)ର ଧାରା୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି। ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ - ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ - ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ-୨) ପୂର୍ବତଟ ରେଳପଥ, ଅନୁଗୋଳ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ SIA Study Vide No. 15536, Dt.30.04.2018 ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ବଣେଇ।
୬. ଜମିର ବିବରଣୀ :

| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
|---|---|---|---|---|---|---|---|---|
| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
| ସୁନ୍ଦରଗଡ଼ | ଲହୁଣୀପଡ଼ା | କାଡ଼ୋଡିହି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ.୨୪.୫୩୦ | ଏ୭.୯୭୦ | ଏଥି ସହିତ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଭୂମି-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ, ସୁନ୍ଦରଗଡ଼ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ସୁନ୍ଦରଗଡ଼**

**ତାଳଚେର-ବିମଳାଗଡ଼ ନୂତନ ପ୍ରଶସ୍ତ ଓସାରିଆ ରେଳପଥ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂ-ଅର୍ଜନ ହେବାକୁଥିବା ରୟତି ଜମିର ତଫସିଲ**

**ମୌଜା: କାଦୋଡିହି, ତହସିଲ: ଲହୁଣୀପଡ଼ା, ଥାନା: ବଣାଇ, ଥାନା ନଂ.- ୨୦୭, ଜିଲ୍ଲା: ସୁନ୍ଦରଗଡ଼**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା (ଏକରରେ) | ଏକରରେ ପ୍ରସ୍ତାବିତ ଭୂ-ଅର୍ଜନ ରକବା | ହଳ କିସମ | ବନ୍ଦୋବସ୍ତରେ ରେକର୍ଡ଼ ହୋଇଥିବା ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୧୨ | ୧୪୦ (ସ୍ମ) | ୦.୫୩୦ | ୦.୦୨୦ | ଗୋଡ଼ା ଦୁଇ | ଡିମ୍ବୁ କିଶାନ, ପି.- ରବି କିଶାନ, ଭୁନ୍ଦୁ କିଶାନ, ପି.- ବାନେ କିଶାନ, ଜା: କିଶାନ, ବା: ନିଜଗାଁ। |
| ୨ | ୧୪ | ୩୩୨ (ସ୍ମ) | ୦.୩୭୦ | ୦.୨୫୦ | ମାଳ ସାଧାରଣ | ଦୁଃଖି ମାହାନ୍ତ, ପି.- ପଞ୍ଚୁ ମାହାନ୍ତ, ପାର୍ବତୀ ମାହାନ୍ତ, ସ୍ୱା. ପଞ୍ଚୁ ମାହାନ୍ତ, ଜା: ମାହାନ୍ତ, ବା: ମଧୁପୁର। |
| ୩ | ୧୫ | ୩୩୩ (ସ୍ମ) | ୦.୧୩୦ | ୦.୦୮୦ | ମାଳ ସାଧାରଣ | ଦୁଃଖି ମାହାନ୍ତ, ପି.- ପଞ୍ଚୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| ୪ | ୧୬ | ୧୩୬ (ସ୍ମ) | ୦.୧୬୦ | ୦.୦୨୦ | ଘରବାରି | ଧନିଆଁ ମାହାନ୍ତ, ପି.- ରେଙ୍ଗୁଟୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୧୩୭ (ସ୍ମ) | ୦.୩୭୦ | ୦.୦୬୦ | ଘରବାରି | |
| | | ୩୬୯ (ସ୍ମ) | ୦.୮୨୦ | ୦.୧୮୦ | ମାଳ ସାଧାରଣ | |
| ୫ | ୧୮ | ୩୬୫ (ସ୍ମ) | ୦.୯୬୦ | ୦.୧୮୦ | ମାଳ ସାଧାରଣ | ଧରୁ ମାହାନ୍ତ, ପି.- ରେଙ୍ଗୁଟୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| ୬ | ୧୯ | ୨୭୪ (ସ୍ମ) | ୦.୫୮୦ | ୦.୧୮୦ | ମାଳ ସାଧାରଣ | ଧିରେଶେନ ପାତ୍ର, ପି.- ଠୁରୁ ପାତ୍ର, ଜା: ପାଣ, ବା: କୁର୍ଡ଼ା |
| ୭ | ୨୧ | ୩୬୪ (ସ୍ମ) | ୦.୫୦୦ | ୦.୦୮୦ | ମାଳ ସାଧାରଣ | ନବୀନ କିସାନ, ପଞ୍ଚୁ ମାହାନ୍ତ, ପି.- ପଟୁଆ ମାହାନ୍ତ, ଜା: ମାହାନ୍ତ, ବା: ଶରଧାପୁର |
| | | ୩୭୧ (ସ୍ମ) | ୦.୭୦୦ | ୦.୨୨୦ | ମାଳ ସାଧାରଣ | |
| | | ୩୭୪ (ସ୍ମ) | ୩.୦୯୦ | ୦.୯୦୦ | ମାଳ ସାଧାରଣ | |
| ୮ | ୨୩ | ୧୩୨ | ୦.୪୭୦ | ୦.୪୭୦ | ବେର୍ଣ୍ଣା ସାଧାରଣ | ପଞ୍ଚୁ ମାହାନ୍ତ, ପି.- ମାଧ ମାହାନ୍ତ, ଜା: ମାହାନ୍ତ, ବା: ବଳ ଡିହି |
| | | ୧୪୮ (ସ୍ମ) | ୧.୦୯୦ | ୦.୩୦୦ | ବେର୍ଣ୍ଣା ସାଧାରଣ | |
| ୯ | ୨୪ | ୩୬୩ (ସ୍ମ) | ୧.୫୧୦ | ୦.୨୩୦ | ମାଳ ସାଧାରଣ | ପୂର୍ଣ୍ଣଚନ୍ଦ୍ର ମାହାନ୍ତ, ସୁରେନ୍ଦ୍ର ନାଥ ମାହାନ୍ତ, ପି.- ଗୋପୀନାଥ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୩୭୦ (ସ୍ମ) | ୦.୭୨୦ | ୦.୧୪୦ | ମାଳ ସାଧାରଣ | |
| | | ୩୭୨ (ସ୍ମ) | ୩.୩୭୦ | ୦.୯୧୦ | ମାଳ ସାଧାରଣ | |
| ୧୦ | ୩୨ | ୧୩୮ (ସ୍ମ) | ୦.୨୧୦ | ୦.୧୦୦ | ଗୋଡ଼ା ଦୁଇ | ରଘୁ ମାହାନ୍ତ, ପି.- ରେଙ୍ଗୁଟୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୩୬୬ (ସ୍ମ) | ୦.୬୬୦ | ୦.୧୨୦ | ମାଳ ସାଧାରଣ | |
| ୧୧ | ୩୩ | ୨୮୮ | ୦.୫୫୦ | ୦.୫୫୦ | ମାଳ ସାଧାରଣ | ରାଧା ମାହାନ୍ତ, ପି.- ଦିର୍ଗା ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୨୯୫ (ସ୍ମ) | ୧.୪୯୦ | ୦.୩୫୦ | ମାଳ ସାଧାରଣ | |
| ୧୨ | ୩୮ | ୧୩୧ (ସ୍ମ) | ୦.୭୪୦ | ୦.୬୦୦ | ବେର୍ଣ୍ଣା ସାଧାରଣ | ଶତୃଘ୍ନ ମାହାନ୍ତ, ଶଙ୍କର ମାହାନ୍ତ, ପି.- ବନୁ ମାହାନ୍ତ, ଶୈତ ମାହାନ୍ତ, ସ୍ୱା. ବନୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୧୩୩ (ସ୍ମ) | ୦.୧୯୦ | ୦.୦୩୦ | ମାଳ ସାଧାରଣ | |
| | | ୧୪୧ | ୦.୩୫୦ | ୦.୩୫୦ | ମାଳ ସାଧାରଣ | |
| | | ୧୪୨ (ସ୍ମ) | ୦.୨୬୦ | ୦.୧୨୦ | ଗୋଡ଼ା ଦୁଇ | |
| | | ୧୪୩ | ୦.୨୦୦ | ୦.୨୦୦ | ଗୋଡ଼ା ଦୁଇ | |
| ୧୩ | ୪୩ | ୧୪୪ (ସ୍ମ) | ୦.୧୨୦ | ୦.୦୨୦ | ବେର୍ଣ୍ଣା ସାଧାରଣ | ଶ୍ୟାମ କିଶାନ, ପି.- ସନୁ କିଶାନ, ଜା: କିଶାନ, ବା: ନିଜଗାଁ |
| ୧୪ | ୪୪ | ୨୭୪/୪୨୭ | ୦.୨୦୦ | ୦.୨୦୦ | ମାଳ ସାଧାରଣ | ଶିବ ମାହାନ୍ତ, ପି.- ଦୁର୍ଗା ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୨୮୭ (ସ୍ମ) | ୦.୩୭୦ | ୦.୦୩୦ | ମାଳ ସାଧାରଣ | |
| | | ୨୮୯ (ସ୍ମ) | ୧.୧୫୦ | ୦.୫୨୦ | ମାଳ ସାଧାରଣ | |
| | | ୨୯୬ (ସ୍ମ) | ୦.୫୯୦ | ୦.୧୨୦ | ମାଳ ସାଧାରଣ | |
| ୧୫ | ୪୬/୩ | ୩୩୪ (ସ୍ମ) | ୦.୩୪୦ | ୦.୨୬୦ | ମାଳ ସାଧାରଣ | ରମେଶ ଚନ୍ଦ୍ର ମାହାନ୍ତ, ପି.- ଭୀମ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| ୧୬ | ୪୬/୪ | ୧୨୨ (ସ୍ମ) | ୦.୨୮୦ | ୦.୦୧୦ | ମାଳ ସାଧାରଣ | ମହି ମାହାନ୍ତ, ପି.- ଗୋରାଚାନନ୍ଦ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୧୩୪ (ସ୍ମ) | ୦.୨୦୦ | ୦.୧୦୦ | ମାଳ ସାଧାରଣ | |
| ୧୭ | ୪୬/୧୪ | ୧୩୦ (ସ୍ମ) | ୦.୩୧୦ | ୦.୦୫୦ | ମାଳ ସାଧାରଣ | କୃଷ୍ଣଚନ୍ଦ୍ର ମାହାନ୍ତ, ଭରତ ଚନ୍ଦ୍ର ମାହାନ୍ତ, ତ୍ରିଲୋଚନ ମାହାନ୍ତ, ଇନ୍ଦ୍ରମଣି ମାହାନ୍ତ, ପି.- ଜୁଗଲ କିଶୋର ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୨୭୩ (ସ୍ମ) | ୦.୯୫୦ | ୦.୦୨୦ | ମାଳ ସାଧାରଣ | |
| ମୋଟ | ୧୭ | ୩୫ | ୨୪.୫୩୦ | ୭.୯୭୦ | | |

**ଭୂ-ଅର୍ଜନ ଜୋନ ଅଧିକାରୀ**
**ତାଳଚେର-ବିମଳାଗଡ଼ ନୂତନ ପ୍ରଶସ୍ତ ରେଳପଥ ସଂଯୋଗୀକରଣ ପ୍ରକଳ୍ପ, ସୁନ୍ଦରଗଡ଼**

24160/14/0030/1819

## ସଂକ୍ଷେପରେ

### ପ୍ଲାଷ୍ଟିକ ବର୍ଜନ କରିବାକୁ ବିଜୁ ଯୁବ ବାହିନୀର ଆହ୍ୱାନ

ବାଲିକୁଦା,୨୩।୧୧(ସ୍ୱ.ପ୍ର.): ବାଲିକୁଦା ବ୍ଲକ ମୂଲୁଗାଁ ପଞ୍ଚାୟତକୁ ପ୍ଲାଷ୍ଟିକ ମୁକ୍ତ କରିବା ଓ ପଞ୍ଚାୟତରେ କେହି ଅଶିକ୍ଷିତ ନ ରହିବା ପାଇଁ ବିଜୁ ଯୁବ ବାହିନୀ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏଥିସହ ପଲିଥିନ୍ ମଧ ବ୍ୟବହାର ନ କରିବାକୁ ଯୁବ ବାହିନୀ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଏକ ସଙ୍କଳ୍ପ ଯାତ୍ରା କରାଯାଇଥିଲା। ସିଙ୍ଗିରି ଓ କରମଙ୍ଗ ଦଳିତ ବସ୍ତିରେ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସରପଞ୍ଚ ପ୍ରତିନିଧି ଅଚ୍ୟୁତାନନ୍ଦ ପରିଡା, ସମିତିସଭ୍ୟ ଦିଲୀପ କୁମାର ସ୍ୱାଇଁ, ବିଜୁ ଯୁବ ବାହିନୀ ସଭାପତି ଦଧିବାବନ ମଲ୍ଲିକ, ସମ୍ପାଦିକା ତୃପ୍ତିମୟୀ ଦାସ, କୋଷାଧକ୍ଷ ନିତେଶ ଦେଠୀ, ସଦସ୍ୟ ରାକେଶ ମହାପାତ୍ର, ଅନନ୍ତ ସ୍ୱାଇଁ, ପ୍ରଶାନ୍ତ ରାଉତ, ଶ୍ରୀକାନ୍ତ ମଲ୍ଲିକ, ସାରଦା ପ୍ରସାଦ ମଲ୍ଲ, ଜ୍ୟୋତିନାରାୟଣ ସ୍ୱାଇଁ, ଲଳିତ ରାଉତରାୟ, ଜଗନ୍ନାଥ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳାନା କରିଥିଲେ।

# ଫୁଟବଲ ଟୁର୍ନାମେଣ୍ଟ: ପି. ମହାବୀର ଚାମ୍ପିୟନ

ବିରିଡ଼ି,୨୩।୧୧(ଡି.ଏନ.ଏ.)

ବିରିଡ଼ି ବ୍ଲକ ୨୨ମୌଜା ମଇଁନ୍ଦପୁର କମଳପୁର ଯୁବକ ସଂଘ ପକ୍ଷରୁ ଶୁକ୍ରବାର ୩୬ତମ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ସ୍ଥାନୀୟ ବୈଦ୍ୟନାଥ କ୍ରୀଡ଼ା ସଂସଦ ଖେଳପଡିଆରେ ଅନୁଷ୍ଠିତ ହୋଇଛି। ଏଥିରେ ପି ମହାବୀର ଟିମ ଇଲେଭେନ ଗନ କ୍ଲବକୁ ୨–୦ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟକୁ ବିଡିଓ ଜୀବନ ଚନ୍ଦ୍ର ମଲ୍ଲିକ ଉଦ୍ଘାଟନ କରିଥିଲେ। ଯୁବକ ସଂଘ ସଭାପତି ରାସ ବିହାରୀ ଦାସ, ପୁରଣ ସରପଞ୍ଚ ସୁଭଦ୍ରା ଭୋଇ, ଟୁର୍ନାମେଣ୍ଟ ଅଧ୍ୟକ୍ଷ ବିଦ୍ୟାଧର ଦାଶ, ଯୁବକ ସଂଘ ସମ୍ପାଦକ ସୁବ୍ରତ କୁମାର ପଟ୍ଟନାୟକ, କ୍ରୀଡା ସମ୍ପାଦକ ସତ୍ୟ ପଟ୍ଟନାୟକ, କାଳନ୍ଦି ଚରଣ ବସ୍ତିଆ, ଶିବ ପ୍ରସାଦ ଜେନା, ପଞ୍ଚାୟତ ବିଜେଡି ସଭାପତି ସୁକାନ୍ତ ବାରିକ, ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ଆଜାଦ ହିନ୍ଦ ସ୍ପୋର୍ଟସ ଆଣ୍ଡ୍ ଗେମ ପ୍ରହରାଜପୁର, ମଦନମୋହନ ଫୁଟବଲ ଟିମ ଉସୁମା, ପି ମହାବୀର ଫୁଟବଲ ଟିମ କଟକ, ଜୟହିନ୍ଦ ସ୍ପୋର୍ଟିଂ କ୍ଲବ ଗୋବିନ୍ଦପୁର, ଇଲେଭେନ ଗନ କ୍ଲବ ତିନିଘରିଆ, ବାଲୁଙ୍କେଶ୍ୱର ଫୁଟବଲ ଟିମ ଦେଉଳି, ମହାଲକ୍ଷ୍ମୀ ଫୁଟବଲ କ୍ଲବ ବିଲୁଆଖାଇ ଓ ନିମେଇସାପୁର ଫୁଟବଲ କ୍ଲବ ନିମେଇସାପୁର ପ୍ରମୁଖ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ପି ମହାବୀର ଫୁଟବଲ ଟିମ କଟକ ଓ ଇଲେଭେନ ଗନ ଫୁଟବଲ କ୍ଲବ ତିନିଘରିଆ ମଧ୍ୟରେ ହୋଇଥିଲା। ଏଥିରେ ପି ମହାବୀର ଟିମ ୨–୦ରେ ବିଜୟୀ ହୋଇଥିଲା। ଉଦ୍ଯାପନ ଉତ୍ସବରେ ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକ, ପୁରଣ ସରପଞ୍ଚ ସୁଭଦ୍ରା ଭୋଇ, ସମିତି ସଭ୍ୟା ମିତାଞ୍ଜଳି ଭୋଇ, କାଳନ୍ଦୀ ଚରଣ ବସ୍ତିଆ, ଯୁବକ ସଂଘ କାର୍ଯ୍ୟକାରୀ ସଭାପତି ବିଶ୍ୱଜିତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମକୁ ଚାମ୍ପିୟନ ଟ୍ରଫି ସହ ୭ ହଜାର ୧ ଟଙ୍କା ଓ ରନର୍ସ ଅପ୍ ଦଳକୁ ରନର୍ସ କପ୍ ସହ ୫ ହଜାର ୧ ଟଙ୍କା ପ୍ରଦାନ କରିଥିଲେ। ରେଫରି ବ୍ରହ୍ମାନନ୍ଦ ଭୋଇ, ଦୁର୍ଗା ଆଚାର୍ଯ୍ୟ, ସଞ୍ଜିବ ଦାସ ଓ ସୁନିଲ ପଟ୍ଟନାୟକ ପରିଚାଳନା କରିଥିଲେ।



ଚାମ୍ପିୟନ୍ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।



ଗୋପାଳ ସାଗରରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଦାସ ନୌକା ବିହାର କରୁଛନ୍ତି।

## ଗୋପାଳ ସାଗରରେ ନୌକା ବିହାର

ଜଗତ୍ସିଂହପୁର ଅଫିସ,୨୩।୧୧

ସ୍ଥାନୀୟ ଗୋପାଳ ସାଗର ପୁଷ୍କରିଣୀରେ ବୋଇତ ବନ୍ଦାଣ ଉତ୍ସବ ପାଳନ ଅବସରରେ ମା ବନଦୁର୍ଗା ପୂଜା କମିଟି ପକ୍ଷରୁ ନୌକାବିହାର ବ୍ୟବସ୍ଥା କରାଯାଇଛି। ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ଦାସ ଏହାକୁ ଉଦ୍ଘାଟନ କରିବା ସହ ନୌକା ବିହାର କରିଥିଲେ। ତାଙ୍କ ସହ ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଅମରେନ୍ଦ୍ର ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ପୁଷ୍କରିଣୀରେ ପ୍ରାଥମିକ ପର୍ଯ୍ୟାୟରେ ୨ଟି ବୋଟ୍ ରହିଛି। ୨ ମାସ ଭିତରେ ଆଉ ୪ଟି ବୋଟ୍ କିଣାଯିବ। ପ୍ରତି ବୋଟ୍‌ରେ ଅତିବେଶିରେ ୪ ଜଣ ନୌକା ବିହାର କରିପାରିବେ। ନୌକା ବିହାର ପାଇଁ ଟିକେଟ୍ କାଟିଥିବା ଯାତ୍ରୀଙ୍କୁ ଲାଇଫ୍ ଜ୍ୟାକେଟ୍ ଯୋଗାଇ ଦିଆଯିବ। ଏଥିସହ ସୁରକ୍ଷା ପ୍ରତି ଧ୍ୟାନ ଦିଆଯିବ ବୋଲି କମିଟି ସମ୍ପାଦକ ରାଜେନ୍ଦ୍ର କୁମାର ଲେଙ୍କା କହିଛନ୍ତି। ସକାଳ ୮ରୁ ଅପରାହ୍ନ ୫ଟା ମଧ୍ୟରେ ଯୁବତୀ, ଯୁବକ, ସାଧାରଣ ଲୋକଙ୍କ ସହ ପିଲାମାନେ ନୌକା ବିହାର କରିପାରିବେ। ଟିକେଟ୍ ମୂଲ୍ୟ ୩୦ ଟଙ୍କା ରଖାଯାଇଛି। ପ୍ରତି ବୋଟ୍ ପାଇଁ ୩୦ ମିନିଟ୍ ସମୟ ଧାର୍ଯ୍ୟ କରାଯାଇଛି।

## ପ୍ରେମ ଆଗରେ ହାର ମାନିଲେ ମା'ବାପା

କେନ୍ଦ୍ରାପଡା ଅଫିସ, ୨୩।୧୧

ପାଠ ପଢୁଆ ଝିଅର ଜିଦ୍ ଆଗରେ ହାର ମାନିଲେ ମା'ବାପା। ଲାଳନ ପାଳନ ଠାରୁ ଆରମ୍ଭ କରି ପାଠ ପଢ଼ା ଖର୍ଚ୍ଚ ତୁଲାଇ ଝିଅକୁ ମଣିଷ କରିବା ପରେ ବି ମା'ବାପାଙ୍କୁ ଛାଡି ପ୍ରେମିକ ସହ ଫେରାର ହୋଇଯାଇଛନ୍ତି ସଦର ଥାନାସ୍ଥିତ ଏକ ଘରୋଇ କଲେଜର ଜଣେ ଅଧ୍ୟାପିକା। ଝିଅ ଉଚ୍ଚ ଶିକ୍ଷିତା ହୋଇଥିବାରୁ ମା'ବାପା ତାଙ୍କ ବାହାଘର ପାଇଁ ଏକ ପାଠ ପଢୁଆ ପୁଅ ଖୋଜୁଥିଲେ। କିନ୍ତୁ ମାର୍ଶାଘାଇ ଥାନା ଅଞ୍ଚଳର ଜଣେ କମ୍ ପାଠ ପଢୁଆ ପୁଅଙ୍କୁ ବାହା ହେବା ପାଇଁ ଅଧ୍ୟାପିକା ଜିଦ୍ ଧରିଥିଲେ। ଝିଅ ଘର ଲୋକ ଏଥିରେ ରାଜି ନହେବାରୁ ପୁଅ ଘର ଲୋକଙ୍କ ସହମତିରେ ଶୁକ୍ରବାର ବଳଦେବଜୀଉ ମନ୍ଦିରରେ ବିବାହ ପାଇଁ ସ୍ଥିର ହୋଇଥିଲା। ବିବାହ କାର୍ଯ୍ୟ ଆରମ୍ଭ ପୂର୍ବରୁ ଝିଅର ମା'ବାପା ମନ୍ଦିରରେ ପହଞ୍ଚି ବାହାଘର ବନ୍ଦ କରାଇଥିଲେ। ଏଥିସହ ପୁଅଙ୍କ ବଡ଼ ଭାଇଙ୍କୁ ମଧ୍ୟ ଝିଅର ମା'ବାପା ମାଡ଼ ମାରିଥିଲେ। ଖବରପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଅଧ୍ୟାପିକା ପ୍ରେମିକଙ୍କ ସହ ସେଠାରୁ ଫେରାର ହୋଇଯାଇଥିଲେ। ରିପୋର୍ଟ ଲେଖା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନଥିବା ଜଣାପଡିଛି।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍ଘାଟିତ

ପାଟକୁରା, ୨୩।୧୧ (ଡି.ଏନ୍.ଏ.)

ଆମ ଗାଁ ଆମ ବିକାଶ ଯୋଜନାରେ ଗରଦପୁର ବ୍ଲକର ଚକବାହାକୁଦ ଗ୍ରାମରେ ନିର୍ମିତ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୃହକୁ ଶୁକ୍ରବାର ପାଟକୁରା ବିଧାୟକ ବେଦ ପ୍ରକାଶ ଅଗ୍ରୱାଲ ଉଦ୍ଘାଟନ କରିଛନ୍ତି। ଗରଦପୁର ବ୍ଲକ ବିଜେଡି ପକ୍ଷରୁ ପାଟକୁରା ପଞ୍ଚାୟତ ସିଙ୍ଗିଟିଆ ବରଫକଳ ଛକଠାରୁ ଶୁକ୍ରବାର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଥିଲା। ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟମଣୀ ସେଠୀଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରାଜେଶ ଦାସ, ଗରଦପୁର ବ୍ଲକ ବିଜେଡି ସଭାପତି ଶୈଳେନ୍ଦ୍ର କୁମାର ମହାନ୍ତି, ପାଟକୁରା ସିମିତିସଭ୍ୟ ମମତା ମଲ୍ଲିକ, ସାମାଜିକ କର୍ମୀ ଦୀପକ କୁମାର ରାଉତ, ନରୋତ୍ତମ ପଣ୍ଡା, ଦିଲ୍ଲୀପ କୁମାର ସେଠୀ, ପୂର୍ବତନ ସମିତି ସଭ୍ୟ ପ୍ରହଲ୍ଲାଦ ସାହୁ, ଶେଖ୍ ଫଜୁଲ ହକ୍ ପ୍ରମୁଖ ବହୁ ସାମିଲ ହୋଇଥିଲେ। ଏହି ଅବସରରେ ବିଧାୟକ ଅଗ୍ରୱାଲ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଗ୍ରାମର ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଚକବାହାକୁଦ ଗ୍ରାମରେ ୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବଜ୍ର ମହାକଳୀ ଗୋଷ୍ଠୀ କେନ୍ଦ୍ର ଗୃହକୁ ବିଧାୟକ ଉଦଘାଟନ କରିଥିଲେ।

## ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

ଡେରାବିଶ, ୨୩।୧୧ (ସ୍ୱ.ପ୍ର.)

ରତାଦିଆ ଖଣ୍ଡସାହି ପଞ୍ଚୟତ ତେଲଦିଆ ଗ୍ରାମର କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ପୂର୍ବତନ ସରପଞ୍ଚ ଶିଶିର କୁମାର ସାମଲ ଅଧ୍ୟକ୍ଷତା କରିଥିଲେ। ଏଥିରେ ହରିଅଙ୍କ ସମିତିସଭ୍ୟ ରଘୁନାଥ ଶତପଥୀ ମୁଖ୍ୟଅତିଥି, ଚାନ୍ଦୋଳ ବଜାର ଶାନ୍ତିକମିଟି ସଭାପତି ପଞ୍ଚାନନ ଶତପଥୀ, ବାଲିଆ ବଜାର ଶାନ୍ତି କମିଟି ସଭାପତି ଦେବକୀ ନନ୍ଦନ ମିଶ୍ର, ବାଲିଆ ବଜାର କମିଟି ସଭାପତି ପ୍ରମୋଦ କୁମାର ସାହୁ, ଭାଗବତପୁର ସମିତିସଭ୍ୟ ଧୀରେନ୍ଦ୍ର ନାଥ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ପାଦକ ପ୍ରେମାନନ୍ଦ ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ଦିଗ୍‌ବିଜୟ ସାମଲ ଧନ୍ୟବାଦ ଦେଇଥିଲେ।

## ବୁଢ଼ୀ ଜାଗୁଳାଇଙ୍କ ପୀଠରେ ମୁରୁଜ ପ୍ରତିଯୋଗିତା



ଅତିଥିଙ୍କ ସହ ମୁରୁଜ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

ବାଲିଆ,୨୩।୧୧

ବିରିଡ଼ି ବ୍ଲକ ସଢେଇଶାସନ ପଞ୍ଚାୟତସ୍ଥିତ ମା' ବୁଢୀ ଜାଗୁଳାଇଙ୍କ ପୀଠରେ ଶୁକ୍ରବାର ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବୁଢୀ ଜାଗୁଳାଇ ପୂଜା କମିଟି ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ବରିଷ୍ଠ ବର୍ଗରେ ୧୧ ଓ କନିଷ୍ଠ ବର୍ଗରେ ୮ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ବରିଷ୍ଠ ବର୍ଗରେ ବର୍ଷାରାଣୀ ନାୟକ ୧ମ, ସ୍ମୃତିରେଖା ବେହେରା ୨ୟ ଓ ମଧୁସ୍ମିତା ଓଝା ୩ୟ ସ୍ଥାନ, ତାଦାସା ପ୍ରିୟଦର୍ଶୀନି ସାମଲ ୪ର୍ଥ, ସରୋଜିନୀ ଭୂୟାଁ ୫ମ ସ୍ଥାନ ଅଧିକାର କରିଥିଲେ। ସେହିପରି କନିଷ୍ଠ ବର୍ଗରେ ରାମେଶ୍ୱରୀ ସାହୁ ୧ମ, ପ୍ରଜ୍ଞାପାରମିତା ସାହୁ ୨ୟ, ସୌମ୍ୟାପ୍ରିୟଦର୍ଶିନୀ ସାହୁ ୩ୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ଅମିତ ରାଉଳ ଓ ପ୍ରଦୀପ୍ତ ଓଝା ଯୋଗ ଦେଇଥିଲେ। ଶେଷ ପର୍ଯ୍ୟାୟରେ ଗୋପାଳ ଓଝାଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସଢେଇ ଶାସନ ସରପଞ୍ଚ ଅମିତ ରାଉଳ, ସାମାଜିକ କର୍ମୀ ଶିବ ନାରାୟଣ ଜେନା, ପୂର୍ବତନ ସମିତି ସଭ୍ୟ ନିବାରଣ ସେଠୀ ଓ କେଦାର ବେହେରା ପ୍ରମୁଖ ଅତଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।





ସବୁଠାରୁ ଭଲ କାମ କରିବାକୁ ଯାଉଥିବା ବେଳେ ଧୀରେ ପଦକ୍ଷେପ ନେବା ଉଚିତ।
- ଏମ.ଟି. ସିସେରୋ



## ସଂକ୍ଷେପରେ

### ଅଚେତ ଅବସ୍ଥାରେ ଯୁବକ ଉଦ୍ଧାର

**କୋରେଇ, ୨୩।୧୧(ସ୍ୱ.ପ୍ର.):** ୧୬ ନଂ. ଜାତୀୟ ରାଜପଥର ପଥରପଦା ବ୍ରିଜ ନିକଟରୁ ପାଣିକୋଇଲି ପୋଲିସ ଶୁକ୍ରବାର ଅଚେତ ଅବସ୍ଥାରେ ଜଣେ ଯୁବକଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ସେ ହେଲେ ବାବୁରୀ ଗ୍ରାମର କେଶବ ସାହୁ(୪୫)। କେଶବ କଳିଙ୍ଗନଗରସ୍ଥିତ ଟାଟା ଷ୍ଟିଲରେ ସୁପରଭାଇଜର ଭାବେ କାର୍ଯ୍ୟ କରନ୍ତି। ସେ ଗୁରୁବାର ନାଇଟ ସିଫ୍ଟ ସାରି ସକାଳୁ କମ୍ପାନୀ ବସରେ ଯାଜପୁରରୋଡ ଆସିଥିଲେ। ସେଠାରୁ ଜଣେ ବ୍ୟକ୍ତିଙ୍କ ସହ ବାଇକରେ ପାଣିକୋଇଲି ଆସିଥିଲେ। ଉକ୍ତ ବ୍ୟକ୍ତି ଜଣକ ତାଙ୍କୁ ଚା’ ପିଇବାକୁ ଦେଇଥିଲେ। ହଠାତ୍ ସେ ଅଚେତ୍ ହୋଇଯିବାରୁ ପତରପଦା ବ୍ରିଜ ନିକଟରେ କେଶବଙ୍କୁ ପକାଇଦେଇ ବ୍ୟକ୍ତି ଜଣକ ପଳାଇଥିଲେ। ଖବରପାଇ ପାଣିକୋଇଲି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା।

### ପଞ୍ଚୁକ ଉତ୍ସବ ଉଦ୍‌ଯାପିତ

**ଯାଜପୁରରୋଡ, ୨୩।୧୧(ନି.ପ୍ର.):** ଯାଜପୁରରୋଡ ସହରର ବିଭିନ୍ନ ମନ୍ଦିରରେ ଶୁକ୍ରବାର ପଞ୍ଚୁକ ଉତ୍ସବର ଉଦ୍‌ଯାପନୀ ଦିବସରେ ସ୍ୱତନ୍ତ୍ର ପୂଜା ପାଠ କରାଯିବା ସହ ଭାଗବତ, ହରିବଂଶ ପ୍ରଭୃତି ଧର୍ମଶାସ୍ତ୍ର ଉପରେ ଆଲୋଚନା କରାଯାଇଥିଲା। ସକାଳୁ ସମଗ୍ର ସହରବାସୀ ବିଭିନ୍ନ ପୋଖରୀ ଓ ଜଳାଶୟରେ ଡଙ୍ଗା ଭସାଇଥିଲେ। ଚୋରଦା ଗ୍ରାମରେ ଚଣ୍ଡୀ ମନ୍ଦିର, ମଣି ମନ୍ଦିର, ବ୍ୟାସ ସରୋବର, ଜଗନ୍ନାଥ ମନ୍ଦିର ଓ ବିଭିନ୍ନ ଶୈବପୀଠରେ ପଞ୍ଚୁକ ପାଳନ କରାଯାଇଥିଲା। ଭଜନ, କୀର୍ତ୍ତନରେ ସମଗ୍ର ସହର ପ୍ରକମ୍ପିତ ହୋଇଉଠିଥିଲା।

### ରାହାସ ପୂର୍ଣ୍ଣିମାରେ ଶୈବ ପୀଠ ଚଳଚଞ୍ଚଳ

**କାଳିଆପାଣି, ୨୩।୧୧(ଡି.ଏନ୍.ଏ):** କାଳିଆପାଣି ଖଣି ଅଞ୍ଚଳରେ ଶୁକ୍ରବାର ପବିତ୍ର ରାହାସ ପୂର୍ଣ୍ଣିମା ଅବସରରେ କାଳିଆପାଣି ଅଞ୍ଚଳର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଛି। ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଡ଼ମଶାଳ ନାଳରେ ପୂଜାପାଠ କରି ଡ଼ଙ୍ଗାଭସାଇ ଥିଲେ। କାଳିଆପାଣି, କଂସ, କଲରଙ୍ଗୀ, ରାଁସୋଲ, ଟିସ୍କୋ, ଗରାମିଆଁ, ଖଣି ନିଗମ ଟାଉନସିପ ଆଦି ବିଭିନ୍ନ ସ୍ଥାନରେ ଥିବା ଶୈବ ପୀଠରେ ଭକ୍ତଙ୍କ ସମାଗମ ହୋଇଥିଲା। କଲରଙ୍ଗୀ ଶୈବ ପୀଠରେ କାଳିଆପାଣି ଥାନା ଅଧିକାରୀ ଯୁବରାଜ ସ୍ୱାଇଁଙ୍କ ନେତୃତ୍ୱରେ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା।

### ଅଷ୍ଟପ୍ରହର ନାମଯଜ୍ଞ

**କାଳିଆପାଣି, ୨୩।୧୧(ଡି.ଏନ୍.ଏ.):** ସୁକିନ୍ଦା ଖଣି ଅଞ୍ଚଳର କାଳିଆପାଣି ଟାଉନସିପ୍‌ଠାରେ ଶୁକ୍ରବାର ୩୪ତମ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି ହୋଇଯାଇଛି। କର୍ତ୍ତାଭାବେ ମିନକେତନ ଆଇଚ ଚୈତନ୍ୟଙ୍କ ଫଟୋଚିତ୍ରକୁ ବହନ କରି ଏକ ବିରାଟ ଶୋଭାଯାତ୍ରାରେ କଲୋନୀ ପରିକ୍ରମା କରିବା ପରେ ଅପରାହ୍ନରେ ଦଧି କଳସ ଭଙ୍ଗାଯାଇଥିଲା। ସଙ୍କୀର୍ତ୍ତନ କାର୍ଯ୍ୟକ୍ରମରେ ପୁରୁଷ, ମହିଳା ଓ ବାଳକ କ୍ଷେତ୍ରରୁ ୧୨ଟି କୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀରଙ୍କ ତତ୍ତ୍ୱାବଧାନରେ କାଳିଆପାଣି ଖଣି ନିଗମ କଲୋନୀ ପରିସରରେ ଗୁରୁବାରଠାରୁ ଅଷ୍ଟପ୍ରହର ନାମଯଜ୍ଞରେ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇଥିଲେ। ପୂର୍ଣ୍ଣାହୁତିରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ ଯୋଗଦେଇ ଆର୍ଶୀବାଦ କାମନା କରିଛନ୍ତି।

# ଗୋଚର ଜମିରେ ଚାଲିଛି ପାଣିଟାଙ୍କି ନିର୍ମାଣ

**ରସୁଲପୁର, ୨୩।୧୧(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ବେତଣ୍ଡା ଗ୍ରାମର ଜଳଯୋଗାଣ ପ୍ରକଳ୍ପ ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଛି। ବେଆଇନ ଜମିରେ ଟାଙ୍କି ନିର୍ମାଣ ହେଉଛି। ଟାଙ୍କି ନିର୍ମାଣରେ ନିମ୍ନମାନର ସାମଗ୍ରୀ ବ୍ୟବହାର ହେଉଛି। ଆକଳନ ଅନୁଯାୟୀ ଟାଙ୍କି ନିର୍ମାଣ କରାଯାଉ ନାହିଁ। ନିର୍ମାଣସ୍ଥଳରେ ସୂଚନା ଫଳକ ଲାଗିନାହିଁ। ଏହିଭଳି ଭାବେ ନିର୍ମାଣରେ ନାନା ଅନିୟମିତତା ହେଉଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ୨୦୧୮-୧୯ ଆର୍ଥିକ ବର୍ଷରେ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଯୋଜନାରେ ବେତଣ୍ଡା ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଯୋଗାଇ ଦିଆଯିବା ନେଇ ବିଭାଗ ପକ୍ଷରୁ ୯୩୮୩.୦୮୯ ମଞ୍ଜୁର କରାଯାଇଥିଲା। ଉକ୍ତ କାର୍ଯ୍ୟ ପାଇଁ ଶତକଡା ୧.୯୦ ଅଧିକା ହାରରେ ଠିକାଦାରଙ୍କୁ ଟେଣ୍ଡର ମିଳିଥିଲା। ପରେ ପ୍ରକଳ୍ପର ବାସ୍ତବ ମୂଲ୍ୟ ୧କୋଟି ୯ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ୨୦୪୭ ମସିହାକୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପ ନିର୍ମାଣ କରାଯାଉଛି। ସେତେବେଳକୁ ପ୍ରକଳ୍ପ ଅଧୀନରେ ସୃଷ୍ଟି ହେବାକୁ ଥିବା ଜନସଂଖ୍ୟାକୁ ପାଣି ଯୋଗାଇବା ଲକ୍ଷ୍ୟ ରଖାଯାଇଛି। ଏଥି ସକାଶେ ବିଭାଗ ପକ୍ଷରୁ ୨ବର୍ଷ ତଳୁ ଗଭୀର ନଳକୂପ ଖନନ କରାଯାଇଛି। ଉକ୍ତ ସ୍ଥାନରେ ପମ୍ପ ହାଉସ, ପାଣିଟାଙ୍କି ନିର୍ମାଣ, ପାଚେରି ନିର୍ମାଣ, ପାଇପ୍ ବିଛା କାର୍ଯ୍ୟ ଚାଲିଛି। ନିର୍ମାଣ କାର୍ଯ୍ୟ ଗୋଚର ଜମିରେ ଚାଲିଛି। ଏ ନେଇ ରସୁଲପୁର ତହସିଲ କାର୍ଯ୍ୟାଳୟ ପକ୍ଷରୁ କୌଣସି ପ୍ରମାଣପତ୍ର ସଂଗ୍ରହ କରାଯାଇ ନାହିଁ। ଏହାଛାଡା କାର୍ଯ୍ୟକୁ ୯ମାସ ମଧ୍ୟରେ ସାରିବାକୁ ଚୁକ୍ତି ହୋଇଛି। କାର୍ଯ୍ୟ ମନ୍ଥର ଗତିରେ ଚାଲୁଛି। ନିର୍ଦ୍ଧାରିତ ତାରିଖରେ କାର୍ଯ୍ୟ ସରିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଛି। ଟାଙ୍କିରେ ବ୍ୟବହୃତ ରଡ୍‌ଗୁଡିକ ଆକଳନ ଅନୁଯାୟୀ ଲଗାଯାଉ ନାହିଁ। ରଡ ବାଇଣ୍ଡିଂକୁ ନେଇ ରହିଥିବା ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ନିର୍ମାଣ କାର୍ଯ୍ୟରେ ବାଲି ସିମେଣ୍ଟ, ଚିପ୍ସରେ ୧/୧/୧ ଭାଗମାପ ରହିବା ବଦଳରେ ୩/୪/୫ ବ୍ୟବହାର କରାଯାଉଛି। ମାଟି ତଳୁ ଆବଶ୍ୟକତାରୁ କମ୍ ପରିମାଣର ଖନନ କରାଯାଇ ଖୁଣ୍ଟର ପ୍ଲିନ୍ଥ ପକାଯାଇଥିବା ଜଣାଯାଇଛି। ପାଇପ୍ ବିଛା କାର୍ଯ୍ୟରେ ମଧ୍ୟ ହେରାଫେରି ହେଉଛି। ୩ଫୁଟ ତଳେ ପାଇପ୍ ବିଛା ହେବା ନିୟମକୁ ଖୋଲାଖୋଲି

**ବେତଣ୍ଡା ପାନୀୟ ଜଳ ପ୍ରକଳ୍ପ**



- ନିର୍ମାଣ କାର୍ଯ୍ୟରେ ହେଉଛି ଅନିୟମିତତା
- ବ୍ୟୟ ଅଟକଳ ହୋଇଛି ୧.୯କୋଟି ଟଙ୍କା
- ୨୦୪୭ ମସିହାକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଉଛି ପାଣିଟାଙ୍କି
- ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

ଉଲ୍ଲଂଘନ କରାଯାଉଛି। ମାତ୍ର ୧ଫୁଟ୍ ମାଟି ତଳେ ପାଇପ ବିଛା ଯାଉଛି। ଗାଁ ଗହଳିର ରାସ୍ତା କଡରେ ଯାଇଥିବା ପାଣି ପାଇପ୍‌ଗୁଡିକ ପ୍ରତି ବିପଦ ସୃଷ୍ଟି ହେବାର ଢେର ସମ୍ଭାବନା ରହିଛି। ନିର୍ମାଣସ୍ଥଳରେ ବିଭାଗୀୟ ଅଧିକାରୀଙ୍କ ପାଦ ପଡୁ ନ ଥିବା କୁହାଯାଉଛି। ରସୁଲପୁର ବ୍ଲକ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ପଦ୍ମନାଭ ଖଣ୍ଡେଇ ସମୟେ ସମୟେ କାର୍ଯ୍ୟସ୍ଥଳ ପରିଦର୍ଶନ କରି ଫେରି ଯାଉଛନ୍ତି। ଅନ୍ୟ ସମୟରେ ନିର୍ମାଣ କାର୍ଯ୍ୟକୁ ଠିକାଦାରଙ୍କ ହାତକୁ ଟେକି ଦେଇଛନ୍ତି। ଏହି ସୁଯୋଗରେ ଠିକାଦାର ମନୋମୁଖୀ କାର୍ଯ୍ୟ କରୁଥିବା କୁହାଯାଉଛି। ଏଭଳି ଭାବେ ନିମ୍ନମାନର କାର୍ଯ୍ୟ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରିବାକୁ ଠିକାଦାରଙ୍କ ପାଇଁ ସୁଯୋଗ ସୃଷ୍ଟି କରାଯାଉଛି। ଏସବୁ ସତ୍ତ୍ୱେ ନିର୍ମାଣସ୍ଥଳରେ ସୂଚନା ଫଳକ ଲାଗି ନାହିଁ। ଏଭଳି କରି କାର୍ଯ୍ୟ ସମ୍ପର୍କରେ ସ୍ଥାନୀୟ ଜନସାଧାରଣଙ୍କୁ ଅନ୍ଧାରରେ ରଖିବାକୁ ପ୍ରୟାସ କରାଯାଉଥିବା ଅଭିଯୋଗ ହୋଇଛି। ଠିକାଦାରଙ୍କ ମନୋମୁଖୀ କାର୍ଯ୍ୟକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ନିମ୍ନମାନର କାର୍ଯ୍ୟ ଯୋଗୁ ଟାଙ୍କିର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ସମିତିସଭ୍ୟ ଚୈତନ୍ୟ ନାୟକ ଅଭିଯୋଗ କରିଛନ୍ତି। କାର୍ଯ୍ୟର ଗୁଣବତ୍ତାକୁ ଲାବୋରୋଟାରୀରେ ପରୀକ୍ଷା କରାଯିବା ସହ ନିମ୍ନମାନର କାର୍ଯ୍ୟ ସମ୍ପର୍କରେ ଭିଜିଲାନ୍ସ ତଦନ୍ତ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଖଣ୍ଡେଇଙ୍କୁ ପଚାରିବାରୁ, ସରପଞ୍ଚ ସ୍ଥାନ ନିରୂପଣ କରିଛନ୍ତି। ସେ ପଞ୍ଚାୟତରେ ରିଜୋଲ୍ୟୁଶନ କରି ଯେଉଁ ସ୍ଥାନ ଦେଖାଇଲେ ସେହି ସ୍ଥାନରେ ନିର୍ମାଣ କାର୍ଯ୍ୟ ଚାଲିଛି। ଏ ନେଇ ତହସିଲଦାରଙ୍କ ପକ୍ଷରୁ ଜମିଜମା ସମ୍ପର୍କିତ କୌଣସି କାଗଜପତ୍ର ହାସଲ କରାଯାଇ ନାହିଁ। ଏହାଛଡା ନିର୍ମାଣ କାର୍ଯ୍ୟ ଠିକ୍ ଭାବେ ଚାଲିଛି ବୋଲି ମତ ରଖିଛନ୍ତି।

### ନଦୀରେ ଭାସି ୨ ନାବାଳକ ନିଖୋଜ

**ଜଳେଶ୍ୱର, ୨୩।୧୧(ଡି.ଏନ.ଏ.):** ଶୁକ୍ରବାର ପୂର୍ବାହ୍ନରେ ଜଳେଶ୍ୱର ବ୍ଲକ ଗୋବର୍ଦ୍ଧନପୁର ଗ୍ରାମ ଅଧୀନ ସୁବର୍ଣ୍ଣରେଖା ନଦୀର ଦାରୁବୁଡ଼ୀ ଘାଟଠାରେ ଭସାଯାଇଥିବା ବୋଇତରୁ ଖୁଚୁରା ପଇସା ସଂଗ୍ରହ କରିବାକୁ ଯାଇଥିବା ୨ଜଣ ନାବାଳକ ନିଖୋଜ ହୋଇଯାଇଛନ୍ତି। ସେମାନେ ହେଲେ ଶ୍ରୀପତି ନାଥଙ୍କ ୧୨ବର୍ଷର ପୁଅ ପଙ୍କଜ ନାଥ ଓ ଚିତ୍ର ସିଂଙ୍କ ୧୧ବର୍ଷର ପୁଅ ସୁମନ। ଗ୍ରାମବାସୀ ଓ ଅଗ୍ନିଶମ କର୍ମଚାରୀ ସନ୍ଧ୍ୟା ପର୍ଯ୍ୟନ୍ତ ନଦୀରେ ବୁଡି ଖୋଜାଖୋଜି କରିଥିଲେ ମଧ୍ୟ କାହାରି ପତ୍ତା ପାଇ ନ ଥିଲେ। ଶନିବାର ଏନ୍‌ଡିଆର୍‌ଏଫ୍‌ର ଏକ ଟିମ୍ ଖୋଜାଖୋଜି କରିବେ ବୋଲି ତହସିଲଦାର ଅଭିମନ୍ୟୁ ପଣ୍ଡା ସୂଚନା ଦେଇଛନ୍ତି।

### ରଙ୍ଗୋଲି ପ୍ରତିଯୋଗିତା

**ନାଉଗାଁ, ୨୩।୧୧(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଗଙ୍ଗଦାହାଟରେ ଥିବା ବାବା କପିଳମୁନିଙ୍କ ଆଶ୍ରମରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସବୁଜ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ୨୭ ଟି ଦଳର ୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ୧ମ ହୋଇଥିବା ପ୍ରତିଯୋଗୀଙ୍କୁ ୧ହଜାର, ୨ୟ ପ୍ରତିଯୋଗୀଙ୍କୁ ୫ଶହ ଓ ୩ୟ ପ୍ରତିଯୋଗୀଙ୍କୁ ୩ଶହ ଟଙ୍କା ପୁରସ୍କାର ଦିଆଯାଇଥିଲା।

## ବ୍ରହ୍ମବରଦାରେ ଜମିଲା ବୋଇତ ବନ୍ଦାଣ ଉତ୍ସବ

**ରସୁଲପୁର, ୨୩।୧୧(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦାସ୍ଥିତ ଡିହସାହିରେ ୧୯ତମ ବୋଇତ ବନ୍ଦାଣ ଉତ୍ସବ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସିନେ ତାରକା ସିତଲ ପାତ୍ର ଓ ମିସ ଲିଟିଲ୍ ୟୁନିଭର୍ସ-୨୦୧୭ ପଦ୍ମାଳୟା ନନ୍ଦ ମୁଖ୍ୟ ଆକର୍ଷଣ ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପୂର୍ବାହ୍ନରେ ସେଲିବ୍ରିଟି ୨ଜଣ ବାଲିଚନ୍ଦ୍ରପୁର-ବ୍ରହ୍ମବରଦା ରାସ୍ତା ପାର୍ଶ୍ୱସ୍ଥ ସାନପୋଖରୀ ନିକଟରେ ପହଞ୍ଚି ଆ, କା, ମା ବୈ କହି ବୋଇତକୁ ଉଦ୍‌ଘାଟନ କରି ଗଭୀର ଜଳକୁ ମେଲାଣି ଦେଇଥିଲେ। ଏହି ଅବସରରେ ଉତ୍କଳ ଗୌରବ ସେବା ସଂସଦ ପକ୍ଷରୁ ଏକ ସାଧାରଣ ସଭା ମେଲଣ ପଡିଆରେ ଅନୁଷ୍ଠିତ ହୋଇଥିଲା। ସଂସଦ ପ୍ରତିଷ୍ଠାତା ସଭାପତି ପ୍ରଦୀପ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ଅଭିନେତ୍ରୀଙ୍କୁ ଏକ ବିଶାଳ ଶୋଭାଯାତ୍ରାରେ ଅଣାଯାଇଥିଲା। ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବେ ହରିବନ୍ଧୁ ଗିରି, ବିପିନ ଦେଓ, କାଶିନାଥ ବେହେରା, ପବିତ୍ର ବିଶ୍ୱାଳ, ଜିତେନ୍ଦ୍ର ସାହୁ, ନିରାକର



ଅତିଥିମାନେ ବୋଇତକୁ ମେଲାଣି ଦେଉଛନ୍ତି।

**ଭିଡ଼ ବଢ଼ାଇଲା ସିନେ ତାରକାଙ୍କ ଉପସ୍ଥିତି**

ବେହେରା, ଅମୀୟ ବେହେରା, ମହେଶ ବେହେରା, ଶ୍ରୀକାନ୍ତ ଦାସ, ପ୍ରବୋଧ ଦାସ, ଚଗୁଲି ବାରିକ ପ୍ରମୁଖ ଯୋଗଦେଇ ହିନ୍ଦୁ ଧର୍ମୀୟ ପରମ୍ପରା ଓ ଐତିହ୍ୟ ଆଧାରରେ ୧୯ବର୍ଷ ଧରି ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଉଛି। ଓଡ଼ିଶାର ସାଧବ ପୁଅଙ୍କ ବାଣିଜ୍ୟ କାରବାରର ନୈପୁଣତା ସମ୍ପର୍କରେ ଅତିଥିମାନେ ବଖାଣି ଥିଲେ। ସଂସଦ ପକ୍ଷରୁ ପ୍ରତାପ ଦେଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଦେବାଶିଷ ବିଶ୍ୱାଳ ବିବରଣୀ ପାଠ କରିଥିଲେ। ବରିଷ୍ଠ କର୍ମକର୍ତ୍ତା କେଶବ ବେହରା ଓ ପ୍ରଭାତ ଘଡେଇ ଅଭିନେତ୍ରୀ ଦ୍ୱୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନିତ୍ୟାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ମଞ୍ଚରେ ଜମଜ ଭଉଣୀ ଭାଇ ସାଗରିକା ପ୍ରିୟଦର୍ଶିନୀ ସାହୁ ଓ ସତ୍ୟବ୍ରତ ସାହୁଙ୍କ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା।

## ମାଟିଆଗୁଣ୍ଡି ପୋକ ଉଜାଡ଼ିଲା ଫସଲ ଯୁବଚାଷୀଙ୍କ ଆତ୍ମହତ୍ୟା

**ସିଂଘିଯୁବା, ୨୩।୧୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିନ୍ଦୁରପୁର ପଞ୍ଚାୟତ ବଳାରଙ୍ଗା ଗ୍ରାମର ଯୁବ ଚାଷୀ କୀଟନାଶକ ପିଇ ଆମହତ୍ୟା କରିଛନ୍ତି। ସେ ହେଲେ ରାମଚନ୍ଦ୍ର ସେଠ୍(୨୬)। ମାଟିଆଗୁଣ୍ଡି ପୋକ ଲାଗି ତାଙ୍କ ଧାନ ଫସଲ ଉଜୁଡ଼ି ଯାଇଥିଲା। ସେଥିଯୋଗୁ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ରାମଚନ୍ଦ୍ର ଚଳିତ ଖରିଫ ଋତୁରେ ନିଜ ୧ ଏକର ଏବଂ ୩ ଏକର ଭାଗ ଜମିରେ ଧାନଚାଷ କରିଥିଲେ। ସେଥିପାଇଁ ସେ ପ୍ରାୟ ୭୦ ହଜାର ଟଙ୍କା ଖର୍ଚ୍ଚ କରିଥିଲେ। ଫସଲ ଭଲ ହୋଇଥିଲା। ମାତ୍ର ଅମଳ ସମୟରେ ଚକଡା ଯୋଗୁ ଫସଲ ପ୍ରାୟ ନଷ୍ଟ ହୋଇଯାଇଥିଲା। ଗତବର୍ଷ ଅନୁରୂପ ଫସଲହାନୀର ସମ୍ମୁଖୀନ ହୋଇଥିବା ରାମଚନ୍ଦ୍ର ଚଳିତବର୍ଷ ମଧ୍ୟ କ୍ଷତି ସହି ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିଲେ। ଚଳିତ ବର୍ଷ ଚାଷ ପାଇଁ ସେ ବିନିକା ସମବାୟ ବ୍ୟାଙ୍କରୁ ୫୦ ହଜାର ଟଙ୍କା ଋଣ କରିଥିଲେ। ସେହି ଟଙ୍କା ପରିଶୋଧ ପାଇଁ ସେ ଗତ କିଛି ଦିନ ହେଲା ଚିନ୍ତାରେ ରହୁଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ରବିବାର ସକାଳ ସେ କୀଟନାଶକ ପିଇଦେଇଥିଲେ। ମୁହଁରୁ ଫେଣ ବାହାରୁଥିବା ଦେଖି ସ୍ତ୍ରୀ ସନ୍ତୋଷିନୀ ପରିବାର ଲୋକଙ୍କୁ ଜଣାଇଥିଲେ। ତାଙ୍କୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ୩ ଦିନର ଜୀବନ ସଂଗ୍ରାମ ପରେ ଗୁରୁବାର ରାମଚନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ରାମଚନ୍ଦ୍ର ପରିବାରର ଏକମାତ୍ର ରୋଜଗାରିଆ ପୁଅ ଥିଲେ। ଏହି ଦୁଃଖଦ ଘଟଣା ପରେ ସ୍ତ୍ରୀ ସନ୍ତୋଷିନୀ(୨୩), ବାପା ପରମେଶ୍ୱର(୭୦), ମା’ ଝାଇଁ (୬୫) ଦୁଃଖରେ ଭାଙ୍ଗି ପଡିଛନ୍ତି।

## ଆଞ୍ଚଳିକ କୃଷକ ସେବା ସମିତି ପକ୍ଷରୁ କାର୍ତ୍ତିକେଶ୍ୱର ପୂଜା

**ରସୁଲପୁର, ୨୩।୧୧(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତର ଓଡଙ୍ଗସ୍ଥିତ ଆଞ୍ଚଳିକ କୃଷକ ସେବା ସମିତି ଓ ବିଜୁ କୃଷକ ବଜାର ଆନୁକୂଲ୍ୟରେ କାର୍ତ୍ତିକେଶ୍ୱର ପୂଜା ଉତ୍ସବ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ପ୍ରାତଃ ୬ଘଟିକା ସମୟରେ କମିଟି ପକ୍ଷରୁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ନିକଟସ୍ଥ ବ୍ରାହ୍ମଣୀ ନଦୀରେ କଳସ ପୂଜାର୍ଚ୍ଚନା କରାଯାଇ ମଣ୍ଡପକୁ ଅଣାଯାଇଥିଲା। କଳସ ଶୋଭାଯାତ୍ରା ସମୟରେ ଶଙ୍ଖ, ହୁଳହୁଳି, ଘଣ୍ଟ, ଘଣ୍ଟା ଓ ଭଜନ କୀର୍ତ୍ତନ ସହ ଏକ ବିରାଟ ପଟୁଆରେ କଳସଧାରୀମାନେ ପୂଜାସ୍ଥଳକୁ ଆସିଥିଲେ। ମଣ୍ଡପରେ କୁଣ୍ଡମଣ୍ଡଳ ପୂଜା, ସୂର୍ଯ୍ୟ ପୂଜା, ଗୋପୂଜା, ପ୍ରଭୁଙ୍କ ମୂର୍ତ୍ତିକୁ ଚକ୍ଷୁଦାନ ଆଦି ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ପୂଜା ୩ଦିନ ବ୍ୟାପି ଚାଲିବ। ଆସନ୍ତା ୨୫ତାରିଖ ରାତ୍ର ୧୦ଘଟିକାରେ ପୂର୍ଣ୍ଣାହୂତି ଅନୁଷ୍ଠିତ ହେବ। ଏହି ଅବସରରେ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ବାଦୀପାଲା, ପ୍ରବଚନ, ଭଜନ ସଂଧ୍ୟା, ଅପେରା ପାର୍ଟି ପକ୍ଷରୁ ଯାତ୍ର ପରିବେଶଣ ପ୍ରମୁଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସମିତି ସଭାପତି ଅନନ୍ତ କିଶୋର ସ୍ୱାଇଁଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



ଓଡ଼ଙ୍ଗଠାରେ ନିର୍ମିତ କାର୍ତ୍ତିକେଶ୍ୱରଙ୍କ ମୃଣ୍ମୟ ମୂର୍ତ୍ତି।

## ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ଚଢେଇଧରା/ଜେନାପୁର, ୨୩।୧୧(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚକ୍ରଧରପୁର ଓ କମାଗଡ ପଞ୍ଚାୟତରେ ଶୁକ୍ରବାର ୨ଟି ମେଗା ପାନୀୟ ଜଳ ପ୍ରକଳ୍ପ ବ୍ଲକ ଅଧ୍ୟକ୍ଷ ପ୍ରଭାତ ।କୁମାର ବଳବନ୍ତରାୟଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଯାଇଛି। ଚକ୍ରଧରପୁର ପ୍ରକଳ୍ପ ପାଇଁ ୭୦ ଲକ୍ଷ ଓ କମାଗଡ଼ ପଞ୍ଚାୟତ ପାଇଁ ୫୦ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ପ୍ରକଳ୍ପ ଦ୍ୱାରା ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦୂର ହୋଇପାରିବ ବୋଲି ବଳବନ୍ତରାୟ କହିଥିଲେ। କାର୍ଯ୍ୟକ୍ରମରେ ୧୧ନଂ ଜୋନ ଜିଲାପରିଷଦ ସଭ୍ୟ ସୁରେଖ ନାଏକ, ଜଳଧର ସାହୁ, ଉତ୍କଳମଣି ଦାଶ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ସାହୁ, ୧୩ନଂ ଜୋନ୍ ଜିଲାପରିଷଦ ସଭ୍ୟ ନିରଞ୍ଜନ ରାଉତ, ସରପଞ୍ଚ ମନୋରଞ୍ଜନ ପ୍ରଧାନ, ବସନ୍ତ କୁମାର



ଅତିଥି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ଜେନା, ଲକ୍ଷ୍ମୀଧର ସାହୁ, ରାଜକିଶୋର ମହାନ୍ତି, ପ୍ରସନ୍ନ ରାଉତ, ନିର୍ମଳ ପ୍ରଧାନ, ପ୍ରାଣବନ୍ଧୁ ରାଉତ, ଲକ୍ଷ୍ମୀଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ସାତକୋଶିଆରେ ଛୁଆ ହାତୀ ମୃତ

**ବନ୍ତଳା, ୨୩।୧୧ (ଡି.ଏନ.ଏ.)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ଜିଲିଣ୍ଡା ରେଞ୍ଜ ତୁଡୁମୁ ରିଜର୍ଭ ଜଙ୍ଗଲ ବ୍ଲକ ୧ର କମ୍ପାର୍ଟମେଣ୍ଟ ୧ରେ ଏକ ଛୁଆ ହାତୀର ମୃତ୍ୟୁ ହୋଇଛି। ଏ ସମ୍ପର୍କରେ ଗୁରୁବାର ସନ୍ଧ୍ୟାରେ ବନ ବିଭାଗକୁ ଖବର ମିଳିଥିଲା। ଶୁକ୍ରବାର ସକାଳେ ଜିଲିଣ୍ଡା ରେଞ୍ଜର ହରିଶ ପ୍ରଧାନ, ଏସିଏଫ୍ ଆର୍.କେ. ସ୍ୱାଇଁ, ସାତକୋଶିଆ ପ୍ରାଣୀ ବିଭାଗ ଡାକ୍ତର ଡ. କିଶୋର କୁମାର ସାହୁ, ନରସିଂହପୁର କମଳାଡିହର ପ୍ରାଣୀ ବିଭାଗ ଡାକ୍ତର ଦୁର୍ଗାପ୍ରସାଦ ହୋତା, ଘନଶ୍ୟାମ ନାୟକ ଓ କର୍ମଚାରୀମାନେ ପହଞ୍ଚି ମୃତଦେହ ଜବତ କରିଥିଲେ। ବ୍ୟବଚ୍ଛେଦ ବେଳେ ଦୁଇଟି ଛୋଟ ଦାନ୍ତ ଉଦ୍ଧାର କରାଯାଇଛି। ମୃତ ହାତୀର ବୟସ ୪ରୁ ୫ ବର୍ଷ ମଧ୍ୟରେ ଓ ସଂକ୍ରମଣ ଯୋଗୁ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

## ଗୋଡିପାଟିଆ ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା

**ଜେନାପୁର, ୨୩।୧୧(ଡିଏନଏ)**

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଧୀନ ଗୋଡିପାଟିଆ ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା କମିଟି ଆନୁକୂଲ୍ୟରେ ଶୁକ୍ରବାର କାର୍ତ୍ତିକଙ୍କ ୯ମ ପୂଜା ଉତ୍ସବ ମହାସମାରୋହରେ ପାଳିତ ହେଉଛି। ଏହି ଉତ୍ସବ ୩ଦିନ ଧରି ଆୟୋଜିତ ହେଉଥିବା ବେଳେ ବିଭିନ୍ନ ଦିବସରେ ଯଜ୍ଞ ଆହୂତି, ପୂର୍ଣ୍ଣାହୂତି, ପ୍ରସାଦ ସେବନ ଆଦି ସମସ୍ତ କାର୍ଯ୍ୟକ୍ରମ ଯଥାବିଧି ପାରମ୍ପରିକ ରୀତିରେ ସମ୍ପାଦନା କରାଯାଉଛି। ଆଲୋକମାଳାରେ ସଜ୍ଜିତ କରାଯାଇ ପ୍ରତ୍ୟେକ ସନ୍ଧ୍ୟାରେ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ଆସନ୍ତା ୨୬ ତାରିଖରେ ଭସାଣି ଯାତ୍ରା କରାଯିବାର ବିଶେଷ କାର୍ଯ୍ୟକ୍ରମ ରହିଛି। ଏହି ଉତ୍ସବକୁ ଉପଭୋଗ କରିବା ପାଇଁ ପ୍ରତିଦିନ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ପୂଜା କମିଟିର ସମସ୍ତ ସଭ୍ୟ ପରିଚାଳନା କରିବାରେ ସହଯୋଗ କରୁଛନ୍ତି। ସେହିପରି ଶ୍ୟାମସୁନ୍ଦରପୁର, ଜେନାପୁର, ଉତ୍ତର ଅରିମୂଳ, କବାଟ ବନ୍ଧ ଆଦି ବିଭିନ୍ନ ସ୍ଥାନରେ କାର୍ତ୍ତିକେଶ୍ୱରଙ୍କ ପୂଜା ଉତ୍ସବ ମହାସମାରୋହରେ ପାଳିତ ହେଉଛି।



ଗୋଡ଼ପାଟିଆ ଗ୍ରାମର କାର୍ତ୍ତିକେଶ୍ୱର ପୂଜା ମଣ୍ଡପ।

## ଦିବ୍ୟାଙ୍ଗଙ୍କ ପାଇଁ ଅପହଞ୍ଚ ସରକାରୀ ଯୋଜନା

**ଚଣ୍ଡିଖୋଲ, ୨୩।୧୧(ଡି.ଏନ.ଏ.)**

କେନ୍ଦ୍ର ଓ ରାଜ୍ୟ ସରକାର ଦିବ୍ୟାଙ୍ଗଙ୍କ ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା ବେଳେ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ପ୍ରକୃତ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ଫଳରେ ଦିବ୍ୟାଙ୍ଗମାନେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିତଳ ପଞ୍ଚାୟତ ଅଧୀନ ବାଘୁଆ ଗ୍ରାମର ସୁକାନ୍ତ ମଳିକ(୨୭)ଙ୍କ କ୍ଷେତ୍ରରେ।

ପ୍ରକାଶ ଯେ, ୩ ବର୍ଷ ପୂର୍ବେ ଏକ ସଡ଼କ ଦୁର୍ଘଟଣାରେ ସୁକାନ୍ତଙ୍କର ମୁଣ୍ଡ ଓ ତଳିପେଟରେ ଆଘାତ ଲାଗିଥିଲା। ବିଭିନ୍ନ ସ୍ଥାନରୁ କରଜ କରି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବା ପରେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରି ନ ଥିଲେ। ଶରୀରର ପ୍ରାୟ ଶତକଡା ୮୦ ଭାଗ ଅଂଶ ଅଚଳ ହୋଇପଡ଼ିଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କଠାରୁ ମିଳିଥିବା ରିପୋର୍ଟରୁ ଜଣାପଡ଼ିଛି। କିନ୍ତୁ ଏଯାବତ୍ ସେ ଭିନ୍ନକ୍ଷମ ଭତ୍ତା କିମ୍ବା ଅନ୍ୟ କୌଣସି ସରକାରୀ ସହାୟତା ପାଇପାରିନାହାନ୍ତି। ଆବାସ ଯୋଜନା ତାଙ୍କ ପାଇଁ ଅପହଞ୍ଚ ହୋଇଛି। ବ୍ଲକ ପ୍ରଶାସନକୁ ଦୌଡି ଦୌଡି ନିରାଶ ହୋଇଛନ୍ତି। ଜନଶୁଣାଣି ଶିବିରରେ ୯ ଥର ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଓ ପ୍ରଶାସନର ଦାୟିତ୍ୱହୀନତା ଯୋଗୁ ଦିବ୍ୟାଙ୍ଗମାନେ ନାଯ୍ୟଦାବି ପାଇପାରୁନାହାନ୍ତି। ବିଜୁ

**ବଡ଼ଚଣା ବ୍ଲକ**

- ଅଚଳ ହୋଇପଡ଼ିଛି ଶରୀରର ୮୦ ଭାଗ ଅଂଶ
- ବାରମ୍ବାର ଅଭିଯୋଗ ସତ୍ତ୍ୱେ ନିଆଯାଇନାହିଁ ପଦକ୍ଷେପ

ସ୍ୱାସ୍ଥ୍ୟ ଯୋଜନାରୁ ମଧ୍ୟ ସେମାନେ ବଞ୍ଚିତ ହେଉଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଯଥାଶୀଘ୍ର ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବଡ଼ଚଣା ବିଡିଓ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରେ, ସୁକାନ୍ତ ଅଭିଯୋଗ କରିଥିବା ସେ ଜାଣିନାହାନ୍ତି। ଫାଇଲ ଦେଖିଲା ପରେ କହିବେ। ଯଦି ସେ



ସୁକାନ୍ତ ମଳିକ।

ଦରଖାସ୍ତ ଦେଇଥିବେ, ତେବେ ନିଶ୍ଚୟ ତାଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ।

## ସଂକ୍ଷେପରେ

### ବାଇକ ଓ ସ୍କୁଟି ଧକ୍କାରେ ଜଣେ ମୃତ

ଓଡ଼ଗାଁ, ୨୩।୧୧(ସ୍ୱ.ପ୍ର.):ଓଡଗାଁ ନିକଟସ୍ଥ କେନାଲ ଛକରେ ବାଇକ ସହିତ ସ୍କୁଟି ଧକ୍କା ହେବାରୁ ବାଇକ ଆରୋହୀ ପ୍ରାଣ ହରାଇଛନ୍ତି । ମୃତକ ହେଲେ ନିକଟସ୍ଥ ବାଣ୍ଡପୁର ପଞ୍ଚାୟତ ଧବଲେଇ ଗ୍ରାମର ସୁରେଶ ବେହେରା(୨୨) । ସୂଚନା ଅନୁସାରେ, ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟାରେ ସୁରେଶ କେନାଲ ଛକରେ ଥିବା ଏକ ଗ୍ୟାରେଜରୁ ବାହାରୁଥିବା ବେଳେ ହଠାତ୍ ନୟାଗଡରୁ ଆସୁଥିବା ଦଳେଇଭାଗ ଗ୍ରାମର ସ୍କୁଟି ଆରୋହୀ କାଳିଆ ବେହେରା(୨୨)ତାଙ୍କୁ ଖୁବ ଜୋରରେ ଧକ୍କା ଦେଇଥିଲେ । ଏଥିରେ ସୁରେଶ ଗୁରୁତର ହୋଇଥିଲେ। ସ୍ଥାନୀୟ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ତାଙ୍କୁ ଅଣାଯାଉଥିବାବେଳେ ଅବସ୍ଥା ଗୁରୁତର ହେବାରୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସରେ ମୃତକଙ୍କ ଦାଦା ରାଜକିଶୋର ବେହେରା ଅଭିଯୋଗ କରିଥିବା ବେଳେ ପୋଲିସ ଦୁର୍ଘଟଣା ଗ୍ରସ୍ତ ବାଇକ ନଂ.ଓଆର୨୫ସି ୦୭୫୭ ଓ ସ୍କୁଟି ନଂ.ଓଡି୨୫ଜି୮୫୭୦ ଜବତ କରିବା ସହିତ ସ୍କୁଟି ଆରୋହୀଙ୍କୁ ଅଟକ ରଖି ମାମଲାର ତଦନ୍ତ କରୁଛି ।

# କିଡ୍ନୀ ରୋଗ ଗ୍ରାମରେ ଖେଳାଇଛି ଆତଙ୍କ

ନୟାଗଡ଼ ଅଫିସ,୨୩।୧୧

**ନୟାଗଡ଼ ବ୍ଲକ ନରସିଂହପ୍ରସାଦ ଗ୍ରାମ**
- ୫ ବର୍ଷରେ ୮ରୁ ଊର୍ଦ୍ଧ୍ୱଙ୍କ ମୃତ୍ୟୁ
- ବର୍ତ୍ତମାନ ୮ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ
- ପାଣି ପରୀକ୍ଷାରେ ସୀମିତ ବିଭାଗ
- ଜଳ ପାଲଟିଛି ଜହର

ନୟାଗଡ଼ ବ୍ଲକ ଜେମାଦେଇପୁର ପାଟଣା ପଞ୍ଚାୟତ ନରସିଂହପ୍ରସାଦ ଗ୍ରାମର ରୀନା ବେହେରା। ଜଣେ ବିଧବା ଓ ଅସହାୟ ମହିଳା ସିଏ। ୨ ବର୍ଷ ତଳେ କିଡ୍ନୀ ରୋଗରେ ଆକ୍ରାନ୍ତ ହୋଇ ସ୍ୱାମୀ ଗଗନ ବେହେରା ଆରପାରିକୁ ଚାଲିଯାଇଥିଲେ। ଦୁଇପୁଅଙ୍କ ମୁହଁକୁ ଚାହିଁ ବଞ୍ଚିଛନ୍ତି ରୀନା। ଦୁଃଖକଷ୍ଟରେ ପରିବାର ଚଳାଉଛନ୍ତି ସେ। ସ୍ୱାମୀ କିଡ୍ନୀରେ ଆକ୍ରାନ୍ତ ହୋଇଥିବାବେଳେ ରୀନା ତାଙ୍କୁ ଚାରିଆଡ଼େ ଦେଖାଇ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ସ୍ୱାମୀଙ୍କ ଚିକିତ୍ସା ପାଇଁ ବିଭିନ୍ନ ଆଡ଼ୁ ଧାର ଆଣିଥିବା ୩ ଲକ୍ଷ ଟଙ୍କା ବର୍ତ୍ତମାନ କିପରି ସୁଝିବେ ସେ ନେଇ ଚିନ୍ତାରେ ଭାଙ୍ଗି ପଡିଛନ୍ତି। ବଡ଼ପୁଅ ଯୁକ୍ତ ୨ ଦ୍ୱିତୀୟ ବର୍ଷରେ ପଢୁଥିବା ବେଳେ ସାନପୁଅ ନବମ ଶ୍ରେଣୀରେ ପଢୁଛନ୍ତି। ପୁଅ ବଡ଼ ହୋଇ ତାଙ୍କୁ ସାହା ହେବେ ବୋଲି ରୀନା ଆଶା ରଖିଛନ୍ତି। କେବଳ ରୀନାଙ୍କ ସ୍ୱାମୀ ଗଗନ ନୁହନ୍ତି, ଗ୍ରାମରେ ୫ ବର୍ଷରେ କିଡ୍ନୀ ରୋଗରେ ଆକ୍ରାନ୍ତ ହୋଇ ୮ରୁ ଊର୍ଦ୍ଧ୍ୱଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେହିଭଳି ଗ୍ରାମର ଗଣେଶ୍ୱର ଲେଙ୍କା, ଗଗନ ବେହେରା, ଶୁକୁରି ବାରିକ, ସର୍ବେଶ୍ୱର ବାରିକ, ସୁନ୍ଦରୀ ବାରିକ, ଶ୍ୱେତ କୁମାର, ଚକ୍ରଧର ଲେଙ୍କା ଓ ବାଳକୃଷ୍ଣ ଜେନା ବର୍ତ୍ତମାନ କିଡ୍ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଜେମାଦେଇପୁର ପାଟଣା ପଞ୍ଚାୟତ ନରସିଂହପ୍ରସାଦ ଗ୍ରାମର ଲୋକେ ପିଉଥିବା ପାଣିରୁ କିଡ୍ନୀ ରୋଗ ବ୍ୟାପୁଥିବା ପ୍ରକାଶ କରିଛନ୍ତି। ଏ ନେଇ ଲୋକେ ଆତଙ୍କରେ ଅଛନ୍ତି । ସ୍ୱଚ୍ଛ ପାଣିର ବ୍ୟବସ୍ଥା ନ ଥିବାରୁ ଗ୍ରାମବାସୀ ବାଧ ହୋଇ ଫ୍ଲୋରାଇଡ୍‌ଯୁକ୍ତ ପାଣି ପିଇ ରୋଗକୁ ଆମନ୍ତ୍ରଣ କରୁଛନ୍ତି। ପାଣି ସମସ୍ୟା ନେଇ ଅଭିଯୋଗ ହେବା ପରେ ବିଭାଗ ତରଫରୁ କର୍ମଚାରୀମାନେ ଯାଇ ପାଣି ପରୀକ୍ଷା କରି ଆଣିଛନ୍ତି। ତାହା ପରେ ଅନ୍ୟ କିଛି କାର୍ଯ୍ୟ ହେଉନାହିଁ। ମାସେ ହେଲାଣି ଗ୍ରାମକୁ ପାଇପ୍ ଯୋଗେ ଜଳ ଯୋଗାଣ ହେଉଛି, ସେ ଜଳ ମଧ୍ୟ ସେହିପରି। ପାଣି ଉପରେ ଲୌହଗୁଣ୍ଡ ଆସ୍ତରଣ ପଡୁଥିବାରୁ ଏଥିରେ ମଧ୍ୟ ଫ୍ଲୋରାଇଡ୍ ଅଂଶ ରହୁଛି। ଗ୍ରାମରେ ୧୩୫ ପରିବାର ଥିବା ବେଳେ ଜନସଂଖ୍ୟା ୫୦୦। ଗ୍ରାମରେ କିପରି ସ୍ୱଚ୍ଛ ପାଣିର ବନ୍ଦୋବସ୍ତ ହୋଇ ରୋଗର ନିରାକରଣ କରାଯାଇପାରିବ ସେ ନେଇ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଗ୍ରାମକୁ ଆସି ଦେଖାକରି ଏହାର ସମାଧାନ କରିବେ ବୋଲି କହିଥିଲେ। ହେଲେ ଆଜିପର୍ଯ୍ୟନ୍ତ କୌଣସି ସମାଧାନ ହୋଇପାରି ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ରାଜୀବ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କୁହନ୍ତି, ଶନିବାର ଗ୍ରାମକୁ ଯାଇ ଏହାର କିପରି ସମାଧାନ କରାଯାଇପାରିବ ସେ ନେଇ ଚେଷ୍ଟା କରିବେ ବୋଲି ପ୍ରକାଶ କରିଥିଲେ।


କିଡ୍ନୀ ରୋଗରେ ଆକ୍ରାନ୍ତ ସୁନ୍ଦରୀ ଓ ଶୁକୁରି ବାରିକ।


ସାନପୁଅ ସହିତ ରୀନା ବେହେରା।

ଘର ବିକ୍ରି ଟଙ୍କାକୁ କେନ୍ଦ୍ର କରି ବଡ ଭାଇଙ୍କୁ ହତ୍ୟା

# ପୁତୁରା ସହିତ ଦୁଇଭାଇ ଜେଲ ଗଲେ

ରଣପୁର,୨୩।୧୧ (ସ୍ୱ.ପ୍ର.)

ନୟାଗଡ଼ ଜିଲା ଚାନ୍ଦପୁର ଥାନା ଜଙ୍କିଆ ପଞ୍ଚାୟତର ଶ୍ରୀକୃଷ୍ଣପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଘର ବିକ୍ରି ଟଙ୍କାକୁ କେନ୍ଦ୍ର କରି ଦୁଇଭାଇ ସହିତ ପୁତୁରାଙ୍କ ଆକ୍ରମଣରେ ବଡଭାଇ ବିଶ୍ୱମ୍ଭର ବରାଳଙ୍କ ମୃତ୍ୟୁ ଘଟିଛି। ଆକ୍ରମଣରେ ଅନ୍ୟ ଦୁଇଜଣ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ବିଶ୍ୱମ୍ଭରଙ୍କ ଭାଇ ରାଜକିଶୋରଙ୍କ ଅଭିଯୋଗ କ୍ରମେ ଚାନ୍ଦପୁର ଥାନାରେ ହତ୍ୟା ମାମଲା (କେସ ନଂ. ୧୫୯/୧୮) ରୁଜୁ କରାଯାଇ ଦୁଇଭାଇ ବ୍ରଜ ବରାଳ, ଦ୍ୱିଜ ବରାଳ ଓ ପୁତୁରା ଲିଙ୍ଗରାଜ ବରାଳଙ୍କୁ ପୋଲିସ ଗିରଫ କରି ଶୁକ୍ରବାର ରଣପୁର କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଛି। ଏହି ଘଟଣାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଥାନାରେ ହୋଇଥିବା ଅଭିଯୋଗରୁ ପ୍ରକାଶ ଯେ, ଶ୍ରୀକୃଷ୍ଣପୁର ଗ୍ରାମରେ ୪ ଭାଇ ବିଶ୍ୱମ୍ଭର ବରାଳ, ରାଜକିଶୋର ବରାଳ, ଦ୍ୱିଜ ବରାଳ ଓ ବ୍ରଜ ବରାଳ ରୁହନ୍ତି। ବଡଭାଇ ବିଶ୍ୱମ୍ଭରଙ୍କ ସ୍ତ୍ରୀ ପ୍ରମିଳା ବରାଳଙ୍କ ନାମରେ ମହାରାଷ୍ଟ୍ରର ନାଗପୁରଠାରେ ଏକ ଘର ଜମି ରହିଥିଲା। ସେଠାରେ ୪ଭାଇ ରହି ଏକ ହୋଟେଲ କରିଥିଲେ । ୪ବର୍ଷ ତଳେ ସେହି ଘର ଜମିକୁ ପ୍ରମିଳା ୩୫ଲକ୍ଷ ଟଙ୍କାରେ ବିକ୍ରି କରିଦେଇ ଗ୍ରାମକୁ ଆସି ରହୁଥିଲେ । ସେହି ଜମି ବିକ୍ରି ଟଙ୍କାକୁ ନେଇ ଦୁଇଭାଇ ସହିତ ବଡ ଭାଇଙ୍କର ପାଟିତୁଣ୍ଡ ହୋଇଆସୁଥିଲା। ଏ ନେଇ ବିଭିନ୍ନ ସମୟରେ ଉଭୟଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଗତ ବୁଧବାର ବଡଭାଇ ଘର ଦୁଆରେ ବସିଥିଲାବେଳେ ଦୁଇଭାଇ ଦ୍ୱିଜ, ବ୍ରଜଙ୍କ ସହ ପୁତୁରା ଲିଙ୍ଗରାଜ ଆସି ତାଙ୍କୁ ଘର ବିକ୍ରି ଟଙ୍କା ଭାଗ ମାଗିଥିଲେ। ଏହି ଭାଗ ଦେବାକୁ ବଡଭାଇ ରୋକଠୋକ୍ ମନା କରିଦେଇଥଲେ। ଏଥିରେ ଦୁଇ ଭାଇ ଓ ପୁତୁରା ଉତ୍ତେଜିତ ହୋଇ ତାଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ବିଶ୍ୱମ୍ଭରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଚାନ୍ଦପୁର ଥାନା ଅଧିକାରୀ ଚକ୍ରପତି କଅଁର ଗ୍ରାମରେ ପହଞ୍ଚି ଦୁଇଭାଇ ଓ ପୁତୁରାକୁ ଗିରଫ କରିଥିଲେ।

### ଡ୍ରାଇଭରଙ୍କ ଉନ୍ମତ୍ତକାଣ୍ଡ



ନୟାଗଡ଼ ଅଫିସ,୨୩।୧୧: ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହିପୁର ଗ୍ରାମରେ ଶୁକ୍ରବାର ଜଣେ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ଉନ୍ମତ୍ତ କାଣ୍ଡ ଦେଖିବାକୁ ମିଳିଥିଲା। ମଦ୍ୟପାନ କରି ଡ୍ରାଇଭର ଜଣଙ୍କ ଏକ ବାଇକ୍‌କୁ ପିଟି ଦେବା ଫଳରେ ବାଇକ୍‌ଟି ଚୂରମାର୍ ହୋଇଯାଇଛି। ଗ୍ରାମରେ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା ଚାଲିଥିବା ବେଳେ କୌଣସି ଏକ ସ୍ଥାନରୁ ରୋଗୀ ଛାଡ଼ିବାକୁ ଏକ ଘରୋଇ ଆମ୍ବୁଲାନ୍ସ (ଓଡି ୩୩ ପି ୪୯୦୯) ସ୍ଥାନୀୟ ଅଞ୍ଚଳକୁ ଆସିଥିଲା। ବେପରୁଆ ଚାଳନା ପାଇଁ ରାସ୍ତା କଡ଼ରେ ରହିଥିବା ଏକ ବାଇକ (ଓଆର ୦୨ ବିଡବ୍ଲ୍ୟୁ ୫୫୩୪)କୁ ଧକ୍କା ଦେଇଥିଲା। ଫଳରେ ଏହି ଦୁର୍ଘଟଣା ଘଟିଥିଲା। ଏହି ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମାତ୍ର ଭୟରେ ଡ୍ରାଇଭର ଜଣଙ୍କ ସୁଯୋଗ ଦେଖି ଖସି ପଳାଇ ଯାଇଥିଲେ।

# ଆଖୁ ରସରେ ସ୍ନାନ କଲେ ଲଡୁବାବା

ନୟାଗଡ଼ ଅଫିସ,୨୩।୧୧

ନୟାଗଡ଼ ଜିଲା ଶରଣକୁଳ ଲଡୁବାବାଙ୍କ ପୀଠରେ ପାଞ୍ଚଦିନ ଧରି ଚାଲୁ ରହିଥିବା ପଞ୍ଚୁକ ଯାତ୍ରା ଶୁକ୍ରବାର ଶେଷ ହୋଇଛି। ରାସ ପୂର୍ଣ୍ଣିମାରେ ଲଡୁବାବା କୈଳାସ ପର୍ବତ ଉତ୍ପାଟନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ସେହିଭଳି ନିଆରା ପରମ୍ପରାକୁ ଭିତ୍ତି କରି ପ୍ରଭୁଙ୍କୁ ଆଖୁରସରେ ସ୍ନାନ କରାଯାଇଥିଲା।

ପ୍ରକାଶ ଯେ, ଲଡୁବାବା ହେଉଛନ୍ତି ହରିହର ସମ୍ମିଳିତ ଛତ୍ରାକାରା ଫୁଟି ଲିଙ୍ଗ। ଯାହାଙ୍କର ଅର୍ଦ୍ଧାଙ୍ଗ ଶିବ ଓ ଅପର ଅର୍ଦ୍ଧାଙ୍ଗ ବିଷ୍ଣୁ। ଏଠାରେ କେଉଁ ଆଦିମ କାଳରୁ ବିଷ୍ଣୁ ଓ ଶିବଙ୍କର ସମସ୍ତ ଯାନିଯାତ୍ରା ଓ ନୀତିକାନ୍ତି ପାଳନ କରାଯାଉଛି। ଶୁକ୍ରବାର ସକାଳର ସମସ୍ତ ନୀତିକାନ୍ତି ସମାପ୍ତ ପରେ ଠାକୁରଙ୍କୁ ଖିର ଅଭିଷେକ କରାଯିବା ପରିବର୍ତ୍ତେ ଆଖୁରସରେ ଅଭିଷେକ କରାଯାଇଥିଲା । ପରେ ଫୁଲ ଚନ୍ଦନ ଓ ବେଲପତ୍ର ଚଢ଼ାଯାଇ ଠାକୁରଙ୍କୁ କୈଳାସ ପର୍ବତ ଉତ୍ପାଟନ ବେଶରେ ଭୂଷିତ କରାଯାଇଥିଲା । ମନ୍ଦିର ଚୂଳିରେ ପ୍ରଶାସନ ପକ୍ଷରୁ ବାନାବନ୍ଧନ କରାଯାଇଥିଲା। କିମ୍ବଦନ୍ତୀ ଅନୁଯାୟୀ ମହାପରାକ୍ରମୀ ରାବଣ ଦିଗବିଜୟୀ ଓ ଅମର ରହିବା ପାଇଁ ମହାପ୍ରଭୁ ଶିବଙ୍କୁ ଆରାଧନା କରିବା ସହିତ ତପସ୍ୟା କରିଥିଲେ। ତପବଳରେ ପ୍ରଭୁଙ୍କୁ ସନ୍ତୁଷ୍ଟ କରି ନ ପାରିବାରୁ କ୍ରୋଧବଶତଃ କୈଳାସ ପର୍ବତକୁ ଉତ୍ପାଟନ କରିବା ପାଇଁ ପରାକ୍ରମ ଦେଖାଇଥିଲେ। ମହାପ୍ରଭୁ ଶିବ ରାବଣର ଗର୍ବଗଞ୍ଜନ କରି ଏକ ନୂଆରୂପରେ ଆବିର୍ଭୂତ ହୋଇଥିଲେ। ଏହି କିମ୍ବଦନ୍ତୀଙ୍କୁ ବଜାୟ ରଖି ଲଡୁବାବାଙ୍କ ପୀଠରେ ପ୍ରତିବର୍ଷ ରାସପୂର୍ଣ୍ଣିମାରେ କୈଳାସ ପର୍ବତ ଉତ୍ପାଟନ ବେଶରେ ସଜ୍ଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ସନ୍ଧ୍ୟାରେ ଠାକୁରଙ୍କୁ ଦର୍ଶନ କରିବା ପାଇଁ ହଜାର ଭକ୍ତଙ୍କର ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ପ୍ରଶାସନ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।


ଲଡୁବାବାଙ୍କ କୈଳାସ ପର୍ବତ ଉତ୍ପାଟନ ବେଶ।

### ସତ୍ୟସାଇଙ୍କ ଜନ୍ମୋତ୍ସବ

ରଣପୁର,୨୩।୧୧(ସ୍ୱ.ପ୍ର.)

ସତ୍ୟସାଇ ବାବାଙ୍କର ୯୩ତମ ଜନ୍ମ ଜୟନ୍ତୀକୁ ବିଭିନ୍ନ ସ୍ଥାନରେ ପାଳନ କରାଯାଇଛି। ରଣପୁର ସତ୍ୟସାଇ ସମିତି ଦ୍ୱାରା ଶୁକ୍ରବାର ସକାଳେ ଓଁ କାର ସୁପ୍ରଭାତ କରାଯାଇ ପ୍ରଶାନ୍ତ ପତାକା ଉତ୍ତୋଳନ କରାଯାଇଥିଲା । ଏହାପରେ ଷୋଡ଼ଶ ଉପଚାର ସହିତ ସାଇବାବାଙ୍କ ଆରତି ଅନୁଷ୍ଠିତ ହୋଇଥିଲା । ୨୦୦ ଜଣ ଗରିବ ଓ ଅସହାୟ ବୟସ୍କ ଲୋକଙ୍କୁ ସମିତି ତରଫରୁ କମ୍ବଳ ବଣ୍ଟନ କରାଯାଇଥିଲା । ଏଠାରେ ସାଇ ଭଜନ ସହିତ ୯୩ ଦୀପ ଦାନ ଆଦି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ସାଇ ଆବାହକ ଗଙ୍ଗାଧର ବାରିକ ସାଇ ଭଗବାନଙ୍କ ଅବତାର ବିଷୟରେ ଭକ୍ତମାନଙ୍କୁ ପ୍ରବଚନ ଦେଇଥିଲେ । ଶେଷରେ ବାବାଙ୍କ ଜନ୍ମ ଉତ୍ସବ ଅବସରରେ କେକ୍ କଟା ଯାଇ ସମସ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

SAHARAYN UNIVERSAL MULTIPURPOSE SOCIETY LIMITED
(Formerly known as Saharayn E-Multipurpose Society Limited)
(Regd. No.-MSCS/CR/935/2014)
195, Zone -1, In front of D.B. Mall, M.P. Nagar, Bhopal, Madhya Pradesh- 462011

NOTICE

A SPECIAL GENERAL MEETING OF THE MEMBERS OF SAHARAYN UNIVERSAL MULTIPURPOSE SOCIETY LIMITED IS SCHEDULED TO BE HELD AT 11.00 A.M. ON, THE 10th DAY OF DECEMBER, 2018 AT 195, ZONE-1, IN FRONT OF D.B. MALL, M.P. NAGAR, BHOPAL, MADHYA PRADESH-462011.

BUSINESS ON AGENDA:
1. To consider and approve subsidiary rules for constituting a smaller representative General Body of Saharayn Universal Multipurpose Society Limited.
2. Any other item with the permission of the Chair.

Place: Bhopal
Date: 16.11.2018
By order of the Board
For Saharayn Universal Multipurpose Society Limited
-Sd-
Managing Director

Note: Please note that if there is no quorum within half an hour of the time fixed for the scheduled meeting, the meeting shall be adjourned and the adjourned meeting shall be held at 11:30 am on the same day i.e. 10th December, 2018 to transact the agenda items as aforesaid and that no quorum shall be necessary for transacting the business in the adjourned meeting so held.

# ଶ୍ରୀରଘୁନାଥଜୀଉଙ୍କ କାଞ୍ଚିଅଭିଯାନ ବେଶ

ଓଡ଼ଗାଁ, ୨୩।୧୧(ସ୍ୱ.ପ୍ର.)

ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ପୀଠରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ରଘୁନାଥଜୀଉଙ୍କ ପୀଠରେ ଭୋର ୨ଟାରୁ ସମସ୍ତ ଦୈନନ୍ଦିନ ନୀତି ସମ୍ପନ୍ନ କରାଯିବା ପରେ ଭୋର ୪ଟାରେ ଶ୍ରୀଜୀଉ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ । ପ୍ରଭୁ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣ ଧଳା ଏବଂ କଳା ଘୋଡାରେ ହାତରେ ଧନୁତୀର ଧରି କାଞ୍ଚି ଅଭିଯାନ ବେଶରେ ସଜ୍ଜିତ ହୋଇ ଭୋର ସମୟରୁ ଅପରାହ୍ନ ପ୍ରାୟ ଗୋଟାଏ ପର୍ଯ୍ୟନ୍ତ ଦର୍ଶନ ଦେଇଥିଲେ । ଶ୍ରୀଜୀଉଙ୍କ ସୁଲଭ ଦର୍ଶନ ପାଇବାକୁ ଭକ୍ତମାନଙ୍କ ମନରେ ପ୍ରବଳ ଆଗ୍ରହ ରହିଥିଲା । ଏଥିସହିତ ନିକଟସ୍ଥ ବାବା ଦୂତୀକେଶ୍ୱର ମହାଦେବଙ୍କ ମନ୍ଦିରରେ ମଧ୍ୟ ବାରେଡି ଯାତ୍ରା ଉପଲକ୍ଷେ ନାହିଁ ନଥିବା ସମାଗମ ଦେଖିବାକୁ ମିଳିଥିଲା । ଏଥିନିମନ୍ତେ ପୋଲିସକୁ ନାକେଦମ ହେବାକୁ ପଡିଥିଲା । ଭୋର ସମୟରୁହିଁ ଜିଲା ତଥା ଜିଲା ବାହାରୁ ଲୋକେ ସପରିବାର ବାବା ଦୁତିକେଶ୍ୱର ମହାଦେବଙ୍କ ଦର୍ଶନ ଲାଭ କରିଛନ୍ତି ।


କାଞ୍ଚି ଅଭିଯାନ ବେଶରେ ଶ୍ରୀଜୀଉ।

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ, ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

ବୋଇତ ବନ୍ଦାଣ ଉତ୍ସବ ଅବସରରେ ଜଗତ୍‌ସିଂହପୁରସ୍ଥିତ ଗୋପାଳ ସାଗରରେ ନୌକା ବିହାର ଉତ୍ସବ ଉଦ୍‌ଘାଟିତ


ଜଗତ୍‌ସିଂହପୁରସ୍ଥିତ ଗୋପାଳ ସାଗରରେ ବୋଇତ ବନ୍ଦାଣ ଉତ୍ସବରେ ନୌକା ବିହାର କରୁଛନ୍ତି ବିଜୁ ଯୁବ ଜନତା ଦଳ ଜିଲ୍ଲା ସଭାପତି ଅମରେନ୍ଦ୍ର ଦାସ ଓ ଅନ୍ୟମାନେ


ଗୋପାଳ ସାଗରରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ଦାସ, ମା' ବନଦୁର୍ଗା ପୂଜା କମିଟି ସେକ୍ରେଟାରି ରାଜେନ୍ଦ୍ର କୁମାର ଲେଙ୍କା ପ୍ରମୁଖ ନୌକା ବିହାର କରୁଛନ୍ତି।

# ମହିଳାଙ୍କ ମୃତ୍ୟୁ ସନ୍ଦେହ ଘେରରେ

ଦଶପଲ୍ଲା, ୨୩।୧୧(ଡି.ଏନ.ଏ.)

ଦଶପଲ୍ଲା ଏନଏସି ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପାଟଣା ଗ୍ରାମରେ କବିତା ସାହୁ(୨୪) ନାମ୍ନୀ ମହିଳାଙ୍କ ମୃତ୍ୟୁ ଘଟିଛି । ଶାଶୁଘବାପଘର ଲୋକ ଅଧିକ ଯୌତୁକ ପାଇଁ ତାଙ୍କ ଝିଅକୁ ମାରିଦେଇଥିବା ଦଶପଲ୍ଲା ଥାନାରେ ଅଭିଯୋଗ କରିଛନ୍ତି। କୃଷ୍ଣଚନ୍ଦ୍ରପୁର ଗ୍ରାମର ସନ୍ତୋଷ ସାହୁଙ୍କ ସ୍ତ୍ରୀ କବିତାଙ୍କର ଶୁକ୍ରବାର ଭୋର ସମୟରେ ମୃତ୍ୟୁ ଘଟିଛି। ପାରିବାରିକ କଳହକୁ କେନ୍ଦ୍ର କରି କବିତା ଦଉଡିଦେଇ ଆତ୍ମହତ୍ୟା କରିଥିଲେ ବୋଲି କୁହାଯାଉଛି । ଦଶପଲ୍ଲା ପୋଲିସ ଖବରପାଇ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଦଶପଲ୍ଲା ଡାକ୍ତରଖାନାକୁ ପଠାଇଦେଇଥିଲା । ଝିଅର ମୃତ୍ୟୁ ଖବରପାଇ ପିତା ଭଗବାନ ସାହୁ ଘଟଣା ସ୍ଥଳରେ ପହଞ୍ଚିଥିଲେ । ଲକ୍ଷେଟଙ୍କା ଅଧିକ ଯୌତୁକ ଆଣିବାପାଇଁ ଶାଶୁଘର ତରଫରୁ ବାରମ୍ବାର ଦାବି କରି ଝିଅକୁ ନିର୍ଯାତନା ଦିଆଯିବା ସହ ଟଙ୍କା ନଆଣିବାରୁ ତାଙ୍କୁ ମାଡ ମାରି ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଦଶପଲ୍ଲା ପୋଲିସ ମୃତ ମହିଳାଙ୍କ ସ୍ୱାମୀଙ୍କୁ ଅଟକ ରଖିବାସହ ଏ ସମ୍ପର୍କରେ ଦଶପଲ୍ଲା ଥାନାରେ ନଂ.୧୬୪/୧୮ରେ ଏକ ମକଦମା ରୁଜୁକରି ଅଧିକ ତଦନ୍ତ ଜାରି ରଖିଛି ।

ବୋଇତ ବନ୍ଦାଣ ଉତ୍ସବ

# ଅଭିନେତ୍ରୀ ଭୂମିକା, କଣ୍ଠଶିଳ୍ପୀ ଅସୀମା ସାଜିଲେ ଆକର୍ଷଣ


ଅତିଥିମାନେ ବୋଇତରେ ସାଗର ପୁଷ୍କରିଣୀ ପରିଭ୍ରମଣ କରୁଛନ୍ତି।

ନୟାଗଡ଼ ଅଫିସ,୨୩।୧୧

ନୟାଗଡ଼ ପୁରୁଣା ସହର ସାଗର ପୁଷ୍କରିଣୀଠାରେ ୧୯ ତାରିଖରୁ ଚାଲୁଥିବା ନୟାଗଡ଼ ବୋଇତ ବନ୍ଦାଣ ଉତ୍ସବ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣମୀରେ ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ଧରି ଚାଲିଥିବା ଏହି ଉତ୍ସବର ଶୁକ୍ରବାର ପୂର୍ବାହ୍ନରେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଭୂମିକା ଦାସ ଯୋଗଦେଇଥିବା ବେଳେ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ସମ୍ପୃକ୍ତ ଦୁଇଜଣ ଆକର୍ଷଣ ସାଜିଥିବାରୁ ଉଭୟ ପୂର୍ବାହ୍ନ ଓ ସନ୍ଧ୍ୟାରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ବୋଇତ ବନ୍ଦାଣ ଉତ୍ସବ କମିଟି ଆନୁକୂଲ୍ୟରେ ଚଳିତ ବର୍ଷ ୧୪ତମ ବୋଇତ ବନ୍ଦାଣ ଉତ୍ସବ ଜାକଜମକରେ ପାଳନ କରାଯାଇଛି। ଉତ୍ସବକୁ ଲୋକାଭିମୁଖୀ କରିବା ଲାଗି ୪ ଦିନ ଧରି ପ୍ରତି ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ତ୍ତିକ ପୂର୍ଣ୍ଣମୀ ସକାଳେ ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇ ଉତ୍କଳର ପରମ୍ପରାକୁ ମନେ ରଖିବା ପାଇଁ ଏହିଭଳି ପ୍ରୟାସ କରାଯାଉଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଡା. ଏନ୍. ତିରୁମାଲା ନାୟକ, ରଣପୁର ବିଧାୟକ ରବି ନାରାୟଣ ମହାପାତ୍ର, ରଣପୁରର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପରେ ଅଭିନେତ୍ରୀ ଭୂମିକାଙ୍କ ସହିତ ଅତିଥିମାନେ ସୁସଜ୍ଜିତ ବୋଇତରେ ସାଗର ପୁଷ୍କରିଣୀ ପରିକ୍ରମା କରିଥିଲେ। ସନ୍ଧ୍ୟାରେ ମେଲୋଡ଼ି ସାଇସଙ୍ଗମ ତରଫରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ କଣ୍ଠଶିଳ୍ପୀ ଅସୀମା ପଣ୍ଡା ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କ କଣ୍ଠର ଯାଦୁ ଶୀତୁଆ ସନ୍ଧ୍ୟାକୁ ମତୁଆଲା କରିଥିଲା। କାର୍ତ୍ତିକ ପୂର୍ଣ୍ଣମା ଅବସରରେ ନୟାଗଡ଼ ସହରରେ ଲୋକମାନେ ସାଗର ପୁଷ୍କରିଣୀରେ ବୋଇତ ଭସାଇବା ସହିତ ଦକ୍ଷିଣକାଳୀ ମନ୍ଦିରରେ ଦୀପ ଜାଳି ମା'ଙ୍କ ଆଶୀର୍ବାଦ ଭିକ୍ଷା କରୁଥିବା ଦେଖିବାକୁ ମିଳିଥିଲା।

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସର ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

ନବଗ୍ରହ ଜୟନ୍ତୀ ଓ ଯଜ୍ଞ ଉତ୍ସବରେ ଗଗନ ଗୁରୁଜୀଙ୍କ ପ୍ରବଚନ
ସ୍ଥାନ : ଦତ୍ତାତ୍ରେୟ ଶାନ୍ତି ତପୋବନ ମଧୁପୁର, (ଜୟପୁରପୋଲ ନିକଟ) ଛତିଆ
ତାରିଖ : ୨୬ ନଭେମ୍ବର ୨୦୧୮ (ସୋମବାର)
ଓ ୨୭ ନଭେମ୍ବର ୨୦୧୮ (ମଙ୍ଗଳବାର)
ଗଗନ ଗୁରୁଜୀଙ୍କ ପ୍ରବଚନ ପ୍ରତ୍ୟହ ଦିବା ୧ଘ.
ଆୟୋଜକ : ଦତ୍ତାତ୍ରେୟ ସାଧନ ମଣ୍ଡଳ, ମଧୁପୁର ଶାଖା, ଛତିଆ
ମୋ : ୯୪୩୮୬୬୦୫୧୬, ୯୪୩୭୯୨୮୫୬୫
ବି.ଦ୍ର : ସାଙ୍ଗରେ କାଗଜ ଓ କଲମ ଆଣିବାକୁ ଅନୁରୋଧ।


ଗଗନ ଗୁରୁଜୀ

ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା, ଜଗତ୍‌ସିଂହପୁର
ପ୍ରଗତି ପଥେ ଜଗତ୍‌ସିଂହପୁର ଜିଲ୍ଲାର ମତ୍ସ୍ୟଚାଷ
- ମତ୍ସ୍ୟ ପୋଖରୀ ଯୋଜନା ମାଧ୍ୟମରେ ଦୁଇ ବର୍ଷ ମଧ୍ୟରେ ୨୩୫ ଏକର ନୂତନ ପୋଖରୀ ଖୋଳା ଏବଂ ସେଥିରେ ମାଛଚାଷ।
- ୨୦ ଏକର ପରିମିତ ଜଳାଶୟରେ ବର୍ଷିକିଆ ବଡ଼ମାଛ ଯାଆଁଳ ଉତ୍ପାଦନ ପାଇଁ ସରକାରୀ ପ୍ରୋତ୍ସାହନ।
- ୧୧୮ ଏକର ଗ୍ରାମ ପଞ୍ଚାୟତ ପୋଖରୀରେ ଦୀର୍ଘ ମିଆଦି ଲିଜ୍ ସୂତ୍ରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସରକାରୀ ପ୍ରୋତ୍ସାହନରେ ମାଛଚାଷ।
- ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ମାଧ୍ୟମରେ ଦୁଇବର୍ଷ ମଧ୍ୟରେ ୨୦୦ ଏକର ଲବଣାକ୍ତ ଅଞ୍ଚଳରେ ଚିଙ୍ଗୁଡି ଚାଷ।
- ୨୦୧୮-୧୯ ବର୍ଷରେ ଜିଲ୍ଲାରେ ୧୪୧୦୦ ମେଟ୍ରିକ୍ ଟନ୍ ମାଛ ଏବଂ ୧୧୯୫୦ ମେଟ୍ରିକ୍ ଟନ୍ ଚିଙ୍ଗୁଡି ଉତ୍ପାଦନର ଲକ୍ଷ୍ୟ।

ସ୍ୱା./- ଜିଲ୍ଲା ମତ୍ସ୍ୟ ଅଧିକାରୀ
ଜଗତ୍‌ସିଂହପୁର

ସ୍ୱା./- ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା
ଜଗତ୍‌ସିଂହପୁର

ରାଷ୍ଟ୍ରୀୟ ନାଟକ ବିଦ୍ୟାଳୟ
ନୂଆଦିଲ୍ଲୀ
କେନ୍ଦୁଝର ଜିଲ୍ଲା ପ୍ରଶାସନ
ସହବନ୍ଧନରେ
ଆୟୋଜନ କରୁଛି



Adirang MAHOTSAV
ଆଦିରଙ୍ଗ ମହୋତ୍ସବ
ରାଷ୍ଟ୍ରୀୟ ଜନଜାତୀୟ ମହୋତ୍ସବ
୨୩-୨୫ ନଭେମ୍ବର, ୨୦୧୮
କାଳୀପଡ଼ିଆ ଗ୍ରାଉଣ୍ଡ, କେନ୍ଦୁଝରଗଡ଼, ଓଡ଼ିଶା
ଆଲୋଚନାଚକ୍ର
"ଆଦିବାସୀ କଳା ଓ ସଂସ୍କୃତି"
(Tribal Art and Culture)

୨୪ ନଭେମ୍ବର ୨୦୧୮, ପୂର୍ବାହ୍ନ ୧୧ ଘଟିକା ପରଠାରୁ
୧. ଡା. ଅର୍ଜୁନ ଦେଓ ଚରଣ, କାର୍ଯ୍ୟକାରୀ ଅଧ୍ୟକ୍ଷ, ଏନ୍‌ଏସ୍‌ଡି ସୋସାଇଟି ଇନ୍ ଚେୟାର୍
୨. ଶ୍ରୀ ଅନୁପ ରଞ୍ଜନ ପାଣ୍ଡେ (ମଧ୍ୟପ୍ରଦେଶ)
୩. ଶ୍ରୀ ବସନ୍ତ ନିର୍ଗୁଣେ (ମଧ୍ୟପ୍ରଦେଶ)
୪. ଶ୍ରୀ ଅମିୟ ପ୍ରସାଦ ମହାନ୍ତ (ଓଡ଼ିଶା)

୨୫ ନଭେମ୍ବର ୨୦୧୮, ପୂର୍ବାହ୍ନ ୧୧ ଘଟିକା ପରଠାରୁ
୧. ଡା. ଅର୍ଜୁନ ଦେଓ ଚରଣ, କାର୍ଯ୍ୟକାରୀ ଅଧ୍ୟକ୍ଷ, ଏନ୍‌ଏସ୍‌ଡି ସୋସାଇଟି ଇନ୍ ଚେୟାର୍
୨. ପ୍ରଫେସର ଜଗନ୍ନାଥ ଦାସ (ଓଡ଼ିଶା)
୩. ଡା. ଶ୍ରାବନ୍ତୀ ଚୌଧୁରୀ (ପଶ୍ଚିମବଙ୍ଗ)
୪. ଶ୍ରୀ ଗୌରହରି ଦାସ (ଓଡ଼ିଶା)

ଆର୍.ଏସ୍.ଭି.ପି.
ପ୍ରଦୀପ କୁମାର ମହାନ୍ତି
ରେଜିଷ୍ଟ୍ରାର
ରାଷ୍ଟ୍ରୀୟ ନାଟକ ବିଦ୍ୟାଳୟ, ନୂଆଦିଲ୍ଲୀ
୦୧୧ ୨୩୩୮୫୯୫୪

ଆପଣଙ୍କୁ ସାଦର ନିମନ୍ତ୍ରଣ

■ ସୁଲୁମାହା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ

# ରୋଜଗାର ଦେଇଛି ଔଷଧୀୟ ଫଳ

**ଅରୁଣ କୁମାର ସାହୁ**
**ଦାରିଙ୍ଗବାଡ଼ି,୨୩।୧୧(ଡି.ଏନ୍.ଏ.)**

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଶ୍ରୀନିକେତା ପଞ୍ଚାୟତ ସୁଲୁମାହା ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଫଳତାର ପାହାଚ ଚଢ଼ିବାକୁ ଅହରହ ପ୍ରୟାସ ଚଳାଇଛି। ଗୋଷ୍ଠୀ ସଦସ୍ୟମାନେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି, ତାହାକୁ ବିକ୍ରି ଯୋଗ୍ୟ କରାଇ ରୋଜଗାର ପାଉଛନ୍ତି। ଓଡ଼ିଶା ଜୀବୀକା ମିଶନର ସହଯୋଗ ଏବଂ ନିଜ ପରିଶ୍ରମ ବଳରେ ସ୍ୱାବଲମ୍ବୀ ହୋଇଛନ୍ତି ଏହି ମହିଳାମାନେ । ଗୋଷ୍ଠୀ ସଦସ୍ୟାମାନେ ପ୍ରାୟ ବର୍ଷେ ହେବ ନିଜେ ଜଙ୍ଗଲରୁ ଅଁଳା,ବାହାଡ଼ା, ହରିଡ଼ା ଭଳି ଔଷଧୀୟ ଫଳ ସଂଗ୍ରହ କରିବା ସହ ଅନ୍ୟମାନଙ୍କ ଠାରୁ ମଧ କିଣୁଛନ୍ତି। ସେଗୁଡିକୁ ସିଝାଇ ପରେ ଶୁଖାଯାଉଛି। ସୁଲୁମାହା ଗ୍ରୁପର ପ୍ରାୟ ୧୫ ଜଣ ଦେଢ଼ ଲକ୍ଷଟଙ୍କା ପର୍ଯ୍ୟନ୍ତ ଏଥିରେ ବିନିଯୋଗ କରିଛନ୍ତି। ଏବେ ସୁଦ୍ଧା ପ୍ରାୟ ୧୦ କୁଇଣ୍ଟାଲ ଅଁଳା ବିକ୍ରି ପାଇଁ ପ୍ରସ୍ତୁତ ହେଲାଣି। ଏହାକୁ ଦୁଇଗୁଣା କରିବାକୁ ଲକ୍ଷ୍ୟ ଥିବା ମହିଳା ସଂଘର ସମ୍ପାଦକ ପ୍ରଭାସିନୀ ପ୍ରଧାନ କହିଛନ୍ତି। ସେହିପରି ପ୍ରାୟ ୫ଶହ କେଜି ପର୍ଯ୍ୟନ୍ତ ହରିଡା ଶୁଖା ସରିଥିବା ଜଣାପଡ଼ିଛି । ସୁଲୁମାହା, ତେରାବାଡି, ଦବୁଲୁମାହା ଗ୍ରାମର ମୋଟ ୩୩ ଗ୍ରୁପର ୩ ଶହରୁ ଉର୍ଦ୍ଧ୍ୱ ମହିଳା ଅଁଳା, ହରିଡ଼ା, ବାହାଡ଼ା ସଂଗ୍ରହ ସହ ପ୍ରୋସେସିଂ କରିବାକୁ ତାଲିମ ପାଇଛନ୍ତି। ଏହାକୁ ବିଭିନ୍ନ ନାମୀଦାମୀ ଆୟୁର୍ବେଦ ଔଷଧ କମ୍ପାନୀକୁ ବିକ୍ରି ପାଇଁ ମହିଳା ମାନେ ଲକ୍ଷ୍ୟ ରଖିଛନ୍ତି ବୋଲି ଗ୍ରେସ୍ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ସୁନିତା ପ୍ରଧାନ, ସମ୍ପାଦିକା ମିତାରାଣୀ ପ୍ରଧାନ ପ୍ରମୁଖ କହିଛନ୍ତି। ତେବେ ସରକାର ଏଥିପାଇଁ ଆହୁରି ସହଯୋଗ କରିବା ସହ ପ୍ରୋସେସିଂ ପାଇଁ ମେଶିନ ଆଦି ଯୋଗାଇ ଦେଲେ ସମୟ ବଞ୍ଚିପାରନ୍ତା ବୋଲି ସେ କହିଛନ୍ତି। ଏବେ କଞ୍ଚା ଅଁଳା ଲୋକଙ୍କ ଠାରୁ କିଲୋ ପିଛା ୧୫ଟଙ୍କା ପର୍ଯ୍ୟନ୍ତ କିଣାଯାଉଥିବା ମହିଳା ମାନେ କହିଛନ୍ତି। ସୁଲୁମାହା ପରି ବ୍ଲକର ଭ୍ରମରବାଡ଼ି, ପ୍ଲିହେରୀ, ଗ୍ରୀନବାଡ଼ି, ତିଲୋରୀ ପଞ୍ଚାୟତ ଅଞ୍ଚଳରେ ମଧ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଏହି କାର୍ଯ୍ୟପାଇଁ ତାଲିମ ନେଇ ଔଷଧୀୟ ଫଳ ବିକ୍ରି ପାଇଁ ପ୍ରସ୍ତୁତ କରୁଥିବା ଜଣାପଡ଼ିଛି। ଏହା କିଣିବା ପାଇଁ ଜିଲା ତଥା ଜିଲା ବାହାରୁ ବହୁତ ବ୍ୟବସାୟୀଙ୍କ ଭିଡ଼ ଜମୁଛି। ଅନ୍ୟପଟେ ମହିଳାମାନଙ୍କ ଠାରୁ ଦଲାଲ୍‌ମାନେ ମଧ କମ୍ ଦରରେ କିଣୁଥିବା ଜଣାପଡ଼ିଛି । ଏଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଆର୍ଥିକ ସହଯୋଗ କଲେ ମହିଳାମାନଙ୍କ ବିକାଶ ହୋଇପାରିବ ।



ସୁଲୁମାହା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନେ ଅଁଳାକୁ ପ୍ରୋସେସିଂ କରୁଛନ୍ତି।

## ସବ୍‌ଜଜ୍ କୋର୍ଟ ପ୍ରତିଷ୍ଠା ଦାବି ନେଇ ବନ୍ଦ ନିଷ୍ପତ୍ତି

**ପୁରୁଷୋତ୍ତମପୁର, ୨୩।୧୧ (ଡି.ଏନ.ଏ.)** ପୁରୁଷୋତ୍ତମପୁର ଓକିଲ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟରେ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସବ୍‌ଜଜ୍ କୋର୍ଟ ପ୍ରତିଷ୍ଠା ଦାବିରେ ଓକିଲମାନେ ଦୀର୍ଘଦିନ ହେଲା ଆନ୍ଦୋଳନରେ ବସିଥିଲେ ମଧ ଏଥିପ୍ରତି ରାଜ୍ୟ ସରକାର ଗୁରୁତ୍ୱ ଦେଉ ନାହାନ୍ତି। ଏହାର ପ୍ରତିବାଦରେ ଆସନ୍ତା ସୋମବାର ୧୨ଘଣ୍ଟିଆ ପୁରୁଷୋତ୍ତମପୁର ବନ୍ଦ ଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏ ନେଇ ଗଞ୍ଜାମ ଜିଲାପାଳ, ଏସ୍‌ପିଙ୍କ ସମେତ ସମସ୍ତ ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ବିଭିନ୍ନ ସଂଘଗୁଡ଼ିକୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିବା ବେଳେ ଡାକବାଜି ଯନ୍ତ୍ର ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଯାଇଛି। ସୋମବାର ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପୁରୁଷୋତ୍ତମପୁର ବନ୍ଦ କରାଯିବ। ସଭାପତି ଜଗନ ମୋହନ ପଟ୍ଟନାୟକ, ସମ୍ପାଦକ ସୀମାଞ୍ଚଳ ମିଶ୍ର, ଉପେନ୍ଦ୍ର ପଣ୍ଡା, କେଦାରନାଥ ପଟ୍ଟନାୟକ, ସ୍ୱରାଜ୍ୟ ପାଣିଗ୍ରାହୀ, ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ପ୍ରଦୋଶ କୁମାର ବାହିନୀପତି, ଗୌରୀଶଙ୍କର ରାଉଳ, ରମାରଞ୍ଜନ ଦାଶ, ପ୍ରଭାତ କୁମାର ପଟ୍ଟନାୟକ, କୃଷ୍ଣଚନ୍ଦ୍ର ଗୌଡ଼, ଶିଶିର କୁମାର ଶତପଥୀ, ବାସୁଦେବ ଜେନା, ରବୀନ୍ଦ୍ର ସାହୁ, ରବୀନ୍ଦ୍ର ବେହେରା, ନୀରଞ୍ଜନ ବେହେରାଙ୍କ ସମେତ ବହୁ ଓକିଲ ଉପସ୍ଥିତ ଥିଲେ।

## କଲେଜ ଛାତ୍ରଙ୍କ ଆତ୍ମହତ୍ୟା

**ଭଞ୍ଜନଗର, ୨୩।୧୧ (ଡି.ଏନ.ଏ.):** ଭଞ୍ଜନଗର ଗାଲେରୀ କଲେଜର ଛାତ୍ର ସାଗର ଗୌଡ଼ (୧୯) ଶୁକ୍ରବାର କୌଣସି କାରଣରୁ ଅଜା ଘର ଲଣ୍ଡେଇସାହିରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଭଞ୍ଜନଗର ପୋଲିସ ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସପିଟାଲକୁ ପଠାଇଛି। ସାଗର ଲଣ୍ଡେଇସାହି ୟୁନିଟ୍ ୪ ରେ ଅଜା ଘରେ ରହି ପାଠ ପଢୁଥିଲେ। ଶୁକ୍ରବାର ଅପରାହ୍ଣରେ ଆତ୍ମହତ୍ୟା କରିଥିବା ଦେଖି ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ।

## ଗୋଷ୍ଠୀ ସଂଘର୍ଷ, ଜଙ୍ଗମା ଅଶାନ୍ତ

**ଦିଗପହଣ୍ଡି,୨୩।୧୧(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ କରପଡ଼ା ପଞ୍ଚାୟତ ଜଂଘମା ଗ୍ରାମରେ ଶୁକ୍ରବାର ଅପରାହ୍ଣରେ ୨ ରାଜନୈତିକ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଗୋଟିଏ ଗୋଷ୍ଠୀର ସମର୍ଥକଙ୍କ ଭୁଜାଲି ମାଡ଼ରେ ବିପକ୍ଷ ଗୋଷ୍ଠୀର ହରି ବେହେରା ଆହତ ହୋଇଛନ୍ତି। ପରେ ହରି ସମର୍ଥକଙ୍କ ପାଲଟା ଆକ୍ରମଣରେ ବିପକ୍ଷ ଗୋଷ୍ଠୀର ରାମକୃଷ୍ଣ ବେହେରା ଓ ତାଙ୍କ ଭାଇ ପଞ୍ଚାନନ ବେହେରା ଆହତ ହୋଇଛନ୍ତି। ଆହତମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଉଭୟ ପକ୍ଷ ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେଇଛନ୍ତି। ଗ୍ରାମରେ ଉଭୟ ଗୋଷ୍ଠୀ ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଥିଲେ ମଧ ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ଚିକିଟି ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ଜେନା କହିଛନ୍ତି।

ଗ୍ରାମରେ କାର୍ତ୍ତିକ ପୂର୍ଣ୍ଣିମାରେ ଅଷ୍ଟପ୍ରହର ଅଖଣ୍ଡ ନାମ ସଂକୀର୍ତ୍ତନ ଭୋଜିରେ ରାଜନୈତିକ ଶତ୍ରୁତାରୁ ଉଭୟ ଗୋଷ୍ଠୀ ମଧ୍ୟରେ କଥା କଟାକଟି ଧସ୍ତାଧସ୍ତି ହୋଇଥିଲା। ବିଶେଶ୍ୱରପୀଠରେ ହରି ଗୋଷ୍ଠୀଙ୍କ ସମର୍ଥକମାନେ ଭୋଜି ଖାଉଥିବା ବେଳେ ବିପକ୍ଷ ଗୋଷ୍ଠୀର ସମର୍ଥକମାନେ ପହଞ୍ଚି ଫିଙ୍ଗା ଫୋପଡ଼ା କରିଥିଲେ। ପରେ ଗ୍ରାମର ହରି ଓ ଅନ୍ୟମାନେ ଘରକୁ ଫେରୁଥିବା ବେଳେ ବୃନ୍ଦାବତୀ ମଣ୍ଡପ ସମ୍ମୁଖରେ ବିପକ୍ଷ ଗୋଷ୍ଠୀର ରାମକୃଷ୍ଣ ଓ ପଞ୍ଚାନନ ସେମାନଙ୍କୁ ଆକ୍ରମଣ କରିଥିଲେ। ଖବର ପ୍ରଚାରିତ ହେବା ପରେ ହରି ଗୋଷ୍ଠୀଙ୍କ ସମର୍ଥକମାନେ ପହଞ୍ଚି ସେମାନଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଦିଗପହଣ୍ଡି ଥାନା ପକ୍ଷରୁ ଗ୍ରାମରେ ପୋଲିସ ମୁତୟନ କରାଯାଇଛି।

## ବଟେଶ୍ୱର ବାଲିଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଗଞ୍ଜାମ,୨୩।୧୧(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ କଣ୍ଟିଆଗଡ଼ ଗ୍ରାମ ନିକଟସ୍ଥ ବଟେଶ୍ୱର ଶୈବପୀଠରେ ଶୁକ୍ରବାର ବାଲିଯାତ୍ରା ଆରମ୍ଭ ହୋଇଯାଇଛି। ଯାତ୍ରା ପ୍ରଥମ ଦିନ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭକ୍ତମାନେ ଶାନ୍ତି ଶୃଙ୍ଖଳାର ସହ ଠାକୁରଙ୍କ ଧାଡ଼ି ଦର୍ଶନ କରୁଥିବା ଦେଖିବାକୁ ମିଳିଛି। ବଙ୍ଗୋପସାଗର ଉପକୂଳ ସମୁଦ୍ର ବେଳାଭୂମି ସାଙ୍ଗକୁ ଝାଉଁବଣର ମନୋରମ ଦୃଶ୍ୟ ବେଶ୍ ଉପଭୋଗ କରୁଛନ୍ତି ଶ୍ରଦ୍ଧାଳୁ। ୨ ଦିନ ଧରି ହେବାକୁ ଥିବା ଏହି ବାଲିଯାତ୍ରା ପାଇଁ ବହୁ ବ୍ୟବସାୟୀ ନିଜ ପସରା ଖୋଲିଛନ୍ତି। କଣ୍ଟିଆଗଡ଼, ନୀଳାଦ୍ରିପୁର, ଖଟୁଆକୁଦା, ମୟୂରପଦା, ଗୋଖରକୁଦା ଏବଂ ପୋଡ଼ମପେଟା ଗ୍ରାମବାସୀ ଏହି ଯାତ୍ରା ପରିଚାଳନା କରୁଛନ୍ତି। ଏଥିପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି। ୫୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିବା ଯାତ୍ରା ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ଶୁକ୍ରବାର ଗଞ୍ଜାମ ତହସିଲଦାର ଅବନି କୁମାର ସାହୁ ଯାତ୍ରା ପଡ଼ିଆ ଅନୁଧ୍ୟାନ କରିଥିବା ବେଳେ ଛତ୍ରପୁର ଏସଡିପିଓ ରମେଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ରମ୍ଭା ଥାନାର କୃଷ୍ଣଚନ୍ଦ୍ର ସେଠୀ, ହୁମ୍ମା ଫାଣ୍ଡି ଅଧିକାରୀ ନରହରି ବିଶୋଇଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।

## ଶାଶୁଘର ଫେରିଲେ ଶର୍ଟଷ୍ଟେ ହୋମ୍‌ରେ ଥିବା ମହିଳା

**ପୁରୁଷୋତ୍ତମପୁର,୨୩।୧୧ (ଡି.ଏନ.ଏ.)**

ପୁରୁଷୋତ୍ତମପୁର ଥାନା ପକ୍ଷରୁ ଆମ ପୋଲିସ ସମିତି ବୈଠକ ଶୁକ୍ରବାର ଥାନା ପରିସର ଜଗନ୍ନାଥ ମନ୍ଦିରରେ ଆଇଆଇସି ଅଜୟ କୁମାର ବାରିକଙ୍କ ପୌରୋହିତ୍ୟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ ବର୍ଷ ଧରି ପାଣ୍ଡିଆ ଗ୍ରାମରେ ଜଣେ ମହିଳାଙ୍କୁ ଶାଶୁଘର ଲୋକେ ଘରୁ ତଡି ଦେଇଥିବା ଘଟଣାର ସମାଧାନ ହୋଇଥିଲା। କନ୍ଧମାଳ ଜିଲା ସାରଙ୍ଗଗଡ ଥାନା ସାରଙ୍ଗଗଡ ଗ୍ରାମର ମମତା ସାହୁ ୬ ବର୍ଷ ପୂର୍ବେ ପୁରୁଷୋତ୍ତମପୁର ଥାନା ପାଣ୍ଡିଆ ଗ୍ରାମର ରଜନୀକାନ୍ତ ଆଚାର୍ଯ୍ୟଙ୍କୁ ବିବାହ କରିଥିଲେ। ପରେ କୌଣସି କାରଣରୁ ମମତାଙ୍କୁ ଶାଶୁ ଘର ଲୋକେ ଘରୁ ତଡି ଦେବାରୁ ପୋଲିସ ଉଦ୍ଧାର କରି ବ୍ରହ୍ମପୁର ସଟ୍ ଷ୍ଟେ ହୋମରେ ଛାଡିଥିଲେ। ୱାନ୍ ଷ୍ଟପ୍ ସେଣ୍ଟର ବ୍ରହ୍ମପୁର ଏଥିରେ ହସ୍ତକ୍ଷେପ କରି ପୁରୁଷୋତ୍ତମପୁର ପୋଲିସର ସହାୟତା ନେଇ ମମତାଙ୍କ ଶାଶୁ ଘର ଓ ବାପାଘର ଲୋକଙ୍କ ମଧ୍ୟରେ ବୁଝାଶୁଝା କରି ଆମ ପୋଲିସ ସମିତି ସହାୟତାରେ ବୈଠକ କରି ସମସ୍ୟାର ସମାଧାନ କରିଥିଲେ। ଏଥିରେ ଆଇଆଇସି ଅଜୟ କୁମାର ବାରିକ, ବ୍ରହ୍ମପୁର ୱାନଷ୍ଟପ୍ ସେଣ୍ଟରର ପ୍ରଶାସନିକ ଅଧିକାରୀ ମହାଶ୍ୱେତା ପାଢୀ, କାଉନସିଲର ସୁରଲିତା ମିଶ୍ର, ପୁରୁଷୋତ୍ତମପୁର ସିଡିପିଓ ସବିତା ଟ୍ୟାଡ ପଟ୍ଟନାୟକଙ୍କ ସମେତ ଆମ ପୋଲିସ, ସ୍ୱୟଂସିଦ୍ଧାର ସଭ୍ୟମାନେ ଉପସ୍ଥିତ ଥିଲେ।

## ସତ୍ୟସାଇଙ୍କ ଜୟନ୍ତୀ ପାଳିତ

**ସୋରଡ଼ା,୨୩।୧୧(ଡି.ଏନ.ଏ.)**

ସୋରଡ଼ାରେ ସତ୍ୟସାଇ ସେବା ଗ୍ରୁପ୍ ତରଫରୁ ସତ୍ୟସାଇଙ୍କ ୯୩ତମ ଜନ୍ମୋତ୍ସବ ସାଇ ମନ୍ଦିର ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଭାତରୁ ସାଇ ଦଳ ଭଜନ କିର୍ତ୍ତନ ସହ ନଗର ଭ୍ରମଣ କରିଥିଲେ। ମଧ୍ୟାହ୍ନରେ ସମବେତ ପ୍ରାର୍ଥନା, ବିଶ୍ୱଶାନ୍ତି ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏଥିରେ ବହୁ ଭକ୍ତ ଯୋଗ ଦେଇଥିଲେ। ଚାନ୍ଦିନି ଦୋରା, ଜିଗିନା ମୁନି, ରଶ୍ମୀପାତ୍ର, ଗୋବିନ୍ଦ ପଣ୍ଡା, କେଦାର ପାତ୍ର, ଗୌରାଙ୍ଗ ପାତ୍ର, ସାଇଗ୍ରାମ ଚୌଧୁରୀ, କାର୍ତ୍ତୀକ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ଧରାକୋଟରେ କାର୍ତ୍ତିକ ପୂର୍ଣ୍ଣିମା

**ଧରାକୋଟ,୨୩।୧୧(ଡି.ଏନ୍.ଏ.)**

ଧରାକୋଟ ଅଞ୍ଚଳରେ କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। ପ୍ରଭାତରୁ ଋଷିକୁଲ୍ୟା ନଦୀର ଉତ୍ତର ବାଙ୍କ ହନୁମାନ ଦ୍ୱାରା, ବୁଣ୍ଡମରାଇ, ଦଶମାଇଲି, ବରଡାବାଳି ଆଦି ସ୍ଥାନରେ ବହୁ ଶ୍ରଦ୍ଧାଳୁ ବୋଇତ ଭସାଇଥିଲେ। ଶୁକ୍ରବାର ଧରାକୋଟ ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୩ ଠାକୁରଙ୍କୁ ଫୁଲବେଶ କରାଯାଇଥିଲା। ଏହାକୁ ଦେଖିବା ଲାଗି ଭକ୍ତଙ୍କ ଭିଡ଼ ଲାଗିଥିଲା। ଅଞ୍ଚଳର ଧରାକୋଟ, ମୁଣ୍ଡମରାଇ, କହିରା ପଲ୍ଲୀ, ଶରଧାପୁର, କୁଶରାବ ଆଦି ଗ୍ରାମରେ ଅଷ୍ଟ ପ୍ରହର ନାମଯଜ୍ଞ ଓ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା।



## ସଂକ୍ଷେପରେ

### ଜିଲାସ୍ତରୀୟ ଓପନ ଚେସ ଟୁର୍ନାମେଣ୍ଟ



ଓଡ଼ଗାଁ,୨୩।୧୧(ସ୍ୱ.ପ୍ର.): ସ୍ଥାନୀୟ ରଘୁନାଥ ଆଥଲେଟିକ ଆସୋସିଏଶନ ଆନୁକୁଲ୍ୟରେ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ଜିଲାସ୍ତରୀୟ ଓପନ ଚେସ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଫଟୋଗ୍ରାଫର ପ୍ରକାଶ ଚନ୍ଦ୍ର ମିଶ୍ର ଓ ଖବରଦାତା ଅଶୋକ କୁମାର ମହାପାତ୍ର ଏବଂ ସାରସ କୁମାର ମିଶ୍ର ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ । ଜିଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୪୨ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ । ଚୁଡାନ୍ତ ଫଳାଫଳ ଅନୁସାରେ ଓଡ଼ଗାଁର ଗଙ୍ଗାଧର ଦାସ ପ୍ରଥମ, ଜିତେନ୍ଦ୍ର କୁମାର ଦାସ ଦ୍ୱିତୀୟ, ନୟାଗଡର ବରାଳସେନ ପାତ୍ର ତୃତୀୟ , ଓଡ଼ଗାଁର ରାଜେନ୍ଦ୍ର ନାୟକ ୪ର୍ଥ, ପ୍ରଭାତ ମିଶ୍ର ୫ମ ଏବଂ ରାଜସୁନାଖଳାର ମନିଶ ମିଶ୍ର(ବେଷ୍ଟ ୧୪)ହୋଇଥିଲେ। ଭେଟେରାନ ପ୍ରତିଯୋଗୀ ପ୍ରକାଶ ମିଶ୍ର ଓ ବେଷ୍ଟ ଇମର୍ଜିଂ ଖେଳାଳୀ ଭାବେ ଚନ୍ଦନ ଜେନାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଆସୋସିଏଶନ ସମ୍ପାଦକ ଦିବାକର ନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଆପେ ଆପେ ଜଳିଗଲା ବାଇକ୍

ନୟାଗଡ଼ ଅଫିସ,୨୩।୧୧:ନୟାଗଡ଼ ପୁରୁଣା ସହରସ୍ଥିତ ଜଗନ୍ନାଥ ମନ୍ଦିରରେ ଶୁକ୍ରବାର ସନ୍ଧ୍ୟାରେ ଏକ ବାଇକ୍ ଆପେ ଆପେ ଜଳିଯାଇଥିଲା। ଖବର ପାଇ ନୟାଗଡ଼ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ବାଇକ୍‌ର ନିଆଁକୁ ଆୟତ୍ତ କରିଥିଲେ।

### ଖଣ୍ଡପଡା ଶ୍ରୀ ଜଗନ୍ନାଥଙ୍କ ପଦ୍ମ ବେଶ



ଖଣ୍ଡପଡା,୨୩।୧୧(ସ୍ୱ.ପ୍ର.): ପବିତ୍ର କାର୍ତ୍ତିକ ମାସର ପୂର୍ଣ୍ଣିମା ତିଥିରେ ଖଣ୍ଡପଡା ଶ୍ରୀ ଜଗନ୍ନାଥ ଜୀଉଙ୍କ ପଦ୍ମବେଶ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ଏହି ବେଶ ସହ ସନ୍ଧ୍ୟା ଆଳତି ଦର୍ଶନ ନିମନ୍ତେ ମନ୍ଦିରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### ପଶାଖେଳ ବେଶରେ ଦର୍ଶନ ଦେଲେ ନୀଳମାଧବ ଜୀଉ



ଖଣ୍ଡପଡା,୨୩।୧୧(ସ୍ୱ.ପ୍ର.): ଧର୍ମମାସ କାର୍ତ୍ତିକ । ଏହି ମାସର ଶେଷ ପର୍ବ କାର୍ତ୍ତିକ ପୂର୍ଣ୍ଣିମା। ଏହି ଅବସରରେ ଆ କା ମା ବୈ, ପାନ ଗୁଆ ଥୋଇ.... ଉଚ୍ଚାରଣ କରି ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଶୁକ୍ରବାର ଭୋରୁ ଖଣ୍ଡପଡା ଅଞ୍ଚଳର ବିଭିନ୍ନ ନଦୀ, ପୋଖରୀ ଆଦି ସ୍ଥାନରେ ଡ଼ଙ୍ଗା ଭସାଇଥିଲେ। କଣ୍ଟିଲୋ ନୀଳମାଧବ ଜୀଉଙ୍କ ପାଦ ଦେଶରେ ପ୍ରବାହିତ ମହାନଦୀ ଘାଟରେ ଶ୍ରଦ୍ଧାଳୁମାନେ ବୁଡ ପକାଇବା ସହ କଦଳୀ ପଟୁକା ଓ ସୋଲରେ ନିର୍ମିତ ବୋଇତ ଭସାଇଥିଲେ । ପରେ ସମସ୍ତେ ନୀଳମାଧବ ଜୀଉ, ରାଧାମୋହନ ଜୀଉ, ରଘୁନାଥ ଜୀଉଙ୍କୁ ଦର୍ଶନ କରିଥିଲେ। ନିକଟସ୍ଥ ମା'ନାରାୟଣୀ ଠାକୁରାଣୀଙ୍କୁ ଦର୍ଶନ ପାଇଁ ରାତ୍ରି ପର୍ଯ୍ୟନ୍ତ ଭିଡ଼ ଲାଗିରହିଥିଲା । ଅପର ପକ୍ଷରେ ନୀଳମାଧବ ଜୀଉ ଓ ଏହାର ପାର୍ଶ୍ୱ ଠାକୁର ରାଧାମୋହନ ଜୀଉଙ୍କୁ ପଶାଖେଳ ବେଶରେ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ । ଆଜିର ଦିନରେ ହବିଷିଆଳିମାନେ ଏକତ୍ରିତ ହୋଇ କାର୍ତ୍ତିକ ମହାତ୍ମ୍ୟ ଶ୍ରବଣ କରିଥିଲେ ।

## ■ ଶ୍ରୀମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ନୀତି

# ଶୃଙ୍ଖଳିତ ଦର୍ଶନ କଲେ ଶ୍ରଦ୍ଧାଳୁ

ପୁରୀ ଅଫିସ, ୨୩।୧୧



ମହାପ୍ରଭୁଙ୍କ ଦର୍ଶନ ପାଇଁ ସିଂହଦ୍ୱାରରେ ଭକ୍ତଙ୍କ ଲମ୍ବାଧାଡ଼ି।

■ ୧୧ଟା ୧୦ରେ ବାହାରିଲା ମହାପ୍ରସାଦ
■ ଭିଡ଼ରେ ଜଣେ ହବିଷିଆଳି ଅସୁସ୍ଥ

ଶ୍ରୀମନ୍ଦିରରେ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ନୀତି ଅନୁଷ୍ଠିତ ହୋଇଛି। ନିର୍ଦ୍ଧାରିତ ସମୟରେ ନୀତି ସମ୍ପନ୍ନ ଯୋଗୁ ଭକ୍ତ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ସୁନାବେଶ ବା ରାଜରାଜେଶ୍ୱର ବେଶ ଦର୍ଶନ କରିଛନ୍ତି। ଅନ୍ୟପକ୍ଷରେ ଭିଡ଼ ମଧ୍ୟରେ ଜଣେ ହବିଷିଆଳି ଅସୁସ୍ଥ ହୋଇପଡିଛନ୍ତି। ମହାପ୍ରଭୁଙ୍କ ସୁନାବେଶକୁ ଦୃଷ୍ଟିରେ ରଖି ଗୁରୁବାର ରାତ୍ର ୧୧ଟା ୪୫ରେ ପହୁଡ଼ କରାଯାଇଥିଲା। ରାତି ୧ଟା ୨୫ରେ ଦ୍ୱାର ଫିଟିଥିବା ବେଳେ ସାଢେ ୨ଟାରେ ମଙ୍ଗଳ ଆଳତି, ୩ଟା ୪୫ରେ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଦାରୁଦିଅଁଙ୍କ ସୁନାବେଶ ଆରମ୍ଭ ହୋଇ ଭୋର ୫ଟା ୧୫ରେ ବେଶ ବଢ଼ିଥିଲା। ପରେ ଅନ୍ୟାନ୍ୟ ନୀତି ସୁରୁଖୁରରେ ଆଗକୁ ବଢି ପୂର୍ବାହ୍ନ ୧୧ଟା ୧୦ରେ ଭୋଗମଣ୍ଡପ ସରି ମହାପ୍ରସାଦ ବାହାରିଥିଲା।
କାର୍ତ୍ତିକ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ଲାଗି ଗୁରୁବାର ରାତି ସାଢେ ୧୨ଟା ପରଠାରୁ ସିଂହଦ୍ୱାର ସମ୍ମୁଖରେ ଗହଳି ଲାଗିଥିଲା। ଶୁକ୍ରବାର ସକାଳ ହେବା ବେଳକୁ ଲକ୍ଷାଧିକ ଭକ୍ତ ଠାକୁରଙ୍କ ଦର୍ଶନ କରିସାରିଥିଲେ। ଅପରାହ୍ନ ୨ଟା ୨୫ରେ ମହାପ୍ରଭୁଙ୍କ ସୁନାବେଶ ଓଲାଗି ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଭିଡ଼କୁ ନିୟନ୍ତ୍ରଣ ଲାଗି ସ୍ଥାୟୀ ବ୍ୟାରିକେଡ୍ ସହିତ ଅସ୍ଥାୟୀ ବ୍ୟାରିକେଡ୍ ମଧ୍ୟ କରାଯାଇଥିଲା ମନ୍ଦିର ଭିତରେ ଗହଳି ଯୋଗୁ ମୁଣ୍ଡ ବୁଲାଇ ଦେବାରୁ ପୁରୀ ବାଲିପାଟଣାର ହବିଷିଆଳି ବାସନ୍ତୀ ସାହୁ (୮୦) ପଡିଯାଇଥିଲେ। ସମ୍ପର୍କୀୟ ଏବଂ ଡ୍ୟୁଟିରେ ଥିବା ପୋଲିସଙ୍କ ସହାୟତାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେ ସୁସ୍ଥ ହୋଇ ଘରକୁ ଫେରିଯାଇଛନ୍ତି।
ଶୃଙ୍ଖଳିତ ଦର୍ଶନ, ଶାନ୍ତିଶୃଙ୍ଖଳା ଏବଂ ସୁରକ୍ଷା ବ୍ୟବସ୍ଥା ପାଇଁ ପୁରୀରେ ୪୦ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। କାର୍ତ୍ତିକ ପୂର୍ଣ୍ଣିମାରେ ଶୃଙ୍ଖଳା ପାଇଁ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ସମସ୍ତ ସେବାୟତ ନିଯୋଗ ଏବଂ ପାଳିଆ ସେବାୟତଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବିଭିନ୍ନ ସ୍ଥାନରେ କାର୍ତ୍ତିକ ଉତ୍ସବ

ଦଶପଲ୍ଲା, ୨୩।୧୧(ଡି.ଏନ.ଏ.)

କାର୍ତ୍ତିକ ପୂର୍ଣ୍ଣମୀରେ ଦଶପଲ୍ଲା ଅଞ୍ଚଳର ବିଭିନ୍ନ ମନ୍ଦିରରେ ପୂର୍ବାହ୍ନ ଓ ସନ୍ଧ୍ୟାରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା । ସଂକୀର୍ତ୍ତନ ମଣ୍ଡଳୀ ବିଭିନ୍ନ ମନ୍ଦିର ପରିଭ୍ରମଣ କରିଥିଲେ । ଭୋର ସମୟରେ ନଦୀ ଓ ପୋଖରୀ ମାନଙ୍କରେ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଇଥିଲେ । କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ ମହାବୀର ଖୋଲ , ଭିମରା ପାହାଡ ,କୁଆଁରିଆ ଡ୍ୟାମ ଠାରେ ବହୁ ଲୋକଙ୍କ ସମାଗମ ହୋଇଥିଲା । ସେହିପରି ଡିହଗାଁ,ପୋଇବାଡି, ମଧଖଣ୍ଡ ପ୍ରଭୃତି ସ୍ଥାନରେ ଯାତ୍ରା ଉତ୍ସବ ପାଳନ କରାଯାଇଥିଲା ।
**ବୋଲଗଡ଼,୨୩।୧୧(ଡି.ଏନ.ଏ.):** ବୋଲଗଡ଼ ବ୍ଲକ୍ ବାଙ୍କୋଇଠାରେ ଶୁକ୍ରବାର ସୁସଜ୍ଜିତ ମଣ୍ଡପରେ କାର୍ତ୍ତିକେଶ୍ୱରଦେବଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସିଦ୍ଧେଶ୍ୱରୀ କ୍ଲବ୍ ଦ୍ୱାରା ଆୟୋଜିତ ଉତ୍ସବ ଅବସରରେ ଏଠାରେ ରଙ୍ଗିନ ଆଲୋକ ସଜ୍ଜା ସହ ସୁଦୃଶ୍ୟ ତୋରଣ ବେଶ୍ ଆକର୍ଷଣୀୟ ମନେହେଉଛି। ପ୍ରଭୁଙ୍କ ଦର୍ଶନ ଓ ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଜନସାଧାରଣଙ୍କ ଭିଡ଼ ଲାଗିରହିଥିଲା।
**ଖଣ୍ଡପଡା,୨୩।୧୧(ସ୍ୱ.ପ୍ର.):** ପବିତ୍ର କାର୍ତ୍ତିକପୂର୍ଣ୍ଣିମା ଉପଲକ୍ଷେ ଖଣ୍ଡପଡ଼ା ବ୍ଲକର ବିଭିନ୍ନ ଦେବଦେବୀ ମନ୍ଦିର, ମଠ ପରିସର ଚଳଚଞ୍ଚଳ ହୋଇଉଠିଛି। ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ସାଇ ମନ୍ଦିର, ମା' ବାଉରୀ ଠାକୁରାଣୀ ଓ ବାହାଡ଼ାଶୁଣୀଙ୍କ ପୀଠ, ମର୍ଦ୍ଦରାଜପୁରର ମୁଣ୍ଡିଆ ହନୁମାନଙ୍କ ପୀଠ ସମେତ ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ଦେବ, ବାଲୁଙ୍କେଶ୍ୱର ଦେବ, ସୁବର୍ଣ୍ଣେଶ୍ୱର ଦେବ, ଜଗନ୍ନାଥ ମନ୍ଦିର, ରଘୁନାଥ ମନ୍ଦିର, ଖୁଣ୍ଟୁପଡ଼ାର ରାମେଶ୍ୱର ଦେବଙ୍କ ମନ୍ଦିରରେ ସୋମବାର ଭୋର ସମୟରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା। ଏହି ଅବସରରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ୍‌ର ପୁଆଣିଆ, ବୋଦସା, କାଦୁଆ, କିଆଝର ପ୍ରଭୃତି ଗ୍ରାମଗୁଡ଼ିକରେ ଅବସ୍ଥିତ ବିଭିନ୍ନ ଦେବଦେବୀ ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା ପାଳିତ ହୋଇଯାଇଛି। ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠରେ ୩ଦିନ ହେବ ଚାଲିଥିବା କାର୍ତ୍ତିକ ମହୋତ୍ସବର ଅନ୍ତିମ ଦିବସରେ ଆୟୋଜିତ ନବରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ହଜାର ହଜାର ସଂଖ୍ୟକ ଦର୍ଶକଙ୍କ ସମାଗମ ହୋଇଥିଲା ।
**ରଣପୁର,୨୩।୧୧(ସ୍ୱ.ପ୍ର.):** କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ଶ୍ରଦ୍ଧାଳୁମାନେ ପ୍ରାତଃ ସମୟରେ ସ୍ନାନାଦି ନିତ୍ୟକର୍ମ ସାରି ନଦୀ ଓ ପୋଖରୀରେ କଦଳୀ ପଟୁଆ ନିର୍ମିତ ଡଙ୍ଗା ଭସାଇଥିଲେ । ମା'ମଣିନାଗ ମନ୍ଦିର, ହନୁମାନ, ଶ୍ରୀସ୍ୱପ୍ନେଶ୍ୱର, ଜଗନ୍ନାଥ ମନ୍ଦିରରେ ଭିଡ଼ ଲାଗି ରହିଥିଲା। ସନ୍ଧ୍ୟା ଆଳତି ଦର୍ଶନ ନିମନ୍ତେ ଭକ୍ତମାନେ ଲମ୍ବାଧାଡି ଲଗାଇଥିଲେ । ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରଣପୁର ସଦର ମହକୁମା ଶାମୁକା ସାହିରେ କାର୍ତ୍ତିକ ମେଢ଼ ପ୍ରସ୍ତୁତ କରାଯାଇ ବେଶ୍ ଆଡ଼ମ୍ବର ସହ ପୂଜାର୍ଚ୍ଚନା କରାଯାଇଥିଲା।

# ରାମେଶ୍ୱରଦେବଙ୍କ ବାର୍ଷିକ ପ୍ରତିଷ୍ଠା ଉତ୍ସବ



ରାମେଶ୍ୱରଙ୍କ ପୀଠରେ ହୋମଯଜ୍ଞ ଓ ନାମ ସଂକୀର୍ତ୍ତନ।

ନୂଆଗାଁ,୨୩।୧୧ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ଶୈବପୀଠରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶୁକ୍ରବାର କାର୍ତ୍ତିକ ଉତ୍ସବ ପାଳିତ ହୋଇଯାଇଛି । ନୂଆଗାଁ ବିରୁପାକ୍ଷେଶ୍ୱର ଦେବ, ଡିମିରିପଲି ସିଦ୍ଧେଶ୍ୱର ଦେବ, ବାହାଡାଖୋଲା ଫୁଲେଶ୍ୱର, ଉଠାଣିସାହିର ରାମେଶ୍ୱର ଦେବଙ୍କ ପୀଠରେ ଏହି ଉତ୍ସବ ପାଳିତ ହୋଇଯାଇଛି । ରାମେଶ୍ୱର ଦେବଙ୍କ ଷଷ୍ଠ ବାର୍ଷିକ ପ୍ରତିଷ୍ଠା ଦିବସ ହୋଇଥିବାରୁ ଉଠାଣିସାହିଠାରେ ଧୁମଧାମରେ ଉତ୍ସବ ପାଳିତ ହୋଇଛି। ନୂଆସାହି, ଗଦାଧରପୁର, ଉଠାଣିସାହି, କାଚପଲି, ନୂଆପଲିର ଗ୍ରାମବାସୀ ଆୟୋଜନ କରିଥିବା ଏହି ଉତ୍ସବରେ ଭୋର ୪ଟା ସମୟରୁ ରାମେଶ୍ୱରଙ୍କ ନୀତିକାନ୍ତି ଆରମ୍ଭ ହୋଇ ୫ଟା ୧୫ ମିନିଟରେ ସକାଳ ଆଳତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। କାର୍ତ୍ତିକ ବ୍ରତ କରିଥିବା ହବିଷିଆଳିମାନେ ରାମେଶ୍ୱରଙ୍କ ପୀଠରେ ରାତିସାରା ଉଜାଗର ରହି ଦୀପଦାନ କରିଥିଲେ। ଶ୍ରଦ୍ଧାଳୁ ରାମେଶ୍ୱର ପୁଷ୍କରିଣୀରେ ବୋଇତ ବନ୍ଦାଣ କରି ଠାକୁରଙ୍କୁ ଦର୍ଶନ କରିଥିଲେ। ସକାଳ ଆଳତି ସମାପନ ହେବା ପରଠାରୁ ନାମ ସଂକୀର୍ତ୍ତନ ଓ ହୋମଯଜ୍ଞ ଆରମ୍ଭ ହୋଇ ସନ୍ଧ୍ୟା ଯାଏ ଚାଲିଥିଲା। ନାମ ସଂକୀର୍ତ୍ତନରେ ପ୍ରାୟ ଆଠଗୋଟି ମଣ୍ଡଳୀ ଯୋଗଦେଇଥିଲେ। ଏହି ଉତ୍ସବକୁ ରାମେଶ୍ୱର ମନ୍ଦିର କମିଟି ସମ୍ପାଦକ ଜଳଧର ସାହୁ, ରାଜେନ୍ଦ୍ର କୁମାର ସୁବୁଦ୍ଧି, ପତିତପାବନ ସାହୁ, ବଂଶୀଧର ସାହୁଙ୍କ ସମେତ ସମସ୍ତ ସଭ୍ୟ ପରିଚାଳନା କରିଥିଲେ। ସେହିପରି ଗୁମି ପଞ୍ଚାୟତର ଡିମିରିପଲୀ ସିଦ୍ଧେଶ୍ୱର ଶୈବପୀଠରେ କାର୍ତ୍ତିକୋତ୍ସବ ପାଳିତ ହୋଇଯାଇଛ। ସେଠାରେ ତିନିଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ଯାତ୍ରା କମିଟି ତରଫରୁ ସୂଚନା ମିଳିଛି।

# ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଉତ୍ସବ

ବୋଲଗଡ଼,୨୩।୧୧(ଡି.ଏନ.ଏ.)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୧୭ତମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ବୋଲଗଡ଼ ବ୍ଲକ୍ ଗେଡ଼ିଆପଲ୍ଲୀ ପଞ୍ଚାୟତ ବ୍ରାହ୍ମଣୀଦେବୀ କୃଷକ ସଙ୍ଗଠନ ପକ୍ଷରୁ ଗଉଡ଼ ନୂଆଗାଁସ୍ଥିତ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସଭାରେ ଗ୍ରାମ କମିଟିର ମୁଖ୍ୟ ବିଶ୍ୱନାଥ ପଣ୍ଡା ସଭାପତିତ୍ୱ କରିଥିଲେ । ଗାୟକ, ଭାଷାରତ୍ନ ଖଗେଶ୍ୱର ମାର୍ଥାଙ୍କ ସଭାର ସଂଯୋଜନା କରିଥିଲେ। ସ୍ୱର୍ଗତ ଚୌଧୁରୀଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ । ଗଣମାଧ୍ୟମ କର୍ମକର୍ତ୍ତା ଜୟକୃଷ୍ଣ ହୋତା ମୁଖ୍ୟଅତିଥି, ଅବସରପ୍ରାପ୍ତ କୃଷି ଅଧିକାରୀ କାହ୍ନୁ ଚରଣ ପାଣିଗ୍ରାହୀ ମୁଖ୍ୟବକ୍ତା ଓ ପରମାନନ୍ଦ ମହାବିଦ୍ୟାଳୟର ପ୍ରାଧ୍ୟାପକ ରବୀନ୍ଦ୍ର ନାଥ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୂଦାନ ଆନ୍ଦୋଳନରେ ସ୍ୱର୍ଗତ ଚୌଧୁରୀଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତିମା ପ୍ରଧାନ, ବିନୋଦ ବିହାରୀ ରାଉତରାୟ, ଜଗଦୀଶ ଚନ୍ଦ୍ର ପାତ୍ର, ଭାସ୍କର ମହାନ୍ତି, ମଦନମୋହନ ସାହୁ ଓ ମନୋଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ସରିଲା ବ୍ରତ, ଘରକୁ ଫେରିଲେ ହବିଷିଆଳି

ପୁରୀ ଅଫିସ, ୨୩।୧୧



ଆଶ୍ରୟସ୍ଥଳରୁ ଘରକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି ହବିଷିଆଳି।

■ ସବୁ ସୁବିଧା ଦେଲ, କମ୍ବଳ ପାଇ ଅପଦସ୍ଥ କଲ
■ କାଳିଆ ଚାହିଁଲେ ଦେଖାହେବ ଆର ବରଷକୁ

ଶେଷ ହୋଇଛି କାର୍ତ୍ତିକ ବ୍ରତ। ଏକ ମାସ ଧରି ପୁରୀର ବିଭିନ୍ନ ମଠ, ଧର୍ମଶାଳା ଏବଂ ସରକାରୀ ଆଶ୍ରୟସ୍ଥଳରେ ରହିଥିବା ହବିଷିଆଳି ବ୍ରତ ଶେଷ କରି ଘରକୁ ଫେରିଛନ୍ତି। ଘରକୁ ଯିବା ବେଳେ ପୌର କଲ୍ୟାଣମଣ୍ଡପ ଆଶ୍ରୟସ୍ଥଳ ପରିସରରେ ଘଟିଛି ଏକ ଅଭାବନୀୟ ଦୃଶ୍ୟ। ହବିଷିଆଳିଙ୍କୁ ଦିଆଯାଇଥିବା କମ୍ବଳ ଫେରାଇଛନ୍ତି କି ନାହିଁ ଦେଖିବା ପାଇଁ ସେମାନଙ୍କ ଲଗେଜ ଯାଞ୍ଚ କରାଯାଇଛି। ଏଭଳି ଯାଞ୍ଚକୁ ଅନେକ ହବିଷିଆଳି ନାପସନ୍ଦ କରି କହିଥିଲେ ସବୁ ସୁବିଧା ଦେଲ, କମ୍ବଳ ପାଇଁ ଅପଦସ୍ଥ କଲ।
ପୂର୍ବାହ୍ନ ପ୍ରାୟ ୧ଟା। ଘରକୁ ଯିବା ପାଇଁ ପ୍ରସ୍ତୁତ ହେଉଥିଲେ ବ୍ରତଧାରୀ। ସେମାନଙ୍କୁ ଦିଆଯାଇଥିବା କମ୍ବଳ ଫେରାଇଦେବାକୁ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲା। ହେଲେ କେତେଜଣ ଫେରାଇ ନ ଥିବା ଜଣାପଡିବା ପରେ ଆରମ୍ଭ ହୋଇଥିଲା ଯାଞ୍ଚ। ଆଶ୍ରୟସ୍ଥଳ ଫାଟକରେ ତାଲା ପକାଯାଇ ହବିଷିଆଳିଙ୍କ ଲଗେଜ ଯାଞ୍ଚ କରାଯାଇଥିଲା। କେତେଜଣଙ୍କଠାରୁ କମ୍ବଳ ମଧ୍ୟ ଜବତ ହୋଇଥିଲା। ଯାଞ୍ଚ ପରେ ହବିଷିଆଳି ନିଜ ସମ୍ପର୍କୀୟଙ୍କ ସହ ଘରକୁ ଫେରିଥିଲେ।
ଅନ୍ୟପକ୍ଷରେ ମାସକ ରହଣି ଭିତରେ ଅନେକ ଅଚିହ୍ନା ମୁହଁକୁ ଆପଣାଇ ନେଇଥିଲେ ବହୁ ହବିଷିଆଳି। ସଞ୍ଜ, ସକାଳେ ଯାହାଙ୍କ ସହ ମିଶି ଚଉରାମୂଳେ ପୂଜା କରୁଥିଲେ ଏବଂ ସୁଖ, ଦୁଃଖ ବାଣ୍ଟୁଥିଲେ ସେମାନଙ୍କଠାରୁ ବିଦାୟ ନେବାର ମୁହୂର୍ତ୍ତ ଥିଲା ବେଶ୍ କଷ୍ଟଦାୟକ, ଯାହାକି ଆଶ୍ରୟସ୍ଥଳଗୁଡ଼ିକୁ ଦେଖିଲେ ଏହା ବାରି ହୋଇଯାଉଥିଲା। ଘରକୁ ଫେରୁଥିବାବେଳେ ଅନେକଙ୍କ ଆଖିରୁ ଝରିପଡୁଥିଲା ସ୍ନେହର ଲୁହ। କିଏ କାହାକୁ କୋଳେଇ ନେଇ ଗାଲ ଥାପୁଡାଇ ଦେଉଥିଲେ ତ ଆଉ କିଏ କାଳିଆ ଚାହିଁଲେ ପୁଣି ଆର ବରଷକୁ ଦେଖାହେବ କହି କାନ୍ଦି ପକାଉଥିଲେ। ଦିନତମାମ୍ ଆଶ୍ରୟସ୍ଥଳଗୁଡ଼ିକ ସମ୍ମୁଖରେ ଏମିତି ଦୃଶ୍ୟ ଦେଖିବାକୁ ମିଳିଥିଲା। ୪ଟି ଆଶ୍ରୟସ୍ଥଳରେ ଥିବା ହବିଷିଆଳିଙ୍କ ମଧ୍ୟରୁ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ୧ ହଜାରରୁ ଊର୍ଦ୍ଧ୍ୱ ଘରକୁ ଫେରିଯାଇଥିବା ବେଳେ ଅନ୍ୟମାନେ ଶନିବାର ଯିବେ ବୋଲି ଜଣାପଡିଛି।

# ଶରଦ ରାସ ଉତ୍ସବର ୪ର୍ଥ ସର୍ଗ : ମାନସିକ ପୂଜା ଓ ବୀର ବେଶ

ଖଣ୍ଡପଡା,୨୩।୧୧(ସ୍ୱ.ପ୍ର.)

କଣ୍ଟିଲୋ ବିଜେ ଶ୍ରୀନୀଳମାଧବ ଜୀଉଙ୍କ ପାରମ୍ପରିକ ଶରଦ ରାସ ଉତ୍ସବର ୩ୟ ରାତ୍ରରେ ସ୍କନ୍ଧାରୋହଣ ପରେ ଗୁରୁବାର ୪ର୍ଥ ରାତ୍ରରେ ଶ୍ରୀ କୃଷ୍ଣଙ୍କୁ ଗୋପାଙ୍ଗନାମାନେ ଲାଭ କରିଥିବାରୁ ମାନସିକ ପୂଜା କରିଥିଲେ । ନିଶାର୍ଦ୍ଧରେ ଗୋପୀମାନେ ନିଜ ପରିଜନ ଛାଡି ଯମୁନା ନଦୀ କୂଳକୁ ଆସିଥିବାରୁ କୃଷ୍ଣ ସେମାନଙ୍କୁ ଭର୍ତ୍ସନା କରିଥିଲେ। ତଥାପି ଶ୍ରୀକୃଷ୍ଣଙ୍କୁ ଲାଭ କରିଥିବାରୁ ଏହାର ଗୂଢ ରହସ୍ୟ ବିଶେଷତଃ କାମ ବିକାର ଦୂର କରିବା ପାଇଁ ଅଷ୍ଟ ସଖୀମାନେ ବୀର ବେଶରେ ସଜ୍ଜିତ ହୋଇଥିଲେ। ଏହି ମାନସିକ ପୂଜା ଓ ବୀର ବେଶ ଦେଖିବା ପାଇଁ ଶହ ଶହ ମହିଳା ଓ ଶ୍ରଦ୍ଧାଳୁ ରାସ ପ୍ରାଙ୍ଗଣରେ ସମବେତ ହୋଇଥିଲେ । ଅନେକ ମହିଳା ପୁତ୍ର ପ୍ରାପ୍ତି ଆଶାରେ ମାନସିକ ବ୍ରତ କରିଥିବାର ଦେଖାଯାଇଥିଲା।

# ଏକ ଲକ୍ଷ ଆଠ ଦୀପଦାନ ଉଦ୍‌ଯାପିତ



ରାଉତପଡା ଭୋଳେଶ୍ୱର ପୀଠରେ ଶ୍ରଦ୍ଧାଳୁଙ୍କ ଦୀପଦାନ।

ଗଣିଆ,୨୩।୧୧(ଡି.ଏନ୍.ଏ.)

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଗଣିଆ ଅଞ୍ଚଳର ବହୁ ମାନସିକଧାରୀ ଓ ହବିଷିଆଳିମାନେ ମାସବ୍ୟାପୀ କରିଥିବା ବ୍ରତ ଉଦ୍‌ଯାପନ କରିଛନ୍ତି। ଶୁକ୍ରବାର ଭୋରୁ ଶ୍ରଦ୍ଧାଳୁମାନେ ମହାନଦୀ, ବୃଢଙ୍ଗ ଓ ଗ୍ରାମ ନିକଟ ଜଳାଶୟଗୁଡିକରେ କଦଳୀ ପଟୁଆ ଓ ସୋଲରେ ନିର୍ମିତ ବୋଇତ ବନ୍ଦାଣ କରିଥିଲେ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଅଞ୍ଚଳର ବିଭିନ୍ନ ମନ୍ଦିରଗୁଡିକରେ ଦେବଦର୍ଶନ ନିମିତ୍ତ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଥିଲା। ରାଉତପଡାସ୍ଥିତ ଭୋଳେଶ୍ୱର ମହାଦେବ ପୀଠ ପରିସରରେ କାର୍ତ୍ତିକ ମାସବ୍ୟାପୀ ଚାଲୁରହିଥିବା ଏକ ଲକ୍ଷ ଆଠ ଦୀପଦାନ କାର୍ଯ୍ୟକ୍ରମ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏଠାରେ ଦୈନିକ ସନ୍ଧ୍ୟାରେ ୩୩୩୩ ଦୀପଦାନ କରାଯାଇଥିବା ବେଳେ ପଞ୍ଚୁକ ଅବସରରେ ୧୮ଟି ମହାଦୀପ ଦାନ କରାଯାଇଥିଲା। ଏଥିନିମିତ୍ତ ପୀଠରେ ପ୍ରତ୍ୟହ ଜଳାଭିଷେକ, ଅଖଣ୍ଡ ହନୁମାନ ଚାଳିଶା, ଶ୍ରୀରାମ ଚରିତ ମାନସ, ନାମ ଭଜନ, ପ୍ରବଚନ, ଗୀତାଯଜ୍ଞ, ଅନ୍ନଯଜ୍ଞ ଓ ଧର୍ମୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ଗଣିଆ ବ୍ଲକର ଗଣିଆ, କିଶୋରପ୍ରସାଦ, ପତଣ୍ଡା, ଇନ୍ଦିପଡ଼ା, ଜଗନ୍ନାଥପ୍ରସାଦ, ଧୂଆମଡା, ମାଳତିପୁଟ, ବେଲପଡା, ବିଜୟନଗର, ରାସଙ୍ଗ, କାଦୁଆ, ଡଙ୍କାରିସାହି, ଈଶ୍ୱରପୁର, ଛାମୁଣ୍ଡିଆ, ହରିପୁର, ବଡମୂଳ ଓ ବେଠିଆସାହି ଗ୍ରାମ ମନ୍ଦିରଗୁଡିକରେ ଶ୍ରଦ୍ଧାଳୁମାନେ ଦୀପଦାନ କରିଥିଲେ। ଡଙ୍କାରିସାହିସ୍ଥିତ ଗଣପତିଶ୍ୱର ପୀଠରେ ଗ୍ରାମବାସୀଙ୍କ ତରଫରୁ ପୂର୍ଣ୍ଣମୀ ଯାତ୍ରା ନିମିତ୍ତ ସାମାଜିକ ନାଟକ କିଏ ଭାଇ କିଏ ବନ୍ଧୁ କିଏ କୁଟୁମ୍ବ ପରିବେଷଣ କରାଯାଇଥିଲା।

## ■ ମାଘ ଏକାଦଶୀଠାରୁ ବଳିପଡିଲା କାର୍ତ୍ତିକ ପୂର୍ଣ୍ଣିମା ଭିଡ଼

# ପାର୍କିଂସ୍ଥଳ ନିରୂପଣରେ ବିଭାଗର ଉଦାସୀନତା

ଖଣ୍ଡପଡା,୨୩।୧୧(ସ୍ୱ.ପ୍ର.)

**କଣ୍ଟିଲୋ ନୀଳମାଧବ ପୀଠ**

କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ବିଭିନ୍ନ ଯାନିଯାତ୍ରା ମଧ୍ୟରୁ ମାଘ ଏକାଦଶୀ ମେଳା ଅନ୍ୟତମ। ଏହିମେଳାରେ ଶ୍ରୀ ଜୀଉଙ୍କ ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁ ସମାଗମ ହୋଇଥାନ୍ତି। ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମାରେ ତା'ଠାରୁ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁମାନେ ବିଭିନ୍ନ ଯାନବାହନରେ ଆସୁଥିବା ବେଳେ ଏଠାରେ ପାର୍କିଂ ସୁବିଧା ନ ଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଖଣ୍ଡପଡ଼ା ଦେବୋତ୍ତର ବିଭାଗ ଏହାକୁ ସମାଧାନ ଦିଗରେ ଉଦାସୀନ ଭାବ ପ୍ରଦର୍ଶନ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।
ପ୍ରକାଶ ଯେ, କଣ୍ଟିଲୋର ନୀଳମାଧବ ଜୀଉ ପୀଠ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଛି । ବର୍ଷର ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ଏହି ୩ ମାସକୁ ବାଦ ଦେଲେ ବାକି ୯ ମାସ ଯାଏ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ । କଂସା ପିତଳ ବାସନ ଶିଳ୍ପ ପାଇଁ ମଧ ଏହି ସ୍ଥାନ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧି ଲାଭ କରିଛି। ନୀଳମାଧବ ଜୀଉଙ୍କ ଦର୍ଶନ ସହିତ ଏହାର ପ୍ରାକୃତିକ ପରିବେଶ ଉପଭୋଗ କରିବା, ବଣଭୋଜିର ମଜା ଉଠାଇବା ଏବଂ କଂସା ପିତଳ ବାସନ ବ୍ୟବସାୟ ନିମନ୍ତେ ଏଠାରେ ପର୍ଯ୍ୟଟକ ଓ ବ୍ୟବସାୟୀଙ୍କ ସମାଗମ ହୋଇଥାଏ। କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଏଠାରେ ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ହଜାର ହଜାର ସଂଖ୍ୟକ ଯାନବାହନ ମୁଖ୍ୟ ରାସ୍ତା ଉପରେ ପାର୍କିଂ କରି ସମସ୍ୟା ସୃଷ୍ଟି କରିଥିବାବେଳେ ସ୍ଥାନୀୟ ପୋଲିସର ଶୃଙ୍ଖଳିତ ପରିଚାଳନା ଯୋଗୁ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା। ହେଲେ ସାଧାରଣ ଲୋକଙ୍କ ପାଇଁ ଚାଲିକରି ଯିବା କଷ୍ଟକର ହୋଇପଡିଥିଲା। ନୀଳମାଧବ ପୀଠରେ ପାର୍କିଂ ସମସ୍ୟା ଦୀର୍ଘଦିନ ଧରି ଲାଗିରହିଛି। ନିଲାମ ଦେଇ ଅର୍ଥ ଆଦାୟ ପରେ ଦେବୋତ୍ତର ବିଭାଗ କିମ୍ବା ନିଲାମଧାରୀ ନିଜ ଦାୟିତ୍ୱ ସରିଗଲା ଭାବି ଯାତ୍ରୀଙ୍କ ଗାଡିର ପାର୍କିଂ ନିମନ୍ତେ ଜାଗା ଚିହ୍ନଟ ତଥା ତାହାର ସୁରକ୍ଷା ସମ୍ପର୍କରେ କୌଣସି ଦାୟିତ୍ୱ ନେଇ ନ ଥାନ୍ତି। ଆବଶ୍ୟକ ଜାଗା ନ ଥିବାରୁ ବହୁ ସମୟରେ ଗାଡିଗୁଡିକ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା ଉପରେ ରହି ଟ୍ରାଫିକ ସମସ୍ୟା ସୃଷ୍ଟି କରିଥାନ୍ତି। ବିଶେଷ କରି କଣ୍ଟିଲୋ ବଜାରଠାରୁ ମନ୍ଦିର ପଶ୍ଚିମ ଦ୍ୱାର ଦେଇ ଯିବାକୁ ଦୂରତ୍ୱ କମ୍ ହେଉଥିବାରୁ ଯାତ୍ରୀମାନେ ମହାନଦୀ ମାଳବନ୍ଧ ଦେଇ ମନ୍ଦିରକୁ ଆସିଥାନ୍ତି । ଫଳରେ ବଜାରଠାରୁ ମନ୍ଦିର ପଶ୍ଚିମ ପାର୍ଶ୍ୱ ପର୍ଯ୍ୟନ୍ତ ରାସ୍ତା ଓ ମାଳବନ୍ଧ କଡରେ ଯାନବାହନଗୁଡିକ ପାର୍କିଂ କରିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି କରିଥାଏ । ନୂତନ ପାର୍କିଂ ସ୍ଥାନ ସମ୍ପର୍କରେ ଖଣ୍ଡପଡା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ବିଭିନ୍ନ ସମୟରେ ଆଲୋଚନା କରାଯାଇଥିଲା। ସେ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନେବେ ବୋଲି ସହମତି ପ୍ରକାଶ କରିଥିଲେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ବିଭାଗର ଏଥିପ୍ରତି ଆନ୍ତରିକତା ନ ଥିବା ସାଧାରଣରେ ଆଲୋଚନା ହେଉଛି।